# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୮/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, June 28/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୨୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




### ଭାରତୀୟ ଦଳରେ ମୟଙ୍କ ସାମିଲ

ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ କ୍ରିକେଟ ଦଳରେ ଓପନର ମୟଙ୍କ ଅଗ୍ରୱାଲଙ୍କୁ ସାମିଲ କରାଯାଇଛି।

୧୪

୧୧

### ମା' ହେବେ ଆଲିଆ

ଇନ୍‌ଷ୍ଟାଗ୍ରାମରେ ଫଟୋ ଶେୟାର କରି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ମା' ହେବାର ସୂଚନା ଫ୍ୟାନ୍ସଙ୍କୁ ଦେଇଛନ୍ତି।



## ଜନବସତି ଅଞ୍ଚଳରେ ଝାଡ଼ଖଣ୍ଡୀ ଦନ୍ତା



ବାଲେଶ୍ୱର ଜିଲା ନୀଳଗିରି ଥାନା ଅନ୍ତର୍ଗତ ମିତ୍ରପୁର ବଜାରରେ ସୋମବାର ଝାଡ଼ଖଣ୍ଡୀ ଦନ୍ତା ହାତୀ।

# ହାତୀ କବରସ୍ଥଳ ଆଠଗଡ଼ ବନଖଣ୍ଡ

## ତଦନ୍ତବେଳେ ମାଟିତଳୁ ମିଳିଲା ଆଉ ଏକ କଙ୍କାଳ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ଆଠଗଡ଼ ବନଖଣ୍ଡ ଏବେ ହାତୀଙ୍କ କବରସ୍ଥଳ ପାଲଟିଛି। ତଦନ୍ତ ଯେତେ ଆଗଉଛି ଗୋଟିଏ ପରେ ଗୋଟିଏ ହାତୀ କଙ୍କାଳ ମାଟି ତଳୁ ମିଳୁଛି। ଇତିମଧ୍ୟରେ ମାସକ ଭିତରେ ୪ ହାତୀ କଙ୍କାଳ ଜବତ ହୋଇଛି। ପୂର୍ବରୁ ବଡ଼ମ୍ବା ରେଞ୍ଜରେ ୩ ହାତୀ କଙ୍କାଳ ମିଳିବା ପରେ ରାଜ୍ୟ ସରକାର ଏହାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍(ଏସ୍ଆଇଟି) ଗଠନ କରିଥିଲେ। ଏହି ଟିମ୍ ସୋମବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସମୟରେ ଆଉଏକ ସ୍ଥାନରୁ ମାଟିଖୋଳି ହାତୀ କଙ୍କାଳ ପାଇଛି। ଉକ୍ତ ହାତୀଟି ଏକ ପ୍ରାପ୍ତବୟସ୍କ ହୋଇଥିବାବେଳେ ତାହା ମାଈ କି ଅଣ୍ଡିରା ଜଣାପଡ଼ି ନାହିଁ। ତେଣୁ ତା'ର ଠିକ୍ ଲିଙ୍ଗ ନିରୂପଣ ପାଇଁ ଡିଏନ୍ଏ ପରୀକ୍ଷା ଲାଗି ମଙ୍ଗଳବାର ଓୟୁଏଟିସ୍ଥିତ ସେଣ୍ଟର ଫର୍ ୱାଇଲ୍ଡଲାଇଫ୍‌କୁ ନମୁନା ପଠାଯିବ। କଙ୍କାଳଟିର ସ୍ଥିତିରୁ ଏହା ପ୍ରାୟ ଦୁଇବର୍ଷ ତଳର ବୋଲି ଜଣାପଡୁଛି। କିନ୍ତୁ ପ୍ରକୃତ ମୃତ୍ୟୁ ସମୟ ଜାଣିବା ପାଇଁ ନମୁନା ପରୀକ୍ଷା କରାଯିବ ବୋଲି ଜଣେ ତଦନ୍ତ ଅଧିକାରୀ ସୂଚନା ଦେଇଛନ୍ତି।

ଏସ୍ଆଇଟିର ୬ଜଣିଆ ଟିମ୍ ସୋମବାର ବଡ଼ମ୍ବା ରେଞ୍ଜକୁ ଯାଇ ପୂର୍ବରୁ ଯେଉଁ ୩ଟି ସ୍ଥାନରୁ ହାତୀ କଙ୍କାଳ ଉଦ୍ଧାର କରାଯାଇଥିଲା, ସେହି ସ୍ଥାନ ସବୁ ପରିଦର୍ଶନ କରି ସରଜମିନ ତଦନ୍ତ ଆରମ୍ଭ କରିଥିଲେ। ଟିମ୍ ସଦସ୍ୟ ସିସିଏଫ୍(ବନ୍ୟପ୍ରାଣୀ) ମନୋଜ ଭି ନାୟାର, ସିଏଫ୍(ବନ୍ୟପ୍ରାଣୀ) କେଦାର ସ୍ୱାଇଁ, ଅନୁଗୋଳ ଆର୍‌ସିସିଏଫ୍ ଯୋଗ ଦୟାନନ୍ଦ, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଡିଏସ୍‌ପି ଦିଲୀପ କୁମାର ସାହୁ, ଓୟୁଏଟି ଭେଟେରିନାରୀ ସର୍ଜରୀ ବିଭାଗ ମୁଖ୍ୟ ଡା. ଇନ୍ଦ୍ରମଣି ନାଥ ଏବଂ କଙ୍କାଳ ବିଶେଷଜ୍ଞ ଡା. ଶିବ ପ୍ରସାଦ ପରିଡ଼ା ☞ପୃଷ୍ଠା–୪



- ମାସକରେ ଜବତ ହେଲାଣି ୪ ହାତୀ କଙ୍କାଳ
- ଘଟଣାସ୍ଥଳ ଅନୁଧ୍ୟାନ କଲା ଏସ୍ଆଇଟି
- ଡିଏଫ୍‌ଓ ଗିରଫ ହେଲେ ବନଖଣ୍ଡ ସ୍ଥିତି ବଦଳିବ: ବନ୍ୟପ୍ରାଣୀ ବିଶେଷଜ୍ଞ




## ଗିରଫ ହେବେ ରେଞ୍ଜର, ଫରେଷ୍ଟର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

### ସାତକୋଶିଆ ବନଖଣ୍ଡ

ବନ ବିଭାଗକୁ ପଡ଼ିଛି ଶନି ଦଶା। ଆଠଗଡ଼ ପରେ ଅନୁଗୋଳ ସାତକୋଶିଆ ବନଖଣ୍ଡରେ ହାତୀ ମଡ଼କ ଦେଖାଯାଇଛି। ସାତକୋଶିଆ ବନଖଣ୍ଡର ସଂଲଗ୍ନ ନରସିଂହପୁର ଜିଲିଣ୍ଡା ବନାଞ୍ଚଳରେ ୧୪ମାସ ତଳେ ୨୦ ବର୍ଷର ଦନ୍ତା ହାତୀକୁ ମାରି ଲୁଟେରାମାନେ ଦାନ୍ତ ଲୁଟି ନେବା ଘଟଣାରେ ଜିଲିଣ୍ଡା ବନାଞ୍ଚଳ ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନଙ୍କର ସମ୍ପୃକ୍ତି ରହିଛି। ଏ ନେଇ ଜଗୁଆଳୀ (ୱାଚର) ଜେରା ସମୟରେ ମାନିଛନ୍ତି। ପିସିସିଏଫ୍ (ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି, ଏହି ଘଟଣାରେ ପୂର୍ବରୁ ୩ ଜଣ ୱାଚରଙ୍କୁ ଗିରଫ କରାଯାଇଥିବା ବେଳେ ରେଞ୍ଜର ଓ ଫରେଷ୍ଟର ଫେରାର ଅଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବାକୁ ପ୍ରୟାସ ଚାଲିଛି। ଏପରିକି ସେମାନଙ୍କ ବିରୋଧରେ ଆପରାଧିକ ଓ ☞ପୃଷ୍ଠା–୪

# ରଥଯାତ୍ରା: ମାସ୍କ ବାଧ୍ୟତାମୂଳକ

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

- କରୋନା ଲକ୍ଷଣ ଥିଲେ ଟିଭିରେ ରଥଯାତ୍ରା ଦେଖ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ
- ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଦୁଇ ବର୍ଷର ବ୍ୟବଧାନ ପରେ ଏଥର ରଥଯାତ୍ରାରେ ଭକ୍ତମାନେ ସାମିଲ ହେବେ। ରଥଯାତ୍ରା ପାଇଁ ପୁରୀକୁ ଦେଶବିଦେଶରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ। ଏପରି ସମୟରେ ଓଡ଼ିଶା ସମେତ ସାରା ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଚିନ୍ତା ବଢ଼ାଇଛି। ରଥଯାତ୍ରାରେ ସଂକ୍ରମଣ ବ୍ୟାପିବା ଆଶଙ୍କା ଅଧିକ ଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପଦକ୍ଷେପ ସ୍ୱରୂପ କଟକଣା ଲଗାଯାଇଛି। ରଥଯାତ୍ରା ପାଇଁ ପୁରୀରେ ମାସ୍କ ବାଧ୍ୟତାମୂଳକ କରାଯାଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ରାଜ୍ୟରେ କୋଭିଡ୍ ସଂକ୍ରମଣ ଲଗାତର ଉପରମୁହାଁ ହେଉଛି। ପୁରୀରେ ମଧ୍ୟ ସଂକ୍ରମଣ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଯେଉଁମାନଙ୍କଠାରେ କରୋନା ଲକ୍ଷଣ ରହିଛି, ସେମାନେ ପୁରୀ ନ ଆସି ଘରେ ରହି ଟିଭିରେ ରଥଯାତ୍ରା ଦେଖିବା ଭଲ। ରଥଯାତ୍ରା ପାଇଁ ପୁରୀ ଷ୍ଟେଶନ, ବସ୍‌ଷ୍ଟାଣ୍ଡ, ବଡ଼ଦାଣ୍ଡରେ ହେଲ୍‌ଥ କ୍ୟାମ୍ପ ଖୋଲିବ। ସାମାନ୍ୟ ଲକ୍ଷଣ ଥିଲେ ତୁରନ୍ତ ଟେଷ୍ଟ କରାଇ ନିଅନ୍ତୁ। ସେହିଭଳି ଏହି ସମୟରେ ଅନ୍ୟ ରୋଗ ଦ୍ୱାରା ଆକ୍ରାନ୍ତ ହେବା ଆଶଙ୍କା ଥିବାରୁ ସ୍ୱଚ୍ଛ ପାଣି ପିଇବା ସହ ଭଲ ଖାଦ୍ୟ ଖାଇବାକୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଗତ କିଛିଦିନ ହେଲା କରୋନା ସଂକ୍ରମଣ ଟ୍ରେଣ୍ଡ୍ ୨ ଅଙ୍କରେ ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୯ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରୁ କେବଳ ୨୬ ଆକ୍ରାନ୍ତ ରହିଛନ୍ତି। ତେବେ ପୁରୀରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଚିନ୍ତାଜନକ ସ୍ଥିତିରେ ପହଞ୍ଚି ନ ଥିଲେ ମଧ୍ୟ ରଥଯାତ୍ରା ସମୟରେ ଏହା ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ଏବେଠୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସେପଟେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି, ବର୍ତ୍ତମାନ କରୋନା ସଂକ୍ରମଣ ଯଦିଓ ଚିନ୍ତାଜନକ ନାହିଁ, କିନ୍ତୁ ସଂକ୍ରମଣ ଉପରମୁହାଁ ରହିଛି। ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ। ରାଜ୍ୟ ସରକାର ଏଥିପ୍ରତି ନଜର ରଖିଛନ୍ତି। ଆବଶ୍ୟକ ହେଲେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଚଳନ୍ତା କାର୍‌ରେ ମା', ଝିଅଙ୍କୁ ଗଣବଳାତ୍କାର

### ଉତ୍ତରାଖଣ୍ଡରେ ଲଜ୍ଜା

ରୁର୍‌କୀ,୨୭।୬: ଧାର୍ମିକ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ରାଜ୍ୟ ଉତ୍ତରାଖଣ୍ଡରେ ଜଣେ ଅସହାୟ ମହିଳା ଓ ତାଙ୍କ ୬ ବର୍ଷର ଝିଅଙ୍କୁ ଚଳନ୍ତା କାର୍‌ରେ ଗଣବଳାତ୍କାର କରାଯାଇଛି। ହରିଦ୍ୱାର ଜିଲା ରୁର୍‌କୀ ନିକଟରେ ଏହି ଲଜ୍ଜାଜନକ ଘଟଣା ଘଟିଥିବା ପୋଲିସ କହିଛି। ଭିକ୍ଷାବୃତ୍ତି କରି ଚଳୁଥିବା ମହିଳାଜଣକ ତାଙ୍କ ଝିଅ ସହ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଏକ ରିକ୍ସାରେ ମୁସଲିମ୍ ଧାର୍ମିକ ପୀଠ ତଥା ଦରଘା 'ପିରନ୍ କଲିୟର'ଠାରୁ ୭ କିଲୋମିଟର ଦୂର ରୁର୍‌କୀସ୍ଥିତ ନିଜ ଆଶ୍ରୟସ୍ଥଳକୁ ଫେରୁଥିଲେ। ବାଟରେ ଏକ କାର୍ ଅଟକିଥିଲା। ସେଥିରେ ଥିବା ଜଣେ ଚିହ୍ନା ବ୍ୟକ୍ତି ସେମାନଙ୍କୁ ଘରେ ଛାଡ଼ି ଦେବାକୁ କହି ଗାଡ଼ିରେ ବସାଇଥିଲେ। ଗାଡ଼ିରେ ଚାଳକଙ୍କ ସମେତ ଆଉ କେତେଜଣ ବ୍ୟକ୍ତି ଥିଲେ। ସେମାନେ ମହିଳା ଓ ତାଙ୍କ ଝିଅଙ୍କୁ ଗଣବଳାତ୍କାର କରିବା ପରେ କେନାଲରେ ଫିଙ୍ଗି ଚାଲିଯାଇଥିଲେ। ଯେନତେନ ପ୍ରକାରେ ମହିଳା ଜଣକ ରାତି ପ୍ରାୟ ସାଢ଼େ ୧୧ଟାରେ ରୁର୍‌କୀ ସିଭିଲ ଲାଇନ୍ସ ଥାନାରେ ପହଞ୍ଚି ଘଟଣା ସମ୍ପର୍କରେ କହିଥିଲେ। ହେଲେ କାର୍‌ରେ ନିର୍ଦ୍ଦିଷ୍ଟ ☞ପୃଷ୍ଠା–୪

## ବ୍ୟକ୍ତି ନୁହେଁ, ବିଚାରଧାରାର ଲଢ଼େଇ

### ରାଷ୍ଟ୍ରପତି ନିର୍ବାଚନ: ନାମାଙ୍କନ ଭରିଲେ ଯଶୱନ୍ତ ସିହ୍ନା

ନୂଆଦିଲ୍ଲୀ,୨୭।୬

ରାଷ୍ଟ୍ରପତି ନିର୍ବାଚନରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମିଳିତ ପ୍ରାର୍ଥୀ ହୋଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ଯଶୱନ୍ତ ସିହ୍ନା ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ମତରେ ଜୁଲାଇ ୧୮ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ କେବଳ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ବରଂ ଦୁଇଟି ବିଚାରଧାରାକୁ ନେଇ ଲଢ଼େଇ। ଗୋଟିଏ ପଟେ ନିରଙ୍କୁଶ କ୍ଷମତା ଥିବାବେଳେ ଅନ୍ୟପଟେ ଗଣତାନ୍ତ୍ରିକ ସିଦ୍ଧାନ୍ତ ଓ ମୂଲ୍ୟବୋଧର ସୁରକ୍ଷା ରହିଛି।

ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ପାଇଁ ଆନୁଷ୍ଠାନିକ ଭାବେ ପ୍ରାର୍ଥୀ ହେବା ପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ଯଶୱନ୍ତ କହିଛନ୍ତି, ସେ ଭାଜପାରେ ଥିବା ତାଙ୍କ ପୂର୍ବ ସହଯୋଗୀମାନଙ୍କୁ ଭେଟି ନିଜ ପ୍ରାର୍ଥିତ୍ୱ ସପକ୍ଷରେ ସମର୍ଥନ ଲୋଡ଼ିବେ। ବର୍ତ୍ତମାନର ବିରୋଧୀ ଏକତା ୨୦୨୪ ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଯଶୱନ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ତାଙ୍କ ଏନ୍‌ଡିଏ ପ୍ରତିଦ୍ୱନ୍ଦ୍ୱୀ ଦ୍ରୌପଦୀ ମୁର୍ମୁଙ୍କୁ 'ପ୍ରତିକାତ୍ମକ ରାଜନୀତି'ର ଏକ ଅଂଶ ବୋଲି ଅଭିହିତ କରି କହିଛନ୍ତି, ବର୍ତ୍ତମାନର ରାଷ୍ଟ୍ରପତି ମଧ୍ୟ ଏକ ନିର୍ଦ୍ଦିଷ୍ଟ ବର୍ଗର। କିନ୍ତୁ ସେହି ଜାତିର ସବୁ ଲୋକଙ୍କ ଉନ୍ନତି ହୋଇଛି ବୋଲି ଦାବି କରିବା ଅଯୌକ୍ତିକ। ଯଶୱନ୍ତ ମଙ୍ଗଳବାର କେରଳରୁ ପ୍ରଚାର ଅଭିଯାନ ଆରମ୍ଭ କରି ବୁଧବାର ତାମିଲନାଡୁ ଯିବେ। ପରେ ସେ ଗୁଜରାଟ, ତେଲଙ୍ଗାନା ଓ କର୍ଣ୍ଣାଟକ ଗସ୍ତ କରିବେ। ପୂର୍ବତନ ଭାଜପା ନେତା ଯଶୱନ୍ତ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏଥିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପ୍ରସ୍ତାବକ ହୋଇଥିବାବେଳେ ଟିଏମ୍‌ସି, ଏସ୍‌ପି, ଡିଏମ୍‌କେ ନେତାମାନେ ସମର୍ଥକ ଭାବେ ସ୍ୱାକ୍ଷର କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ଯଶୱନ୍ତଙ୍କ ସହ ରାହୁଲ ଗାନ୍ଧୀ, ଶରଦ ପାୱାର, ଅଭିଷେକ ବାନାର୍ଜୀ, ମଲ୍ଲିକାର୍ଜୁନ ଖାର୍ଗେ, କେ.ଟି. ରାମାରାଓ ଏବଂ ଅଖିଳେଶ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ☞ପୃଷ୍ଠା–୪



ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନା ସୋମବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି। ନିକଟରେ ଅଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖର୍ଗେ, ସିପିଏମ୍ ନେତା ସୀତାରାମ ୟେଚୁରୀ ଓ ଅନ୍ୟମାନେ ।

### ଆଜିର ସମ୍ପାଦକୀୟ

**ବିରୋଧ କଲେ ଜେଲ**

### ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାର 'ଅଗ୍ନିପଥ' ଯୋଜନାରେ ନିଯୁକ୍ତି ପାଇବାକୁ ଥିବା ସୈନ୍ୟଙ୍କ ଅବସର ବୟସ ୬୫ ବର୍ଷକୁ ବୃଦ୍ଧି କରାନ୍ତୁ।

- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ବିଦ୍ରୋହୀଙ୍କୁ ସାମୟିକ ଆଶ୍ୱସ୍ତି

ନୂଆଦିଲ୍ଲୀ,୨୭।୬

ଶିବସେନା ବିଦ୍ରୋହୀ ବିଧାୟକମାନଙ୍କୁ ସୋମବାର ସୁପ୍ରିମକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ନରହରି ଜିରୱାଲ ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଓ ଅନ୍ୟ ୧୫ ବିଧାୟକଙ୍କ ସଦସ୍ୟତା ରଦ୍ଦ ସକାଶେ ଦେଇଥିବା ନୋଟିସର ଜବାବ ଦାଖଲ ପାଇଁ ୧୪ ଦିନ (ଜୁଲାଇ ୧୨) ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ଏଥିସହ ଆସନ୍ତା ୧୧ ତାରିଖ ମଧ୍ୟରେ ଉପବାଚସ୍ପତି ଏହା ଉପରେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ବିଧାନସଭାରେ ଆସ୍ଥାଭୋଟ ନ କରାଇବା ନେଇ ମହାରାଷ୍ଟ୍ର ସରକାରଙ୍କ ଆବେଦନ ଉପରେ କୌଣସି ଅନ୍ତରୀଣ ରାୟ ଦେବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି।

## ସଞ୍ଜୟ ରାଉତଙ୍କୁ ଇଡି ନୋଟିସ

- ସିନ୍ଦେ ଗୋଷ୍ଠୀକୁ ଜବାବ ଦାଖଲ ପାଇଁ ୧୪ ଦିନ ଦେଲେ ସର୍ବୋଚ୍ଚ ଅଦାଲତ
- ଜୁଲାଇ ୧୧ ପୂର୍ବରୁ ବିଧାୟକଙ୍କ ସଦସ୍ୟତା ରଦ୍ଦ ନିଷ୍ପତ୍ତି ନେଇପାରିବେନି ଉପବାଚସ୍ପତି

### ସୁପ୍ରିମକୋର୍ଟରେ ମହାରାଷ୍ଟ୍ର ଲଢ଼େଇ





"ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ହିନ୍ଦୁ ସମ୍ରାଟ ବାଲାସାହେବ ଠାକ୍‌ରେ ଏବଂ ଧର୍ମବୀର ଆନନ୍ଦ ଦିଘେ ସାହେବଙ୍କ ବିଚାରଧାରାର ବିଜୟ।

-ଏକନାଥ ସିନ୍ଦେ, ଶିବସେନାର ବିଦ୍ରୋହୀ ନେତା

ଅପରପକ୍ଷରେ ସୋମବାର ମନି ଲଣ୍ଡରିଂ ମାମଲାରେ ଶିବସେନା ଏମ୍‌ପି ସଞ୍ଜୟ ରାଉତଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାକୁ ସଞ୍ଜୟ ଚ୍ୟାଲେଞ୍ଜ କରିବା ସହ ତାଙ୍କୁ ରୋକିବା ପାଇଁ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି।

ଶିବସେନାରେ ବିଦ୍ରୋହ କେବଳ ଶାସକ ଦଳକୁ ବିଭାଜନ ଆଡ଼କୁ ଟାଣି ନେଇଛି ତାହା ନୁହେଁ, ବରଂ ମହାରାଷ୍ଟ୍ରର ଶାସକ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ସରକାର ପାଇଁ ମଧ୍ୟ ସଙ୍କଟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ କ୍ୟାବିନେଟ ସହଯୋଗୀ ଏକନାଥ ସିନ୍ଦେ ସଂଖ୍ୟାଧିକ ବିଧାୟକଙ୍କୁ ନେଇ ଗୁଆହାଟୀସ୍ଥିତ ଏକ ହୋଟେଲରେ ଡେରା ପକାଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଶିବସେନା ପକ୍ଷରୁ ଉପବାଚସ୍ପତିଙ୍କୁ ଅନୁରୋଧ କରାଯାଇଥିଲା। ଉପବାଚସ୍ପତି ଦଳବଦଳକୁ ନେଇ ସମ୍ବିଧାନର ଦଶମ ଅନୁଚ୍ଛେଦ ବଳରେ ୧୬ ବିଦ୍ରୋହୀ ବିଧାୟକଙ୍କୁ ସୋମବାର (ଜୁନ୍ ୨୭) ଅପରାହ୍ନ ୫ଟା ୩୦ ସୁଦ୍ଧା ଜବାବ ଦେବାକୁ ନୋଟିସ କରିଥିଲେ। ତେବେ ଏକନାଥ ଗୋଷ୍ଠୀ ଏହା ବିରୋଧରେ ତ୍ୱରିତ ଶୁଣାଣି ପାଇଁ ରବିବାର ସନ୍ଧ୍ୟାରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଶିବସେନାର ୫୫ ବିଧାୟକଙ୍କ ମଧ୍ୟରୁ ୩୮ ଜଣ ଏମ୍‌ଭିଏରୁ ସମର୍ଥନ ପ୍ରତ୍ୟାହାର କରିଥିବାରୁ ମେଣ୍ଟ ସରକାର ସଂଖ୍ୟାଗରିଷ୍ଠତା ହରାଇଛନ୍ତି ବୋଲି ମଧ୍ୟ ସିନ୍ଦେ ନିଜ ପିଟିଶନରେ ଦର୍ଶାଇଥିଲେ। ସୋମବାର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜେ.ବି. ପର୍ଦ୍ଦିୱାଲାଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ସେମାନଙ୍କ ରିଟ୍ ପିଟିଶନର ଶୁଣାଣି କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଉପବାଚସ୍ପତିଙ୍କ ପକ୍ଷରୁ ଆବେଦନକାରୀ ☞ପୃଷ୍ଠା–୪

"ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୋ ପାଖକୁ ମନି ଲଣ୍ଡରିଂ ମାମଲାରେ ସୋମବାର ନୋଟିସ ପଠାଇଛି। ମୋତେ ରୋକିବା ପାଇଁ ଏହା ଏକ ଷଡ଼ଯନ୍ତ୍ର। ରାସ୍ତାରେ ଲଢ଼େଇ ଓ ଆଇନଗତ ଯୁଦ୍ଧ ପାଇଁ ମୁଁ ପ୍ରସ୍ତୁତ।

- ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି

"ମହାରାଷ୍ଟ୍ର ବିଧାନସଭା ଉପବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କ ସଦସ୍ୟତା ରଦ୍ଦ ନିଷ୍ପତ୍ତି ନେଇପାରିବେ। ଏହି ପ୍ରସଙ୍ଗ ବାଚସ୍ପତିଙ୍କ ନିକଟରେ ବିଚାରାଧୀନ ଥିବାରୁ ଏଥିରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ।

-ଅଭିଷେକ ମନୁ ସିଂଘଭି, ଶିବସେନା ଓକିଲ

**ଶ୍ରୀଲଙ୍କାରେ ସ୍କୁଲ ବନ୍ଦ, ୱାର୍କ ଫ୍ରମ୍ ହୋମ୍ ପାଇଁ ନିର୍ଦ୍ଦେଶ**

ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଦ୍ୱୀପ ରାଷ୍ଟ୍ର ଶ୍ରୀଲଙ୍କାରେ ପେଟ୍ରୋଲ, ଡିଜେଲର ଘୋର ଅଭାବ ଦେଖିବାକୁ ମିଳିଛି। ଏଭିତରେ ସରକାର ସ୍କୁଲ ବନ୍ଦ ଘୋଷଣା କରିବା ସାଙ୍ଗକୁ ପବ୍ଲିକ୍ ସେକ୍ଟର କର୍ମଚାରୀମାନଙ୍କୁ ୱାର୍କ ଫ୍ରମ୍ ହୋମ୍‌ର ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କଲମ୍ବୋ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ସ୍କୁଲ ଗୁଡ଼ିକ ଗୋଟିଏ ସପ୍ତାହ ପାଇଁ ବନ୍ଦ ରହିବ। ସୋମବାର ତିନିଚକିଆ ଯାନ ଚାଳକମାନେ ପେଟ୍ରୋଲପମ୍ପ ଆଗରେ ଲମ୍ବା ଧାଡ଼ି ଲଗାଇଥିବାର ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ସୋନିଆଙ୍କ ବ୍ୟକ୍ତିଗତ ସଚିବଙ୍କ ନାଁରେ ବଳାତ୍କାର ମାମଲା

ନୂଆଦିଲ୍ଲୀ, ୨୭।୬: କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ବ୍ୟକ୍ତିଗତ ସଚିବ ପି. ପି. ମାଧବନ(୭୧)ଙ୍କ ବିରୋଧରେ ଦିଲ୍ଲୀ ପୋଲିସ ସୋମବାର ଏକ ବଳାତ୍କାର ମାମଲା ରୁଜୁ କରିଛି। ଦିଲ୍ଲୀର ଜଣେ ୨୬ ବର୍ଷୀୟା ମହିଳା ମାଧବନଙ୍କ ବିରୋଧରେ ଶନିବାର ଉତ୍ତମନଗର ଥାନାରେ ବଳାତ୍କାର ଅଭିଯୋଗ କରିଥିଲେ। ଏତଲା ଅନୁଯାୟୀ ମାଧବନ ପୀଡ଼ିତାଙ୍କୁ ଚାକିରି ଓ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହି ବିଷୟରେ ମୁହଁ ଖୋଲିଲେ ଜୀବନରେ ମାରିଦେବା ପାଇଁ ସେ ଧମକ ଦେଇଥିଲେ। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୭୬ ଓ ୫୦୬ ବଳରେ ମାମଲା ରୁଜୁ କରି ତଦନ୍ତ ଜାରି ଥିବା ଦ୍ୱାରକା ଡେପୁଟି ପୋଲିସ କମିଶନର ଏମ୍. ହର୍ଷ ବର୍ଦ୍ଧନ ସୂଚନା ଦେଇଛନ୍ତି।

### ଅଗ୍ନିପଥ: ବାୟୁସେନାରେ ୯୪ ହଜାର ଆବେଦନ

ନୂଆଦିଲ୍ଲୀ, ୨୭।୬: ସେନାରେ ଠିକା ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ 'ଅଗ୍ନିପଥ' ଯୋଜନାରେ ଭାରତୀୟ ବାୟୁସେନା (ଆଇଏଏଫ୍)ରେ ୪ ଦିନରେ ୯୪,୨୮୧ ଜଣ ଆବେଦନ କରିଛନ୍ତି। ଶୁକ୍ରବାର ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟା ଜୁଲାଇ ୫ ପର୍ଯ୍ୟନ୍ତ ଚାଲିବ। ରବିବାର ସୁଦ୍ଧା ଆଇଏଫ୍ ନିକଟକୁ ୫୬,୯୬୦ ଆବେଦନ ଆସିଥିଲା। ଜୁନ୍ ୧୪ରେ କେନ୍ଦ୍ର ସରକାର 'ଅଗ୍ନିପଥ' ଯୋଜନା ଘୋଷଣା କରିଥିଲେ।

### ଆମେରିକାରେ ଭାରତୀୟ ବଂଶୋଦ୍ଭବଙ୍କୁ ହତ୍ୟା

ନ୍ୟୁୟର୍କ, ୨୭।୬: ଆମେରିକାର ନ୍ୟୁୟର୍କସ୍ଥିତ ସାଉଥ ଓଜୋନ୍ ପାର୍କ ନିକଟରେ ଶନିବାର ଜଣେ ଭାରତୀୟ ବଂଶୋଦ୍ଭବଙ୍କୁ ଗୁଳି କରି ହତ୍ୟା କରାଯାଇଛି। ସତନମ୍ ସିଂ(୩୧) ଏକ ଜିପ୍‌ରେ ବସିଥିବାବେଳେ ଜଣେ ଆତତାୟୀ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ସତନମ୍ ତାଙ୍କ ସାଙ୍ଗଠାରୁ ଉକ୍ତ ଜିପ୍ ଆଣିଥିଲେ। ତେଣୁ ଶୁଟର ଜିପ୍ ମାଲିକଙ୍କ ବଦଳରେ ସତନମ୍‌ଙ୍କୁ ଟାର୍ଗେଟ କରିଥିବା ପୋଲିସ ସନ୍ଦେହ କରୁଛି।

### ପଶ୍ଚିମବଙ୍ଗ ନିର୍ବାଚନ ପରବର୍ତ୍ତୀ ହିଂସା
### ହଟିଲେ ତଦନ୍ତକାରୀ ଅଧିକାରୀ

କୋଲକାତା, ୨୭।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରବର୍ତ୍ତୀ ହିଂସା ମାମଲାରେ ସିବିଆଇ ତଦନ୍ତକାରୀ ଅଧିକାରୀଙ୍କୁ ହଟାଇଛି। ଡେପୁଟି ସୁପେରିଣ୍ଟେଣ୍ଡେଣ୍ଟ ର୍‍ୟାଙ୍କ୍‌ର ଅଜୟ କୁମାରଙ୍କ ବଦଳରେ ଅତିରିକ୍ତ ସୁପେରିଣ୍ଟେଣ୍ଡେଣ୍ଟ୍ ର୍‍ୟାଙ୍କ୍‌ର ଏସ୍. ଗାୟେନ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ସେହିପରି ସିବିଆଇ ଏହାର କାଉନସେଲ ଫିରୋଜ ଏଦୁଲଜିଙ୍କ ସ୍ଥାନରେ ଆଡ୍‌ଭୋକେଟ୍ କେ. ମଣ୍ଡଳଙ୍କୁ ଦାୟିତ୍ୱ ଦେଇଛି। ତଦନ୍ତ ପ୍ରକ୍ରିୟାକୁ ତ୍ୱରିତ କରିବାକୁ ଏପରି କରାଯାଇଥିବା ସିବିଆଇ ପକ୍ଷରୁ କୁହାଯାଇଛି। ନିର୍ବାଚନ ପରବର୍ତ୍ତୀ ହିଂସାରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କର୍ମୀଙ୍କ ଆକ୍ରମଣରେ ୬ ଭାଜପା କାର୍ଯ୍ୟକର୍ତ୍ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେହିପରି ଘଟଣାରେ ୫ ଟିଏମ୍‌ସି କର୍ମୀ ମଧ୍ୟ ଏଥିରେ ପ୍ରାଣ ହରାଇଥିଲେ। ମାମଲାରେ ସିବିଆଇ ଅଦ୍ୟାବଧି ଏହାର ଚୂଡ଼ାନ୍ତ ଚାର୍ଜଶିଟ୍ ଦାଖଲ କରିନାହିଁ।

### ରେ-ବ୍ୟାନ୍ ମାଲିକ ଡେଲ୍ ଭେକିଓଙ୍କ ପରଲୋକ

ରୋମ, ୨୭।୬: ଚଷମା କମ୍ପାନୀ ରେ-ବ୍ୟାନ୍ ମାଲିକ ଲିଓନାର୍ଡୋ ଡେଲ୍ ଭେକିଓ(୮୭)ଙ୍କ ପରଲୋକ ହୋଇଛି। ଏ ନେଇ ତାଙ୍କ କମ୍ପାନୀ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି।



ଫୋର୍ବସ ତାଲିକା-୨୦୨୨ରେ ପ୍ରକାଶିତ ବିଲିୟନେୟାରଙ୍କ ମଧ୍ୟରେ ଇଟାଲୀର ଏହି ଦ୍ୱିତୀୟ ଧନୀଙ୍କ ସମ୍ପତ୍ତି ୨୭.୩ ବିଲିୟନ ଡଲାର ଆକଳନ କରାଯାଇଥିଲା। ୧୯୩୫ ମେ ୨୨ରେ ଏକ ଗରିବ ପରିବାରରେ ଜନ୍ମିତ ଡେଲ୍‌ଙ୍କ ବାଲ୍ୟକାଳ ଅନାଥାଶ୍ରମରେ ବିତିଥିଲା। ୧୯୬୧ରେ ସେ ଲୁକ୍ସୋଟିକା କମ୍ପାନୀ ପ୍ରତିଷ୍ଠା କରିଥିଲେ, ଯାହା କି ଅପ୍ଟିକାଲ ଇଣ୍ଡଷ୍ଟ୍ରିକୁ ବିଭିନ୍ନ ପାର୍ଟ ଯୋଗାଉଥିଲା। ପରେ ପ୍ରତକ୍ସନ ପ୍ରକ୍ରିୟା ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ପ୍ରସ୍ତୁତ ସହ ଫ୍ୟାଶନ ବ୍ରାଣ୍ଡ୍ ରେ-ବ୍ୟାନ୍, ପେରସୋଲ, ଓକ୍‌ଲେ ଆଦି ପ୍ରତିଷ୍ଠା କରିଥିଲେ।

## ମହାକାଶରେ ଚାଇନାର ସୌରଶକ୍ତି ପ୍ରକଳ୍ପ ଯୋଜନା

ବେଜିଂ,୨୭।୬

ମହାକାଶରେ ଚାଇନା ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ପ୍ରସ୍ତୁତି ଚଳାଇଛି। ୨୦୨୮ ସୁଦ୍ଧା ପ୍ଲାଣ୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଚାଇନା ଆଶା ରଖିଛି। ସୋଲାର ପାୱାର ପ୍ଲାଣ୍ଟ ଜରିଆରେ ସୋଲାର ଏନର୍ଜି (ସୌର ଶକ୍ତି)କୁ ଇଲେକ୍ଟ୍ରିସିଟି ଏବଂ ମାଇକ୍ରୋ ୱେଭ୍‌ରେ ପରିବର୍ତ୍ତିତ କରାଯାଇପାରିବ, ଯାହା ଉପଗ୍ରହଗୁଡ଼ିକୁ ଶକ୍ତି ସଞ୍ଚାର କରିବ। ଏଥିସହ ୱାୟାରଲେସ୍ ପାୱାର ଟ୍ରାନ୍ସମିଶନ୍ ଜରିଆରେ ସୌରଶକ୍ତିରୁ ମିଳୁଥିବା ଇଲେକ୍ଟ୍ରିସିଟିକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନର ଲୋକଙ୍କ ବ୍ୟବହାର ଉପଯୋଗୀ କରାଯାଇପାରିବ। ସ୍ପେସ୍‌ରେ ଏହି ସୋଲାର ପାୱାର ପ୍ଲାଣ୍ଟ ହଟ୍‌ସ୍ପଟ ଭଳି କାର୍ଯ୍ୟ କରିବ, ଯାହାର କ୍ଷମତା ୧୦କିଲୋୱାଟ ରହିବ। ଅର୍ବସେପ ମେମ୍ବ୍ରେନ୍ ଇନର୍ଜି ଗ୍ୟାଦରିଙ୍ଗ ଆରେ (ଓମେଗା) ଓ ଚାଇନାର ଜିଡିଆନ୍ ୟୁନିଭର୍ସିଟି ପକ୍ଷରୁ ଉଦ୍ୟମ ଚାଲିଛି। ପ୍ଲାଣ୍ଟର ଉଚ୍ଚତା ୭୫ ମିଟର ରହିବ। ଏଥିରେ ୫ଟି ସବ୍‌ସିଷ୍ଟମ୍ ଖଞ୍ଜାଯାଇଛି। ଚୋଙ୍ଗକିଙ୍ଗର ୩୩ ଏକର ପରିମିତ ସ୍ଥାନରେ ଏହାର ଟେଷ୍ଟିଂ କରାଯିବ।





ଥାଇଲାଣ୍ଡର ପଟ୍ଟାୟା ସହରରେ ମିସ୍ ଇଣ୍ଟରନ୍ୟାଶନାଲ କୁଇନ୍ ୨୦୨୨ ଆୟୋଜନ ପୂର୍ବରୁ ମେକ୍‌ଅପ୍ ନେଉଛନ୍ତି ଟ୍ରାନ୍ସଜେଣ୍ଡର ବ୍ୟୁଟି କ୍ୱାନ୍‌ଲାଡା ରୁଙ୍ଗ୍‌ରୋଜାମ୍ପା।

# ଚାଇନାର ବିଆର୍‌ଆଇକୁ ଝଟକା

## ୬୦୦ ବିଲିୟନ ଡଲାରର ପିଜିଆଇଆଇ ପ୍ରୋଜେକ୍ଟ



ଜର୍ମାନୀର କ୍ୟାଶେଲ ଏଲ୍‌ମଉରେ ଜି ୭ ସମ୍ମିଳନୀ ଅବସରରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଦା, ୟୁରୋପୀୟ କମିଶନ ଅଧକ୍ଷା ଉର୍ସୁଲା ଭୋନ୍ ଡେର ଲେୟେନ୍, ୟୁରୋପୀୟ କାଉନ୍‌ସିଲ ଅଧ୍ୟକ୍ଷ ଚାର୍ଲ୍ସ ମିଶେଲ, ଇଟାଲୀ ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ଜର୍ମାନୀ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସମେତ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ନିମନ୍ତ୍ରିତ ଅତିଥିବୃନ୍ଦ।

ଏଲମାଉ, ୨୭।୬

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ଡ୍ରିମ୍ ପ୍ରୋଜେକ୍ଟ ବେଲ୍ଟ ଆଣ୍ଡ୍ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ)କୁ ପ୍ରତିହତ କରିବା ପାଇଁ ଜି-୭ ରାଷ୍ଟ୍ର ମୁଖ୍ୟମାନେ ୬୦୦ ବିଲିୟନ ଡଲାରର ଏକ ଭିତ୍ତିଭୂମି ନିର୍ମାଣ ପ୍ରକଳ୍ପର ଯୋଜନା କରିଛନ୍ତି। ପାର୍ଟନରଶିପ୍ ଫର୍ ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ୍ ଇନ୍‌ଭେଷ୍ଟମେଣ୍ଟ (ପିଜିଆଇଆଇ) ଫଣ୍ଡ୍ କୌଣସି ଦାନ କିମ୍ବା ସହାୟତା ନୁହେଁ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଏହା ଏକ ନିବେଶ ଏବଂ ଭବିଷ୍ୟତରେ ସମସ୍ତେ ଏଥିରୁ ଉପକୃତ ହେବେ ବୋଲି ଜି-୭ ଦେଶ ନେତାଙ୍କ ସହ ଏକ ବୈଠକରେ ବାଇଡେନ୍ ପ୍ରକାଶ କରିଛନ୍ତି। ଏହି ବିଶାଳ ଫଣ୍ଡ୍ ବିକାଶଶୀଳ ତଥା ନିମ୍ନ ଆୟ ଥିବା ଦେଶଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅର୍ଥ ଯୋଗାଇବ। ୫ ବର୍ଷରେ ଜି-୭ ନେତାମାନେ ପିଜିଆଇଆଇ ପାଇଁ ୬୦୦ ବିଲିୟନ ଡଲାର ଫଣ୍ଡ୍ ଠୁଳ କରିବାର ଲକ୍ଷ୍ୟ ରଖାଯାଇଛି।

ଚାଇନାର ମଲ୍ଟି-ଟ୍ରିଲିୟନ ଡଲାର ଭିତ୍ତିଭୂମି ନିର୍ମାଣ ଯୋଜନାକୁ ବିଶ୍ୱବ୍ୟାପୀ ସମାଲୋଚନା କରାଯାଉଛି। ଏଥିଯୋଗୁ ଅନେକ ଦେଶ ଋଣବୋଝ ବୋହୁଛନ୍ତି। ଏହା ସତ୍ତ୍ୱେ ବେଜିଂ ବିଆର୍‌ଆଇ ପ୍ରକଳ୍ପ କାର୍ଯ୍ୟ ଜାରି ରଖିଛି। ଜି-୭ ଦେଶ ତଥା ଆମେରିକା, ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ଜାପାନ ଦ୍ୱାରା ଏହି ପ୍ରାଇଭେଟ୍ ଏବଂ ପବ୍ଲିକ୍ ଫଣ୍ଡ୍ ନିମନ୍ତେ ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ସମ୍ମିଳନୀରେ ପ୍ରସ୍ତାବିତ ହୋଇଥିଲା। ଏହି ଯୋଜନାରେ ଗଣତାନ୍ତ୍ରିକ ଦେଶଗୁଡ଼ିକ ସହ ଅନ୍ୟରାଷ୍ଟ୍ରଗୁଡ଼ିକ ଭାଗୀଦାରି ମାଧ୍ୟମରେ ଲାଭ ପାଇପାଇପାରିବେ ବୋଲି ବାଇଡେନ୍ କହିଛନ୍ତି। ଆମେରିକା ସେଥିରୁ ୨୦୦ ବିଲିୟନ ଡଲାର ନିବେଶ କରିବା ନିମନ୍ତେ ସେ ଘୋଷଣା କରିଛନ୍ତି। ସେହିପରି ୟୁରୋପୀୟ ସଂଘ ଏଥିରେ ୩୦୦ ବିଲିୟନ ୟୁରୋ ପାଣ୍ଠିରେ ଯୋଗ କରିବାକୁ ନିଷ୍ପତ୍ତି ନେଇଛି। ଜଳବାୟୁ ପରିବର୍ତ୍ତନ, ବୈଶ୍ୱିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା ନିଶ୍ଚିତ କରିବା ସହ ଡିଜିଟାଲ ଇନ୍‌ଫ୍ରାଷ୍ଟ୍ରକଚର ନିର୍ମାଣ ମଧ୍ୟ ଏହି ଯୋଜନା ଅନ୍ତର୍ଗତ ହେବ। ସେଥିମଧ୍ୟରୁ କିଛି ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସେନେଗାଲର ଆଙ୍ଗୋଲାରେ ଥିବା ଭାକ୍ସିନ୍ ପ୍ରସ୍ତୁତକାରୀ ଫାସିଲିଟିରେ ଏକ ସୋଲାର-ପାୱାର ପ୍ରୋଜେକ୍ଟ ଏବଂ ସିଙ୍ଗାପୁରରୁ ଇଜିପ୍ଟ ଏବଂ ହର୍ନ ଅଫ୍ ଆଫ୍ରିକା ଦେଇ ଫ୍ରାନ୍ସକୁ ବୁଡ଼ାଜାହାଜ ସହ ଯୋଗାଯୋଗ ନିମନ୍ତେ ଟେଲିକମ୍ୟୁନିକେଶନ ସୁବିଧା ଅନ୍ତର୍ଭୁକ୍ତ।

୨୦୧୩ରେ ଜିନ୍‌ପିଙ୍ଗ୍ ଲଞ୍ଚ୍ କରିଥିବା ବିଆର୍‌ଆଇ ପ୍ରୋଜେକ୍ଟ ମାଧ୍ୟମରେ ଚାଇନା ବିଭିନ୍ନ ଦେଶକୁ ବନ୍ଦର, ରାସ୍ତା, ପୋଲ ଆଦି ବିଭିନ୍ନ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଅର୍ଥ ଋଣ ଆକାରରେ ଦେଉଛି। ଏହି ଭିତ୍ତିଭୂମି ଜରିଆରେ ଚାଇନା ନିଜ ବାଣିଜ୍ୟ କାରବାର ବଢ଼ାଇବା ଉଦ୍ଦେଶ୍ୟ ରଖିଛି। ତେବେ ଚାଇନାର ଏହି ଚାଲ୍‌ରେ ପଡ଼ି ଶ୍ରୀଲଙ୍କା ସମେତ ଏକାଧିକ ଦେଶ ଏବେ ଋଣବୋଝରେ ବୁଡ଼ିଛନ୍ତି। ଋଣ ଅର୍ଥ ବଦଳରେ ବେଜିଂ ସମ୍ପୃକ୍ତ ଦେଶର ପ୍ରମୁଖ ସହର ତଥା ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ କବ୍‌ଜା କରିବାରେ ଲାଗିଛି। ଚାଇନାକୁ କାଉଣ୍ଟର କରିବାକୁ ଆମେରିକା ନେତୃତ୍ୱରେ ଗତବର୍ଷ ବ୍ରିଟେନରେ ଅନୁଷ୍ଠିତ ଜି-୭ ସମ୍ମିଳନୀରେ 'ବିଲ୍ଡ ବ୍ୟାକ୍ ବେଟର ୱାର୍ଲ୍ଡ' ନାମରେ ଏକ ପ୍ରୋଜେକ୍ଟ ନିମନ୍ତେ ପ୍ରଥମେ ଚିନ୍ତା କରାଯାଇଥିଲା। ଚଳିତ ବର୍ଷ ଜର୍ମାନୀରେ ଆୟୋଜିତ ହେଉଥିବା ଜି-୭ ସମ୍ମିଳନୀରେ ଏହାକୁ ପିଜିଆଇଆଇ ନାମକରଣ କରାଯାଇଛି।

## ଜି-୭ ନେତାଙ୍କୁ ଭେଟିଲେ ମୋଦି

**ବର୍ଲିନ, ୨୭।୬:** ଜର୍ମାନୀର ଏଲ୍‌ମାଉଠାରେ ଆୟୋଜିତ ହେଉଥିବା ଜି-୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ରବିବାରଠାରୁ ଜର୍ମାନୀ ଗସ୍ତରେ ଥିବା ମୋଦି ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ, କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କୁ ଭେଟିଛନ୍ତି। ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲଜ୍ ଏଲ୍‌ମାଉର ସ୍କୋଲସ୍‌ଠାରେ ମୋଦିଙ୍କୁ ସ୍ୱାଗତ କରିଥିଲେ। ଜଳବାୟୁ ସମ୍ବନ୍ଧିତ ଜି-୭ ସମିଟ୍‌ର ଏକ ଅଧିବେଶନରେ ଯୋଗଦେଇ ମୋଦି ସ୍ୱଚ୍ଛ ଏବଂ ସବୁଜ ଶକ୍ତି ବ୍ୟବହାର ସହ ସ୍ଥାୟୀ ତଥା ଉନ୍ନତମାନର ଜୀବନଶୈଳୀ ଓ ବୈଶ୍ୱିକ ବିକାଶ ଦିଗରେ ଭାରତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଗତ ମେ'ରେ ଜାପାନରେ ହୋଇଥିବା କ୍ୱାଡ୍ ସମିଟ୍ ପରଠାରୁ ଏହା ମୋଦି-ବାଇଡେନ୍‌ଙ୍କ ପ୍ରଥମ ସାକ୍ଷାତ। ଆସନ୍ତା ମାସରେ ଭାରତ, ଇସ୍ରାଏଲ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବଂ ଆମେରିକା ମଧ୍ୟରେ ଭର୍ଚୁଆଲ ମାଧ୍ୟମରେ ଆଇ୨ଇ୨ ସମ୍ମିଳନୀ ଅନୁଷ୍ଠିତ ହେବ।



## ଯୁଦ୍ଧ ବନ୍ଦ ପାଇଁ ଜେଲେନ୍‌ସ୍କିଙ୍କ ନିବେଦନ

କିଭ୍, ୨୭।୬

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ଭର୍ଚୁଆଲ ମାଧ୍ୟମରେ ଜି-୭ ସମ୍ମିଳନୀକୁ ଉଦ୍‌ବୋଧନ ଦେଇଛନ୍ତି। ସେ ଜି-୭ ଦେଶଗୁଡ଼ିକୁ ଅଧିକ ସହାୟତା ମାଗିବା ସହ ଶୀତଋତୁ ପୂର୍ବରୁ ରୁଷିଆ ଜାରି ରଖିଥିବା ଯୁଦ୍ଧକୁ ଶେଷ କରିବା ନିମନ୍ତେ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଏଥିସହ ମସ୍କୋ ସହ କୌଣସି ବୁଝାମଣା ନ କରି ଅଧିକ କଟକଣା ଲଗାଯାଉ ବୋଲି ସେ ଦାବି କରିଛନ୍ତି। ଜେଲେନ୍‌ସ୍କି ଜି-୭ ନେତାଙ୍କୁ ୟୁକ୍ରେନ୍ ପୁନଃ ନିର୍ମାଣ ପାଇଁ ଅର୍ଥ, ଅଧିକ ଆଣ୍ଟାଇ-ଏୟାରକ୍ରାଫ୍ଟ ଡିଫେନ୍ସ ସିଷ୍ଟମ ଯୋଗାଇବା ସହ ଖାଦ୍ୟଶସ୍ୟ ରପ୍ତାନୀ ଏବଂ ସୁରକ୍ଷା ଗ୍ୟାରେଣ୍ଟି ମାଗିଛନ୍ତି। ଯୁଦ୍ଧାସ୍ତ୍ର ଯୋଗାଣରେ ବିଳମ୍ବ ଯୋଗୁ ରୁଷିଆର ଆକ୍ରମଣରେ ୟୁକ୍ରେନ କ୍ଷତି ସହିଚାଲିଛି ବୋଲି ସେ କହିଛନ୍ତି।



## ଜ୍ୟାକ୍‌ଲିନଙ୍କୁ ଇଡିର ଜେରା



**ନୂଆଦିଲ୍ଲୀ, ୨୭।୬:** ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଣ୍ଡିଜ୍ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟାଳୟରେ ହାଜର ହୋଇଛନ୍ତି। କନ୍ ମ୍ୟାନ୍ ସୁକେଶ ଚନ୍ଦ୍ରଶେଖର ମନି ଲଣ୍ଡରିଂ ମାମଲାରେ ଇଡି ଜ୍ୟାକ୍‌ଲିନ୍‌ଙ୍କୁ ଜେରା କରିଛି। ଏ ମାମଲାରେ ଜ୍ୟାକଲିନଙ୍କୁ ୨ରୁ ୩ ଥର ଇଡି ପଚରାଉଚରା କରିସାରିଛି। ଏପ୍ରିଲରେ ଇଡି ଜ୍ୟାକଲିନଙ୍କ ୧୫ ଲକ୍ଷ କ୍ୟାସ୍ ସହିତ ୭.୧୨ କୋଟି ଫିକ୍ସ ଡିପୋଜିଟ୍‌କୁ ମନିଲଣ୍ଡରିଂ ଆକ୍ଟ ଅଧୀନରେ ବାଜ୍ୟାପ୍ତ କରିଥିଲା। ସୁକେଶ ଜ୍ୟାକ୍‌ଲିନଙ୍କୁ ବିଭିନ୍ନ ସମୟରେ ଏକାଧିକ ଉପହାର ଦେଇଥିବାବେଳେ ଉପହାରଗୁଡ଼ିକର ମୂଲ୍ୟ ୫.୭୧ କୋଟି ହୋଇଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ସୁକେଶ ତାଙ୍କ ସହଯୋଗୀ ପିଙ୍କି ଇରାନୀଙ୍କ ସହାୟତାରେ ଗିଫ୍ଟ ସବୁ ଜ୍ୟାକ୍‌ଲିନଙ୍କ ପାଖରେ ପହଞ୍ଚାଉଥିଲେ। ଉପହାର ଛଡ଼ା ଜ୍ୟାକ୍‌ଲିନଙ୍କୁ ନେଇ ଏକ ୱେବ୍ ସିରିଜ୍ ତିଆରି କରିବା ପାଇଁ ଜଣେ ସ୍କ୍ରିପ୍ଟ ରାଇଟରଙ୍କୁ ସୁକେଶ ୧୫ ଲକ୍ଷ ଟଙ୍କା ଦେଇଥିବା ଇଡି କହିଛି। ଫୋରଟିସ୍ ହେଲ୍‌ଥ କେୟାର ପ୍ରମୋଟର ଶିଭିନ୍ଦର ମୋହନ ସିଂଙ୍କ ସ୍ତ୍ରୀ ଆଦିତୀ ସିଂଙ୍କ ସମେତ ବହୁ ଧନୀ ବ୍ୟବସାୟୀଙ୍କଠାରୁ କୋଟି କୋଟି ଟଙ୍କା ହଡ଼ପ କରି ସୁକେଶ ବଲିଉଡ୍ ନାୟିକାଙ୍କୁ ଉପହାର ଦେଉଥିବା ଇଡି ଅଭିଯୋଗ କରିଛି।

## ଖବରଦାତା ମହମ୍ମଦ ଜୁବୈର ଗିରଫ

ନୂଆଦିଲ୍ଲୀ,୨୭।୬

ଧର୍ମୀୟ ଭାବାବେଗକୁ ଆଘାତ ଦେବା ସହ ଦୁଇ ସମୁଦାୟ ମଧ୍ୟରେ ଶତ୍ରୁଭାବ ସୃଷ୍ଟି କରିବା ଅଭିଯୋଗରେ ଅଲ୍ଟ ନ୍ୟୁଜ୍ ୱେବସାଇଟ ଖବରଦାତା ମହମ୍ମଦ ଜୁବୈରଙ୍କୁ ସୋମବାର ଦିଲ୍ଲୀ ପୋଲିସ ଗିରଫ କରିଛି। ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ପ୍ରତୀକ ସିହ୍ନା କହିଛନ୍ତି, ଜୁବୈରଙ୍କୁ ପୋଲିସ ଏକ ଭିନ୍ନ ମାମଲାରେ ପଚରାଉଚରା ପାଇଁ ଥାନାକୁ ଡାକିଥିଲା। କିନ୍ତୁ ୨୦୧୮ରେ ଜୁବୈର କରିଥିବା ଏକ ଟୁଇଟ୍‌କୁ ନେଇ ବିନା କୌଣସି ନୋଟିସ୍‌ରେ ତାଙ୍କୁ ଗିରଫ କରିଛି। ଅନୁରୋଧ ପରେ ମଧ୍ୟ ଆମକୁ ତାଙ୍କ ଗିରଫଦାରି ସମ୍ପର୍କିତ ଏଫ୍‌ଆଇଆର୍ କପି ଦିଆଯାଇନାହିଁ ବୋଲି ସିହ୍ନା ଟୁଇଟ୍ କରିଛନ୍ତି।



ଅନ୍ୟପକ୍ଷରେ ଜୁବୈରଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ତାଙ୍କୁ ସ୍ପେଶାଲ ସେଲ୍ ପଚରାଉଚରା କରୁଛି। ଅଧିକ ଜେରା ପାଇଁ ତାଙ୍କୁ ମଙ୍ଗଳବାର କୋର୍ଟରେ ହାଜର କରି ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି ଲୋଡ଼ାଯିବ ବୋଲି ପୋଲିସ କହିଛି। ଏହି ବିଷୟ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଜୁବୈରଙ୍କ ଗିରଫଦାରିକୁ ନିନ୍ଦା କରାଯାଇଛି। କଂଗ୍ରେସ ନେତା ଶଶି ଥରୁର ଏହାକୁ 'ସତ୍ୟ ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ତାଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଘୃଣା ମନ୍ତବ୍ୟ ସମ୍ପର୍କିତ ରିପୋର୍ଟ କରୁଥିବା ବ୍ୟକ୍ତିମାନଙ୍କ ପଛରେ କେନ୍ଦ୍ର ସରକାର ପଡ଼ିଛି। ପ୍ରକାଶ ଯେ, ୨୦୧୭ରେ ଆରମ୍ଭ ହୋଇଥିବା ଅଲ୍ଟ ନ୍ୟୁଜ୍‌ର ପ୍ରତିଷ୍ଠାତାମାନଙ୍କୁ ଅନ୍‌ଲାଇନରେ ଟ୍ରୋଲ୍ କରାଯାଉଛି। ଏଥିସହ ଦକ୍ଷିଣପନ୍ଥୀ ଗୋଷ୍ଠୀଗୁଡ଼ିକ ଏହି ୱେବସାଇଟ୍ ବିରୋଧରେ ଏତଲା ଦେଉଥିବା ଅଲ୍ଟନ୍ୟୁଜ୍ ପକ୍ଷରୁ କୁହାଯାଇଛି। ଉତ୍ତରପ୍ରଦେଶର ସୀତାପୁର ଜିଲାରେ ମଧ୍ୟ ମାସକ ତଳେ ଜୁବୈରଙ୍କ ବିରୋଧରେ ମାମଲା ହୋଇଥିଲା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୪,୯୧,୪୫,୮୩୫ | ୬୩,୫୧,୭୭୭ | ୫୨,୪୧,୮୧,୪୯୧ |
| ଭାରତ | ୪,୩୪,୦୭,୦୪୬ | ୫,୨୫,୦୨୦ | ୪,୨୭,୮୭,୬୦୬ |
| ଓଡ଼ିଶା | ୧୨,୮୯,୩୨୮ | ୯୧୨୬(+୫୩) | ୧୨,୭୯,୭୪୫ |

ସୋମବାର ରାତି ୯ଟା ୩୦ ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଏମ୍‌କେସିଜି ଶିଶୁ ରୋଗ ବିଭାଗରେ ୪ ପିଜି ସିଟ୍ ବୃଦ୍ଧି

**ବ୍ରହ୍ମପୁର ଅଫିସ,୨୭।୬:** ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମ୍‌କେସିଜି)ମେଡିକାଲ କଲେଜର ଶିଶୁ ବିଭାଗ ପିଜି ସିଟ ବୃଦ୍ଧି କରାଯିବା ନେଇ ସୋମବାର ଜାତୀୟ ଭେଷଜ ପରିଷଦ(ଏନ୍‌ଏମ୍‌ସି)ର ଜଣିକିଆ ପ୍ରତିନିଧି ଏମ୍‌କେସିଜି ପରିଦର୍ଶନ କରିଛନ୍ତି। ବର୍ତ୍ତମାନ ଶିଶୁ ବିଭାଗରେ ୮ ପିଜି ସିଟ ରହିଥିବା ବେଳେ ତାକୁ ୧୨କୁ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସେହି କ୍ରମରେ ଏନ୍‌ଏମ୍‌ସିର ପ୍ରତିନିଧି ତଥା ଦିଲ୍ଲୀର ଶିଶୁ ରୋଗ ପ୍ରଫେସର ଆର. ଏନ୍. ମଣ୍ଡଳ ସୋମବାର ଏମ୍‌କେସିଜି ପରିଦର୍ଶନ କରିଥିଲେ। ପ୍ରଫେସର ମଣ୍ଡଳ ଏମ୍‌କେସିଜିରେ ପହଞ୍ଚିବା ପରେ ଅଧକ୍ଷ ତଥା ଡିନ ପ୍ରଫେସର ଅବନୀକାନ୍ତ ମିଶ୍ରଙ୍କ ସହ ସିଟ ବୃଦ୍ଧି ନେଇ ଆଲୋଚନା କରିଥିଲେ। ଏହାପରେ ଶିଶୁ ବିଭାଗ ପ୍ରଫେସର ନରେନ୍ଦ୍ର ବେହେରା ଏବଂ ବିଭାଗର ଅନ୍ୟାନ୍ୟ ଡାକ୍ତରଙ୍କ ସହ ଶିଶୁ ବିଭାଗର ଆଉଟଡୋର, ଇନ୍‌ଡୋର, ଏସ୍‌ଏନ୍‌ସିୟୁ, ନିକୁ, ପିକୁ, କଙ୍ଗାରୁ ମା' କକ୍ଷ, ଜରୁରୀକାଳୀନ ଚିକିତ୍ସା ବିଭାଗ ଇତ୍ୟାଦି ପରିଦର୍ଶନ କରିଥିଲେ। ଆସନ୍ତା ବର୍ଷଠାରୁ ଏମ୍‌କେସିଜିରେ ଶିଶୁ ବିଭାଗର ୧୨ଟି ପିଜି ସିଟରେ ନାମଲେଖା ହେବ ବୋଲି ସୂଚନା ମିଳିଛି।

# ଯୌନକର୍ମୀଙ୍କୁ ଢାଲ କରି କୋଟିଏ ହଡ଼ପ

## ଲକ୍ଷ୍ୟଭେଦୀ ଯୋଜନା ଲକ୍ଷ୍ୟଭ୍ରଷ୍ଟ

ଯାଜପୁର ଅଫିସ,୨୭।୬

ମହିଳା ଯୌନକର୍ମୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ୨୦୦୮ରେ ପ୍ରଣୀତ ଲକ୍ଷ୍ୟଭେଦୀ ଯୋଜନା ଯାଜପୁର ଜିଲାରେ ଲକ୍ଷ୍ୟଭ୍ରଷ୍ଟ ହୋଇଛି। ଏହି ଯୋଜନାରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ଜିଲାରେ ୧୪୭୩ ଜଣ ମହିଳା ଯୌନକର୍ମୀ ଥିବା ଦର୍ଶାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ଏନ୍‌ଜିଓ ସଂସ୍ଥା ମିଳିମିଶି ଏଥିରେ ବ୍ୟାପକ ଅନିୟମିତତା କରିଥିବା ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ସନ୍ଦେହ କରାଯାଉଛି।

ଯାଜପୁର ଜିଲାର ସୁକିନ୍ଦା, ଦାନଗଦି ଓ କୋରେଇ ବ୍ଲକ ସହ ବ୍ୟାସନଗର ପୌରାଞ୍ଚଳରେ ହାତଗଣତି ଯୌନକର୍ମୀ ରହିଥିବା କୁହାଯାଉଛି। କିନ୍ତୁ ଏହି ଅଞ୍ଚଳଗୁଡ଼ିକରେ ୧୪୭୩ ଜଣ ମହିଳା ଏବଂ ୧୨୮ ଜଣ ତୃତୀୟଲିଙ୍ଗୀ ଯୌନକର୍ମୀ ଥିବା ଦର୍ଶାଇ ସେମାନଙ୍କୁ ଲକ୍ଷ୍ୟଭେଦୀ ଯୋଜନାରେ ଏନ୍‌ଜିଓ ମାଧ୍ୟମରେ ସାହାଯ୍ୟ ଯୋଗାଇ ଦିଆଯାଉଛି। ଏନେଇ ଜିଲା ସ୍ୱାସ୍ଥ୍ୟ ବିଭାଗରୁ ମିଳିଥିବା ଆରଟିଆଇ ତଥ୍ୟ ଅନୁଯାୟୀ, ଲକ୍ଷଭେଦୀ ଯୋଜନା ଜିଲାକୁ ୨୦୦୮ ଅକ୍ଟୋବର ୧ ଠାରୁ ୨୦୧୨ ମାର୍ଚ୍ଚ ୩୧ ମଧ୍ୟରେ ୮ଲକ୍ଷ ୬୫ ହଜାର ୪୩୯ ଟଙ୍କା ଯୋଗାଇ ଦିଆଯାଇଥିଲା। ସେହିପରି ୨୭।୪।୨୦୧୨ରେ ୧୦,୩୯,୫୫୯ ଟଙ୍କା, ୧୦।୬।୨୦୧୩ରେ ୧୭,୪୩,୩୦୧ ଟଙ୍କା, ୧୭।୭।୨୦୧୪ରେ ୨୮,୦୧,୨୫୯ ଟଙ୍କା, ୯।୧୦।୨୦୧୫ରେ ୧୭,୫୯,୭୦୦ ଟଙ୍କା, ୨୮।୭।୨୦୧୬ରେ ୧୮,୬୫,୨୦୦ ଟଙ୍କା, ୨୬।୯।୨୦୧୭ରେ ୭,୦୫,୩୫୮ ଟଙ୍କା, ୨୨।୯।୨୦୧୮ରେ ୯,୩୨,୭୨୮ ଟଙ୍କା ଓ ୩।୧୧।୨୦୨୦ରେ ୧୦,୦୦,୮୫୦ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। କିନ୍ତୁ ୨୦୨୧ ଏବଂ ୨୦୨୨ରେ ଏ ବାବଦକୁ କେତେ ଟଙ୍କାର ଅନୁଦାନ ମିଳିଛି ତାହା ସ୍ୱାସ୍ଥ୍ୟ ବିଭାଗ ପାଖରେ ଖବର ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି (ଓଏସ୍‌ଏସିଏସ୍)ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଯାଜପୁର ଜିଲାରେ ୭ ଶହ ମହିଳା ଏବଂ ତୃତୀୟଲିଙ୍ଗୀ ଯୌନକର୍ମୀ ଅଛନ୍ତି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗର ପତ୍ରସଂଖ୍ୟା ୧୬୦୧/୬।୧।୨୦୨୨ ଅନୁଯାୟୀ ଜିଲାରେ ୧୬୦୧ ମହିଳା ଓ ତୃତୀୟଲିଙ୍ଗୀ ଯୌନକର୍ମୀ ଥିବା ଆର୍‌ଟିଆଇ ତଥ୍ୟରେ ଉଲ୍ଲେଖ ଅଛି। କିନ୍ତୁ ଜିଲା ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଏକ ତଥ୍ୟରେ (ପତ୍ରସଂଖ୍ୟା ୧୩୪୩/୨୨।୨।୨୦୨୨) ଜିଲାରେ ଯୌନକର୍ମୀଙ୍କ ସଂଖ୍ୟା ୧୦୭୨ ଜଣ ବୋଲି ଦର୍ଶାଯାଇଛି। ଫଳରେ ସ୍ୱାସ୍ଥ୍ୟ ବିଭାଗ ତଥ୍ୟରେ ତାଳମେଳ ରହୁ ନ ଥିବା ସ୍ପଷ୍ଟ ହେଉଛି।

ଅନ୍ୟପକ୍ଷରେ ଅଧିକାଂଶ ଲୋକ ଏ ସମ୍ପର୍କରେ ଜାଣି ନ ଥିଲେ ମଧ୍ୟ ତାଙ୍କୁ ଯୌନକର୍ମୀ ବୋଲି ସରକାରୀ ନଥିପତ୍ରରେ ଦର୍ଶାଯାଇଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଆଳ ଦେଖାଇ ସେମାନଙ୍କ ତାଲିକା ଦେବାକୁ କୁଣ୍ଠ କୁଣ୍ଠ ହେଉଛି। ସ୍ୱାସ୍ଥ୍ୟବିଭାଗର ତାଲିକା ଅନୁଯାୟୀ ଜିଲାର ୧୧ ଅଞ୍ଚଳରେ ୯୩୨ଜଣ ମହିଳା, ୨ ସ୍ଥାନରେ ୫୯ ଜଣ ପୁରୁଷ ଓ ୮୧ଜଣ ତୃତୀୟଲିଙ୍ଗୀ ଯୌନକର୍ମୀ ଅଛନ୍ତି। ମୁଖ୍ୟତଃ ମାନପୁର, ସୁଆଁଲୋ, ସିଙ୍ଗାଡିଆ, ସୋଲେଇ, ବିନାୟକବିହାର, ଲକ୍ଷ୍ମୀନଗର, ସାପଗଡ଼ିଆ, ହଟିଙ୍ଗ, ସାରଙ୍ଗପୁର, ପାଣିକୋଇଲି, ଷଠିପୁର, ବାବାଜୀ ସାହି, ହାଟପଡ଼ିଆ, ନଡିଆଭଙ୍ଗା, ଚଣ୍ଡିଖୋଲ, ଗହିରାପାଟୁଳି, ଢୁବୁରି, ବାରଗଡ଼ିଆ, ସିଟିକ୍ୟାମ୍ପ, କଲରଙ୍ଗି, କୁସୁମୁଟିଆ, ହନୁମାନ ହଟିଙ୍ଗ, କେପି ନଗର, ରଙ୍ଗମାଟିଆ, ଟିସ୍କୋ କାଳିଆପାଣି, କାଳିଆପାଣି ଟାଉନଶିପ, କୋଲିପୋଷୀ, ପୁରୁଣାପାଣି, ହାତିହୁଡି, କଂସ ଓ ସାରୁଆବିଲ ଅଞ୍ଚଳରେ ଏହି ସମସ୍ତ ଯୌନକର୍ମୀ ଅଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟବିଭାଗ ତାଲିକାରୁ ଜଣାପଡ଼ିଛି। ତେବେ ଜିଲାରେ ଏତେ ପରିମାଣରେ ଯୌନକର୍ମୀ ଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସରକାରୀ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହୋଇଥିବା ଦର୍ଶାଯାଉଥିବା ବେଳେ ଏସମ୍ପର୍କିତ କୌଣସି ଫଟୋ ଚିତ୍ର ଜିଲା ସ୍ୱାସ୍ଥ୍ୟବିଭାଗ ନିକଟରେ ଉପଲବ୍ଧ ନାହିଁ। ଏଦିଗରେ ଯଦି ଉଚ୍ଚସ୍ତରୀୟ ତଦନ୍ତ କରାଯାଏ ଏହି ଯୋଜନା ପାଇଁ ଆସିଥିବା ବିପୁଳ ଟଙ୍କାର ଅନୁଦାନ କିପରି ହରିଲୁଟ୍ କରାଯାଇଛି ତାହା ଲୋକଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଏନଜିଓ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ମତାମତ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିରଞ୍ଚି ନାରାୟଣ ବାରିକଙ୍କୁ ସୋମବାର ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ଜିଲାପାଳଙ୍କ ନାମରେ ପୁଣି ଏକ ଜାଲ୍ ଆକାଉଣ୍ଟ

**କଟକ ଅଫିସ, ୨୭।୬:** କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନାମରେ ପୁଣି ଏକ ଜାଲ୍ ଆକାଉଣ୍ଟ ସାମ୍ନାକୁ ଆସିଛି। ପୂର୍ବରୁ ୭୬୯୬୯୧୮୧୫୧ ନମ୍ବର ଜରିଆରେ ଜାଲ୍ ହ୍ୱାଟ୍ସଆପ ଆକାଉଣ୍ଟ ସୃଷ୍ଟି କରାଯାଇ ଠକେଇ ମାଧ୍ୟମରେ ଅର୍ଥ ଆଦାୟ ପାଇଁ ଉଦ୍ୟମ କରାଯାଇଥିବା ବେଳେ ସୋମବାର ଆଉ ଏକ ଜାଲ ହ୍ୱାଟ୍ସଆପ ଆକାଉଣ୍ଟ ହୋଇ ଠକେଇ ପାଇଁ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି। ୯୫୨୮୫୪୧୮୨୬ ନମ୍ବର ଜରିଆରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଏଭଳି କାର୍ଯ୍ୟ ଜାରି ରଖିଥିବା ପୁନର୍ବାର ଜିଲାପାଳଙ୍କ ଦୃଷ୍ଟିଗୋଚର ହୋଇଛି। ଏଥିନିମନ୍ତେ ଜିଲାପାଳ ଚୟନୀ ସାଇବର ଥାନାରେ ପୁଣିଥରେ ଅଭିଯୋଗ କରିଛନ୍ତି। ଏଥିସହ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ କମିଶନରେଟର ଆୟୁକ୍ତ ଓ ଉପ ଆୟୁକ୍ତଙ୍କୁ ଜଣାଇଛନ୍ତି। ତେବେ ୨ଟି ହ୍ୱାଟ୍ସଆପ ନମ୍ବର ମାଧ୍ୟମରେ ପ୍ରେରଣ କରାଯାଉଥିବା ବାର୍ତ୍ତାକୁ ବିଶ୍ୱାସକୁ ନ ନେଇ ଉପରୋକ୍ତ ନମ୍ବର ଦୁଇଟିକୁ ଅବରୋଧ ବା ବ୍ଲକ କରିବା ପାଇଁ ଜିଲାପାଳ ଚୟନୀ ଅନୁରୋଧ କରିଛନ୍ତି।

# ଦୁବାଇରେ ମୁଖ୍ୟମନ୍ତ୍ରୀ

**୨୯ରେ ଇନ୍‌ଭେଷ୍ଟର୍ସ ମିଟ୍‌ରେ ଯୋଗଦେବେ**




ଆସନ୍ତା ୨୯ରେ ହେବାକୁ ଥିବା ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱାଗତ ଉଦ୍ଦେଶ୍ୟରେ ଦୁବାଇରେ ଲଗାଯାଇଥିବା ହୋର୍ଡିଂ।

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ଏକ ଉଚ୍ଚସ୍ତରୀୟ ଟିମ୍ ଦୁବାଇରେ ପହଞ୍ଚିଛନ୍ତି। ଆସନ୍ତା ୨୯ରେ ସେଠାରେ ଇନ୍‌ଭେଷ୍ଟର୍ସ ମିଟ୍ ଆୟୋଜନ ହେବ। ମୁଖ୍ୟମନ୍ତ୍ରୀ ବିଦେଶୀ ନିବେଶକଙ୍କ ସହ ସେଠାରେ ସିଧାସଳଖ ଆଲୋଚନା କରିବେ। ଖାଦ୍ୟ ପ୍ରକ୍ରିୟାକରଣରୁ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍‌ରେ ବ୍ୟାପକ ପୁଞ୍ଜି ନିବେଶ ପାଇଁ ନିବେଶକଙ୍କୁ ନବୀନ ଆମନ୍ତ୍ରଣ କରିବେ। ସରକାରଙ୍କ ସିଙ୍ଗଲ ୱିଣ୍ଡୋ ଯୋଗୁ ଓଡ଼ିଶା କିପରି ଏବେ ଇନ୍‌ଭେଷ୍ଟମେଣ୍ଟ ହବ୍‌ରେ ପରିଣତ ହୋଇଛି ସେନେଇ ବୁଝାଇବେ। ଇନ୍‌ଭେଷ୍ଟର୍ସ ମିଟ୍ ପରେ ପ୍ରବାସୀ ଓଡ଼ିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପୂର୍ବରୁ ଅଧିକାରୀମାନେ ବିଭିନ୍ନ କର୍ପୋରେଟ୍ କମ୍ପାନୀ ସହ ପୁଞ୍ଜି ନିବେଶର ବାସ୍ତବତା, ସମ୍ଭାବନା ଓ ସୁଯୋଗ ଆଦି ଆଲୋଚନା କରି ଖସଡ଼ା ପ୍ରସ୍ତୁତ କରୁଛନ୍ତି।

ପୁଞ୍ଜି ନିବେଶ କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ଓଡ଼ିଶା ପହଞ୍ଚିଛି। ଗତ ୨୨ ବର୍ଷରେ ଓଡ଼ିଶାର ଦୃଶ୍ୟପଟ୍ଟ ବଦଳିଛି। କେବଳ ଜାତୀୟ ନୁହେଁ, ଅନ୍ତର୍ଜାତୀୟସ୍ତରର ବଡ଼ ବଡ଼ କର୍ପୋରେଟ୍ କମ୍ପାନୀ ଏବେ ଓଡ଼ିଶାମୁହାଁ ହୋଇଛନ୍ତି। ଇନ୍‌ଭେଷ୍ଟର୍ସ ମିଟ୍ ପରେ ୟୁନାଇଟେଡ୍ ଆରବ ଏମିରେଟ୍ସ(ୟୁଏଇ)ର ୭ ଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ରାଜ୍ୟର କଳା, ସଂସ୍କୃତିରେ ଭାବ ବିନିମୟ ନେଇ ଆଲୋଚନା କରିବେ। ୨୯ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ମୁଖ୍ୟମନ୍ତ୍ରୀ ଯୋଗଦେବା ପରେ ୩୦ରେ ଦିଲ୍ଲୀରେ ପହଞ୍ଚିବେ। ସେହିଦିନ ରାତିରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

# ୮ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ, ଦରମା ବନ୍ଦ ନିର୍ଦ୍ଦେଶ

## ରାସ୍ତାରେ ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇଲେ ମନ୍ତ୍ରୀ

ପିପିଲି,୨୭।୬(ଡି.ଏନ୍.ଏ./ସ୍ୱ.ପ୍ର.)

ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗତ କିଛିଦିନ ହେବ ବିଭିନ୍ନ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରି ଶିକ୍ଷକମାନଙ୍କ କାର୍ଯ୍ୟ ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ନେଇ ଯାଞ୍ଚ କରିଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ମନ୍ତ୍ରୀ ଦାଶ ନିମାପଡ଼ା ଅଭିମୁଖେ ଯାଉଥିବା ବେଳେ ପିପିଲି ଟୋଲଗେଟ୍ ନିକଟରେ ବିଳମ୍ବରେ ଯାଉଥିବା ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇ କାରଣ ପଚାରିଥିଲେ। ପରେ ସେମାନଙ୍କ ବିଦ୍ୟାଳୟକୁ ଯାଇ ସ୍କୁଲର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ଥିବା ଜାଣି ୮ଜଣଙ୍କ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦେବା ସହ ସେମାନଙ୍କ ଦରମା ବନ୍ଦ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ମନ୍ତ୍ରୀ ଦାଶ ପୂର୍ବାହ୍ନ ୧୦ଟା ୨୦ରେ ଭୁବନେଶ୍ୱର-ପୁରୀ ୩୧୬ ନଂ.ଜାତୀୟ ରାଜପଥ ଦେଇ ନିମାପଡ଼ା ଯାଉଥିଲେ। ଏହି ସମୟରେ ପିପିଲି ଟୋଲ ଗେଟ୍ ନିକଟରେ ୨ଜଣ ଶିକ୍ଷୟିତ୍ରୀ ସ୍କୁଟିରେ ଯାଉଥିବା ଦେଖି ଗାଡ଼ିକୁ ଅଟକାଇବା ସହ ସ୍କୁଲକୁ ବିଳମ୍ବରେ ଯାଉଥିବାର କାରଣ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଏପରିକି ସେମାନଙ୍କଠାରୁ ସ୍କୁଲ ନାମ ପଚାରି ପିପିଲି ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ସେହି ସମୟରେ ପ୍ରଧାନ ଶିକ୍ଷକ ଗାଡ଼ି ଧରି ବାହାରକୁ ଯିବାକୁ ପ୍ରସ୍ତୁତ ଥିବାବେଳେ ଛାତ୍ରୀଛାତ୍ର ବାହାରେ ବୁଲୁଥିଲେ। ଏଥିସହ ବିଦ୍ୟାଳୟର ଉପସ୍ଥାପନା ଖାତା ଦେଖିବାରୁ କେବଳ ପ୍ରଧାନ ଶିକ୍ଷକଙ୍କ ବ୍ୟତୀତ ଅନ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦସ୍ତଖତ ନ ଥିଲା। ସେହିଭଳି ବିଦ୍ୟାଳୟର ଶିକ୍ଷକମାନେ ଅଫିସରେ ବସି ଗପସପ କରୁଥିବା ମନ୍ତ୍ରୀ ଦେଖିବାକୁ ପାଇଥିଲେ। ବିଦ୍ୟାଳୟର କାଗଜପତ୍ର ଯାଞ୍ଚ କରିବାବେଳେ ଅନିୟମିତତା ହୋଇଥିବା ଜାଣିବା ପରେ ସେଠାରୁ ଘଟଣା ସମ୍ପର୍କରେ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ସହିତ ସେହି ସ୍କୁଲର ୮ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହିତ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଖବରପାଇ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦ ଉକ୍ତ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟରେ ଅନିୟମିତତା ହୋଇଥିବା ଦେଖି ୮ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।



ପିପିଲି ଟୋଲଗେଟ୍ ନିକଟରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ୨ ଶିକ୍ଷୟିତ୍ରୀଙ୍କୁ ଅଟକାଇ ପଚରାଉଚରା କରୁଛନ୍ତି।




# ରାଜ୍ୟରେ ୩୫% କମ୍ ବର୍ଷା

**ଦୁର୍ବଳ ମୌସୁମୀ**
- ୨୮ ଜିଲାରେ ବର୍ଷା ନିଅଣ୍ଟିଆ
- ପୁରୀରେ ୮୫%, କେନ୍ଦ୍ରାପଡ଼ାରେ ୬୮% କମ୍
- ୩ ଦିନ କାଁ ଭାଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଦୁର୍ବଳ ମୌସୁମୀ ପ୍ରଭାବ ଓଡ଼ିଶାରେ ଦେଖିବାକୁ ମିଳିଲାଣି। ରାଜ୍ୟର ଚାଷୀମାନେ ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଆନ୍ତି। ବର୍ଷା ନ ଥିବାରୁ ଚାଷୀ ହାତ ବାନ୍ଧି ବସିଛନ୍ତି। ଚଳିତ ବର୍ଷ ଜୁନ୍ ୧୬ ତାରିଖରେ ରାଜ୍ୟକୁ ମୌସୁମୀ ପ୍ରବେଶ କରିଥିଲେ ମଧ୍ୟ ବର୍ଷାର ନାଁ ଗନ୍ଧ ନାହିଁ। ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ୨୬ ତାରିଖ ମଧ୍ୟରେ ସ୍ୱାଭାବିକଠାରୁ ୩୫% କମ୍ ବର୍ଷା ହୋଇଛି। କେବଳ ନୟାଗଡ଼ ଏବଂ ନୂଆପଡ଼ା ଜିଲାକୁ ବାଦ୍‌ଦେଲେ ରାଜ୍ୟର ୨୮ ଜିଲାରେ ନିଅଣ୍ଟିଆ ପରିସ୍ଥିତି ରହିଛି। ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜୁନ୍ ୧ରୁ ଏ ପର୍ଯ୍ୟନ୍ତ ପୁରୀରେ ସ୍ୱାଭାବିକଠାରୁ ୮୫ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୬୫, ଭଦ୍ରକ ୫୪, କେନ୍ଦ୍ରାପଡ଼ା ୬୮, ନବରଙ୍ଗପୁର ୫୦, କୋରାପୁଟ ୫୨, ବୌଦ୍ଧ ୪୧, ଗଜପତି ୫୦, ଜଗତ୍‌ସିଂହପୁର ୫୨, ଝାରସୁଗୁଡ଼ାରେ ୪୪, ଭଦ୍ରକ ୫୪, ବଲାଙ୍ଗୀର ଜିଲାରେ ୪୭ ପ୍ରତିଶତ କମ୍ ବର୍ଷା ହୋଇଛି।

ଚଳିତ ବର୍ଷ କେରଳକୁ ମେ' ୨୯ରେ ଅର୍ଥାତ୍ ସ୍ୱାଭାବିକର ୩ ଦିନ ପୂର୍ବରୁ ମୌସୁମୀ ପ୍ରବେଶ କରିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଗଲା। ହେଲେ ପାଗ ଅନୁକୂଳ ନ ହେବାରୁ ମଧ୍ୟ ଭାରତ ଓ ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ମୌସୁମୀ ପ୍ରବେଶ ନେଇ ବିଳମ୍ବ ହୋଇଛି। ଯଦିଓ ଓଡ଼ିଶାକୁ ଏହା ପ୍ରବେଶ କରିଛି ତେବେ ଆରବସାଗର କିମ୍ବା ବଙ୍ଗୋପସାଗରରୁ ଜଳୀୟ ବାଷ୍ପ ଆସୁ ନ ଥିବାରୁ ମୌସୁମୀ ବର୍ଷା ହେଉନାହିଁ। ଗତ ସପ୍ତାହେ ହେବ କେଉଁଠି କାଁ ଭାଁ ବର୍ଷା ହେଉଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୯ ରୁ ଜୁଲାଇ ୨ ତାରିଖ ଯାଏ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୯ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୩୦ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ ଓ କନ୍ଧମାଳ ଏବଂ ଜୁଲାଇ ୧ରେ ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।



“ କ୍ରମବିକାଶ ଶେଷ ହୋଇନାହିଁ। ତର୍କବୁଦ୍ଧି ବା ବିଚାର ବୁଦ୍ଧି ମଧ୍ୟ ଶେଷକଥା ନୁହଁ ଏବଂ ଏକ ତର୍କ ବୁଦ୍ଧି ସଂପନ୍ନ ପ୍ରାଣୀ– ମଣିଷ ମଧ୍ୟ ପ୍ରକୃତିମାତାଙ୍କର ଶେଷ ଅବଦାନ ନୁହଁ। ମଣିଷର ଉଦ୍‌ଭବ ଯେପରି ପଶୁ ଭିତରୁ ହେଲା– ସେହିପରି ଏଇ ମଣିଷ ଭିତରୁ ଇ ଅତିମାନବର ଉଦ୍‌ଭବ ହେବ। –ଶ୍ରୀଅରବିନ୍ଦ



# ବିରୋଧ କଲେ ଜେଲ

ଦୀର୍ଘ ୨୦ ବର୍ଷ ପରେ ୨୦୦୨ ଗୁଜରାଟ ଦଙ୍ଗା ସ୍ମୃତି ପୁଣି ଉଜ୍ଜୀବିତ ହୋଇଛି। ସୁପ୍ରିମକୋର୍ଟ ୨୪ ଜୁନ୍ ୨୦୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ମାମଲାରୁ ମୁକ୍ତ କରିଛନ୍ତି। ସେହିଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଥିଲେ, ମୁମ୍ବାଇଭିତ୍ତିକ ସାମାଜିକ କର୍ମୀ ତୀସ୍ତା ସିତଲୱାଡ୍ ଦଙ୍ଗା ପରେ ଭାଜପା ନେତା ଓ କର୍ମୀଙ୍କ ବିରୋଧରେ ଜାଲ୍ କାଗଜପତ୍ର ତିଆରି କରିଥିଲେ। ଶାହାଙ୍କର ଏଭଳି କହିବାର ୨୪ ଘଣ୍ଟା ନପୂରୁଣୁ ତୀସ୍ତାଙ୍କୁ ତାଙ୍କ ମୁମ୍ବାଇସ୍ଥିତ ବାସଭବନକୁ ଆସି ପଡ଼ୋଶୀ ରାଜ୍ୟ ଗୁଜରାଟ ପୋଲିସ ୨୫ ଜୁନ୍‌ରେ ଘୋଷାରି ନେଲା। ଏଥିସହିତ ଗୁଜରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଅଭିଯୋଗ ଆଣିଥିବା ପୂର୍ବତନ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ତଥା ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଆର୍‌.ବି. ଶ୍ରୀକୁମାରଙ୍କୁ ମଧ୍ୟ ଗିରଫ କରାଯାଇଛି। ଏଠାରେ ମନେପଡ଼େ ୨୫ ଜୁନ୍ ୧୯୭୫ ଇନ୍ଦିରା ଗାନ୍ଧୀଙ୍କ ଜରୁରିକାଳୀନ ପରିସ୍ଥିତି କଥା। ସେତେବେଳେ ସରକାର ବା ବ୍ୟବସ୍ଥା ବିରୋଧରେ ଯେଉଁମାନେ ସ୍ୱର ଉତ୍ତୋଳନ କରୁଥିଲେ ସମସ୍ତଙ୍କୁ ଗିରଫ କରାଯାଉଥିଲା। ଏବକାର ଘଟଣାଗୁଡ଼ିକୁ ଦେଖିଲେ ସେହି ଅନ୍ଧକାର ଯୁଗ ମନେ ପଡ଼ିଯାଉଛି। ଏବେ ସରକାର କିମ୍ବା ସରକାରୀ ନିଷ୍ପତ୍ତିକୁ ବିରୋଧ କରୁଥିବା ବ୍ୟକ୍ତିଙ୍କୁ ଖୋଲାଖୋଲି ଦଣ୍ଡିତ କରିବାର ପ୍ରକ୍ରିୟା ଅଧିକ ଜୋର୍ ଧରିଛି। ଗୋଟିଏ ପଟେ ଦରଦାମ୍ ବୃଦ୍ଧିରୁ ଅସହାୟ ହୋଇପଡ଼ିଥିବା ନାଗରିକ ନିଜ ବ୍ୟକ୍ତିଗତ ଅର୍ଥନୀତି ଭୁଶୁଡ଼ି ପଡୁଥିବାର ଦେଖୁଥିବା ବେଳେ ଅନ୍ୟପଟେ ବିଭିନ୍ନ ରାଜନୈତିକ କାହାଣୀ ଶୁଣି ବାଟବଣା ହେଉଛନ୍ତି। ଯେତେବେଳେ ‘ଅଗ୍ନିପଥ’ର ଅଗ୍ନି ଚାରିଆଡ଼େ ବ୍ୟାପିବାକୁ ଲାଗିଗଲା ସେତେବେଳେ ମହାରାଷ୍ଟ୍ରର ଶିବସେନା ବିଧାୟକଙ୍କ ଦଳ ବିରୋଧୀ କାର୍ଯ୍ୟ ଟେଲିଭିଜନ୍‌ର ଅଧିକ ସମୟ ମାଡ଼ିବସିଲା। କେବଳ ଯେଉଁମାନଙ୍କ ସନ୍ତାନ ସେନାରେ ଭର୍ତ୍ତି ହେବା ପାଇଁ ପରୀକ୍ଷା ଦେବାକୁ ଯାଉଥିଲେ ସେହିମାନେ ନିଜର ଦୁଃଖକୁ ମନେପକାଇ ଅଧିକ ଦୁଃଖିତ ହେଉଥିବେ। ଅନ୍ୟସବୁ ଦେଶବାସୀଙ୍କୁ ଭିନ୍ନ ଖାଦ୍ୟ ସ୍ୱାଦକର ମନେହେଲାଣି। ଗୋଟିଏ ବିଷୟରୁ ଅନ୍ୟ ଏକ ବିଷୟକୁ ଡେଇଁବା ହୋଇଗଲାଣି ଆଜିର ଲୋକ ଚରିତ୍ର। କେହି ଜଣେ ଥୟ ହୋଇ ସମସ୍ୟା ସମ୍ପର୍କରେ ଚିନ୍ତା କରିବାକୁ ସମୟ ପାଉ ନାହାନ୍ତି।

**ଆମେରିକାର ଉଦାହରଣ ଦେଖିଲେ, ସରକାରଠାରୁ ନ୍ୟାୟପାଳିକା ଯଦି ଦୂରେଇ ନ ରହନ୍ତି, ତାହା ହେଲେ ସାଧାରଣ ନାଗରିକଙ୍କୁ ନ୍ୟାୟ ମିଳିବା ସମ୍ଭବପର ହେବ ନାହିଁ।**

୨୦୦୨ରେ ତତ୍କାଳୀନ କଂଗ୍ରେସ ଏମ୍‌ପି ଏହସାନ୍ ଜାଫ୍ରିଙ୍କୁ ହତ୍ୟା କରାଯିବା ପରେ ତାଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ଗୁଜରାଟର ସେହି ସମୟର ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନେକ ଭାଜପା ନେତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ମୋଦିଙ୍କୁ କ୍ଲିନ୍‌ଚିଟ୍ ଦେବା ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ଏ. ଏମ୍. ଖାନ୍‌ୱିଲ୍‌କରଙ୍କ ନେତୃତ୍ୱରେ ଜଷ୍ଟିସ୍ ଦିନେଶ ମାହେଶ୍ୱରୀ ଓ ସିଟି ରବିକୁମାରଙ୍କ ଦ୍ୱାରା ଗଠିତ ପୀଠ ତାଙ୍କ ଆବେଦନକୁ ଖାରଜ କରିଦେବା ଓ ମୋଦିଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଘୋଷଣା କରିବା ପରେ ଜାକିଆ ଜାଫ୍ରିଙ୍କୁ ସହଯୋଗ ଯୋଗାଇ ଆସିଥିବା ସାମାଜିକ କର୍ମୀ ତୀସ୍ତାଙ୍କ ଅଡୁଆ ବଢ଼ିଗଲା। ତାଙ୍କ ଏନ୍‌ଜିଓ ‘ସିଟିଜେନ୍ସ ଫର୍ ଜଷ୍ଟିସ୍ ଆଣ୍ଡ୍ ପିସ୍’ (ସିଜେପି) ବିରୋଧରେ ବର୍ତ୍ତମାନ ବିଭିନ୍ନ ପ୍ରକାର ଅଭିଯୋଗ ଅଣାଯାଇ ତାଙ୍କୁ ଗିରଫ କରାଯାଇଛି। ବିଦେଶରୁ ତାଙ୍କ ଏନ୍‌ଜିଓକୁ ଯୋଗାଇ ଦିଆଯାଇଥିବା ପାଣ୍ଠିକୁ ତୀସ୍ତା ହଡ଼ପ କରିବା ସହ ବିଭିନ୍ନ ନ୍ୟାୟିକ କାର୍ଯ୍ୟରେ ମିଥ୍ୟା ପ୍ରମାଣ ଦେଇଥିବାର ବିଷୟ ଏହି ଅଭିଯୋଗରେ ସନ୍ନିବେଶିତ କରାଯାଇଛି। ଜୁନ୍ ୨୬ରେ ତୀସ୍ତାଙ୍କୁ ଜୁଲାଇ ୧ ପର୍ଯ୍ୟନ୍ତ ପୋଲିସ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଜୁଲାଇ ୨ ତାରିଖରେ ତାଙ୍କୁ ଅହମଦାବାଦ କୋର୍ଟରେ ହାଜର କରାଯିବ ବୋଲି କୁହାଯାଉଛି। ଏଥିସହିତ ତତ୍କାଳୀନ ପୋଲିସ ଅଫିସର ଶ୍ରୀକୁମାର ସେତେବେଳର ମୋଦିଙ୍କ ନେତୃତ୍ୱାଧୀନ ଗୁଜରାଟ ସରକାର ଦଙ୍ଗା ରୋକିବା ବାଟରେ ବଧକ ସାଜିଥିଲେ ବୋଲି କହିଥିବାରୁ ଏବେ ତାଙ୍କୁ ଦଣ୍ଡିତ ହେବାକୁ ପଡ଼ିଛି। ହୁଏତ ଆଗକୁ ତୀସ୍ତା ଓ ଶ୍ରୀକୁମାରଙ୍କୁ ଦୀର୍ଘବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିପାରେ।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବାକ୍ ସ୍ୱାଧୀନତା ସହ ଅନ୍ୟାୟକୁ ବିରୋଧ କରିବାର ବ୍ୟବସ୍ଥା ରହିବା କଥା। କିନ୍ତୁ ସରକାର ବିରୋଧୀ ମନ୍ତବ୍ୟ ବା ପଦକ୍ଷେପ ନେଉଥିବା ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ସାମାଜିକ କର୍ମୀ ତୀସ୍ତା ଓ ପୂର୍ବତନ ପୋଲିସ ଅଧିକାରୀ ତଥା ହ୍ୱିସିଲ–ବ୍ଲୋୟର ଆର୍. ବି. ଶ୍ରୀକୁମାର ଯେଉଁ ଅଭିଯୋଗ ଆଣିଥିଲେ ସେଥିପାଇଁ ସେମାନଙ୍କୁ ଜେଲଦଣ୍ଡ ଭୋଗିବାକୁ ପଡ଼ିଛି। ସେଥିରୁ ଏ ଦୁହେଁ ବର୍ତ୍ତିକରି ବାହାରି ପାରିବେ ବୋଲି ବିଶ୍ୱାସ ହେଉନାହିଁ। ସେହିଭଳି ପୂର୍ବରୁ ଗିରଫ ହୋଇଥିବା ପୋଲିସ ଅଧିକାରୀ ସଞ୍ଜୀବ ଭଟ୍ଟ ମଧ୍ୟ ଜେଲଦଣ୍ଡ ଭୋଗୁଛନ୍ତି। ସେ ଗୁଜରାଟ ଦଙ୍ଗାରେ ମୋଦିଙ୍କ ଭୂମିକାକୁ ପ୍ରଶ୍ନ କରିଥିବାରୁ ତାଙ୍କୁ ବିଭିନ୍ନ ମାମଲାରେ ଜଡ଼ିତ କରି ଦଣ୍ଡିତ କରାଯାଇଛି। ଯଦି ବ୍ୟବସ୍ଥା ପ୍ରତିଶୋଧପରାୟଣ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ମନସ୍ଥ କରେ, ତେବେ ତାହାକୁ କିଏବା ରୋକିବ। ଯେଉଁ ବ୍ୟବସ୍ଥାରେ ଇତିହାସକୁ ବଦଳାଇବାରେ କୁଣ୍ଠାବୋଧ ଦେଖାଯାଉ ନାହିଁ, ସେଭଳି ବ୍ୟବସ୍ଥାରେ ଅନେକ ଅମାନୁଷିକ ଅନ୍ୟାୟ ଘଟିବା ସ୍ୱାଭାବିକ। ଏଥିସହିତ ଆମେରିକାର ଉଦାହରଣ ଦେଖିଲେ, ସରକାରଠାରୁ ନ୍ୟାୟପାଳିକା ଯଦି ଦୂରେଇ ନ ରହନ୍ତି, ତାହା ହେଲେ ସାଧାରଣ ନାଗରିକଙ୍କୁ ନ୍ୟାୟ ମିଳିବା ସମ୍ଭବପର ହେବ ନାହିଁ।

# ବେଆଇନ ଆଚରଣ କ’ଣ ପ୍ରିଭିଲେଜ୍



ସହଦେବ ସାହୁ

ଗଣତନ୍ତ୍ରର ମାନେ ହେଲା ଲୋକେ (ଗଣ) ସରକାରକୁ ଚଳାଇବେ। ଜନସଂଖ୍ୟା ଓ ଦେଶ ଏତେ ପ୍ରସାରିତ ଯେ ଏତେ ବଡ଼ ଦେଶର ଏତେ ବେଶି ଲୋକ ଗୋଟିଏ ଜାଗାରେ ଠୁଳହୋଇ ପାରିବେନାହିଁ, ସରକାର ଚଳାଇବାର କୌଣସି ନିଷ୍ପତ୍ତି ନେବା ପାଇଁ ଲୋକେ ସଂଖ୍ୟା ଓ ଅଞ୍ଚଳ ଭିତ୍ତିରେ ପ୍ରତିନିଧି ପଠାଇବେ, ଯେଉଁମାନେ ଆବଶ୍ୟକ ନିଷ୍ପତ୍ତି ନେବେ। ରାଜାରାଜୁଡ଼ାରୁ ଗଣତନ୍ତ୍ରକୁ ଆସିବାର ଏଭଳି ମୂଳଦୁଆ ପଡ଼ିଥିଲା ବିଲାତରେ ୮୦୦ବର୍ଷ ତଳେ, ୧୨୧୫ ଜୁନ୍ ୧୫ ରେ ମାଗ୍ନା କାର୍ଟା (ମହାନ୍ ସନନ୍ଦ) ସ୍ୱାକ୍ଷର ହେବା ବେଳେ, ଇଂଲଣ୍ଡର ରାଜା ଜନ୍ ଓ ବିଦ୍ରୋହୀ ୪୦ଜଣ ବାରନ୍‌ଙ୍କ ଭିତରେ। ସର୍ତ୍ତ ରହିଲା ରାଜା ଯାହା କରିବେ ତାହା ପ୍ରତିନିଧିମାନଙ୍କ ସଭାରେ ଗୃହୀତ ପ୍ରସ୍ତାବ ଅନୁଯାୟୀ ହେବ, ଅର୍ଥାତ୍ ଶାସକ ବି ଆଇନର ଅଧୀନ ରହିବେ। ଆଗରୁ ଲୋକେ ରାଜାଙ୍କ ବିଷୟରେ କିଛି କହିଲେ ଦଣ୍ଡ ପାଉଥିଲେ, ଏବେ ପ୍ରତିନିଧିମାନେ ସଭାଗୃହରେ ରାଜାଙ୍କ ଦୋଷତ୍ରୁଟି ଦର୍ଶାଇଲେ ବି ଅପରାଧ ହେବ ନାହିଁ। ପ୍ରତିନିଧିମାନଙ୍କ ଏ ପ୍ରିଭିଲେଜ୍ (ସ୍ୱାଧିକାର) ଆମ ଏମ୍‌ଏଲ୍‌ଏ ଓ ଏମ୍‌ପିମାନଙ୍କୁ ମିଳିଛି। କିନ୍ତୁ ସେ ଅଧିକାର ସଭାଗୃହ ଭିତରେ ସୀମିତ ବୋଲି ଆମ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ଭୁଲିଯାଉଛନ୍ତି – ବାହାରେ ବି ସରକାରୀ ଅଧିକାରୀମାନଙ୍କ ଉପରେ ମୁହାଁମୁହିଁ ହୋଇଯାଉଛନ୍ତି, ବେଳେ ବେଳେ ଆକ୍ରମଣ ବି କରୁଛନ୍ତି।

ମାଗ୍ନା କାର୍ଟାର ବଡ଼ ସର୍ତ୍ତ ଥିଲା ରାଜା ଆଉ ମନଇଚ୍ଛା କର ବସାଇପାରିବେ ନାହିଁ, ସଭାଗୃହରେ ତାହା ପ୍ରତିନିଧିମାନଙ୍କ ସମ୍ମତିକ୍ରମେ ହେବ। ସେହିପରି ପ୍ରତ୍ୟେକ ପଇସା କିପରି ଖର୍ଚ୍ଚ ହେବ ତାହା ପ୍ରତିନିଧିମାନେ ନିଷ୍ପତ୍ତି ନେବେ, ଏ ପ୍ରକାର ବ୍ୟବସ୍ଥା ହିଁ ବଜେଟ ଅଧିବେଶନରେ ହୁଏ। ଆମ ପ୍ରଦେଶରେ ସେପରି ହେଉଥିବାର ଜଣାଯାଉନାହିଁ, ଆଲୋଚନାର ଅବସର ମିଳୁନାହିଁ। ଡିଜିଟାଲ ମାଧ୍ୟମରେ ମନ୍ତ୍ରିମଣ୍ଡଳ ବସିଲେ ଓ ତାହା ବଜେଟ ପାସ୍ କଲା ଭଳି ବ୍ୟବସ୍ଥା ବୋଲି ଧରିନିଆଯାଉଛି। ଆଜିର ମନ୍ତ୍ରିମଣ୍ଡଳ ସଭାରେ ମନ୍ଦିର–ଶୋଭାବର୍ଦ୍ଧନ ପ୍ରସ୍ତାବ ଓ ସ୍ଥୂଳ ଖର୍ଚ୍ଚ ଅଟକଳ ଗୃହୀତ ହୋଇଗଲା ତ କାଲି କାମ ଆରମ୍ଭ ହୋଇଯାଉଛି! ସତେ ଯେମିତି ଠିକାଦାର ଅପେକ୍ଷା କରି ରହିଛି, ସବୁ ଜିନିଷ ଯେପରି ଆଗରୁ ବରାଦ ହୋଇ ରହିଛି। ଲୋକ ପ୍ରତିନିଧି (ଏବେ ଦଳ ପ୍ରତିନିଧି) ଉଁ ଚୁଁ ହେଉନାହାନ୍ତି – ସେମାନେ ‘ଚାହୁଁଥିବେ ଜଳକା’ ନୁହେଁ, ପ୍ରକଳ୍ପର ପ୍ରଶଂସାରେ ଶତମୁଖ ହେଉଛନ୍ତି। ଦଳର ମୁଖପାତ୍ରମାନେ ମୁଖପତ୍ର ଓ ଓକିଲ ହେଉଛନ୍ତି, ନରହନ୍ତାକୁ ବି ନିର୍ଦ୍ଦୋଷ ବୋଲି ଯୁକ୍ତି ବାଢୁଛନ୍ତି, ଦଳର ଛାଟ (ହ୍ୱିପ୍)କୁ ବଡ଼ ଭୟ।

ବଜେଟ ପ୍ରାବଧାନ ନ ହୋଇଥିଲେ ସରକାରୀ କର୍ମଚାରୀମାନେ ଦରମା ପାଇବେ ନାହିଁ, ପୂର୍ଣ୍ଣ ବଜେଟ ପାରିତ ନ ହୋଇପାରିଲେ ଏକ ତିନି ଚାରି ମାସିଆ କାମଚଳା ବଜେଟ କରିନିଆଯାଏ। କିନ୍ତୁ ଆଜିକାଲି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଖବର ବାହାରିଲା କ୍ଷଣି କାମ ଆରମ୍ଭ। ଯଦି ଆସେମ୍ବ୍ଲି ବସୁଛି ଦଶପନ୍ଦର ଦିନ ଚାଲୁ କରି ବନ୍ଦ କରିଦିଆଯାଉଛି। ଆଲୋଚନା ସମାଲୋଚନା ସମ୍ଭାବନା ବନ୍ଦ। ଯଦି ଆଇନର ଛାଟିଆ ନ ଥାନ୍ତା କେନ୍ଦ୍ରରେ ପାର୍ଲାମେଣ୍ଟ ବା ରାଜ୍ୟରେ ବିଧାନସଭା ନ ଡାକି ଶାସକଦଳ ସରକାରୀ କାମ କରିପକାନ୍ତା। ସଭାଗୃହରେ ପ୍ରବେଶ ନ କରି ରେଜିଷ୍ଟରରେ ଦସ୍ତଖତ ନ କରି, ରାହୁଲଙ୍କ ଭଳି ବିଦେଶରେ ବୁଲାବୁଲି କରି, ସଂସଦରୁ ଦରମା (ପେନ୍‌ସନ) ପାଇହେଉଛି, ଅଡିଟ୍ ବା ଆପି ଶବ୍ଦ ରାଜନୀତି ଶବ୍ଦକୋଷରୁ ଉଠିଗଲାଣି।



ସମାଜକୁ ଶୃଙ୍ଖଳିତ ରଖିବା ଓ ଲୋକଙ୍କ ହିତରେ କାମ କରିବା ଲାଗି ରୀତି ନିୟମ ତିଆରି କରିବେ ବୋଲି ଲୋକେ ପ୍ରତିନିଧି ପଠାନ୍ତି। ପ୍ରତିନିଧିମାନେ ନିଜକୁ ନିଆରା ଭାବିବେ ଓ ନିଜର ସୁବିଧା ଓ ଲାଭ ପାଇଁ ଆଇନ ତିଆରି କରିନେବେ ସେଥିଲାଗି ଭୋଟରମାନେ ପ୍ରତିନିଧି ପଠାନ୍ତି ନାହିଁ। କିନ୍ତୁ ପ୍ରତିନିଧିମାନଙ୍କୁ ନିଜ ଗୋଷ୍ଠୀରେ ରଖିବା ଲାଗି ବିଭିନ୍ନ ସମୟରେ ଶାସକ ଦଳ ସେମାନଙ୍କୁ ବିଶେଷ ଅଧିକାର ଦେଇଛି ଯାହା ସାଧାରଣ ନାଗରିକଙ୍କ କ୍ଷେତ୍ରରେ ବେଆଇନ। ପ୍ରିଭିଲେଜ, ସ୍ୱ–ଅଧିକାର, ବିଶେଷ ଅଧିକାର ସମାଜରେ ଗୋଡ଼ାଣିଆ ସୃଷ୍ଟି କରେ, ତାହା ହିଁ ଆମ ଗଣତନ୍ତ୍ରର କାଳ ହେଉଛି ଆଉ ସମାଜରେ ଅପରାଧ, ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ବଢ଼ାଉଛି। ସ୍ୱାଧିକାର କିପରି ଆଇନର ସାର୍ବଜନୀନତା ଉପରେ କୁଠାରାଘାତ କରୁଛି ଏବଂ ଅସାଧୁ ଲୋକଙ୍କୁ ରାଜନୈତିକ ଦଳରେ ମିଶିବାକୁ ବା ରାଜନୈତିକ ଦଳରେ ଯୋଗଦେଇଥିବା ଭଲ ଲୋକକୁ ଖରାପ ହେବାକୁ ଉତ୍ସାହିତ କରୁଛି ତାହାର କେତୋଟି ଉଦାହରଣ ଦେଖନ୍ତୁ। ଆଇନ ଅଛି ଯେ ଭୋଟ–ଚିହ୍ନଟ–କାଗଜ (ଆଇଡି) ଥିଲେ ବି ଗିରଫ ହୋଇଥିବା ବା ଜେଲ ହେପାଜତରେ ଥିବା ଲୋକ ଭୋଟ ଦେଇପାରିବ ନାହିଁ, କିନ୍ତୁ ଦଳଗୁଡ଼ିକ ନିୟମ କରିନେଇଛନ୍ତି ଯେ ସେ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବ। ଭୋଟରଟିଏ କେବଳ ତା’ ନିର୍ବାଚନମଣ୍ଡଳୀରେ ଭୋଟ ଦେଇପାରିବ, କିନ୍ତୁ ପ୍ରାର୍ଥୀ ହେଲେ ଯେଉଁଠି ଦଳ ପଠାଇବ ସେଠି ଛିଡ଼ା ହୋଇପାରିବ – ବିଧାନସଭା–ପ୍ରାର୍ଥୀ ପାଇଁ ରାଜ୍ୟର ଯେକୌଣସି ନିର୍ବାଚନ ମଣ୍ଡଳୀରେ ଛିଡ଼ା ହୋଇପାରିବ ସେଠି ସେ ଭୋଟର ତାଲିକାରେ ନ ଥିଲେ ବି; ସେହିପରି ଏମ୍‌ପି ପ୍ରାର୍ଥୀ ହେବା ପାଇଁ ସାରା ଦେଶର ଯେ କୌଣସି ସଂସଦୀୟ ନିର୍ବାଚନମଣ୍ଡଳୀରେ ଛିଡ଼ା ହୋଇପାରିବ, ସେଠାକାର ଭୋଟର ହୋଇ ନ ଥିଲେ ବି। ଭୋଟରଙ୍କୁ ଅଜଣା ଲୋକଟିଏ ଭୋଟରମାନଙ୍କ ପ୍ରତିନିଧି କିପରି ହେବ ଭାବନ୍ତୁ ତ! କାମ କରୁନାହିଁ ତ ଦରମା ନାହିଁ କି ମଜୁରି ନାହିଁ, କିନ୍ତୁ ଏମ୍‌ଏଲ୍‌ଏ ବା ଏମ୍‌ପି ହେଲେ କାହାକୁ ନ ଜଣାଇ ବିଦେଶରେ ବୁଲୁଥିଲେ ବି ଦରମା ପାଇବ, ପୁଣି ଅଧିବେଶନ ସମୟରେ ସଭାଗୃହରେ ଉପସ୍ଥିତ ନ ରହିଲେ ବି ଯଦି ଉପସ୍ଥାନ ଖାତାରେ ଦସ୍ତଖତ କରିଛ ଦରମା ସହିତ ଭତ୍ତା ପାଇବ। ଖୋଲାଖୋଲି ବ୍ୟାଗ୍ ବ୍ୟାଗ୍ ଟଙ୍କା ନେଇ ପଇସା ଦେଲାବାଲା ସପକ୍ଷରେ କହିଲ କି ଭୋଟ ଦେଲ ତ ତାହା ସଂସଦୀୟ କାରବାର, ତେଣୁ ଅପରାଧ ନୁହେଁ(ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏମ୍‌ପିମାନେ ପି.ଭି. ନରସିଂହରାଓଙ୍କ ସରକାରକୁ ବଞ୍ଚାଇବା ପାଇଁ ସୁଟ୍‌କେଶ୍ ଭରା ଟଙ୍କା ନେଇଥିବା କ୍ଷେତ୍ରରେ ଏ କଥା କହିଥିଲେ ଉଚ୍ଚତମ ନ୍ୟାୟାଳୟ।) ପବ୍ଲିକ୍ ସର୍ଭାଣ୍ଟମାନେ ନିଜର ଦରମା ବଢ଼ାଇପାରିବେ ନାହିଁ, କିନ୍ତୁ ଏମ୍‌ଏଲ୍‌ଏ ଓ ଏମ୍‌ପିମାନେ ନିଜ ଦରମା ଓ ପେନ୍‌ସନ ବଢ଼ାଇପାରିବେ। ୫ ବର୍ଷରୁ ବେଶି ଜେଲ ଯାଇଥିବା ଲୋକ କୌଣସି ରାଜନୈତିକ ଦଳର ମୁଖ୍ୟ ହୋଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ ବି ସଂସଦରେ ଏଭଳି ଆଇନ ଅଣାଯାଉ ନାହିଁ, ତେଣୁ ଲାଲୁପ୍ରସାଦ ଆର୍‌ଜେଡିର ନେତା ରହିଛନ୍ତି। କୌଣସି ଆଇନ ଭଙ୍ଗରେ ସାଧାରଣ ଲୋକକୁ ପୋଲିସ ଝିଙ୍କିନେବ, କିନ୍ତୁ ଏମ୍‌ପି ଏମ୍‌ଏଲ୍‌ଏଙ୍କୁ ଗିରଫ କରିବାକୁ ହେଲେ ବାଚସ୍ପତିଙ୍କ ଅନୁମତି ଦରକାର। କୌଣସି ପବ୍ଲିକ୍ ସେବାଧିକାରୀ ନିଜର ଲୋକଙ୍କୁ ତାଙ୍କ ଅଧୀନରେ ନିଯୁକ୍ତି ଦେଇପାରିବେ ନାହିଁ, କିନ୍ତୁ ଏମ୍‌ପି ଏମ୍‌ଏଲ୍‌ଏ ମାନେ ନିଜର ନିର୍ବାଚନମଣ୍ଡଳୀର ସେକ୍ରେଟାରିଆଲ୍ କାମ ପାଇଁ ନିଜ ଲୋକଙ୍କୁ ବି ନିଯୁକ୍ତ କରିପାରିବେ। ଅଧିକ ବଖାଣିବା ଦରକାର ନାହିଁ।

sahadevas@yahoo.com

# ବିବାଦୀୟ ମନ୍ତବ୍ୟ



ଗଣେଶ୍ୱର ନାୟକ

ଶସ୍ତା ଭୋଟ ରାଜନୀତିରେ ବିବାଦୀୟ ମନ୍ତବ୍ୟ ଗୋଟିଏ ମୁଖ୍ୟ ଅସ୍ତ୍ର। ଶସ୍ତା ଲୋକପ୍ରିୟତା ଅର୍ଜନ କରିବାକୁ ବିବାଦୀୟ ମନ୍ତବ୍ୟ ଗୋଟିଏ କାରକ। କିନ୍ତୁ ବିବାଦୀୟ ମନ୍ତବ୍ୟ ଅମୃତଭାଣ୍ଡରେ ଯେ ଟୋପାଏ ବିଷ, ଏହାକୁ ଆମେ ଏଡ଼ାଇଯାଉ। କାହାକୁ ଭଲ ବାଟକୁ ଆଣିବାକୁ ହେଲେ, ତାହାର ସକାରାତ୍ମକ ଦିଗର ଉନ୍ମେଷ କରାଯାଏ। ସମାଜର ଉନ୍ନତି କରିବାକୁ ହେଲେ ଆମକୁ ସମାଜର ସକାରାତ୍ମକ ଦିଗକୁ ଆଗକୁ ଆଣିବାକୁ ହେବ। ସମାଜରେ ଉଭୟ ସକାରାତ୍ମକ ଓ ନକାରାତ୍ମକ ବିଚାରର ସମାନ୍ତରାଳରେ ଗତି କରିଥାଏ। ଯେଉଁଟି କୌଣସି କାରଣରୁ ଭାରି ପଡ଼େ ତାହା ସମାଜ ଉପରେ ଗଭୀର ପ୍ରଭାବ ପକାଇଥାଏ। ଆଜକୁ ପଚିଶ ଶହ ବର୍ଷ ତଳେ ମହାପୁରୁଷ ବୁଦ୍ଧଙ୍କର ସେଥିପାଇଁ ସମ୍ଭବତଃ ଆଗମନ ହୋଇଥିଲା ସମାଜରେ। ମାଳିକା ଲେଖିବା ସେଇଥିପାଇଁ ବୋଧେ ଦରକାର ପଡ଼ିଲା। ଟିକେ ଟିକେ ସାମାଜିକ ବିଲକ୍ଷଣ ଦେଖାଗଲେ ଆମେ ମାଳିକାର ଉପମା ଦେଇଥାଉ। ମାଳିକା ଯେତେବେଳେ ଲେଖା ହୋଇ ନ ଥିଲା, ସେତେବେଳେ ମଣିଷ କାହାର ଉପମା ଦେଉଥିଲା ? ସେତେବେଳେ କ’ଣ ସତ୍ୟଯୁଗ ଥିଲା ? ସବୁଗୁଡ଼ିକ ସମାଜରେ ସକାରାତ୍ମକ ଶକ୍ତିର ପ୍ରବାହକୁ ତୀବ୍ର କରିବାକୁ ସୃଷ୍ଟି।

ଯେଉଁ ମନ୍ତବ୍ୟ ସମାଜରେ ଅରାଜକତା ସୃଷ୍ଟି କରେ, ଯେଉଁ ମନ୍ତବ୍ୟ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଆଗକୁ ବଢ଼ାଏ, ପ୍ରକୃତ ସତ୍ୟକୁ ଲୁଚାଏ, ତାହାକୁ ବିବାଦୀୟ ମନ୍ତବ୍ୟ କୁହାଯାଏ। ଖଳ ଲୋକ ଏଭଳି ମନ୍ତବ୍ୟ ନିଜର ଦୋଷ ଦୁର୍ବଳତାକୁ ଢାଙ୍କିବାକୁ ବ୍ୟବହାର କରିଥାନ୍ତି। ଅଯୋଗ୍ୟ ବ୍ୟକ୍ତିଟିଏ ଉଚ୍ଚ ଆସନକୁ ଗଲେ, ଏଭଳି ମନ୍ତବ୍ୟ ଆସିବା ସ୍ୱାଭାବିକ ହୋଇଥାଏ। ଆମେ ଆଗରୁ ଅନେକ ଉଦାହରଣ ପାଇଛେ।

ଭାରତ ଏକ ବିବିଧତାର ଦେଶ। ବିବିଧତା ମଧ୍ୟରେ ଏକତା, ଏହାର ବୈଶିଷ୍ଟ୍ୟ। ଏହି ବିବିଧତାକୁ ନେଇ ଭାରତ ଆଗକୁ ଚାଲିଛି। ଭାରତ ସ୍ୱାଧୀନତା ପାଇଲା ବେଳକୁ ଏହି ବିବିଧତା ମଧ୍ୟରେ ଏକତାକୁ ନେଇ ଗୋଟିଏ ଦେଶ ହୋଇ ଉଭାହେଲା, ନଚେତ ପାଞ୍ଚଶ ଚଉରାଶି ଜନପଦ ରାଜାଙ୍କ ମଧ୍ୟରେ ଭାଗ ହୋଇଥାନ୍ତା। ଆମେ ଜାଣୁ ଗୋଟିଏ ଦେଶର, ଗୋଟିଏ ଜାତୀୟ ଭାଷା ହେବା ଉଚିତ, କିନ୍ତୁ ଜାତୀୟ ଭାଷାକୁ ଗ୍ରହଣ କରିବାରେ ଅନେକ ଦ୍ୱନ୍ଦ୍ୱ ଆମ ମଧ୍ୟରେ। ଭାରତରେ ଖାଦ୍ୟରେ ଭିନ୍ନତା, ଭାଷାରେ ଭିନ୍ନତା, ଉପାସନାରେ ଭିନ୍ନତା, ଚଳଣିରେ ଭିନ୍ନତା, ତାହାରି ମଧ୍ୟରେ ସଭିଙ୍କୁ ନେଇ ଆମ ପୂର୍ବପୁରୁଷ ଦେଶକୁ ଆଗକୁ ନେଇଛନ୍ତି। ଆମେ ନୂଆ ପିଢ଼ିର ନୂଆ ଡାହାଣୀ, ଆମ ଭିତରେ ବିଲକ୍ଷଣ ଦେଖା ଦେବା ସ୍ୱାଭାବିକ।

ଭଗବାନଙ୍କୁ ସୁମରଣା କରିବା ଉଚିତ। ସବୁ କାମଦାମ ଛାଡ଼ି ଦିନରାତି ସୁମରଣା କଲେ, ଆମେ ତାକୁ ପାଗଳର ଆଖ୍ୟା ଦେଇଥାଉ। ଆମେ ଯେକୌଣସି ଧର୍ମର ଭଗବାନଙ୍କୁ ସ୍ମରଣ କରି ନିଆଁରେ ହାତ ପୂରାଇଲେ, ହାତ ପୋଡ଼ିବା ହିଁ ବାସ୍ତବତା। ଭଗବାନଙ୍କୁ ଡାକ ବା ନ ଡାକ, ସବୁ ଭାବନା ମାନସିକ ଶାନ୍ତି ପାଇଁ। ଆମେ କାହାକୁ ନ୍ୟୁନ ଭାବିଲେ, କାହାକୁ ଆକ୍ଷେପ କଲେ, ଆମ ବ୍ୟକ୍ତିତ୍ୱର ବିକାଶ ହେବ ନାହିଁ, ବରଂ ଅଧଃପତନ ହେବ। କେଉଁ ଧର୍ମକୁ , କାହାର ପୋଷାକ,ଭାଷା ଓ ଖାଦ୍ୟକୁ ଆକ୍ଷେପ କରି ବିବାଦୀୟ ମନ୍ତବ୍ୟ ଦେଲେ, ନିଜର କିମ୍ବା ନିଜ ଧର୍ମର ବା ନିଜ ସମ୍ପ୍ରଦାୟର ସମ୍ମାନ ଉଚ୍ଚକୁ ଯିବ ନାହିଁ। ନିଜ ଧର୍ମକୁ ଉଚ୍ଚତର କରିବାକୁ ହେଲେ ଅନ୍ଧବିଶ୍ୱାସ, କୁସଂସ୍କାରକୁ ଦୂରେଇବାକୁ ପଡ଼ିବ।



ସେଦିନ ଫେସ୍‌ବୁକ୍‌ରେ ଜଣେ ଅନ୍ୟ ଧର୍ମର ଭଗବାନଙ୍କ ବିରୋଧରେ ମନ୍ତବ୍ୟ ଦେଲା। ତାହା ସମସ୍ତଙ୍କ ମଧ୍ୟରେ ତୀବ୍ର ଆଘାତ ଦେଲା। କିଏ ଏଭଳି ମନ୍ତବ୍ୟ ଦେଲା ତାହାକୁ କେହି ଖୋଜିଲେନି, କିନ୍ତୁ ବହୁ ଶିକ୍ଷିତ, ପଣ୍ଡିତ ମଧ୍ୟ ପରସ୍ପର ମଧ୍ୟରେ ଲଢ଼େଇରେ ଲାଗିଗଲେ। ସାମ୍ପ୍ରଦାୟିକ ହିଂସା ଦେଖାଦେଲା। ସହରର ବହୁ କ୍ଷତି ଘଟିଲା। ସହର ସାରା କର୍ଫ୍ୟୁ ଜାରି ହେଲା। ଶେଷରେ ଦେଖାଗଲା, ଫେସ୍‌ବୁକ୍‌ରେ ବିବାଦୀୟ ମନ୍ତବ୍ୟ ଦେଇଥିବା ପିଲାଟି ଅଭଦ୍ର, ଲଫଙ୍ଗା, କୌଣସି ଧର୍ମର ଧାର ଧାରେ ନାହିଁ। ଏପରି କି ସାଧାରଣ ଜୀବନରେ ସାହିପଡ଼ିଶା ଲୋକମାନଙ୍କ ମଧ୍ୟରେ ବି ସେ ଗ୍ରହଣୀୟ ନୁହେଁ। ଯାହାକୁ ନେଇ ଏତେବଡ଼ ଘଟଣା ଘଟିଗଲା। ଏଭଳି ଉଦାହରଣ ଆଗରୁ ଆମେ ଅନେକ ପାଇଛେ।

ନିଜର ସବୁ ସ୍ୱାର୍ଥକୁ ପଛରେ ପକାଇ, ସ୍ୱାଧୀନତା ଲଢ଼ିଥିବା ଅଗଣିତ ଜନତା ପ୍ରତି ବିଚାର କ’ଣ ଏଇଆ ? ଗଣତନ୍ତ୍ର ରାଷ୍ଟ୍ରରେ ପ୍ରକୃତ କ୍ଷମତା ଗଣଙ୍କୁ ଦିଆଯାଇଛି ଏକଥା ମନେରଖିବାକୁ ହେବ। କୌଣସି ଏକ ବିଧାନସଭାରେ ଶାସକ ଦଳ ନିଜ ଦୋଷ ଦୁର୍ବଳତା ଲୁଚାଇବାକୁ ଯାଇ ଅଧିବେଶନ ଚାଲିଥିବା ସମୟରେ ବିରୋଧୀ ଦଳର ମହିଳା ସଭ୍ୟଙ୍କୁ ଅଶୋଭନୀୟ ଆକ୍ଷେପ କରି, ପ୍ରକୃତ ଆଲୋଚନାରୁ ନଜର ହଟାଇବା ପାଇଁ ଘୃଣ୍ୟ ଉଦାହରଣ ମଧ୍ୟ ଆମେ ଦେଖିଛେ। ଆଉ ତାହାକୁ ନେଇ ଚାଲିଲା ସବୁ ସଭ୍ୟଙ୍କ ମଧ୍ୟରେ ହୋହଲ୍ଲା। ଏଭଳି ଉଦାହରଣ ଏଠି ଖାଲି ନୁହେଁ, ସାରା ପୃଥିବୀରେ ଏମିତି ଅନେକ ଘଟଣା ଦେଖିବାକୁ ପାଉ। ନିକଟ ଅତୀତରେ ନେପାଳର ପ୍ରଧାନମନ୍ତ୍ରୀ ମନ୍ତବ୍ୟ ଦେଇଥିଲେ, ଭଗବାନ ଶ୍ରୀରାମ ତାଙ୍କ ଜାତିର ଅର୍ଥାତ୍ ପ୍ରଭୁ ଶ୍ରୀରାମ ଜଣେ ନେପାଳୀ, ଯାହାକୁ ନେଇ ଆମ ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

କାହାର ବିବାଦୀୟ ମନ୍ତବ୍ୟରେ ସମାଜର ଅନେକ କ୍ଷତି ହେବା ସହିତ ଦେଶ ମଧ୍ୟ ବେଳେ ବେଳେ ଆନ୍ତର୍ଜାତିକ ସ୍ତରରେ ସମ୍ମାନ ହରାଉଥିବା ଦେଖାଯାଉଛି। ଭୋଟ ରାଜନୀତିରେ ଏହାର ବହୁଳ ବ୍ୟବହାର ମଧ୍ୟ ଦେଖାଯାଉଛି। ସମାଜରେ ବିଭେଦ ସୃଷ୍ଟି କରିବା, ଧର୍ମ ଧର୍ମ ମଧ୍ୟରେ ବିଭେଦ ସୃଷ୍ଟି କରିବା, ବିବାଦୀୟ ମନ୍ତବ୍ୟ ଯୋଗୁ ସମାଜରେ ଅରାଜକତା ଖେଳୁଛି। ସାମାଜିକ ଗଣମାଧ୍ୟମର ଏକ ମୁଖ୍ୟ ଭୂମିକା ରହୁଛି ଏହାକୁ ପ୍ରସାରଣ କରିବାରେ। ସାମାଜିକ ଗଣମାଧ୍ୟମ ପାଇଁ ନିୟମ କଠିନ ହେବା ଆବଶ୍ୟକ। ବିବାଦୀୟ ମନ୍ତବ୍ୟ ଦେଉଥିବା ମଣିଷକୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ହେବା ଉଚିତ।

**ସିଷ୍ଟମ୍ ଆଡ୍‌ମିନ, ଜୀବନ ବୀମା କାର୍ଯ୍ୟାଳୟ**
**ମୋ–୯୭୭୭୭୪୯୭୨୭**

## ଏଇ ଭାରତରେ

ଛାତ ଉପରେ ୭୦ କିସମର ଟମାଟୋ ଫଳିବା ବିଷୟରେ ଜାଣି ଆଶ୍ଚର୍ଯ୍ୟ ହେଉଥିବେ, ହେଲେ ଏହା ସତ। ବେଙ୍ଗାଲୁରୁର ପ୍ରତିମା ଆଡିଗାଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଟମାଟୋ ନୁହେଁ, ସେ ମଧ୍ୟ ଛାତ ଉପରେ ୮ ପ୍ରକାର କନ୍ଦମୂଳ, ୨୯ ପ୍ରକାର ଲାଉ, ୫ପ୍ରକାର ଅଦା ଏବଂ ୮ ପ୍ରକାର ହଳଦୀ ଉତ୍ପାଦନ କରୁଛନ୍ତି। ଏହା ମଧ୍ୟରୁ ଅନେକ କିସମର ମଞ୍ଜି ଦେଶର ବିଭିନ୍ନ ସ୍ଥାନ ଏପରିକି କିଛି ବିହନ ବିଦେଶରୁ ସଂଗ୍ରହ କରିଛନ୍ତି। ପ୍ରତିଦିନ ସେ ବଗିଚାରୁ ୧୪ରୁ ୧୫ ପ୍ରକାର ପରିବା ପାଉଛନ୍ତି ଓ ପରିବାରର ୯୦ ପ୍ରତିଶତ ଆବଶ୍ୟକତା ପୂରଣ ହୋଇପାରୁଛି। କେବଳ ଆଳୁ ଓ ପିଆଜ ବ୍ୟତୀତ ସେ ବଜାରରୁ କିଛି ବି କିଣୁନାହାନ୍ତି। ଏତେ ସବୁ ପରିବା ସେ ମାତ୍ର ୯୦୦ ବର୍ଗଫୁଟ ଜାଗାରେ ହିଁ କରୁଛନ୍ତି। ପ୍ରତିମାଙ୍କ ସ୍ୱାମୀଙ୍କର ହୃଦ୍‌ରୋଗ ଥିବାରୁ ତାଙ୍କ ପାଇଁ ଜୈବିକ ପରିବା ଆବଶ୍ୟକତାକୁ ଲକ୍ଷ୍ୟକରି ସେ ଏହି ଚାଷ ଆରମ୍ଭ କରିଥିଲେ। ଏହି ଚାଷ ଅଦରକାରୀ ପାତ୍ର ଓ ବ୍ୟାଗ୍‌ରେ କରାଯାଉଛି। ୨୦୧୬ରେ ଡା. ହେଗ୍‌ଡେ ଗାର୍ଡେନିଂ ୱାର୍କଶପ୍‌ରେ ଭାଗନେଇ ଏଭଳି ଚାଷ ସମ୍ପର୍କରେ ପ୍ରତିମା ଜ୍ଞାନ ହାସଲ କରିବା ପରେ ଛାତ ଉପରେ ଜୈବିକ କୃଷି ଆରମ୍ଭ କରିଥିଲେ। ଉକ୍ତ ଚାଷରେ ସେ ଜୈବିକ ଖତ ଓ କୀଟନାଶକ ବ୍ୟବହାର କରୁଛନ୍ତି। ଅନ୍ୟମାନଙ୍କୁ କିଚେନ ଗାର୍ଡେନିଂ ସମ୍ପର୍କରେ ପ୍ରଶିକ୍ଷଣ ଦେବା ଲାଗି ୧୭୦ ଜଣଙ୍କୁ ନେଇ ସେ ଏକ ଗ୍ରୁପ୍ ଗଠନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ଜୁନ୍ ୧୯୯୭

- ତାମିଲନାଡୁର ଭାଲ୍ଲାଲାର ଜିଲା ଦକ୍ଷିଣ ଅରକଟ ନେଭେଲିଠାରେ ଆମେରିକୀୟ କମ୍ପାନୀ ୧୦୦୦ କୋଟି ଟଙ୍କା ବ୍ୟୟରେ ତାପଜ ଶକ୍ତି ପ୍ଲାଣ୍ଟ ସ୍ଥାପନ କରିବା ନେଇ କେନ୍ଦ୍ର ସରକାରଙ୍କ ସହ ବୁଝାମଣା ସ୍ୱାକ୍ଷରିତ।
- ବିହାର ଗୋଖାଦ୍ୟ ଦୁର୍ନୀତିରେ ଅଭିଯୁକ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଜଗନ୍ନାଥ ମିଶ୍ରଙ୍କୁ ପାଟନା ହାଇକୋର୍ଟ ଆଗୁଆ ଜାମିନ ମଞ୍ଜୁର କରିଛନ୍ତି।
- ମଣିପୁରର ଚୁରାଚାନ୍ଦପୁର ଥାନା ଅଞ୍ଚଳରେ କୁକି ଓ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ସଂଘର୍ଷ ଘଟି ୨୦ ମୃତ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 2 | | 3 | |
| 5 | | | | 8 | | | | 6 |
| 3 | | | | | | | 2 | 8 |
| | | | | | 5 | | | |
| | | | | 6 | | | 1 | |
| 9 | | | | | 4 | | | 5 |
| | | 6 | | 1 | | 8 | | |
| 8 | | | | 4 | | | 5 | |
| | 9 | | 6 | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 9 | 5 | 6 | 4 | 3 | 2 | 1 |
| 1 | 5 | 6 | 3 | 7 | 2 | 8 | 9 | 4 |
| 2 | 4 | 3 | 1 | 8 | 9 | 6 | 5 | 7 |
| 3 | 2 | 1 | 4 | 9 | 6 | 5 | 7 | 8 |
| 7 | 6 | 5 | 8 | 1 | 3 | 2 | 4 | 9 |
| 9 | 8 | 4 | 7 | 2 | 5 | 1 | 6 | 3 |
| 5 | 1 | 8 | 6 | 4 | 7 | 9 | 3 | 2 |
| 6 | 9 | 7 | 2 | 3 | 8 | 4 | 1 | 5 |
| 4 | 3 | 2 | 9 | 5 | 1 | 7 | 8 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜସ୍ୱ ବିଭାଗ ପ୍ରତିକାର କରୁ

ମହାଶୟ,

ଆମ ରାଜ୍ୟରେ ମେଜର ସେଟେଲ୍‌ମେଣ୍ଟ ପରେ ଚକବନ୍ଦୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। କିନ୍ତୁ ଏହି ବିଭାଗର କର୍ମଚାରୀମାନଙ୍କ ସ୍ୱ ସ୍ୱ କର୍ତ୍ତବ୍ୟ ସମ୍ପାଦନରେ ଅନେକ ତ୍ରୁଟି ଓ ବିଚ୍ୟୁତି ପରିଲକ୍ଷିତ ହେଉଛି। ଏମାନେ ସେଟେଲ୍‌ମେଣ୍ଟ ରେକର୍ଡକୁ ଠିକ୍ ଭାବରେ ଚକ ପଟ୍ଟାରେ ଦର୍ଶାଉନାହାନ୍ତି। ଅନେକ ସେଟେଲ୍‌ମେଣ୍ଟ ପଟ୍ଟା ମଧ୍ୟ ଅଦ୍ୟାବଧି ଚକ ପଟ୍ଟାକୁ ପରିବର୍ତ୍ତିତ ହୋଇନାହିଁ। ୩୦/୪୦ ବର୍ଷ ତଳର କବଲା ସେହିଭଳି ପଡ଼ିରହିଛି। ସବୁଠାରୁ ଅଧିକ ତ୍ରୁଟି ଓ ବିଚ୍ୟୁତି ପରିଲକ୍ଷିତ ହେଉଛି ଏମ୍‌ଏସ୍ ନକ୍ସାରେ। କଟକରେ ଥିବା ଲ୍ୟାଣ୍ଡ ରେକର୍ଡ କମିଶନରଙ୍କ କାର୍ଯ୍ୟାଳୟର ନକ୍ସା ପ୍ରସ୍ତୁତି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କ ଗୁରୁଚାଣ୍ଡାଳ ତ୍ରୁଟି ହେତୁ ଆମ ରାଜ୍ୟର ସମସ୍ତ ସ୍ଥାୟୀ ବାସିନ୍ଦା ପରସ୍ପର ମଧ୍ୟରେ ବାଡ଼ିଆପିଟା ହେଉଛନ୍ତି। କାହାର ଚକପଟ୍ଟାରେ ୧୨ ଡିସିମିଲ ସ୍ୱତ୍ୱ ଥାଇ ନକ୍ସାରେ ୨/୩ ଡିସିମିଲ କମ ରହିଛି ; ଫଳତଃ ଜମିଜମା ମାପବେଳେ ଘୋର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ପରବର୍ତ୍ତୀ ଅବସ୍ଥାରେ ଲୋକେ କୋର୍ଟ କଚେରିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଏହାଦ୍ୱାରା ଜମିର କ୍ରେତା ଓ ବିକ୍ରେତା ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁତରାଂ, ନକ୍ସା ପ୍ରସ୍ତୁତି ଦାୟିତ୍ୱରେ ଥିବା ଅନଭିଜ୍ଞ ତଥା ଅପରିଣାମଦର୍ଶୀ କର୍ମଚାରୀଙ୍କ ସ୍ଥାନରେ ଅଭିଜ୍ଞ ତଥା ଅନୁଭୂତିସମ୍ପନ୍ନ କର୍ମଚାରୀଙ୍କୁ ଅବସ୍ଥାପିତ କରାଯାଉ।

**–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା।
–(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଉତ୍କଳ ମେଲ୍ ପକ୍ଷରୁ ଭୁବନେଶ୍ୱର ଓଡ଼ିଆ ସଂସ୍କରଣର ୩୩ତମ ସ୍ୱନକ୍ଷତ୍ର ଦିବସ ଓ ସାରସ୍ୱତ ସମାବେଶ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ନ ୧୧ଟା।
- ଉତ୍କଳିକା ପକ୍ଷରୁ ଜାତୀୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ, ଏକାମ୍ର ହାଟ, ଅପରାହ୍ନ ୩ଟା।
- ତ୍ରୈମାସିକ ସାହିତ୍ୟ ପତ୍ରିକା 'ଶ୍ୱେତ ସଂକେତ' ରଥସଂଖ୍ୟା ଲୋକାର୍ପଣ ଉତ୍ସବ, ରାଜଧାନୀ କଳାସଂସଦ, ୟୁନିଟ୍-୩, ଅପରାହ୍ନ ୪ଟା।
- ଗାନ୍ଧୀ ଗୌରବ ସମ୍ମାନ ପ୍ରଦାନ ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

**କଣ୍ଟାପଡ଼ା/ବାଲିଅନ୍ତା,୨୭।୬(ଡି.ଏନ୍.ଏ.):** ବରାହୀପୁର ନିକଟ ପ୍ରାଚୀନଦୀ କୂଳସ୍ଥିତ ଏକ ଗଛରୁ ଓଲଟପୁର ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ସୋମବାର ଜବତ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ଜୟଦେବ ପଞ୍ଚାୟତସ୍ଥିତ ଦେଉଳୀ ଉପର ସାହିର ରାଜେଶ ବେହେରା(୨୫)। ପୋଲିସ ମୃତଦେହ ଜବତ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ସାନଭାଇ ଅଜୟଙ୍କ ଅଭିଯୋଗକ୍ରମେ ଓଲଟପୁର ପୋଲିସ ଏକ ହତ୍ୟା ମାମଲା (କେସ୍ ନଂ ୬୩/୨୨) ରୁଜୁ କରିଛି। ରବିବାର ଅପରାହ୍ନ ୧ଟା ୩୦ରେ ରାଜେଶ ଗୋବିନ୍ଦପୁର ଥାନା ଅନ୍ତର୍ଗତ ଡିମିରି ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୯ଟାରେ ରାଜେଶ ମାମୁ ଘରେ ଗଣ୍ଡଗୋଳ କରୁଛି ବୋଲି ମାଇଁ ଅଜୟଙ୍କୁ ଫୋନ ଯୋଗେ ଜଣାଇଥିଲେ। ସୋମବାର ସକାଳେ ରାଜେଶଙ୍କ ମୃତଦେହ ଗଛରେ ଝୁଲୁଥିବା ଖବରପାଇ ପରିବାର ଲୋକ ଘଟଣା ସ୍ଥଳରେ ପହଞ୍ଚିଥିଲେ। କେହି ଦୁର୍ବୃତ୍ତ ରାଜେଶଙ୍କୁ ମାରି ଗଛରେ ଟାଙ୍ଗି ଦେଇଥିବା ଅଜୟ ଅଭିଯୋଗ କରିଛନ୍ତି।

### ଦିବ୍ୟାଙ୍ଗଙ୍କ ପ୍ରତି ଭେଦଭାବ କରିବା ଉଚିତ ନୁହେଁ

**ଭୁବନେଶ୍ୱର,୨୭।୬(ବ୍ୟୁରୋ):** ଶିଶୁ ଓ ମହିଳା ବିକାଶ ସୋସାଇଟିର ଓଡ଼ିଶା ଆସୋସିଏଶନ ଫର୍ ବ୍ଲାଇଣ୍ଡ ଏବଂ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ଦିବ୍ୟାଙ୍ଗଙ୍କ ସାମାଜିକ ଅଧିକାର ଏବଂ ନୈତିକ ଅଧିକାର ଉପରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆସୋସିଏଶନ ଫର୍ ବ୍ଲାଇଣ୍ଡଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ଯୋଗଦେଇ କହିଲେ, ଦିବ୍ୟାଙ୍ଗମାନଙ୍କ ପ୍ରତି ଭେଦଭାବ କରିବା ଉଚିତ ନୁହେଁ। ସେମାନଙ୍କୁ ସାମାଜିକ ଏବଂ ଆଇନଗତ ଅଧିକାର ପ୍ରଦାନ କରାଗଲେ ସେମାନେ ନିଜକୁ ବିକଶିତ କରିପାରିବେ। ଆମେ ପ୍ରତ୍ୟେକଙ୍କୁ ଜଣେ ଜଣେ ହେଲେନ କେଲର୍ ଭାବରେ ସୃଷ୍ଟି କରିପାରିବା ବୋଲି କୁଳପତି ମତ ଦେଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ଉନ୍ନତି ପାଇଁ ସର୍ବଦା ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କର୍ମଶାଳାର ପ୍ରଥମ ଅଧିବେଶନରେ ଦିବ୍ୟାଙ୍ଗଙ୍କ ସାମାଜିକ ଅଧିକାର ଉପରେ ଏବଂ ଦ୍ୱିତୀୟ ଅଧିବେଶନରେ ସେମାନଙ୍କ ଆଇନଗତ ଅଧିକାର ଏବଂ ନ୍ୟାୟ ଉପରେ ଚନ୍ଦନ ମହାନ୍ତି ଆଲୋଚନା କରଥିଲେ। ଓଡ଼ିଶା ହାଇକୋର୍ଟରମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରିଥିଲେ। ଆସୋସିଏଶନ୍ ଫର୍ ବ୍ଲାଇଣ୍ଡର ସଭାପତି ସନ୍ୟାସ ବେହେରା ସ୍ୱାଗତ ଭାଷଣ ଦେଇଥିବାବେଳେ ଶିଶୁ ଓ ମହିଳା ବିକାଶ ସୋସାଇଟିର ଚେୟାରମ୍ୟାନ ମେଜର ଡ. କଳ୍ପନା ଦାସ ସଭାପତିତ୍ୱ କରିଥିଲେ।

# ରାଇମୋହନ ମାନସିକ ଚାପରେ ଥିଲେ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

- ପରିବାର ଲୋକେ ଜଣାଇ ପାରୁ ନ ଥିବା କହିଲେ ଡିସିପି
- କିଛିଦିନ ତଳେ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ
- ଚକ୍ଷୁଦାନ ପାଇଁ ଆଇ ବ୍ୟାଙ୍କ୍ ଟେକ୍ନିସିଆନ୍‌ଙ୍କୁ କହିଥିଲେ



ଓଲିଉଡ୍‌ର ଚର୍ଚ୍ଚିତ ଖଳନାୟକ ତଥା ଲୋକପ୍ରିୟ ଅଭିନେତା ରାଇମୋହନ ପରିଡ଼ାଙ୍କ ଆତ୍ମହତ୍ୟା ଘଟଣାକୁ ୪ଦିନ ବିତିଛି। ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଥିବାବେଳେ କମିଶନରେଟ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଛି। ହେଲେ ମୃତ୍ୟୁ ପଛର ରହସ୍ୟ ଉପରୁ ଏଯାଏ ପରଦା ହଟାଇପାରୁନାହିଁ। କେବଳ ଆତ୍ମହତ୍ୟା କଥା କହୁଥିଲେ ମଧ ଏହା ପଛର କାରଣ ନେଇ କିଛି ବି ସ୍ପଷ୍ଟ କରିପାରୁ ନାହିଁ। ରବିବାର ଜୋନ୍-୫ ଏସିପି ଦାୟିତ୍ୱରେ ଥିବା ହିମାଂଶୁ ଭୂଷଣ ସ୍ୱାଇଁ ଖବରଦାତା ସମ୍ମିଳନୀ କରି କିଛି ନୂଆ ତଥ୍ୟ ମିଳିଥିବା ସୂଚନା ଦେଇଥିଲେ। ସୋମବାର ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ପୁଣି ଖବରଦାତା ସମ୍ମିଳନୀ କରି କହିଛନ୍ତି, ରାଇମୋହନ ମାନସିକ ଚାପରେ ଥିଲେ। ହେଲେ ଏହାର ନିର୍ଦ୍ଦିଷ୍ଟ କାରଣ ନେଇ ପରିବାର ଲୋକ ଜଣାଇ ପାରୁନାହାନ୍ତି। ମୃତ୍ୟୁ ଦିନ ଘଟିଥିବା କୌଣସି ଘଟଣା ଆମ ସାମ୍ନାକୁ ଆସିନାହିଁ। ବ୍ୟକ୍ତିଗତ କାରଣକୁ ନେଇ କିଛିଦିନ ତଳେ ସେ ମଞ୍ଚେଶ୍ୱର ଥାନାକୁ ଯାଇଥିଲେ। କେଉଁ କାରଣ ପାଇଁ ତାହା କହିହେବ ନାହିଁ। ମଞ୍ଚେଶ୍ୱର ଥାନାଧିକାରୀ ଉକ୍ତ ତଦନ୍ତର ତଦାରଖ କରୁଛନ୍ତି। ପରିବାର ଲୋକ, ଡ୍ରାଇଭର ଓ ନିକଟ ସମ୍ପର୍କୀୟଙ୍କୁ ତଦନ୍ତବେଳେ ପଚରାଉଚରା କରାଯାଉଛି। ତାଙ୍କର ଆତ୍ମହତ୍ୟାର କାରଣ କ'ଣ ଥିଲା, ବ୍ୟବହାର କେଉଁ ପ୍ରକାରର ଥିଲା, ବ୍ୟବହାରରେ ସନ୍ଦେହ ହେଉଥିଲା କି, ଏଭଳି ବିଭିନ୍ନ ପ୍ରଶ୍ନ ପଚରାଯାଉଛି। ସାଇଣ୍ଟିଫିକ୍ ତଦନ୍ତ ଚାଲୁ ରହିଛି। କିଛି ପ୍ରମାଣ ମିଳିବା ପାଇଁ ତାଙ୍କ ଫୋନ ମଧ ଜବତ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଆତ୍ମହତ୍ୟାକୁ ନେଇ ଥିବା ସନ୍ଦେହ ଦୂର ହେବ। ଏଥିସହ ଡିଜିଟାଲ ପ୍ରମାଣ ମଧ ସଂଗ୍ରହ କରାଯାଇ ତାହାକୁ ସାଇଣ୍ଟିଫିକ୍ ଲ୍ୟାବକୁ ପଠାଯାଇଛି। ଏହାର ରିପୋର୍ଟ ଆସିବା ପରେ ସେହି ଅନୁସାରେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ରାଇମୋହନ ଯେବେ ଥାନାକୁ ଯାଇଥିଲେ ସେବେ ଏକ ମୁଚାଲିକା ଲେଖିଥିଲେ ବୋଲି ଜଣାପଡ଼ିଛି। ହେଲେ କେଉଁ କାରଣ ପାଇଁ ତାହା ଲେଖାଯାଇଥିଲା ପୋଲିସ ପକ୍ଷରୁ କୁହାଯାଉନାହିଁ। ରାଇମୋହନ ଥାନାକୁ କାହିଁକି ଆସିଥିଲେ, ତାଙ୍କୁ ପୋଲିସ ପକ୍ଷରୁ ଡକାଯାଇଥିଲା କି, କେଉଁ ବିଷୟରେ ମୁଚାଲିକା ଲେଖିଥିଲେ, ପାରିବାରିକ ବିବାଦକୁ ନେଇ ଏହା ଲେଖାଯାଇଥିଲା କି? ସାଧାରଣରେ ଏଭଳି ବିଭିନ୍ନ ପ୍ରଶ୍ନ ଉଠିବାରେ ଲାଗିଛି। ପୋଲିସ ତଦନ୍ତ କରି ପ୍ରକୃତ କାରଣ ବାହାର କରୁ ବୋଲି ଦାବି ଉଠୁଛି। ସେପଟେ ରାଇମୋହନଙ୍କ ଚକ୍ଷୁଦାନକୁ ନେଇ ଏକ ଘଟଣା ନଜରକୁ ଆସିଛି। ମୃତ୍ୟୁ ପରେ ତାଙ୍କର ଚକ୍ଷୁ ନେଇଯିବ ବୋଲି ସେ ଦୃଷ୍ଟିଦାନ ଆଇ ବ୍ୟାଙ୍କରେ ଟେକ୍ନିସିଆନ୍ ସୁମିତ୍ରା ରାଉତଙ୍କୁ ଘଟଣାର ୧୦ରୁ ୧୨ ଦିନ ତଳେ ପ୍ରାତଃ ଭ୍ରମଣବେଳେ କହିଥିଲେ। ଏନେଇ ସୁମିତ୍ରା ଏବେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୋର ମୃତ୍ୟୁ ହେଲା ପରେ ତୁ ମୋର ଆଖି ନେବୁ ବୋଲି ରାଇମୋହନ ତାଙ୍କୁ ହସି ହସି କହିଥିଲେ ବୋଲି ସେ କହିଛନ୍ତି।

# ଶ୍ରେଷ୍ଠ ୨୦ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର, ୨୭।୬(ବ୍ୟୁରୋ)





**ଇଣ୍ଡିଆ ଟୁଡେ ସର୍ଭେ-୨୦୨୨**

- ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ କଲେଜ
- ସର୍ବନିମ୍ନ ଫି'ରେ ଦେଶରେ ଚତୁର୍ଥ

ଦେଶର ୨୦ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱର ସ୍ଥାନ ପାଇଛି। ଇଣ୍ଡିଆ ଟୁଡେ ସର୍ଭେ-୨୦୨୨ ମେଡିକାଲ ବର୍ଗରେ ଏହା ୨୦ତମ ସ୍ଥାନରେ ରହିଛି। ଗତବର୍ଷ ତୁଳନାରେ ଏହା ଏକ ବିରାଟ ଉପଲବ୍ଧି। କାରଣ ଗତବର୍ଷ ଏମ୍ସ ୨୫ତମ ସ୍ଥାନରେ ରହିଥିଲା। ଇନ୍‌ଟେକ୍ କ୍ୱାଲିଟି ଆଣ୍ଡ୍ ଗଭର୍ନାନ୍ସ, ଏକାଡେମିକ ଉତ୍କର୍ଷତା, ଭିତ୍ତିଭୂମି ଏବଂ ଅଭିଜ୍ଞତା, ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ, ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଭଳି ପାଞ୍ଚଟି ମାନଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ଓ ମାର୍କେଟିଂ ଆଣ୍ଡ୍ ଡେଭଲପ୍‌ମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମ୍‌ଡିଆର୍‌ଏ) ମିଳିତ ଭାବେ ଏହି ସର୍ଭେ କରାଯାଇଛି। ରୋଗୀ ସେବା ପ୍ରତି ବିସ୍ତୃତ ଆଭିମୁଖ୍ୟ ତଥା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ଗବେଷଣା ସହ ସାମଗ୍ରିକ ବିକାଶ ପାଇଁ ଚଳିତ ବର୍ଷ ଏମ୍ସ ଭୁବନେଶ୍ୱରଏହି ମାନ୍ୟତାରେ ଉପରକୁ ଉଠିଛି। ତେବେ ଏହି ସର୍ଭେରେ ଏମ୍ସ ନୂଆଦିଲ୍ଲୀ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ୨୦୦୦ ମସିହା କିମ୍ବା ପରେ ସ୍ଥାପିତ ଶ୍ରେଷ୍ଠ ୧୦ ଉଦୀୟମାନ / ସର୍ବାଧିକ ସ୍କୋରିଂ କଲେଜ ମଧ୍ୟରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ଦ୍ୱିତୀୟ ମାନ୍ୟତା ମିଳିଛି। ଏଥିସହ ସର୍ବନିମ୍ନ ଫି' ନେଉଥିବା ସରକାରୀ ମେଡିକାଲ କଲେଜଗୁଡିକ ମଧ୍ୟରେ ଏହା ଚତୁର୍ଥ ସ୍ଥାନ ହାସଲ କରିଛି। ଏଭଳି ସଫଳତାରେ ଏମ୍ସ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡା. ମୁକେଶ ତ୍ରିପାଠୀ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଗବେଷଣା ଏବଂ ଆଧୁନିକ ଅନୁସନ୍ଧାନ ପଦ୍ଧତି ସହିତ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଏମ୍ସ ପ୍ରତିବଦ୍ଧ। ସାମଗ୍ରିକ ବିକାଶ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ବର୍ତ୍ତମାନ ଦେଶରେ ବିଶ୍ୱାସର ପ୍ରତୀକ ପାଲଟିଛି ବୋଲି ଡା. ତ୍ରିପାଠୀ କହିଛନ୍ତି। ସେହିଭଳି ମେଡିକାଲ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, ଡିନ୍ ଡା. ଦେବାଶିଷ ହୋତା, ରେଜିଷ୍ଟ୍ରାର ବି ବି ମିଶ୍ର ପ୍ରମୁଖ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### କୋର୍ଟ ପରିସରରେ କନଷ୍ଟେବଲଙ୍କୁ ଆକ୍ରମଣ ଘଟଣା

## ୨ ଅଭିଯୁକ୍ତ ଓକିଲ ଗିରଫ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ଭୁବନେଶ୍ୱର କୋର୍ଟ ପରିସରରେ ରବିବାର ନୟାପଲ୍ଲୀ ଥାନାର କନଷ୍ଟେବଲ ବିକ୍ରମସେନ ବେହେରାଙ୍କୁ ଆକ୍ରମଣ ଘଟଣାରେ ବଡ଼ଗଡ଼ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାନାରେ ଅଟକ ଥିବା ଦୁଇଜଣ ଓକିଲଙ୍କୁ ରବିବାର ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଞ୍ଚଳର ଅରୁଣ ପଟ୍ଟନାୟକ ଓ ପୁରୀ ଜିଲା ନିମାପଡ଼ା ଥାନା ଅଞ୍ଚଳର ରଶ୍ମୀ ମୁଖୀ। ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ସେମାନଙ୍କୁ ଜାମିନ ମିଳିଥିବା ବଡ଼ଗଡ଼ ଥାନାଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି। ରବିବାର ନୟାପଲ୍ଲୀ ଥାନାର ୫ ଜଣିଆ ଏସ୍କର୍ଟ ଟିମ୍ ୪ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବାକୁ ଆଣିଥିଲେ। ଏହି ସମୟରେ ଓକିଲ ଦ୍ୱୟ କନଷ୍ଟେବଲ ବିକ୍ରମଙ୍କୁ ପଥରରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ପୋଲିସ ମାମଲା (୨୧୯/୨୨) ରୁଜୁ କରି ପଦକ୍ଷେପ ନେଇଥିଲା।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୀରାମ୍ବିକା



@ ଗୋବିନ୍ଦ



@ ଲିଟୁ



@ ମଧୁସୂଦନ



@ ସୁଶାନ୍ତ



@ ଇସାନ୍

# ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା

ଭୁବନେଶ୍ୱର,୨୭।୬(ବ୍ୟୁରୋ)

**ଓଭରବ୍ରିଜ୍‌ରେ ବାଇକ୍ ସହ ଯୁବକ ଜଳିଯିବା ଘଟଣା**

**କାରଣ ଖୋଜୁଛି ପୋଲିସ**





ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ମହାରାଜା ସିନେମା ହଲ୍ ସମ୍ମୁଖ ଆଚାର୍ଯ୍ୟବିହାର ଓଭରବ୍ରିଜ ଉପରେ ରବିବାର ରାତି ପ୍ରାୟ ୧୨ଟା ୩୦ରେ ବାଇକ୍ ସହ ଜଣେ ଯୁବକ ଜୀବନ୍ତ ଜଳିଯାଇଥିଲେ। ସୋମବାର ତାଙ୍କ ପରିଚୟ ମିଳିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ପୁରୋହିତପୁର ଗାଁର ଅମ୍ବିକା ପ୍ରସାଦ ପତି। ସେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ ରହି ମାର୍କେଟିଂ କାମ କରୁଥିଲେ। ଚନ୍ଦ୍ରଶେଖରପୁରରୁ ବାହାଘର ଭୋଜି ଖାଇ କେଶୁରାସ୍ଥିତ ଭଡାଘରକୁ ଫେରୁଥିବାବେଳେ ଏହି ଦୁଃଖଦ ଘଟଣା ଘଟିଛି। ଶହୀଦନଗର ଥାନା ପୋଲିସ କାରଣ ଖୋଜୁଥିବାବେଳେ ସନ୍ଦେହ ଯେତିକି ବଢ଼ୁଛି, ଘଟଣା ସେତିକି ରହସ୍ୟମୟ ହେଉଛି। ଏହା ଦୁର୍ଘଟଣା ନା ଯୋଜନାବଦ୍ଧ ହତ୍ୟା, ତାହାକୁ ନେଇ ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି। ଡିସିପି ପ୍ରତୀକ ସିଂ କହିଛନ୍ତି, ବାଇକ୍‌ରେ ନିଆଁ ଲାଗିଯିବା ପରେ ଯୁବକ ଜଣକ ଏହା ସଂସ୍ପର୍ଶରେ ଆସି ଜଳିଯାଇଥାଇପାରନ୍ତି। କିନ୍ତୁ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ତଦନ୍ତ ପାଇଁ ଏମ୍‌ଭିଆଇଙ୍କୁ ଅବଗତ କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର କାରଣ ଜଣାପଡିବ। କିନ୍ତୁ ଅମ୍ବିକାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ପୁଅ ମୃତ୍ୟୁର ସଠିକ୍ ତଦନ୍ତ କରାଯାଉ ବୋଲି ବାପା ସୁରେନ୍ଦ୍ର ନାଥ ପତି ଦାବି କରିଛନ୍ତି। ଅମ୍ବିକାଙ୍କୁ ଦେଖିବାକୁ କ୍ୟାପିଟାଲ ହସ୍ପିଟାଲ ଆସିଥିବା ସାଙ୍ଗମାନେ କହିଛନ୍ତି, ଯଦି ବାଇକ୍‌ରେ ନିଆଁ ଲାଗିଲା ତା'ହେଲେ ଜଣେ ମଣିଷ ୭୫ ପ୍ରତିଶତରୁ ଅଧିକ ପୋଡିଲେ କେମିତି? ପୁଣି ସେ ଛିଟିକି ପଡ଼ିବା ସହ ପୋଡ଼ିବେ କିପରି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏପଟେ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ପୁଅର ମୃତ୍ୟୁ ଘଟିଛି ବୋଲି ବାପା ସୁରେନ୍ଦ୍ର ଥାନାରେ ଦେଇଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ନଂ.୨୯୧/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏଥିସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଅମ୍ବିକାଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି। ପୋଲିସ ଉକ୍ତ ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବ ଓ ଯାହାଙ୍କ ବାହାଘରକୁ ଯାଇଥିଲେ ତାଙ୍କୁ ପଚରାଉଚରା କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସୂଚନାନୁଯାୟୀ, ଓଭରବ୍ରିଜ ଉପରେ ହୁତୁହୁତୁ ହୋଇ ନିଆଁ ଜଳୁଥିବା ଦେଖି କେତେଜଣ ଲୋକ ସେଠାକୁ ଯାଇ ଜଣେ ଯୁବକ ବାଇକ୍ ସହ ଜଳିଯାଉଥିବା ଜାଣିବାକୁ ପାଇଥିଲେ। ସଙ୍ଗେସଙ୍ଗେ ସେମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ସହ ଥାନାକୁ ଖବର ଦେଇଥିଲେ। ପ୍ରଥମେ ପୋଲିସ ଓ ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହାପରେ ଚିକିତ୍ସା ନିମନ୍ତେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏକମାତ୍ର ପୁଅକୁ ହରାଇ ଏବେ ମା'ବାପା ଭାଙ୍ଗି ପଡିଛନ୍ତି। ମୃତଦେହକୁ ନେବାବେଳେ କ୍ୟାପିଟାଲ ହସ୍ପିଟାଲ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ସେମାନଙ୍କ ଛାତିଫଟା କାନ୍ଦଣା ଅନ୍ୟମାନଙ୍କ ଆଖିରେ ଲୁହ ଭରି ଦେଇଥିଲା।

# ସୁଦର୍ଶନ ସାହୁଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ'

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

ସାଂସ୍କୃତିକ ପ୍ରତିଷ୍ଠାନ ଗାନ୍ଧର୍ବ କଳା ପରିଷଦ ପକ୍ଷରୁ ୪୮ତମ ଗାନ୍ଧର୍ବ କଳା ମହୋତ୍ସବ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠାନର ସଂସ୍ଥାପିକା ବାସନ୍ତୀ ମିଶ୍ରଙ୍କ ପ୍ରୟାସରେ ୨ଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ କବି ରାଜେନ୍ଦ୍ର କିଶୋର ପଣ୍ଡା ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ସିନେ ନିର୍ଦ୍ଦେଶକ ସୁଶାନ୍ତ ମିଶ୍ରଙ୍କୁ 'ଗାନ୍ଧର୍ବ କଳା ସ୍ୱତନ୍ତ୍ର ସମ୍ମାନ', ଲକ୍ଷ୍ମୀକାନ୍ତ ପାଲିତଙ୍କୁ 'ଗାନ୍ଧର୍ବ କଳା ସଙ୍ଗୀତ ସମ୍ମାନ', ଡ. ଜ୍ଞାନେଶ ମିଶ୍ରଙ୍କୁ 'କଳାଦୃଶ୍ୟ କଳା ସମ୍ମାନ' ଓ ସୁଶାନ୍ତ କୁମାର ନାୟକଙ୍କୁ 'ଗାନ୍ଧର୍ବ କଳା ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଆୟୋଜିତ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପ୍ରତିଷ୍ଠାନର ସଚିବ ଗାୟତ୍ରୀ ମିଶ୍ର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ। ତପନ ମିଶ୍ର ଧନ୍ୟବାଦ ଦେଇଥିଲେ।



ଦିବ୍ୟାଙ୍ଗଙ୍କ ସାମାଜିକ ଓ ନୈତିକ ଅଧିକାରକୁ ନେଇ ସୋମବାର ଶିଶୁ ଓ ମହିଳା ବିକାଶ ସୋସାଇଟି ପକ୍ଷରୁ ଭୁବନେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କର୍ମଶାଳାରେ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।





ଅବସରକାଳୀନ ପ୍ରାପ୍ୟ ପାଇ ନ ଥିବା ଓଡ଼ିଶା କୃଷି ଶିଳ୍ପ ନିଗମର ଅବସରପ୍ରାପ୍ତ କର୍ମଚାରୀମାନେ ସୋମବାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।





ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ ଗାନ୍ଧର୍ବ କଳା ମହୋତ୍ସବରେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁଙ୍କୁ 'ଡ. ଦିବାକର ମିଶ୍ର ଗାନ୍ଧର୍ବ କଳା ଆଜୀବନ ସାଧନା ସମ୍ମାନ' ପ୍ରଦାନ କରାଯାଉଛି।

**ଦକ୍ଷତା ବିକାଶ ପ୍ରଶିକ୍ଷଣ ଉଦ୍‌ଯାପିତ**

**କଟକ ଅଫିସ:** ଖାନନଗର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କଟକ ସଦର ବ୍ଲକ ଅନ୍ତର୍ଗତ ସମସ୍ତ ୫-ଟି ରୂପାନ୍ତରିତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ବିଜ୍ଞାନ ଓ କଳା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ପାଇଁ ଚାଲିଥିବା ପଞ୍ଚଦିବସୀୟ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ, ମନୋରଞ୍ଜନ ବାରିକ, ଏମ ଆଇ ଏସ ସୁମନା ଶତପଥୀ, ଅଶୋକ ସେଠି ପ୍ରମୁଖ ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ। ଶିବିରରେ କଟକ ସଦର ଓ ସିଏମ୍‌ସି ର ବିଭିନ୍ନ ୫ -ଟି ରୂପାନ୍ତରିତ ବିଦ୍ୟାଳୟର ୪୮ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମଣ୍ଡଳ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନଗୋ, ପ୍ରଧାନଶିକ୍ଷକ ଅକ୍ଷୟ ଷଡ଼ଙ୍ଗୀ, ପ୍ରଶିକ୍ଷକ ଅଶୋକ ସେଠି ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ଦେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ

**ସାଲେପୁର,୨୭।୬(ଡି.ଏନ୍.ଏ.):** ଜମିଜମା ବିବାଦକୁ କେନ୍ଦ୍ର କରି ସାଲେପୁର ଥାନା ଅନ୍ତର୍ଗତ ରାଇସୁଙ୍ଗୁଡ଼ା ଗ୍ରାମରେ ଜଣେ ମହିଳାଙ୍କ ଘରେ ପଶି ମାରଣାସ୍ତ୍ର ଦେଖାଇ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ମହିଳା ସଂଯୁକ୍ତା ବେହେରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୨୪ ଜୁନ୍‌ରେ ସେ ଘରେ ଏକୁଟିଆ ଥିବା ବେଳେ ରାତି ପ୍ରାୟ ୧୨ଟା ବେଳେ ଉକ୍ତ ଗ୍ରାମର କିଛି ବ୍ୟକ୍ତି ତାଙ୍କ ଘର କବାଟ ବାଡେଇଥିଲେ। ସେ କବାଟ ଖୋଲିବାରୁ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ତୁରନ୍ତ ସ୍ୱାମୀ ଓ ପୁଅକୁ ଧରି ଗାଁ ଛାଡ଼ି ଚାଲିଯିବାକୁ କହିଥିଲେ। ନ ହେଲେ ପୁଅ ଓ ସ୍ୱାମୀକୁ ହତ୍ୟାକରି ଗୋବରୀ ନଦୀରେ ଭସାଇ ଦିଆଯିବ ବୋଲି ଧମକ ଦେଇଥିଲେ। ସାଲେପୁର ପୋଲିସ ଅଭିଯୋଗକୁ ଗ୍ରହଣ କରି ତଦନ୍ତ ଜାରି ରଖିଛି।

### ଫାଙ୍କା ଗୁଳିଚାଳନା ଘଟଣା: ଜଣେ ଗିରଫ

**ଆଠଗଡ଼,୨୭।୬(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମରେ କିଛି ଦିନ ତଳେ ଫାଙ୍କା ଗୁଳିଚାଳନା ହୋଇଥିଲା। ଏହି ଘଟଣାରେ ଆଠଗଡ଼ ପୋଲିସ ମାମଲା (ନଂ.୧୩୬/୨୨) ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିଷ୍ଣୁ ପ୍ରସାଦ ନାୟକ ଓରଫ ଜଗା। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ, ଅଫୁଟା ଗୁଳି, ବ୍ୟବହୃତ ଖୋକା, ଏକ ଛୁରି ସହ ଘଟଣାରେ ବ୍ୟବହୃତ ୨ଟି ମୋଟର ସାଇକେଲ ଜବତ କରାଯାଇଛି। ଏନେଇ ଆଠଗଡ ଆରକ୍ଷୀ ଉପାଧକ୍ଷ ବିଜୟ ବିଶି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ସୁରେଶ କୁମାର ରାଉତ ଓରଫ ପୁଚୁକି ଫେରାର ହୋଇଯାଇଛନ୍ତି। ୨୪ ଜୁନ୍ ଅପରାହ୍ନ ୪ଟା ସମୟରେ ଖୁଣ୍ଟକଟା ଗ୍ରାମର ବଜାରରେ ଆଲୋକ କୁମାର ସ୍ୱାଇଁ, ବିଷ୍ଣୁ ଓ ସୁରେଶଙ୍କ ମଧରେ ବଚସା ହୋଇଥିଲା। ଏହା ପରେ ସନ୍ଧ୍ୟା ପ୍ରାୟ ୮ଟା ସମୟରେ ୨ ଅଭିଯୁକ୍ତ ଆଲୋକଙ୍କ ଘରକୁ ଯାଇ ଗାଳିଗୁଲଜ କରିବା ସହ ତାଙ୍କ ଘର ଭିତରକୁ ପଶି ଫାଙ୍କା ଗୁଳିଚାଳନା କରି ହତ୍ୟା ଧମକ ଦେଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ଗ୍ରାମବାସୀ ରୁଣ୍ଡ ହୋଇଯିବା ଫଳରେ ଅଭିଯୁକ୍ତ ଦ୍ୱୟ ମୋଟର ସାଇକେଲ ଛାଡି ପଳାଇଯାଇଥିଲେ। ଏହି ଘଟଣାରେ ଆଲୋକର ମା' ରମ୍ଭା ସ୍ୱାଇଁ ଥାନାରେ ଏତଲା ଦେଇଥିଲେ।

### ବଳାତ୍କାର ଅଭିଯୋଗ, ଜଣେ ଗିରଫ

**କଟକ ସଦର,୨୭।୬(ଡି.ଏନ୍.ଏ.):** ଜଣେ ତଫସିଲଭୁକ୍ତ ଜାତିର ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ମତ୍ତଗଜପୁର ପ୍ରସନ୍ନ ସାହୁ(୩୪)। ଏ ନେଇ ଥାନାରେ ନଂ.୧୦୮/୨୨ ରେ ମାମଲା ରୁଜୁ ହୋଇଥିଲା। ପ୍ରସନ୍ନ ବିବାହର ପ୍ରତିଶ୍ରୁତି ଦେଇ ଆଜକୁ ୧୦ବର୍ଷ ହେବ ସମ୍ପୃକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶେଷରେ ଅନ୍ୟତ୍ର ବିବାହ ପାଇଁ ଅଭିଯୁକ୍ତ ପ୍ରସ୍ତୁତ ହେଉଥିବା ଖବର ଯୁବତୀଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ଏ କଥା ଗ୍ରାମର ମୁରବିମାନେ ଜାଣିବା ପରେ ଆପୋସ ସମାଧାନ ପାଇଁ ଉଦ୍ୟମ କରି ବ୍ୟର୍ଥ ହୋଇଥିଲେ। ଶେଷରେ ଗତ ୨୧ ତାରିଖରେ ଯୁବତୀ ଥାନାରେ ଯୁବକଙ୍କ ବିରୋଧରେ ବଳାତ୍କାର କରିଥିବା ନେଇ ଅଭିଯୋଗ କରିଥିଲେ।

# ସହରକୁ ସର୍ବୋତ୍ତମ ମହାନଗର କରିବି

*କଟକ ଅଫିସ,୨୭।୬– କଟକ ମ୍ୟୁନିସିପାଲ୍ କର୍ପୋରେଶନ (ସିଏମ୍‌ସି)ର କମିଶନର ଭାବେ ନିଖିଳ ପଵନ କଲ୍ୟାଣ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଯୁଗ୍ମ କମିଶନର ସୁମିତା ସରକାର ତାଙ୍କୁ ଦାୟିତ୍ୱ ଭାର ହସ୍ତାନ୍ତର କରିଥିଲେ। ପଵନ କଲ୍ୟାଣ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ପ୍ରଥମେ କଟକର ଆରାଧ୍ୟା ଠାକୁରାଣୀ ମା' କଟକ ଚଣ୍ଡୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ଏହାପରେ ବିଜୁଭବନସ୍ଥିତ ତାଙ୍କ କାର୍ଯ୍ୟାଳୟକୁ ଯାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସୁନ୍ଦରଗଡ଼ ଜିଲାପାଳ ଥିଲେ। ସମସ୍ତଙ୍କ ସହଯୋଗ ଓ ବିଶ୍ୱାସ ସହରର ସାମଗ୍ରିକ ବିକାଶ ଦିଗରେ ସହାୟକ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।*

**ସିଏମ୍‌ସି କମିଶନର ଭାବେ ଦାୟିତ୍ୱ ନେଲେ ନିଖିଳ ପଵନ କଲ୍ୟାଣ**



**●କଟକ ଭଳି ପୁରାତନ ସହରରେ କ'ଣ ଆହ୍ୱାନ ରହିବ?**
ଏହି ପୁରୁଣା ସହରରେ ପରମ୍ପରା, ଐତିହ୍ୟ ଏବଂ ସମସ୍ୟା ମୁଖ୍ୟ ବିଷୟ। ଏଥିପ୍ରତି ଗୁରୁତ୍ୱ ଦେଇ ସହରକୁ ବୁଝିବାର ଅଛି। ଜଳବନ୍ଦୀ, ଜାଇକା, ମଶା ଆଦି ଅନେକ ଜଟିଳ ସମସ୍ୟା ରହିଛି। ହେଲେ ସମସ୍ତଙ୍କ ସହଯୋଗରେ ସକାରାତ୍ମକ ମନୋଭାବ ରଖି ଆହ୍ୱାନକୁ ସମ୍ମୁଖୀନ କରିବି।

**●ସହରରେ ଥିବା ସମସ୍ୟାଗୁଡ଼ିକୁ କିପରି ସମାଧାନ କରିବେ?**
ବର୍ଷା ଋତୁରେ ହିଁ କାର୍ଯ୍ୟଭାର ମୁଁ ଗ୍ରହଣ କରିଛି। ତେବେ ପ୍ରଥମଦିନରେ ସବୁ ସମସ୍ୟାର ଆଶ୍ଚର୍ଯ୍ୟଜନକ ଭାବେ ସମାଧନ କରିହେବ ନାହିଁ। ପ୍ରଥମତଃ ଜଳବନ୍ଦୀ ସମସ୍ୟା ମୁଖ୍ୟ। ଏଥିପାଇଁ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବି। ଏହାପରେ ଜାଇକା କିମ୍ବା ଅନ୍ୟ ପ୍ରକଳ୍ପ ନେଇଥିବା ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ପାଇଁ ଯୋଜନା କରାଯିବ।

**●କଟକର ବିକାଶ ପାଇଁ କ'ଣ ଭାବିଛନ୍ତି ?**
କଟକକୁ ସିଲ୍‌ଭର ସିଟି କୁହାଯାଏ। ତାରକସିଠାରୁ ପାରମ୍ପରିକ କାର୍ଯ୍ୟ ପର୍ଯ୍ୟନ୍ତ ରାଜ୍ୟରେ ପ୍ରସିଦ୍ଧି ରହିଆସିଛି। ତେଣୁ ସହରର ଏହି ଚମକକୁ ଆଗକୁ ଆହୁରି ବୃଦ୍ଧି କରିବି ସେଥିପ୍ରତି ଧ୍ୟାନ ଦେବି। ଏଥିସହ ଓଡ଼ିଶାରେ ଥିବା ୫ଟି ମହାନଗର ନିଗମ ମଧ୍ୟରୁ ଏହା ଯେପରି ସର୍ବୋତ୍ତମ କରିବାକୁ ଚେଷ୍ଟା କରିବି। ଦେଶର ଥିବା ବିଭିନ୍ନ କର୍ପୋରେଶନ ପରି ଏକ ଉତ୍ତମ ମାଧ୍ୟମରେ ଲୋକଙ୍କୁ କିପରି ମୌଳିକ ସୁବିଧା ଯୋଗାଇ ଦିଆଯିବ ତାହାକୁ ଗୁରୁତ୍ୱ ଦିଆଯିବ। କୌଣସି କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ବାରମ୍ବାର ଦୌଡିବାକୁ ନ ପଡୁ। ତେଣୁ କଟକରେ ସହଜ ସରଳ ଇକୋସିଷ୍ଟମ ପ୍ରସ୍ତୁତ କରିବାର ଅଛି।

**●କାର୍ଯ୍ୟରେ ଯୋଗଦେବା ପରେ କାହାକୁ ପ୍ରଥମେ ପ୍ରାଥମିକତା ଦେବେ?**
କଟକ ହେଉଛି ଆମର ପ୍ରାଥମିକତା। କଟକବାସୀଙ୍କୁ ପ୍ରଥମ ପ୍ରାଥମିକତା ରହିବ। ଲୋକଙ୍କ କ'ଣ ଆବଶ୍ୟକତା ରହିଛି, ସରକାରଙ୍କ କ'ଣ ଆଭିମୁଖ୍ୟ ରହିଛି, କର୍ପୋରେଶନର କ'ଣ ଷ୍ଟ୍ରେଙ୍ଥ ରହିଛି ସେସବୁକୁ ଦେଖି କାର୍ଯ୍ୟ କରିବା ଆରମ୍ଭ କରିବି।

**●ଦୁର୍ନୀତିରେ ବୁଡ଼ିରହିଛି ସହର, ଏହା ଉପରେ କ'ଣ ପଦକ୍ଷେପ ନେବେ?**
ପ୍ରଥମ ଦିନରୁ ହିଁ ଦର୍ନୀତି ଜିରୋ ଟଲରାନ୍ସ କରିବି। ମୁଁ କୌଣସି ଦୁର୍ନୀତିକୁ ଗ୍ରହଣ କରି ନାହିଁ କି କରିବି ନାହିଁ। ସବୁ ମ୍ୟୁନିସିପାଲ କଣ୍ଟ୍ରାକ୍ଟରଙ୍କୁ ନେଇ ବୈଠକ କରିବି। ତେବେ କେହି ଲାଞ୍ଚ ମାଗୁଥିବା ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟନୁଷ୍ଠାନ ନିଆଯିବ। ଅନ୍ୟପକ୍ଷେ ପେମେଣ୍ଟ ବିଳମ୍ବ କିମ୍ବା ଏହାର ଅନ୍ୟାନ୍ୟ କାରଣ ରହିଛି। ଯଦି କିଏ ଠିକ୍ କାମ କରିଛି, ତା'ହେଲେ ତୁରନ୍ତ ବିଲ୍ ପାସ୍ କରାଯିବ। ମୋତେ ଏକ ସ୍ୱଚ୍ଛ କାର୍ଯ୍ୟାଳୟ ଦରକାର। କାରଣ ଲୋକଙ୍କୁ ସୁବିଧା ଯୋଗାଇବା ପାଇଁ ଏହି କାର୍ଯ୍ୟାଳୟ ହୋଇଛି।

**●୨ ବର୍ଷ ପରେ ଦଶହରା, ବାଲିଯାତ୍ରା ହେବ, ସେନେଇ କ'ଣ କହିବେ?**
ମୁଁ କେବେ ବି ବାଲିଯାତ୍ରା ଦେଖିନି। ଏସବୁକୁ ପ୍ରଥମଥର ସମ୍ମୁଖୀନ କରିବି, ତେଣୁ ବହୁତ ଚ୍ୟାଲେଞ୍ଜିଂ ରହିବ। ସମସ୍ତଙ୍କ ସହଯୋଗରେ ଏହା ସମ୍ଭବ ହେବ। ଶାନ୍ତିଶୃଙ୍ଖଳାରେ ଦଶହରା, ବାଲି ଯାତ୍ରା କିପରି କରାଯିବ ସେନେଇ କାର୍ଯ୍ୟ କରିବି।

**●କଟକ ବାସୀଙ୍କ ପାଇଁ କ'ଣ ବାର୍ତ୍ତା ଦେବେ ?**
ସମସ୍ତେ ସହଯୋଗ କରନ୍ତୁ । ଭରସା ବିଶ୍ୱାସ ରଖନ୍ତୁ । ସମସ୍ତେ ମିଶି କାର୍ଯ୍ୟ କରିବା। କଟକ ଆଜି ଯେଉଁ ସ୍ଥାନରେ ଅଛି ତା'ଠାରୁ ୫ଗୁଣ ଭଲ କରିବାକୁ ସହଯୋଗ କରନ୍ତୁ।

### ଲକ୍ଷାଧିକ ଟଙ୍କାର ୪ ବ୍ୟାଟେରି ଜବତ, ୨ ଗିରଫ

**ମଙ୍ଗୁଳି,୨୭।୬(ଡି.ଏନ୍.ଏ.)**

ଜଗତପୁର ଥାନା ଅନ୍ତର୍ଗତ ପଦ୍ମପୁରଠାରେ ଏକ ଜିଓ ଟେଲିକମ ଟାୱାର ପାଇଁ ପରିଚାଳିତ ହେଉଥିବା ବ୍ୟାଟେରିକୁ ଚୋରି କରିବା ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ପଦ୍ମପୁର ଅଞ୍ଚଳର ଅଖ୍‌ତାର ଖାନ) ଓ ଶେଖ ମୁସ୍ତାକ। ଏମାନଙ୍କ ନିକଟରୁ ୪ଟି ଚୋରି ବ୍ୟାଟେରିକୁ ପୋଲିସ ଜବତ କରିଛି। ପଦ୍ମପୁର ଅଞ୍ଚଳରେ ଗତ ୨୫ ତାରିଖରୁ ଜିଓ ଉପଭୋକ୍ତାଙ୍କ ସର୍ଭର ଡାଉନ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଥିଲା। ଟାୱାର ଦାୟିତ୍ୱରେ ଥିବା ସେହି ଅଞ୍ଚଳର ଟେକ୍ନିସିଆନ ଗୌତମ ଚରଣ ସ୍ୱାଇଁଙ୍କୁ ଏହାର ସମାଧାନ ନିମନ୍ତେ କୁହାଯାଇଥିଲା। ପରଦିନ ସକାଳେ ମନୋଜ ଟାୱାର ନିକଟରେ ପହଞ୍ଚି ଦେଖିବା ବେଳକୁ ଯନ୍ତ୍ରାଂଶ ପରିଚାଳିତ ଗୃହରୁ ତାଲା ଭଙ୍ଗାଯାଇ ୪ଟି ଦାମୀ ବ୍ୟାଟେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ। ଏ ନେଇ ସେ ଜଗତପୁର ଥାନାରେ ସେହିଦିନ ଅଭିଯୋଗ କରିବାରୁ ପୋଲିସ ମାମଲା ନଂ ୨୬୦/୨୨ରୁଜୁ କରି ତଦନ୍ତ କରିଥିଲା। ଅଖ୍‌ତାର ଓ ମୁସ୍ତାକ ବ୍ୟାଟେରି ଚୋରି କରିଥିବା ପୋ ଗିରଫ କରିବା ସହ ୪ଟି ଚୋରି କରିଥିବା ବ୍ୟାଟେରିକୁ ଜବତ କରିଥିଲା।



କଟକ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧି ପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ଦାବିରେ ମେୟରଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ସ୍ମୃତି ସୁରକ୍ଷା ମଞ୍ଚ ସଦସ୍ୟ।

# ମଧୁବାବୁଙ୍କ ସମାଧିପୀଠକୁ ଜାତୀୟ ସ୍ମାରକୀ ମାନ୍ୟତା ମିଳୁ

**ମେୟରଙ୍କୁ ସ୍ମାରକପତ୍ର**

**କଟକ ଅଫିସ,୨୭।୬**

କଟକ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧି ପୀଠକୁ ସୌନ୍ଦର୍ଯ୍ୟକରଣ ସହ ଜାତୀୟ ସ୍ମାରକୀ ମାନ୍ୟତା ପ୍ରଦାନ କରିବାକୁ ମଧୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ନେଇ ସିଏମ୍‌ସି ମେୟର ସୁବାସ ସିଂଙ୍କୁ ମଞ୍ଚ ପକ୍ଷରୁ ସୋମବାର ଏକ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ଗୋରାକବରସ୍ଥିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସମାଧିପୀଠ ଅତ୍ୟନ୍ତ ଅବହେଳିତ ଅବସ୍ଥାରେ ରହିଛି। ଏହି ସମାଧିପୀଠ ସାଧାରଣ ମଶାଣି ସହ ଲାଗିରହିଥିବାରୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କରାଯାଉ ନାହିଁ। ଏପରିକି ପ୍ରତିଦିନ ଗାଈ, କୁକୁର ବୁଲୁଥିବାବେଳେ ସମାଧିପୀଠ ମଧ ଭାଙ୍ଗିରୁଜି ଗଲାଣି। ଏଣୁ ସମାଧିପୀଠକୁ ସାଧାରଣ ମଶାଣିରୁ ପୃଥକ କରି ଦର୍ଶନୀୟ ସ୍ଥାନ ରୂପେ ନିର୍ମାଣ କରାଯାଉ। ଏଥିସହ ସମାଧିପୀଠର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ କରିବା, ନାମଫଳକ ସ୍ଥାପନ ସହ ପୀଠକୁ ଏକ ଉଦ୍ୟାନ କରିବାକୁ ଦାବି କରାଯାଇଛି। ମଞ୍ଚ ପକ୍ଷରୁ ଜଗନ୍ନାଥ ମହାନ୍ତି, ସନ୍ତୋଷ ମହାରଣା, ମନୋଜ ପଣ୍ଡା, ଶଶାଙ୍କ ଶେଖର ଦାଶ ପ୍ରମୁଖ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ୨୪ ଘଣ୍ଟିଆ ଡାକ୍ତର ସେବା ଉପରେ ଗୁରୁତ୍ୱ

**ରୋଗୀକଲ୍ୟାଣ ସମିତି ବୈଠକ**

**ବାଙ୍କୀ,୨୭।୬(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିକିତ୍ସାଳୟର ଅଧୀକ୍ଷକ ଡା. ମୃତ୍ୟୁଞ୍ଜୟ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ରୋଗୀଙ୍କୁ କିପରି ଉତ୍ତମ ସେବା ମିଳିବ ସେନେଇ ଗୁରୁତ୍ୱାରୋପ କରିଥିଲେ। ନିଦାନ ମାଧ୍ୟମରେ ମାଗଣା ପରୀକ୍ଷା, ନିରାମୟ ଯୋଜନାରେ ମାଗଣା ଔଷଧ ପ୍ରଦାନ ସହ ଡାକ୍ତରମାନେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଥିଲେ। ଚିକିତ୍ସାଳୟ ଚତୁଃପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ, ନୂଆ ଶବ ବ୍ୟବଚ୍ଛେଦ ଗୃହର ଚାରିପାଖରେ ପାଚେରି ନିର୍ମାଣ, ଉପଖଣ୍ଡ ଚିକିତ୍ସାଳୟ ପରିସରରେ ହାଇମାଷ୍ଟ ଲାଇଟ ଓ ଡାକ୍ତରଖାନା ପରିସରରେ ୨୪ଘଣ୍ଟିଆ ପାନୀୟ ଜଳଯୋଗାଣ ଉପରେ ଆଲୋଚନା ହୋଇଥିଲା। ବୈଠକରେ ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ ରଣା, ଧୂଳେଶ୍ୱର ପ୍ରଧାନ, ଡମପଡ଼ା ଚିକିତ୍ସାଳୟ ଅଧୀକ୍ଷକ ପୁଷ୍ପଲତା ମହାପାତ୍ର, ଏବିଓ ପ୍ରଫୁଲ୍ଲ ବେହେରା, ରୋଗୀ କଲ୍ୟାଣ ସମିତି ସଭ୍ୟ ସମରେନ୍ଦ୍ର ମହାପାତ୍ର , ପଠାଣି ବେହେରା, କାଉନ୍‌ସିଲର ସଞ୍ଜୟ ପୃଷ୍ଟି, ସିଡିପିଓ ଫୁଲରାଣୀ ବେହେରା, ଏନ୍‌ଏସି ସ୍ୱାସ୍ଥ୍ୟ ଅଧିକାରୀ ବିଜୟ ରାଜ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶଶିକାନ୍ତ ମିଶ୍ର ପରିଚାଳନା କରିଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ ଆଟର୍‌ସ କପ୍ ଉଦ୍‌ଯାପିତ

**କଟକ ଅଫିସ,୨୭।୬**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସମାଜ ଶାସ୍ତ୍ର ବିଭାଗ ଦ୍ୱାରା ଆୟୋଜିତ ୩ଦିନିଆ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଆଟର୍‌ସକପ୍ ୨୦୨୨ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କଳା ବିଭାଗ ଓ ୮ଟି ବିଭାଗର ଛାତ୍ର ଅଂଶଗ୍ରହଣ କରିଥିଲେ। ଇଂଲିଶ୍ ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗ ସେମିଫାଇନାଲ ଜିତି ଫାଇନାଲରେ ପ୍ରବେଶ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ଫାଇନାଲ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲେ। ଇଂଲିଶ୍ ବିଭାଗର ଛାତ୍ର ବିପିନ ବିହାରୀ ଶ୍ରେଷ୍ଠ ବୋଲର୍ ଏବଂ ଭୂଗୋଳ ବିଭାଗର ଛାତ୍ର ବାବାଜୀ ପତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ରୂପେ ଘୋଷିତ ହେଲେ। ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥି ରୂପେ ସମାଜ ଶାସ୍ତ୍ରର ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର, ଅଧ୍ୟାପକ ଜେମ୍ସ କିଣ୍ଡୋ, ଡ. ମନୋରଞ୍ଜନ ଦାସ, ଡ. ଈଶ୍ୱର ଚନ୍ଦ୍ରନାୟକ, ଡ. ଜ୍ଞାନ ରଞ୍ଜନ ପୃଷ୍ଟି, ଅଧ୍ୟାପିକା ଡ.ମନୋସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ଛାତ୍ରାବାସ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

**କଟକ ଅଫିସ,୨୭।୬**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରାବାସ କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା । ରବିବାର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି । ସଭାପତି ଭାବେ ପ୍ରକାଶ ଦାଶ, ଉପସଭାପତି ରାଜେନ୍ଦ୍ର ରଣା, ସାଧାରଣ ସମ୍ପାଦକ ମିନା ପଣ୍ଡା, ସହ ସମ୍ପାଦକ ପ୍ରମୋଦ ସ୍ୱାଇଁ, ସଂଯୋଜକ ବିଭୂତି ସ୍ୱାଇଁ, କୋଷାଧ୍ୟକ୍ଷ ସନାତନ ନାୟକ ଚୟନ ହୋଇଛନ୍ତି।

# ୪ ସମବାୟ ସମିତି ନିର୍ବାଚନ ଫଳାଫଳ

**ବାଙ୍କୀ,୨୭।୬(ସ୍ୱ.ପ୍ର.)**

ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଶିମିଳିପୁର ସେବାସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ଦ୍ଦେଶକ ଭାବେ ୧ ନଂ. ଜୋନରେ ଶରତ ଚନ୍ଦ୍ର ନାୟକ, ୨ନଂ.ରେ ଗୁରୁପ୍ରସାଦ ରାଉତ, ୩ନଂ.ସନ୍ତୋଷ କୁମାର ସାହୁ, ୪ନଂ.ରେ ଶରତ ଦଳେଇ, ୫ନଂ.ରେ ଚାନ୍ଦିନୀ ଦଳେଇ, ୬ନଂ.ରେ ବିଭୁ ପ୍ରସାଦ ସାମଲ, ୭ନଂ.ରେ ବୈକୁଣ୍ଠ ନାୟକ, ୮ନଂ.ରେ ସୁବାସ ଚନ୍ଦ୍ର ବେହେରା, ୯ନଂ.ରେ ନିର୍ମଳା ସ୍ୱାଇଁ, ୧୦ନଂ.ରେ ଚିନ୍ମୟ କୁମାର ସ୍ୱାଇଁ, ୧୧ନଂ.ରେ ଅଜୟ କୁମାର ରାଉତ, ୧୨ନଂ.ରେ ପ୍ରମୋଦ କୁମାର ସାହୁ, ୧୩ ନଂ.ରେ ଗୋବର୍ଦ୍ଧନ ନାୟକ, ୧୪ନଂ.ରେ ରାଜଲକ୍ଷ୍ମୀ ସ୍ୱାଇଁ ଏବଂ ୧୫ନଂ.ରେ ସରୋଜିନୀ ନାୟକ ନିର୍ବାଚିତ ହୋଇଛନ୍ତି। ସେହିପରି ଗୋପାଳପୁର ସେବାସମବାୟ ସମିତିର ୧ନଂ. ଜୋନରେ ବିଭୂତି ଭୂଷଣ ସ୍ୱାଇଁ, ୨ନଂ.ରେ ଦାଶରଥି ମଲ୍ଲିକ, ୩ନଂ.ରେ ପ୍ରଦୀପ କୁମାର ଦାସ, ୪ନଂ.ରେ ଶୈଳେନ୍ଦ୍ର କୁମାର ରାୟ, ୫ନଂ.ରେ ପ୍ରତାପ ଚନ୍ଦ୍ର ମଲ୍ଲିକ, ୬ନଂ.ରେ କିଶୋର ମଲ୍ଲିକ, ୭ନଂ.ରେ ଜ୍ୟୋତି ପ୍ରକାଶ ସ୍ୱାଇଁ, ୮ନଂ.ରେ ସୁଶାନ୍ତ ସାହୁ, ୯ନଂ.ରେ ସିଦ୍ଧାର୍ଥ ରଣା, ୧୦ନଂ.ରେ ଗଜାନନ ସ୍ୱାଇଁ, ୧୧ନଂ.ରେ ପ୍ରତିମା ସାହୁ, ୧୨ନଂ.ରେ ନାଥ ସାହୁ, ୧୩ନଂ.ରେ ମାନଗୋବିନ୍ଦ ସାହୁ, ୧୪ନଂ.ରେ ତ୍ରିଲୋଚନ ସାହୁ, ୧୫ନଂ.ରେ ବୈଦେହୀ ବେହେରା ନିର୍ବାଚିତ ହୋଇଛନ୍ତି।

ସାହାଡାପଦା ସେବାସମବାୟ ସମିତିର ୧ ନଂ. ଜୋନ୍‌ରେ ସରୋଜ କୁମାର ନାୟକ, ୨ନଂ.ରେ ଅନୀଲ କୁମାର ଲେଙ୍କା, ୩ ନଂ.ରେ ପ୍ରବୋଦ ଚନ୍ଦ୍ର ମହାପାତ୍ର, ୪ନଂ.ରେ ପିତେଇ ସ୍ୱାଇଁ, ୫ନଂ.ରେ ବିକାଶ କୁମାର ମହାପାତ୍ର, ୬ନଂ.ରେ କୁଳମଣି ମଲ୍ଲିକ, ୭ନଂ.ରେ ଦୁର୍ଯ୍ୟୋଧନ ସ୍ୱାଇଁ, ୮ନଂ.ରେ ପ୍ରେମାନନ୍ଦ ମହାପାତ୍ର, ୯ନଂ.ରେ ନବକିଶୋର ନାୟକ, ୧୦ନଂରେ ଧର୍ମାନନ୍ଦ ସ୍ୱାଇଁ, ୧୧ନଂ.ରେ ସତ୍ୟଭାମା ପାଢ଼ୀ, ୧୨ନଂ.ରେ ପ୍ରତାପ ଚନ୍ଦ୍ର ରାଉତ, ୧୩ନଂ.ରେ ସୁବାସ ଚନ୍ଦ୍ର ପାଢ଼ୀ, ୧୪ନଂ.ରେ ପ୍ରଭାସିନୀ ମହାରଣା ଓ ୧୫ନଂ.ରେ ଅକ୍ଷୟ ଲେଙ୍କା ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାଛଡା ଡମପଡ଼ା ବ୍ଲକ ଅନ୍ତର୍ଗତ ନିଜିଗଡ଼ ସେବା ସମବାୟ ସମିତିର ସଭାପତି ଭାବେ ଆଇନଜୀବୀ ଗୌରୀଶଙ୍କର ନନ୍ଦ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ୧୫ଜଣ ନିର୍ଦ୍ଦେଶକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିଲେ।




କଟକ ସ୍ଥିତ ବ୍ୟାଙ୍କ ଅଫ୍ ବରୋଦା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିଭିନ୍ନ ଦାବି ନେଇ ବ୍ୟାଙ୍କ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଅଗ୍ନିପଥ ଯୋଜନା ବିରୋଧରେ କଂଗ୍ରେସର ସତ୍ୟାଗ୍ରହ

**କଟକ ଅଫିସ/ ଆଠଗଡ଼/ ମାହାଙ୍ଗା/ବାଙ୍କୀ,୨୭।୬ (ସ୍ୱ.ପ୍ର.):**

କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଦାବିରେ ସୋମବାର କଟକ ନଗର କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ସତ୍ୟାଗ୍ରହ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ଅଗ୍ନିପଥ ଯୋଜନାକୁ ସମାଲୋଚନା କରିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅଶୋକ ସାମଲ, ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ଶୈଳବାଳା ଜେନା ପ୍ରମୁଖ ସାମିଲ ଥିଲେ।

ଆଠଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ହୋଇଯାଇଛି। ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ଆନ୍ଦୋଳନରେ ଆଠଗଡ ବ୍ଲକ କଂଗ୍ରେସ ସଭାପତି ସୁଦର୍ଶନ ସାହୁ, ଟିଗିରିଆ ବ୍ଲକ ସଭାପତି ସୋମନାଥ ଦାସ, ଏନ୍‌ଏସି ସଭାପତି ସୋମନାଥ ଭକ୍ତା, ରଜନୀ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ମାହାଙ୍ଗା କୁଆଁପାଳସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସତ୍ୟାଗ୍ରହରେ କମିଟି ସଭାପତି ଅଲେଖ ପ୍ରସାଦ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଟକ ଜିଲା କଂଗ୍ରେସ କମିଟିର ସଭାପତି ମାନସ ରଞ୍ଜନ ଚୌଧୁରୀ ଯୋଗଦେଇ ଏହି ଯୋଜନାକୁ ସମାଲୋଚନା କରିଥିଲେ। ସମ୍ମାନିତ ଅତିଥି ନେତା ଦେବେନ୍ଦ୍ର ସାହୁଙ୍କ ସମେତ ଜିଲା କମିଟି ଉପସଭାପତି ଶିଶିର ରଥ, ଜିଲା କଂଗ୍ରେସ କମିଟି ସମ୍ପାଦକ ସରୋଜ ପରିଡ଼ା, ନିଶ୍ଚିନ୍ତକୋଇଲି ବ୍ଲକ ସଭାପତି ରମାକାନ୍ତ ବେହେରା ପ୍ରମୁଖ ସାମିଲ୍ ଥିଲେ। ସେହିପରି ବାଙ୍କୀର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ତଥା ଡ.ଦେବାଶିଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସତ୍ୟାଗ୍ରହ କରାଯାଇଥିଲା। ଡମପଡ଼ା ବ୍ଲକ କଂଗ୍ରେସ ସଭାପତି ଅସିତ୍ ପଟ୍ଟନାୟକ ଓ ବାଙ୍କୀ ଛାତ୍ର କଂଗ୍ରେସ ସଭାପତି ରାକେଶ ବେହେରା ଏହାର ନେତୃତ୍ୱ ନେଇଥିଲେ।



ଅଗ୍ନିପଥ ଯୋଜନା ବିରୋଧରେ କଟକ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ କଂଗ୍ରେସର ସତ୍ୟାଗ୍ରହ।

# ଥାନାଧିକାରୀଙ୍କୁ ବହିଷ୍କାର ସହ ଗିରଫ କରାଯାଉ

**କିଶନନଗର ଥାନାରେ ଆତ୍ମାହୁତି ଘଟଣା**

**କଟକ ଅଫିସ, ୨୭।୬**

କିଶନନଗର ଥାନା ପରିସରରେ ଆତ୍ମାହୁତି ଘଟଣାରେ ଥାନା ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ସହ ଗିରଫ କରାଯିବାକୁ କଂଗ୍ରେସ ଦାବି କରିଛି। ଏନେଇ ସୋମବାର କଂଗ୍ରେସ ପକ୍ଷରୁ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗଣ ପ୍ରତିବାଦ କରାଯାଇଛି। ଡିଜିପିଙ୍କ ଉଦ୍ଦେଶ୍ୟରେ ଆଇଜି (ପର୍ସୋନେଲ) ଏସ୍. ପ୍ରବୀଣ କୁମାରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, ଜମିଜମା ଗଣ୍ଡଗୋଳକୁ ନେଇ ନ୍ୟାୟ ପାଇବା ଆଶାରେ ସାଇକୋରୁଆ ଗ୍ରାମର ଗୁଣନିଧି ବିଶୋୟୀ ବାରମ୍ବାର କିଶନନଗର ଥାନାକୁ ଯାଇ ନିରାଶ ହୋଇଥିଲେ। ଫଳରେ ସେ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସଙ୍କଟାପନ୍ନ ଅବସ୍ଥାରେ କଟକର ଏକ ହସ୍ପିଟାଲରେ ଗତ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିଲା। ଥାନା ଅଧିକାରୀଙ୍କ କର୍ତ୍ତବ୍ୟରେ ଅବହେଳା ପାଇଁ ଗୁଣନିଧି ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଏଣୁ ଥାନା ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର ସହ ଗିରଫ କରାଯିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ ଦାସଙ୍କ ନେତୃତ୍ୱରେ ସୁକାନ୍ତ ଚନ୍ଦ୍ର ଜେନା, ନିକୁଞ୍ଜ ପଶାୟତ, ଦିଲ୍ଲୀପ ମହାନ୍ତି, ଦୀପକ ପରିଡ଼ା, ସତ୍ୟାନନ୍ଦ ରାଉତ, ଯୁବ କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, ଭିକି ଚକ୍ରବର୍ତ୍ତୀ ଏବଂ ସ୍ମୃତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ

**କଟକ ସଦର,୨୭।୬(ଡି.ଏନ୍.ଏ.)**

କିଶନନଗର ଥାନା ଅନ୍ତର୍ଗତ ସାଇ କୋରୁଆ ଗ୍ରାମର ଗୁଣନିଧି ବିଷୋୟୀ ଥାନା ଆଗରେ ଆତ୍ମାହୁତି ମାମଲା ବାହ୍ୟ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଛି। ସାଇ କୋରୁଆ–ଥାନା ମଧ୍ୟରେ ପ୍ରାୟ ୭କିମି ଦୂରତା ଅଟେ। ଆତ୍ମାହୁତି ଦିନ ଗୁଣନିଧି କାହା ସାଥିରେ ଆସିଥିଲେ ତା'ର ତଦନ୍ତ ସହ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର)ରେ କାହା ସହ ସମ୍ପର୍କ ସ୍ଥାପନ କରିଥିଲେ ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ଫଳରେ ତଦନ୍ତ ଶୀଘ୍ର ଆଗକୁ ବଢ଼ିପାରିବ। ମହାନଦୀ ବନ୍ଧ ଓ କିଶୋର ନଗର ବଜାରରେ ଥିବା ଦୋକାନଗୁଡ଼ିକର ସିସିଟିଭି ଫୁଟେଜ ତଦନ୍ତରେ ବେଶ ସହାୟକ ହୋଇପାରିବ। ଜମି ବିବାଦକୁ ନେଇ ସ୍ଥାନୀୟ ଥାନାରେ ୧୯ ତାରିଖରେ ଗୁଣନିଧି ଏତଲା ଦେଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁକରି ନ ଥିଲା। ଶେଷରେ ଏତଲାକାରୀ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଭେଟିବା ପରେ ଥାନାରେ ନଂ.୧୦୩/୨୨ରେ ଏକ ମାମଲା ପୁତୁରା ସାଗର ବିଷୋୟୀଙ୍କ ନାମରେ ରୁଜୁ ହୋଇଥିଲା। ମାତ୍ର ୨୩ ତାରିଖରେ ଗୁଣନିଧି ଥାନା ସମ୍ମୁଖରେ ଆତ୍ମାହୁତି ଦେଇ ଗୁରୁତର ହୋଇଥିଲେ। ୨୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାମଲା ରୁଜୁ କଥା ଏତଲାକାରୀ ଜାଣିଥିଲେ କି ନାହିଁ ତା'ର ତଦନ୍ତ ମଧ କରାଯାଉଥିବା ସୂଚନା ମିଳିଛି। ଏ ନେଇ ତଦନ୍ତକାରୀ ଅଧିକାରୀ ତଥା ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରି ନାହିଁ।

## ସଂକ୍ଷେପରେ

### ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

ବେଗୁନିଆ,୨୭।୬ (ଡି.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ଗ୍ରାମର ନରେନ୍ଦ୍ର କୁମାର ଜେନା(୨୮)। ସୂଚନା ମୁତାବକ, ନରେନ୍ଦ୍ର କୌଣସି କାର୍ଯ୍ୟରେ ବାଇକ୍(ଓଡି୦୨ସିଏ-୩୯୪୦)ରେ ନୟାଗଡ଼ ଯାଇଥିଲେ। ତେବେ କାର୍ଯ୍ୟ ଶେଷ ପରେ ଘରକୁ ଫେରୁଥିବା ବେଳେ ଅପରାହ୍ନ ୨ଟା ୪୦ରେ ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ଅଟକିଥିଲେ। ଏହି ସମୟରେ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବୋଲେରୋ (ଓଡି୨୫କେ-୪୯୦୮) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ନରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ବୋଲେରୋ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ-ମାଳିସାହି ଗ୍ରାମର ବିଜୟ ନାୟକ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୪/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ସିଡିଏମ୍‌ଓଙ୍କୁ ଦାବିପତ୍ର

**ଖୋର୍ଦ୍ଧା ଅଫିସ,୨୭।୬:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ଆଟେଣ୍ଡାଣ୍ଟ କର୍ମଚାରୀ ନାହାନ୍ତି। ନିଯୁକ୍ତି ପ୍ରକ୍ରିୟାରେ ମନ୍ଥର ଗତି ଯୋଗୁ ଏହା ସମ୍ଭବ ହୋଇପାରୁନାହିଁ। ମେଡିକାଲ କାର୍ଯ୍ୟରେ ବ୍ୟାହତ ସୃଷ୍ଟି ହେଉଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ ଦାବିରେ ଖୋର୍ଦ୍ଧା ବିକାଶ ମଞ୍ଚ ସଭାପତି ନରେନ୍ଦ୍ର ପୃଷ୍ଟି ଏବଂ ସମ୍ପାଦକ ପ୍ରକାଶ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସିଡିଏମ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଓକିଲ ସଂଘ ସଭାପତି ବିଜୟ କୁମାର ସାମନ୍ତସିଂହାର, ଉପସଭାପତି ପ୍ରଭାତ ବେହେରା, ଗାୟତ୍ରୀ ବୋଷ, ବିନୋଦିନୀ ପଟ୍ଟନାୟକ, ପ୍ରିୟଦର୍ଶୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ୩୦ରେ ଆପ୍‌ର ଜିଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ



ଖୋର୍ଦ୍ଧା ଅଫିସ,୨୭।୬: ଖୋର୍ଦ୍ଧାସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପଠାରେ ଆମ୍ ଆଦ୍‌ମୀ ପାର୍ଟି ଖୋର୍ଦ୍ଧା ପକ୍ଷରୁ ସୋମବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି, ରୋଜଗାର ଏବଂ ଦୁର୍ନୀତିମୁକ୍ତ ଶାସନ ଦିଗରେ ଦିଲ୍ଲୀରେ ଆପ୍ ସରକାର ଏକ ଉଦାହରଣ ବୋଲି କହିଥିଲେ। ଆସନ୍ତା ଜୁନ୍ ୩୦ରେ ଜିଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତସ୍ତରରୁ ସକ୍ରିୟ କର୍ମକର୍ତ୍ତାମାନଙ୍କୁ ନେଇ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲଠାରେ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଆୟୋଜିତ ହେବ। ଏହି ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ତଥା ଦିଲ୍ଲୀର ବିଧାୟକ ବୀରେନ୍ଦ୍ର ସିଂ କଡିୟନ ଓ ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର ଯୋଗଦେବେ। ଏହି ଖବରଦାତା ସମ୍ମିଳନୀରେ ଜାତୀୟ ପରିଷଦ ସଭ୍ୟ ତଥା ଖୋର୍ଦ୍ଧା ମଣ୍ଡଳ ସମ୍ପାଦକ ସୁନୀଲ କୁମାର ଷଡ଼ଙ୍ଗୀ, ଜଟଣୀ ବ୍ଲକ ସଭାପତି ଦଣ୍ଡପାଣି ଜେନା, କଳ୍ପତରୁ ପଣ୍ଡା, ସଂଗ୍ରାମ କେଶରୀ ଭ୍ରମରବରରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ

**ଜଟଣୀ,୨୭।୬(ଡି.ଏନ୍.ଏ.):** ଜଟଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଆଦର୍ଶ ଶିକ୍ଷାଦାନକୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ। ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ୧୫ଟି ବିଦ୍ୟାଳୟର ୧୧୫ଜଣ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି କର୍ମଶାଳାରେ ବିଦ୍ୟାଳୟ ସଭାପତି ପ୍ରସନ୍ନ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ତ୍ରିଲୋଚନ ମହାପାତ୍ର ମୁଖ୍ୟ ବକ୍ତା, ପୂର୍ବତନ ସଭାପତି ଅଶୋକ କୁମାର ଶର୍ମା ସମ୍ମାନୀୟ ଅତିଥି, ସୁଧୀର କୁମାର ନାୟକ ସଭା ପରିଚାଳନା ଓ ମାନସ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

# ମହାପ୍ରଭୁଙ୍କ ସେବାରେ ଗୁରୁଜଙ୍ଗ ସୋଲ କାରିଗର

ଖୋର୍ଦ୍ଧା ଅଫିସ,୨୭।୬



କାରିଗରମାନେ ସୋଲଫୁଲ ପ୍ରସ୍ତୁତ କରୁଛନ୍ତି।

ଆଉ ଦିନ କେଇଟା ପରେ ପବିତ୍ର ଘୋଷଯାତ୍ରା। ଏନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇ ଭଉଣୀଙ୍କୁ ଧରି ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ଓ ବୀରକିଶୋର ପରିବାରଙ୍କ ହାତତିଆରି ସୋଲ ଫୁଲ। ତେବେ ଶେଷ ପର୍ଯ୍ୟାୟରେ ସୋଲ ଫୁଲ ପ୍ରସ୍ତୁତି। ସିଂହଦ୍ୱାରରେ ତିନି ରଥ ଲାଗିବା ପରେ ସୋଲରେ ପ୍ରସ୍ତୁତ କଦମ୍ବ, ସୂର୍ଯ୍ୟମୁଖୀ, ସେବତି ଆଦି ବିଭିନ୍ନ କିସମର ଫୁଲରେ ସଜ୍ଜେଇ ହେବ ତିନି ରଥ। ନେତ୍ରଉତ୍ସବ ଦିନ ସୋଲ ଫୁଲ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିବେ ରାଜକିଶୋରଙ୍କ ପରିବାର।

### କାର୍ତ୍ତିକ ମାସରୁ ସୋଲ ସଂଗ୍ରହ

କାର୍ତ୍ତିକ ମାସରୁ କାକଟପୁର, ଅସ୍ତରଙ୍ଗ, ନିମାପଡା ଆଦି ସ୍ଥାନରୁ ସୋଲ ସଂଗ୍ରହ କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଯିବା ସହ ଫୁଲ ପ୍ରସ୍ତୁତ ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଚୁମୁକି, ସୂତା ଏବଂ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାରର ମହିଳାମାନେ ସହଯୋଗ କରିଥାନ୍ତି।

### ଅକ୍ଷୟ ତୃତୀୟାରୁ କାର୍ଯ୍ୟ ଆରମ୍ଭ

ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରିଥାନ୍ତି। ନେତ୍ର ଉତ୍ସବ ପୂର୍ବରୁ କାମ ସରିଯାଇଥାଏ। ତା'ପରେ ଏହାକୁ ନେଇ ପୁରୀ ଯାଇ ରଥରେ ସଜ୍ଜିତ କରିଥାଉ। ମହାପ୍ରଭୁଙ୍କ ଏହି ସେବା ପାଇଥିବାରୁ ଆମ ପରିବାର ଗର୍ବ ଅନୁଭବ କରୁଛି।

### ସେବା ଭାଗ୍ୟରେ ଥିଲେ ମିଳେ

ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନି ରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ। ସୋମନାଥ ଓ ଗଣେଶ କୁହନ୍ତି, ନନ୍ଦିଘୋଷ ରଥରେ ଫୁଲ ସଜାଇବାରେ ଆନନ୍ଦ ମିଳିଥାଏ। ମହାପ୍ରଭୁ ଆମ ପରିବାରକୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛୁ। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟମାନେ କହିଛନ୍ତି।

### ମନକଥା ବୁଝିଲେ ଠାକୁର

୧୯୯୯ ମସିହାରେ ରଥଯାତ୍ରା ଦେଖିବାକୁ ଆମେ ଭାଇମାନେ ମିଶି ଯାଇଥିଲୁ। ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସମୟରେ ରଥରେ ଆମ ପରିବାରକୁ ସେବା ଲାଗି ଅନୁମତି ଦେବା ପାଇଁ ନିବେଦନ କରିଥିଲୁ। ସୋଲ କାରିଗର ହୋଇଥିବାରୁ ରଥ ଚତୁଃପାର୍ଶ୍ୱକୁ ସୋଲ ତିଆରି ଫୁଲରେ ସାଜସଜ୍ଜା କରିବା ନେଇ ମହାପ୍ରଭୁଙ୍କୁ ଗୁହାରି ଜଣାଇଥିଲୁ। ପରେ ଶ୍ରୀମନ୍ଦିର ପ୍ରଶାସନ ସହ ଯୋଗାଯୋଗ କରିଥିଲୁ। ଶ୍ରୀମନ୍ଦିର ପ୍ରଶାସନ ଆମକୁ ଅନୁମତି ପ୍ରଦାନ କରିଥିଲେ। ଏହା ମହାପ୍ରଭୁଙ୍କ ଆଶୀର୍ବାଦ ଭାବି ୨୦୦୦ ମସିହାଠାରୁ ନୀରବଚ୍ଛିନ୍ନ ଭାବେ ସୋଲଫୁଲ ଯୋଗାଇଆସୁଛୁ।

### ଗବେଷକ ଗ୍ୟାଲେରୀ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୭।୬(ଡି.ଏନ୍.ଏ.)

କେଦାରନାଥ ଗବେଷଣା ପ୍ରତିଷ୍ଠାନର ପୂର୍ବତନ ସମ୍ପାଦକ ଡ. ଭଗବାନ ପଣ୍ଡାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିଷ୍ଠାନ ପକ୍ଷରୁ 'ଗବେଷକ ଗ୍ୟାଲେରୀ' ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅଲେଖ ଚନ୍ଦ୍ର ଷଡଙ୍ଗୀ ଉଦ୍‌ଘାଟକ, ବିଶିଷ୍ଟ ପ୍ରଶାସକ ଓ ଲେଖକ ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ପ୍ରଫେସର ଗୋପାଳକୃଷ୍ଣ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡ. ଜେନାମଣି ସଞ୍ଜୀବ କୁମାର ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ଗବେଷକ ଗ୍ୟାଲେରୀର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ସୂଚନା ଦେଇଥିବାବେଳେ ଅରୁଣ ନାୟକ ଧନ୍ୟବାଦ ଦେଇଥିଲେ। ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।





ବେଗୁନିଆ ବ୍ଲକ ବାଲୁଙ୍କେଶ୍ୱର ପୀଠରେ ସୋମବାର ଶ୍ୱେତପଦ୍ମା ସାହିତ୍ୟ ସଂସଦ ସମାରୋହରେ ଉପସ୍ଥିତ କବୟିତ୍ରୀ, କବି ଓ ଅନ୍ୟମାନେ।

### ଶ୍ୱେତପଦ୍ମା ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ବେଗୁନିଆ,୨୭।୬(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅଞ୍ଚଳର ଶ୍ୱେତପଦ୍ମା ସାହିତ୍ୟ ସଂସଦ ପକ୍ଷରୁ ସୋମବାର ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଲୁଙ୍କେଶ୍ୱର ପୀଠ ପରିସରରେ ଆୟୋଜିତ ସମାରୋହରେ କଟକ, ପୁରୀ, ଖୋର୍ଦ୍ଧା ଜିଲାର ବହୁ ବିଶିଷ୍ଟ କବି ଓ ସାହିତ୍ୟିକ ଯୋଗଦେଇଥିଲେ। କବି ବାଳକୃଷ୍ଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କବୟିତ୍ରୀ ସଂଘମିତ୍ରା ରଥ ମୁଖ୍ୟ ଅତିଥି, ଅତିଥିଭାବେ କବି ବଂଶୀଧର ପଣ୍ଡା, ମୁଖ୍ୟ ବକ୍ତା କବି ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଓଡ଼ିଆ ସାହିତ୍ୟରେ କବି ଓ କବିତା ଶୀର୍ଷକ ଆଲୋଚନା କରିଥିଲେ। ସରକାରୀ ଓ ଘରୋଇ ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ ଓ ସଭା ସମିତିରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦିଆଯାଉ। ଜଗଦୀଶ ଚନ୍ଦ୍ର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗାୟକ ମିହିର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ବିଭୁ ହୋତା, ଗୀତାଞ୍ଜଳି ମହାପାତ୍ର, କଳ୍ପତରୁ ପଣ୍ଡା, ସନ୍ଧ୍ୟାରାଣୀ ମହାପାତ୍ର, ସୋମନାଥ ସାହୁ, ସୁବ୍ରତ ନାୟକ, ସୁଦୀକ୍ଷା ମହାପାତ୍ର ଯୋଗଦେଇଥିଲେ। ସୁଶ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ପାଣିଟାଙ୍କିରେ ଚଢ଼ି ଯୁବକଙ୍କ ଉତ୍ପାତ

ବାରଙ୍ଗ,୨୭।୬(ଡି.ଏନ୍.ଏ.)

ରବିବାର ରାତିରେ ଜଣେ ଯୁବକ ପାଣିଟାଙ୍କି ଉପରକୁ ଚଢିଯାଇ ଉତ୍ପାତ କରିଥିବା ଦେଖିବାକୁ ମିଳିଥିଲା। କେବଳ ଉତ୍ପାତ ନୁହେଁ, ଆତ୍ମହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲା। ପରେ ସ୍ଥାନୀୟ ଲୋକମାନେ ବହୁତ ବୁଝାଶୁଝା କରିବାରେ ପ୍ରାୟ ୫୦/୬୦ଫୁଟ ପାଣିଟାଙ୍କି ଉପରୁ ସେ ଓହ୍ଲାଇଥିଲା। ବେଲଗଛିଆ ଗାଁରେ ଥିବା ଏକ ପାଣିଟାଙ୍କି ଉପରେ ରାତିରେ ଏହି ଗାଁର ହେମଲ ଓଝା ଅତ୍ୟାଧିକ ମଦ୍ୟପାନ କରି ଚଢିଯାଇଥିଲା। ଟାଙ୍କି ଉପରକୁ ଚଢିଯାଇ ଗାଳିଗୁଲଜ କରିଥିଲା। ପାଟିଶୁଣି ଗାଁର କେତେଜଣ ଯୁବକ ତାକୁ ଟାଙ୍କି ଉପରୁ ତଳକୁ ଓହ୍ଲାଇବାକୁ କହିଥିଲେ। ହେମଲ ତଳକୁ ଓହ୍ଲାଇବା ବଦଳରେ ଓଲଟି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପ୍ରାୟ ଦେଢଘଣ୍ଟା କାଳ ଏପରି ଉତ୍ପାତ କରିବା ପରେ ସାଢେ ୧୧ଟାରେ ମଦ୍ୟପ ଯୁବକର ଜଣେ ସହଯୋଗୀ ତାକୁ ବୁଝାଶୁଝା କରିବା ପରେ ତଳକୁ ଓହ୍ଲାଇଥିଲେ। ଅନ୍ୟପଟେ ଏହି ଉଚ୍ଚ ପାଣି ଟାଙ୍କିର ଚତୁଃପାର୍ଶ୍ୱରେ ପାଚେରି କରାଯାଇଥିବାବେଳେ ଫାଟକ ଲାଗି ନ ଥିବାରୁ ସାଧାରଣ ଲୋକମାନେ ନିର୍ବିଘ୍ନରେ ଭିତରେ ପଶି ପାହଚ ଦେଇ ଉପରକୁ ଉଠିଯାଉଛନ୍ତି। ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗର ଅଧିକାରୀମାନଙ୍କର ଏହିଭଳି ଦାୟିତ୍ୱହୀନତା କାର୍ଯ୍ୟକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ଦେଖାଦେଇଛି।

## ମଲ୍‌ରୁ ଚୋରି ଉଦ୍ୟମ, ୨ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ରିଲାଏନ୍ସ ମଲ୍‌ରୁ ଚୋରି ଉଦ୍ୟମ କରି ଧରାପଡିଥିବା ୨ଜଣ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଆନନ୍ଦ ବିଶ୍ୱାଳ ଓ ଲିପୁନ କୁମାର ପରିଡ଼ା। ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରାତି ୧୦ଟାରେ ମଲ୍ ବନ୍ଦ ହୋଇଥିଲା। ଏହାର ୨ ଘଣ୍ଟା ପରେ ଅଭିଯୁକ୍ତ କର୍ମଚାରୀ ଦ୍ୱୟ ସଟର ଭାଙ୍ଗି ଭିତରକୁ ପଶିଥିଲେ। ମଲ୍‌ର କଣ୍ଟ୍ରୋଲ ରୁମ୍‌ରେ ଥିବା ଜଣେ କର୍ମଚାରୀ ସିସି କ୍ୟାମେରାରେ ଏହା ଦେଖି ନୟାପଲ୍ଲୀ ଥାନାକୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ପ୍ରଥମେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅଭିଯୁକ୍ତଦ୍ୱୟଙ୍କୁ ଆତ୍ମସମର୍ପଣ କରିବାକୁ କରିଥିଲା। କିନ୍ତୁ ପୋଲିସକୁ ଚକ୍‌ମା ଦେଖାଇ ଖସିଯାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା।

## ୩୪୫ ଅଭିଯୋଗ ପଞ୍ଜୀକରଣ, ୯ ଫଇସଲା





ଜନଶୁଣାଣି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

ବେଗୁନିଆ,୨୭।୬(ଡି.ଏନ୍.ଏ.)

**ଯୁଗ୍ମ ଜନଶୁଣାଣି ଶିବିର**

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଅଭ୍ୟର୍ଥନା ପ୍ରକୋଷ୍ଠ ପରିସରରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ୍ ୩୪୫ ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରେ ୩୪୮ ବ୍ୟକ୍ତିଗତ, ୭ଟି ଅଭିଯୋଗ ସାମୂହିକ ରହିଥିଲା। ତନ୍ମଧ୍ୟରୁ ୯ଟି ଅଭିଯୋଗର ଫଏସଲା ହୋଇଛି। ଟ୍ରାଇ ସାଇକେଲ ୨ଟି ଏବଂ ହୁଇଲ୍ ଚେୟାର ୨ଟି ବଣ୍ଟନ କରାଯାଇଛି। ସେହିପରି ରେଡ୍‌କ୍ରସ ପାଣ୍ଠିରୁ ୫ ଜଣଙ୍କୁ ୧୪ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏହି ବ୍ଲକ ଅଞ୍ଚଳର ବହୁ ଗରିବ ଲୋକଙ୍କୁ ପକ୍କା ଘର, ରାଶନ କାର୍ଡ ଯୋଗାଇ ଦିଆଯାଇନାହିଁ ବୋଲି ଅଭିଯୋଗ ହୋଇଥିଲା। ବିଭିନ୍ନ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ସମସ୍ତ ବିଭାଗକୁ ପଠାଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲାପାଳ ମନୋଜ କୁମାର ପାତ୍ରଙ୍କ ଜିଲା ଓ ବ୍ଲକର ବହୁ ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ।

## ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ

ବୋଲଗଡ଼,୨୭।୬(ଡି.ଏନ୍.ଏ.)





ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ବୋଲଗଡ଼ ବ୍ଲକସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ସୋମବାର ବାଙ୍କୋଇ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ସଭାପତିତ୍ୱ କରିଥିଲେ। ବ୍ଲକ ସମ୍ପାଦକ କୈଳାସ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ ଦାଶ, ମୁଖ୍ୟ ବକ୍ତାଭାବେ ଜିଲା କମିଟି ଉପଦେଷ୍ଟା ଉପେନ୍ଦ୍ର ଦାଶ, ଅତିଥିଭାବେ ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ, ଜଟଣୀ ବ୍ଲକ ସମ୍ପାଦକ ପ୍ରସନ୍ନ ସୁବୁଦ୍ଧି, ବେଗୁନିଆ ବ୍ଲକ ସମ୍ପାଦକ ରତିକାନ୍ତ କହଲସିଂହ, ବାଙ୍କୋଇ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶେଖ ଅବଦୁଲ ଖାଁ ପ୍ରମୁଖ ମଞ୍ଚାସୀନ ଥିଲେ। ବୋଲଗଡ଼ ବ୍ଲକ ସ୍ତରୀୟ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବିଦ୍ୟାଧର ମହାରଣା, ଉପସଭାପତି ନୀଳିମାରାଣୀ ସେଠୀ, ନୀଳମଣି ପଣ୍ଡା, ବିରୂପାକ୍ଷ ଶତପଥୀ, ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇ, ସହସମ୍ପାଦକ ରମେଶ ଚନ୍ଦ୍ର ପ୍ରଧାନ, ସ୍ୱର୍ଣ୍ଣଲତା ପ୍ରଧାନ ଓ ଭଗବତୀ ପ୍ରସାଦ ପାଣ୍ଡେ କାର୍ଯ୍ୟକାରୀ କମିଟି ସଭ୍ୟ, ପ୍ରମୋଦ ପଟ୍ଟନାୟକ, ନିରଞ୍ଜନ ସାମନ୍ତରାୟ ଏବଂ ଉପଦେଷ୍ଟା ଶେଖ ଅବଦୁଲ ଖାଁ ଓ ସୁବଳ ଛୁଆଳସିଂହ ପ୍ରମୁଖ ଆଗାମୀତିନିବର୍ଷପାଇଁନିର୍ବାଚିତହୋଇଛନ୍ତି।

### ୫ ଚୋରା ମୋବାଇଲ୍ ଜବତ, ୨ ଗିରଫ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ମୋବାଇଲ ଚୋରି ଅଭିଯୋଗରେ ଭରତପୁର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଢୁମୁଢୁମାର ଶିବାଶିଷ ମହାନ୍ତି ଓ ନରେନ୍ଦ୍ର ମହାପାତ୍ର ଓରଫ କେମ୍ପା। ଏମାନଙ୍କଠାରୁ ୫ ଚୋରା ମୋବାଇଲ ଫୋନ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ଭରତପୁର ଥାନା ଅନ୍ତର୍ଗତ ମହାଲକ୍ଷ୍ମୀ ବିହାର ଅଞ୍ଚଳରେ ରହୁଥିବା ଉତ୍ତର ପ୍ରଦେଶର ଜଣେ ରାଜମିସ୍ତ୍ରୀ ରବିବାର ରାତିରେ ଶୋଇଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କ ଘରେ ପଶି ମୋବାଇଲ ଫୋନ୍‌କୁ ଚୋରିକରି ନେଇଥିଲେ।

## ଅଗ୍ନିପଥ ଯୋଜନାକୁ ବିରୋଧ

ବେଗୁନିଆ,୨୭।୬(ଡି.ଏନ୍.ଏ.)

ବେଗୁନିଆ କଂଗ୍ରେସ ପକ୍ଷରୁ ସୋମବାର ବିଭିନ୍ନ ଦାବିରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦଳୀୟ ନେତା ମଦନ ମୋହନ ସାହୁଙ୍କ ନେତୃତ୍ୱରେ ବହୁ କର୍ମୀ ସ୍ଥାନୀୟ ପୋଷ୍ଟ ଅଫିସ୍ ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ସରକାରଙ୍କ ଅଗ୍ନିପଥ ଯୋଜନାକୁ ବିରୋଧ କରିଥିଲେ। ଏହି ଯୋଜନାରେ ସାମିଲ ହେଲେ ୪ବର୍ଷରେ ଚାକିରି କାର୍ଯ୍ୟକାଳ ସରିବା ପରେ ଯୁବପିଢ଼ିମାନେ ଚାପର ବଶବର୍ତ୍ତୀ ହୋଇ ବିପଥଗାମୀ ହେବେ। ତେଣୁ ଏହି ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ସେହିପରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ବୃଦ୍ଧି ରୋକିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି। ଏହି ଅବସରରେ ବିଡିଓ ଲକ୍ଷ୍ମୀଧର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସଦାଶିବ ମହାପାତ୍ର, ମହମ୍ମଦ ମହିଉଦ୍ଦିନ ଅହମ୍ମଦଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।



ବେଗୁନିଆ ବ୍ଲକ କାର୍ଯ୍ୟାଳୟ ଆଗରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

## ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ଜଟଣୀ,୨୭।୬(ଡି.ଏନ୍.ଏ.)



ଭଙ୍ଗା ଯାଇଥିବା ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି।



ବଡ଼ତୋଟା ଗ୍ରାମସ୍ଥ ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖରେ ରାସ୍ତାରୋକୋ।

ଜଟଣୀ ଥାନା ଅଧୀନ ବଡ଼ତୋଟା ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ବାବା ସାହେବ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିର ହାତକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏନେଇ ସୋମବାର ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଭୀମ ଆର୍ମି ଏକତା ମିଶନ, ଦଳିତ ଆଦିବାସୀ ମହାସଂଘ ଓ ସ୍ଥାନୀୟ ଦଳିତ ଆଦିବାସୀ ପରିବାର ୪ ଦଫା ଦାବିରେ ଘଟଣାସ୍ଥଳରେ ୫ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ମୁତାବକ, ବାବା ସାହେବ ଆମ୍ବେଡକର ମିଶନ ଅଫ ଓଡ଼ିଶା ପକ୍ଷରୁ ଗତ ଏପ୍ରିଲ ୧୪ରେ ବଡ଼ତୋଟା ଗ୍ରାମସ୍ଥ ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖ ଜଟଣୀ-ଖୋର୍ଦ୍ଧା ମୁଖ୍ୟରାସ୍ତା ପାର୍ଶ୍ୱରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ରବିବାର ରାତିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିର ହାତକୁ ଭାଙ୍ଗିଦେଇଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ଭୀମ ଆର୍ମି ଏକତା ମିଶନ ସହଯୋଗରେ ସ୍ଥାନୀୟ ଦଳିତ ଆଦିବାସୀ ପରିବାରର ସାଧାରଣ ସମ୍ପାଦକ ସର୍ବେଶ୍ୱର ନାୟକ, ଦଳିତ ଆଦିବାସୀ ମହାସଂଘର ମୋହନ ନାୟକ, କୁନ୍ଦନ ନାୟକ ପ୍ରମୁଖ ୪ ଦଫା ଦାବିରେ ସୋମବାର ଭୋର୍ ୫ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପୁନଃ ନୂତନ ପ୍ରତିମୂର୍ତ୍ତି ସ୍ଥାପନ, ବାରିକେଡ୍ ନିର୍ମାଣ, ଦୁଇଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଗିରଫ ଏବଂ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାନକୁ ସଙ୍ଗଠନ ନାମରେ ନାମିତ କରିବା ପାଇଁ ଦାବି କରିଥିଲେ। ଖବର ପାଇ ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜଟଣୀ ଥାନା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

### ପ୍ରତିବାଦରେ ୫ ଘଣ୍ଟା ରାସ୍ତାରୋକୋ




୨୭।୬।୨୦୨୨

| ୬୭,୩୬୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# କୃଷି, କୃଷକର ଉନ୍ନତିରେ ଦେଶର ବିକାଶ

- ଜିଲାସ୍ତରୀୟ କୃଷିମେଳା ଓ କୃଷକ ପାଠଶାଳା
- ୫ ଅଗ୍ରଣୀ ଚାଷୀ, କୃଷକ ସାଥୀଙ୍କୁ ପୁରସ୍କାର

**ନିମାପଡ଼ା, ୨୭।୬(ଡି.ଏନ୍.ଏ):**

କୃଷି ଓ କୃଷକର ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। କୃଷକମାନେ ଦେଶର ମେରୁଦଣ୍ଡ, କୃଷିମେଳା କୃଷକମାନଙ୍କର ବିକାଶରେ ସହାୟକ ହେବ। ସାରା ଦେଶର କୃଷି କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଗାମୀ ରାଜ୍ୟ ଭାବେ ବେଶ ପାରଦର୍ଶିତା ଲାଭ କରିଥିବାବେଳେ ତିନି ଥର କୃଷି କର୍ମଣ ପୁରସ୍କାର ଲାଭ କରିଛି। ନିମାପଡ଼ା କୃଷି ବିଭାଗ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ କୃଷିମେଳା ଓ କୃଷକ ପାଠଶାଳାରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସହାୟତାରେ ନିମାପଡ଼ା କୃଷି ଜିଲା ପକ୍ଷରୁ ଜିଲାସ୍ତରୀୟ କୃଷିମେଳା ଓ କୃଷକ ପାଠଶାଳା ଆୟୋଜିତ ହୋଇଯାଇଛି। ଏଥିରେ ଅତିଥି ଭାବେ ନିମାପଡ଼ା କୃଷି ଜିଲା ଅଧିକାରୀ ଶରତ ପରିଡ଼ା, ବ୍ଲକ କୃଷି ଅଧିକାରୀ ପ୍ରଦୀପ ଦାଶ, ସହକାରୀ କୃଷି ଅଧିକାରୀ ସୁବାସଚନ୍ଦ୍ର ବାରିକ, ଗୋପ ବ୍ଲକର ସହକାରୀ କୃଷି ଅଧିକାରୀ ଚନ୍ଦ୍ରଶେଖର ଦାସ, କାକଟପୁର ବ୍ଲକ ସହକାରୀ କୃଷି ଅଧିକାରୀ ଅଙ୍କିତ ବେହେରା, ନିମାପଡ଼ା ବ୍ଲକ ମତ୍ସ୍ୟ ବିଭାଗ ଅଧିକାରୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର, କୃଷି ବୈଜ୍ଞାନିକ ଡ. ଅମ୍ବିକା ନାୟକ, ଆନ୍ତର୍ଜାତିକ ଧାନ ଗବେଷଣା କେନ୍ଦ୍ରର ଜାତୀୟ ପରାମର୍ଶଦାତା ଡ. ଶୁଭାଶିଷ ବଳ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କୃଷିମେଳାର ଉଦ୍ଦେଶ୍ୟ, ଲକ୍ଷ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ମେଳାରେ ନିମାପଡ଼ା ଓ କାକଟପୁର ବ୍ଲକର ୫ଜଣ ଅଗ୍ରଣୀ ଚାଷୀ ଏବଂ କୃଷକସାଥୀମାନଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମନ୍ୱିତ କୃଷି ମୂଲ୍ୟଯୁକ୍ତ ଧାନଚାଷ ଶୀର୍ଷକ କୃଷକ ପାଠଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ପୋପେକ୍ସ ସଂସ୍ଥା କଳାକାରମାନଙ୍କ ପକ୍ଷରୁ ସରକାରଙ୍କ ବିଭିନ୍ନ କୃଷି ଯୋଜନା ସମ୍ପର୍କରେ ପଥପ୍ରାନ୍ତ ନାଟକ ଓ ସଚେତନତା ନୃତ୍ୟ, ସଙ୍ଗୀତ ପରିବେଶିତ ହୋଇଥିଲା। ପୁରୀ ଜିଲା କୃଷି ମତ୍ସ୍ୟ ବିଭାଗ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏଠାରେ ୧୦ଟି ଷ୍ଟଲ ଖୋଲାଯାଇଥିଲା। ମେଳାରେ ନିମାପଡ଼ା ଓ କାକଟପୁର ବ୍ଲକର ପ୍ରାୟ ୨ଶହ ଚାଷୀ, ନିମାପଡ଼ା ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ, ବହୁ କୃଷି କର୍ମଚାରୀ, ବିଜେଡିର ବହୁ ନେତୃବୃନ୍ଦ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।

## ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇ ଚିତ୍ରାଙ୍କନ ପ୍ରତିଯୋଗିତା

**ପୁରୀ ଅଫିସ, ୨୭।୬:**

ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବା ଓଡ଼ିଶାର ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଇ ଜାତୀୟ ଏକତା ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାମାଜିକ ସଙ୍ଗଠନ ଜ୍ଞାନପ୍ରକାଶ ଏବଂ ନିଫାର ପୁରୀ ଜିଲା କମିଟି ପକ୍ଷରୁ ମିଳିତ ଭାବେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଇ ଥିଲା। ଏଥିରେ ପୁରୀ, ସଦର ଓ ସତ୍ୟବାଦୀ ଅଞ୍ଚଳର ବହୁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେହିପରି ରାଜ୍ୟର ସମସ୍ତ ଜିଲାରେ ଏହି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଫାର ପୁରୀ ଜିଲା କମିଟି ସଭାପତି ଶିବ ନାରାୟଣ ଭଞ୍ଜ, ସମ୍ପାଦକ ଅଜୟ କୁମାର ପଣ୍ଡା, ସୌମେନ୍ଦ୍ର ବିଶୋଇ, ମନୋରଞ୍ଜନ ତ୍ରିପାଠୀ, ଜ୍ୟୋତି ପ୍ରକାଶ ମହାରଣା, ଦୀପ୍ତ ମିଶ୍ର ଏବଂ ମନୋଜ କୁମାର ମହାନ୍ତି ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସପ୍ତରଙ୍ଗୀ ପଦଯାତ୍ରା

ପୁରୀ ଅଫିସ ୨୭।୬: ସାଥୀ ଓ ପୁରୀ ଜିଲା କିନ୍ନର ସଂଘ ମିଳିତ ଆନୁକୂଲ୍ୟରେ ଗୁଣ୍ଡିଚା ମନ୍ଦିରଠାରୁ ମାଉସୀ'ମା ମନ୍ଦିର ପର୍ଯ୍ୟନ୍ତ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା ବା ସପ୍ତରଙ୍ଗୀ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ତୃତୀୟ ଲିଙ୍ଗୀମାନେ ପ୍ରଥମ ଥର ପାଇଁ ସାମିଲ ହୋଇ ପ୍ରାଇଡ୍ ୱାର୍କ କରିଥିଲେ। ସେମାନେ ତାଙ୍କ ଅଧିକାରକୁ ନେଇ ଓ ତୃତୀୟ ଲିଙ୍ଗୀ ଭାବେ ଗର୍ବିତ ବୋଲି ମତ ଦେଇଥିଲେ। ଭିନ୍ନତା ଭିତରୁ ବାହାରି ନିଜକୁ ସମାଜର ମୁଖ୍ୟସୋତରେ ସାମିଲ କରିବାର ଖୁସି, ଇଚ୍ଛା ଓ ଅଧିକାରକୁ ନେଇ ତୃତୀୟଲିଙ୍ଗୀଙ୍କ ପକ୍ଷରୁ ଏହି ସ୍ୱାଭିମାନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମାଜରେ ବଢୁଥିବା ଲିଙ୍ଗଗତ ଭେଦଭାବକୁ ବିରୋଧ ଓ ତୃତୀୟଲିଙ୍ଗୀଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ସାଙ୍ଗକୁ ଯଥାର୍ଥ ଭାଗିଦାରୀ, ସୁରକ୍ଷା, ସମାନତା ଓ ସମ୍ମାନ ମିଳିବା ହେଉଛି ଏହି ପଦଯାତ୍ରାର ଉଦ୍ଦେଶ୍ୟ। ଏଥିରେ ପୁରୀ କିନ୍ନର ସଂଘର ସଦସ୍ୟ ଓ ସାଥୀ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଊର୍ଜାବାନ ଓଡ଼ିଶାର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ

ପୁରୀ ଅଫିସ, ୨୭।୬: ସାମାଜିକ ସଙ୍ଗଠନ 'ଊର୍ଜାବାନ ଓଡ଼ିଶା'ର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ସଂସ୍କୃତି ଭବନରେ ପାଳିତ ହୋଇଯାଇଛି। ଏଥିରେ 'ଊର୍ଜାବାନ ଓଡ଼ିଶା'ର ସଭାପତି ସନ୍ତୋଷ ସେନାପତି ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ଶିଳ୍ପପତି ରାଜକିଶୋର ପାତ୍ର, ରାଜ୍ୟ ସମାଜସେବୀ ସଂଘ ସଭାପତି ନରୋତ୍ତମ ଦାସ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ଶୀତଳ ବସ୍ତିଆ ପ୍ରମୁଖ ଯୋଗଦେଇଥିଲେ। ସମାଜସେବା ଲାଗି ଯୁବବର୍ଗ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଜ୍ୟର ୬୦ଟି ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ପୁରୀର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଓ ବେଦାନ୍ତ କେନ୍ଦ୍ର ଓଡ଼ିଶା ଅନୁଷ୍ଠାନର ଛାତ୍ରୀଛାତ୍ର ଯୋଗ ପ୍ରଦର୍ଶନ କରିଥିଲେ। ସେହିପରି ଲିଙ୍ଗରାଜ କଳା ନିକେତନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସୀତାରାମ ସେନାପତି, ଦିଲୀପ ଚିନ୍ନାରା, ବିଭୁ ପ୍ରସାଦ ନନ୍ଦ, ଜଗନ୍ନାଥ ପଣ୍ଡା, ହରପ୍ରସାଦ ନନ୍ଦ, ଜିତେନ୍ଦ୍ର ସେନାପତି, ସନ୍ତୋଷ ମୁଖି, ଅଶ୍ୱିନୀ ସ୍ୱାଇଁ, ସତ୍ୟପ୍ରିୟ ସାହୁ, ଉମେଶ ମହାକୁଡ଼, ନୃସିଂହ ମହାରଣା, ମନୋଜ ନାୟକ, ଦିଲୀପ ପ୍ରଧାନ, ଦେବେନ୍ଦ୍ର ସୁବୁଦ୍ଧି, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀର ଓଟିଡିସି ପାନ୍ଥନିବାସ ପରିସରରେ ଖୋଲାଯାଇଥିବା ରେଷ୍ଟୁରାଣ୍ଟକୁ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରୁଛନ୍ତି ।

## ପାନ୍ଥନିବାସ ପରିସରରେ ରେଷ୍ଟୁରାଣ୍ଟ ଉଦ୍‌ଘାଟିତ

**ପୁରୀ ଅଫିସ ୨୭।୬:**

ପୁରୀ ପାନ୍ଥନିବାସ ପରିସରରେ ଏକ ରେଷ୍ଟୁରାଣ୍ଟ ଖୋଲାଯାଇଛି। ଏହାକୁ ସୋମବାର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି, ପର୍ଯ୍ୟଟନ ଏବଂ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି। ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ଭଲ ପରିବେଶ ଓ ଖାଦ୍ୟ ଯୋଗାଇବାର ଆବଶ୍ୟକତା ରହିଛି। ଏହି ରେଷ୍ଟୁରାଣ୍ଟ ପର୍ଯ୍ୟଟକ ଓ ପୁରୀବାସୀଙ୍କ ପାଇଁ ସହାୟକ ହେବ ବୋଲି ମନ୍ତ୍ରୀ ପାତ୍ର ଆଶାବ୍ୟକ୍ତ କରିଛନ୍ତି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗାଚରଣ ମହାପାତ୍ର, ପର୍ଯ୍ୟଟନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ମାନସ ପାଢ଼ୀ, ଅତିରିକ୍ତ ଜିଲାପାଳ ଦିଲ୍ଲୀପ କୁମାର ମହାପାତ୍ର, ଅନ୍ୟତମ ଅତିରିକ୍ତ ଜିଲାପାଳ କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଓଟିଡିସି ଡିଭିଜନାଲ ମ୍ୟାନେଜର ପି.କେ. ଚାନ୍ଦ, ଏସ୍‌ଇ ଶଶାଙ୍କ ଦାଶ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ ଏବଂ ପାନ୍ଥନିବାସର ମ୍ୟାନେଜର ଚନ୍ଦ୍ରକାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ସେବାରେ ଗୁରୁଜଙ୍ଗ ସୋଲ କାରିଗର

**ଖୋର୍ଦ୍ଧା ଅଫିସ,୨୭।୬:**

ଆଉ ଦିନ କେଇଟା ପରେ ପବିତ୍ର ଘୋଷଯାତ୍ରା। ଏନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ରତ୍ନବେଦି ଛାଡ଼ି ଭାଇ ଭଉଣୀଙ୍କୁ ଧରି ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥରେ ଝଲସିବ ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇସାହିର ରାଜକିଶୋର ଓ ବୀରକିଶୋର ପରିବାରଙ୍କ ହାତତିଆରି ସୋଲ ଫୁଲ। ଶେଷ ପର୍ଯ୍ୟାୟରେ ସୋଲ ଫୁଲ ପ୍ରସ୍ତୁତି। ନେତ୍ରଉତ୍ସବ ଦିନ ସୋଲ ଫୁଲ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା କରିବେ ରାଜକିଶୋରଙ୍କ ପରିବାର।

**କାର୍ତ୍ତିକ ମାସରୁ ସୋଲ ସଂଗ୍ରହ:** କାର୍ତ୍ତିକ ମାସରୁ କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଆଦି ସ୍ଥାନରୁ ସୋଲ ସଂଗ୍ରହ କରାଯାଇଥାଏ। ପରେ ଏହାକୁ ଖରାରେ ଶୁଖାଯିବା ସହ ଫୁଲ ପ୍ରସ୍ତୁତ ଲାଗି ସୋଲକୁ ବିଭିନ୍ନ ସାଇଜରେ କଟାଯାଏ। ଚୁମୁକି, ସୂତା ଏବଂ ଛୁଞ୍ଚି ବ୍ୟବହାର କରାଯାଇ ଫୁଲକୁ ଆକାର ଦିଆଯାଏ। ଏଥିରେ ପରିବାରର ମହିଳାମାନେ ସହଯୋଗ କରିଥାନ୍ତି।

**ଅକ୍ଷୟ ତୃତୀୟାରୁ କାର୍ଯ୍ୟ ଆରମ୍ଭ:** ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ ହେବା ପରେ ପରିବାର ସଦସ୍ୟ ଶୁଦ୍ଧପୂତ ଭାବେ ମହାପ୍ରଭୁଙ୍କ ଆରାଧନା କରି କାର୍ଯ୍ୟ ଆରମ୍ଭ କରିଥାନ୍ତି। ନେତ୍ର ଉତ୍ସବ ପୂର୍ବରୁ କାମ ସରିଯାଇଥାଏ। ତା'ପରେ ଏହାକୁ ନେଇ ପୁରୀ ଯାଇ ରଥରେ ସଜ୍ଜିତ କରିଥାନ୍ତି।

**ସେବା ଭାଗ୍ୟରେ ଥିଲେ ମିଳେ:** ମହାପ୍ରଭୁଙ୍କ ସେବା ଭାଗ୍ୟରେ ଥିଲେ ମିଳେ। ପ୍ରତିବର୍ଷ ମହାପ୍ରଭୁଙ୍କ ତିନି ରଥରେ ସୋଲରେ ନିର୍ମିତ ଫୁଲ ଖଞ୍ଜିବା ବେଳେ ଅପୂର୍ବ ଆନନ୍ଦ ମିଳିଥାଏ। ସୋମନାଥ ଓ ଗଣେଶ କୁହନ୍ତି, ନନ୍ଦିଘୋଷ ରଥରେ ଫୁଲ ସଜାଇବାରେ ଆନନ୍ଦ ମିଳିଥାଏ। ମହାପ୍ରଭୁ ଆମ ପରିବାରକୁ ଏହି ସେବା ପ୍ରଦାନ କରିଥିବାରୁ ନିଜକୁ ଧନ୍ୟ ମନେକରୁଛୁ। ଏହି ସେବା ତୁଳନାରେ ପାରିଶ୍ରମିକ ତୁଚ୍ଛ ବୋଲି ପରିବାର ସଦସ୍ୟମାନେ କହିଛନ୍ତି।

## ବୋଲେରୋ ଧକ୍କାରେ ବାଇକ୍ ଚାଳକ ମୃତ

**ବେଗୁନିଆ,୨୭।୬(ଡି.ଏନ୍.ଏ.):**

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବୋଲେରୋ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ବରୀ ବ୍ଲକ ଅନ୍ତର୍ଗତ ରତ୍ନଗିରି ଗ୍ରାମର ନରେନ୍ଦ୍ର କୁମାର ଜେନା(୨୮)। ସୂଚନା ମୁତାବକ, ନରେନ୍ଦ୍ର କୌଣସି କାର୍ଯ୍ୟରେ ବାଇକ୍(ଓଡି୦୨ସିଏ-୩୯୪୦)ରେ ନୟାଗଡ଼ ଯାଇଥିଲେ। କାର୍ଯ୍ୟ ଶେଷ ପରେ ଘରକୁ ଫେରୁଥିବା ବେଳେ ଅପରାହ୍ନ ୨ଟା ୪୦ରେ ବେଗୁନିଆ ପୋଷ୍ଟ ଅଫିସ ଛକ ନିକଟରେ ଅଟକିଥିଲେ। ଏହି ସମୟରେ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବୋଲେରୋ (ଓଡି୨୫କେ-୪୯୦୮) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ନରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଲୋକେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ବୋଲେରୋ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ-ମାଳିସାହି ଗ୍ରାମର ବିଜୟ ନାୟକ।

## ଟେଲିଫୋନ ଭବନରୁ ତାର ଚୋରି: ୪ ଗିରଫ

**ପୁରୀ ଅଫିସ, ୨୭।୬:**

କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବିଏସ୍‌ଏନ୍‌ଏଲ୍ ଟେଲିଫୋନ ଭବନରେ ପଶି ଫେବ୍ରିକ କପର ତାର ଚୋରି କରିବା ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ହାୱଡ଼ାର ରବିଶଙ୍କର ପାଲ (୩୭), ବଙ୍କୁରାର ଅକ୍ଷୟ ଚାଟାର୍ଜୀ(୨୬), ମେଦିନୀପୁର ଅଞ୍ଚଳର ଚଣ୍ଡୀ ଗୋରାଇ (୨୭) ଏବଂ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳର ଅରୁଣ କୁମାର ନାୟକ (୨୪)। ପୋଲିସ ଏହି ଅଭିଯୁକ୍ତମାନଙ୍କଠାରୁ ୨ଟି ବାଇକ, ୧୦ କେଜି ଓଜନର ଫେବ୍ରିକ କପର ତାର ଓ ଗୋଟିଏ କେବୁଲ କଟର ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୮୦/୨୨) ରୁଜୁ କରିଛି।

## ସାହିତ୍ୟ ହିଁ ସମାଜର ପ୍ରତିବିମ୍ବ

**ପୁରୀ ଅଫିସ, ୨୭।୬:**

ସମତା ସାହିତ୍ୟ ସମିତି ପକ୍ଷରୁ ଶରଧାବାଲିସ୍ଥିତ ରାଣୀସତୀ ଭବନ ପରିସରରେ ମହାପ୍ରଭୁଙ୍କ ଅନବସର ଅବସରରେ ଏକ କବିତା ପାଠଚକ୍ର ଆୟୋଜିତ ହୋଇଥିଲା। ଏଥିରେ ସମିତିର ସଭାନେତ୍ରୀ ପ୍ରତିଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କାର୍ତ୍ତିକ କୁମାର ଦାସ ଯୋଗଦେଇ କହିଥିଲେ, ସାହିତ୍ୟ ହିଁ ସମାଜର ପ୍ରତିବିମ୍ବ। ସାହିତ୍ୟରୁ ସାମାଜିକ ସ୍ତରରେ ଚେତନା ଜାଗ୍ରତ ହୋଇଥାଏ। ସାମାଜିକ ଚଳଣି ପାଇଁ ଯେଉଁଭଳି ବିଦ୍ୟା ଅଧ୍ୟୟନର ଆବଶ୍ୟକତା ରହିଛି, ସେହିଭଳି ସାହିତ୍ୟର ପରିଭାଷା ଆମର ମାପକାଠି। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ମଞ୍ଜୁଶ୍ରୀ ମିଶ୍ର, ଜ୍ୟୋତିର୍ବିଦ ଅନାମ ଚନ୍ଦ୍ର ସାହୁ, ଐତିହାସିକ ମଦନମୋହନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କବିତା ପାଠଚକ୍ରକୁ ଶିକ୍ଷାବିତ୍ ଶିବସୁନ୍ଦର ମିଶ୍ର ସଂଯୋଜନା କରିଥିଲେ। ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଲାଗି ସୁରକ୍ଷା ବ୍ୟବସ୍ଥା ଓ ପୋଲିସର ପ୍ରସ୍ତୁତି ସଂକ୍ରାନ୍ତରେ ସୋମବାର ପୁରୀ ପୌର ସଦନରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ପୋଲିସ ଅଧିକାରୀମାନେ ।

## 'ଅଗ୍ନିପଥ' ପ୍ରତ୍ୟାହାର ଦାବିରେ କଂଗ୍ରେସର ସତ୍ୟାଗ୍ରହ



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ କର୍ମୀମାନେ ସତ୍ୟାଗ୍ରହ ଆନ୍ଦୋଳନ କରୁଛନ୍ତି।

**ନିମାପଡ଼ା, ୨୭।୬(ଡି.ଏନ୍.ଏ):**

ନିମାପଡ଼ା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶତାଧିକ କର୍ମୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ଆନ୍ଦୋଳନ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ର ଭାଜପା ସରକାର ଯୁବ ବିରୋଧୀ ଅଗ୍ନିପଥ ଯୋଜନାରେ ସେନା ନିଯୁକ୍ତି ପ୍ରତ୍ୟାହାର କରାଯିବା ଦାବିରେ ଆନ୍ଦୋଳନ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ୩ ଘଣ୍ଟା ଚାଲିଥିଲା। ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର ସେଠୀ, ବ୍ଲକ କଂଗ୍ରେସ କମିଟି ସଭାପତି ବିଜୟ ପ୍ରଧାନ, କଂଗ୍ରେସ ନେତା ଅଜୟ ମିଶ୍ର, ରଶ୍ମିରଞ୍ଜନ ସ୍ୱାଇଁ, ବିଷ୍ଣୁଚରଣ ଭାରତୀ, ସେବାଦଳର ସଙ୍ଗଠନ ସମ୍ପାଦକ ସୁବାସ ମଲ୍ଲିକ, ବିଜୟ ମଲ୍ଲିକ, ସନ୍ତୋଷ ବେହେରା, ଲକ୍ଷ୍ମୀଧର ବେହେରା, ଜ୍ଞାନେନ୍ଦ୍ର ମାଝି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୁବ ବିରୋଧୀ ଅଗ୍ନିପଥ ଯୋଜନାକୁ କଂଗ୍ରେସର ନେତୃବୃନ୍ଦମାନେ ତୀବ୍ର ସମାଲୋଚନା କରିଥିଲେ। ଏହି ଯୋଜନାକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ସାରା ରାଜ୍ୟରେ ଦୁର୍ବାର ଗଣଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତୃବୃନ୍ଦନ ଚେତାବନୀ ଦେଇଥିଲେ।

# ମାଛରୁ ଫର୍ମାଲିନ୍‌ର ଗନ୍ଧ

- ଖାଇଲେ ଶରୀର ଅସୁସ୍ଥ ହେବାର ଆଶଙ୍କା
- କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଚୁପ୍ ବସିଛି ପ୍ରଶାସନ

**ପୁରୀ ଅଫିସ,୨୭।୬:**

ରଥଯାତ୍ରା ପାଇଁ ପୁରୀ ଗହଳଚହଳ ହୋଇଛି। ଲଜିଂ ଓ ହୋଟେଲଗୁଡ଼ିକ ବୁକିଂ ସରିଥିବା ବେଳେ ୨ଲକ୍ଷରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଏବେ ପୁରୀରେ ଆସି ରହିସାରିଲେଣି। ଏଭଳି ସ୍ଥିତିରେ ହୋଟେଲରେ ମାଛ ବିକ୍ରିର ଚାହିଦା ବଢୁଛି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ କେମିକାଲ୍ ଦେଇ ସଂରକ୍ଷିତ ରଖିଥିବା ମାଛ ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

ମାଛ କିଣି ଆଣି ତେଲ କଡ଼େଇରେ ପକାଇବା ମାତ୍ରେ ତେଲ ଏକଦମ୍ ଫେଣ ହୋଇଯାଉଛି ଓ ଉତ୍କଟ କେମିକାଲ ବାସ୍ନା ହେଉଛି। ମାଛ ଭାଜିବାରେ ରଙ୍ଗ ସ୍ୱାଭାବିକ ରହୁନାହିଁ। ମାଛର ଚର୍ମ ଆପେ ଆପେ ଉଠିଯାଉଛି। ଗନ୍ଧ ଏତେ ଉତ୍କଟ ଯେ, ମାଛକୁ ପାଟିରେ ଦେବା ସମ୍ଭବ ହେଉନାହିଁ ବୋଲି ଗ୍ରାହକ ଦେବାଶିଷ ପାଳ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମାଛ ବେପାରୀମାନେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେମାନଙ୍କ କହିବା କଥା ଯେ, ମାଛ କିଣି ଆଣି ବିକ୍ରି କରିବା ଆମ କାମ। ଆର୍ଥିକ ଦୃଷ୍ଟିରୁ ଆମେ କେମିକାଲ ଭଳି ଦାମୀ ପଦାର୍ଥ ବ୍ୟବହାର କରିପାରିବୁ ନାହିଁ। ବରଫ ଦେଇ ମାଛକୁ ୨୪ଘଣ୍ଟାରୁ ଅଧିକ ସମୟ ରଖିହୁଏ। ଏଣୁ ବରଫ ବ୍ୟବହାର କରୁ। ଅନ୍ୟପକ୍ଷରେ ପ୍ରାଣୀବିଜ୍ଞାନ ବିଶେଷଜ୍ଞ ଯଜ୍ଞଦତ୍ତ ମିଶ୍ର କହିଛନ୍ତି, ମାଛରୁ ବାହାରୁଥିବା ଗନ୍ଧ ଫର୍ମାଲିନ୍ କେମିକାଲ୍‌ର ବ୍ୟବହାର ଦ୍ୱାରା ସୃଷ୍ଟି ହେଉଛି। ଫର୍ମାଲିନ୍ ଉତ୍କଟ ଗନ୍ଧ ତିଆରି କରେ ଓ ପଦାର୍ଥକୁ ବିଷାକ୍ତ କରେ। ବିଶେଷ କରି ଗୋଦାମ ମାଲିକମାନେ ଏହାକୁ ବ୍ୟବହାର କରନ୍ତି। ଦାମୀ ମାଛକୁ ଅଧିକ ଦିନ ରଖିବା ପାଇଁ ଫର୍ମାଲିନ୍‌ର ବ୍ୟବହାର କରାଯାଉଛି। ସେହିଭଳି ମଧୁର ଜଳ ମାଛରେ ଫର୍ମାଲିନ୍ ବ୍ୟବହାର ଯୋଗ୍ୟ ନୁହେଁ। ମଧୁର ମାଛରେ ଏହି ଗନ୍ଧକୁ ବାରିବା ସହଜ। ଏଣୁ ସମୁଦ୍ର ମାଛରେ ଏହାକୁ ବ୍ୟବହାର କରାଯାଏ। ଅନେକ ସ୍ଥଳରେ ମାଛ ଅଭାବ ସଙ୍କଟକୁ ଦୂର କରିବା ପାଇଁ ମଧୁର ମାଛରେ ବ୍ୟବହାରର ଉଦାହରଣ ଦେଖିବାକୁ ମିଳୁଛି। ପୁରୀରେ ପର୍ଯ୍ୟଟକଙ୍କ ଭିଡ଼ ଯୋଗୁ ଏଭଳି କରାଯାଉଥାଇପାରେ ବୋଲି ମିଶ୍ର ପ୍ରକାଶ କରିଛନ୍ତି। ଏଭଳି କ୍ଷେତ୍ରରେ ପ୍ରଶାସନ ଚୁପ୍ ବସିଛି। ହୋଟେଲରେ ଚଢ଼ାଉ କରି ମାଛରେ କେମିକାଲ ଦିଆଯାଉଛି କି ନାହିଁ ତାହା ଯାଞ୍ଚ ଲାଗି ପଦକ୍ଷେପ ନିଆଯାଉନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଚିରଞ୍ଜିବୀ ପରିଡ଼ା କହିଛନ୍ତି। ଏ ନେଇ ଡାକ୍ତର ରଞ୍ଜିତା ସାହୁ କହିଛନ୍ତି, ପରୋକ୍ଷ ଭାବରେ ଖୁବ୍ କମ୍ ମାତ୍ରାରେ ଫର୍ମାଲିନ୍ ମଣିଷ ଶରୀରକୁ ଯାଉଥିଲେ ମଧ ଏହା ଅତି ପ୍ରତିକ୍ରିୟାଶୀଳ ପ୍ରଭାବ ସୃଷ୍ଟି କରେ। ଲାର୍ଜ ଓ ସ୍ମଲ୍ ଇନଟେଷ୍ଟାଇନ୍, କିଡନୀ, ଷ୍ଟୋମାକ୍ ଓ ଲିଭର ସମସ୍ୟା ଦେଖିବାକୁ ମିଳେ। ଫର୍ମାଲିନ୍ ଏକ ପ୍ରିଜରଭେଟିଭ୍ କେମିକାଲ ହୋଇଥିବାରୁ ପ୍ରାଣୀ ଶରୀରରେ ଏହାର କୁପ୍ରଭାବର ଚିଠା ଲମ୍ବା। ତେବେ ଫର୍ମାଲିନ୍‌ଯୁକ୍ତ ମାଛ ବ୍ୟବହାରରୁ ବର୍ତ୍ତିବାକୁ ହେଲେ ଗ୍ରାହକମାନେ ମାଛକୁ ଶୁଙ୍ଘିବା ଦରକାର। ଏହାର ଗନ୍ଧ ପୃଥକ ଭାବେ ବାରି ହେବ ବୋଲି ଡାକ୍ତର ସାହୁ କହିଛନ୍ତି। ସେହିଭଳି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ରାଜଶ୍ରୀ ପତି କହିଛନ୍ତି, ରଥଯାତ୍ରା ପାଇଁ ପ୍ରତିଦିନ ନମୁନା ସଂଗ୍ରହ କରାଯାଇ କଞ୍ଚା ଓ ରନ୍ଧା ଖାଦ୍ୟର ମାନ ଯାଞ୍ଚ ହେଉଛି। ତେବେ ମାଛରେ ଫର୍ମାଲିନ୍‌ର ବ୍ୟବହାର ହେଉଥିବା ସ୍ପଷ୍ଟ ଭାବେ କହିପାରିବା ନାହିଁ। ଏଭଳି ଅଭିଯୋଗ ସାମ୍ନାକୁ ଆସିନାହିଁ। ଅଭିଯୋଗ ଆସିଲେ, ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯିବ।



**ଆଜି ଭାଜପା ପଦାଧିକାରୀ ବୈଠକ, ବୁଧବାର ରାଜ୍ୟ କାର୍ଯ୍ୟକାରିଣୀ**

ଭୁବନେଶ୍ୱର,(ବ୍ୟୁରୋ):ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଅର୍ଥାତ୍ ମଙ୍ଗଳବାର ଦଳର ରାଜ୍ୟ ପଦାଧିକାରୀ ବୈଠକ ରାଜ୍ୟ କାର୍ଯ୍ୟାଳୟ ଠାରେ ଅପରାହ୍ନ ୪ଟା ସମୟରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ବସିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀରେ ଆସିବାକୁ ଥିବା ପ୍ରସ୍ତାବ ପାରିତ ହେବ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।




ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ଛକଠାରେ ଅଗ୍ନିପଥ ଯୋଜନା ବିରୋଧରେ ସତ୍ୟାଗ୍ରହ କରାଯାଇଛି।

# ଅଗ୍ନିପଥ ଯୋଜନା ପ୍ରତ୍ୟାହାର କର: କଂଗ୍ରେସ

ଭୁବନେଶ୍ୱର,୨୭।୬(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ପକ୍ଷରୁ ସେନାବାହିନୀରେ ଅଗ୍ନିବୀର ନିଯୁକ୍ତି ପ୍ରକ୍ରିୟାକୁ ପ୍ରତ୍ୟାହାର ଦାବିରେ କଂଗ୍ରେସ ପକ୍ଷରୁ ସୋମବାର ରାଜ୍ୟବ୍ୟାପୀ ସତ୍ୟାଗ୍ରହ କରାଯାଇଛି। ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଓ୍ୱାରି ଦିନ ୧୦ରୁ ୧ଟା ମଧ୍ୟରେ ଏହା ପାଳନ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଭଦ୍ରକରେ ଅନୁଷ୍ଠିତ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହରେ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଅଗ୍ନିପଥ ଯୋଜନା ପ୍ରତ୍ୟାହାର ଲାଗି ଦାବି କରିଛନ୍ତି।

ଅନ୍ୟପକ୍ଷରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଏକ ସତ୍ୟାଗ୍ରହ ଆନ୍ଦୋଳନ ସ୍ଥାନୀୟ ସର୍କିଟ ହାଉସ ଛକଠାରେ କରାଯାଇଛି। ଏହି ସତ୍ୟାଗ୍ରହ ଦିନ ୧୦ରୁ ୧ଟା ପର୍ଯ୍ୟନ୍ତ କରାଯାଇଥିଲା। କେନ୍ଦ୍ର ସରକାର ଭାରତ ବର୍ଷର ସେନାବାହିନୀକୁ ଦୁର୍ବଳ କରିଦେବା ପାଇଁ ଯେଉଁ ଷଡ଼ଯନ୍ତ୍ର ରଚନା କରିଛନ୍ତି, ଅତ୍ୟନ୍ତ ଚିନ୍ତାଜନକ ଓ ସମ୍ପୂର୍ଣ୍ଣ ଦେଶର ସ୍ୱାର୍ଥ ବିରୋଧରେ ଉଦ୍ଦିଷ୍ଟ। ଓଡ଼ିଶାର ବହୁ ଗ୍ରାମାଞ୍ଚଳରେ ଯୁବତୀ, ଯୁବକମାନେ ଜୀବନରେ ଏକ ସ୍ୱପ୍ନ ଦେଖିଥାନ୍ତି ଯେ, ସେମାନେ କିପରି ସେନାବାହିନୀରେ ଯୋଗଦାନ କରି ଦେଶମାତୃକାର ସେବା କରିବେ। ଆବଶ୍ୟକ ପଡ଼ିଲେ ଦେଶ ପାଇଁ ଜୀବନ ଦେବାକୁ ସେମାନେ ପ୍ରସ୍ତୁତ ରହିଥାଆନ୍ତି। ହେଲେ ଅତି ଦୁର୍ଭାଗ୍ୟର କଥା, ଅଗ୍ନିବୀରମାନଙ୍କୁ ମାତ୍ର ୪ ବର୍ଷ ପାଇଁ ନିଯୁକ୍ତି କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିଯୁକ୍ତି ଏକ ଠିକା ନିଯୁକ୍ତି ଅଟେ। ଏହାଦ୍ୱାରା ଭାରତ ବର୍ଷର ଯୁବପିଢ଼ିଙ୍କ ଆଶା ଭାଙ୍ଗିପଡ଼ିବ। ସେମାନେ ମାନସିକ ସ୍ତରରେ ଜଣେ ବୀର ସୈନିକ ହିସାବରେ ପ୍ରସ୍ତୁତ ହୋଇପାରିବେ ନାହିଁ। ୪ ବର୍ଷ ପରେ ସେମାନଙ୍କ ମଧ୍ୟରୁ ୭୫ ଭାଗ ଲୋକଙ୍କୁ ନିଜ ନିଯୁକ୍ତି ହରାଇବାକୁ ପଡ଼ିବ। ଯଦି ଏତେ ପରିମାଣର ବୀର ସୈନିକ ନିଯୁକ୍ତି ହରାଇବେ, ତେବେ ସେମାନଙ୍କୁ କିଭଳି ଏବଂ କେଉଁ କ୍ଷେତ୍ରରେ ନିଯୁକ୍ତି କରାଯିବ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଯେଉଁମାନେ ଦେଶ ପାଇଁ ବଳିଦାନ ଦେବେ, ଯଦି ସେମାନଙ୍କ ଭବିଷ୍ୟତକୁ ଆମେ ସୁରକ୍ଷିତ ରଖିପାରିବା ନାହିଁ, ତେବେ ଦେଶର ଗତି କୁଆଡ଼େ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡ, ରାଜସ୍ଥାନ ପାଳି

କୋଲକାତା, ୨୭।୬

ମହାରାଷ୍ଟ୍ର ଭଳି ରାଜନୈତିକ ସଙ୍କଟ ଝାଡ଼ଖଣ୍ଡ ଓ ରାଜସ୍ଥାନରେ ମଧ୍ୟ ଉପୁଜିବ ବୋଲି ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ସୋମବାର ପ୍ରକାଶ କରିଛନ୍ତି। ଶୁଭେନ୍ଦୁଙ୍କ ମତରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟ ୫ ବର୍ଷ ପୂରଣ କରିବା ପୂର୍ବରୁ ଭାଙ୍ଗିଯିବ। ଅଣଭାଜପା ଶାସିତ ଝାଡ଼ଖଣ୍ଡ ଏବଂ ରାଜସ୍ଥାନ ସରକାର ପ୍ରଥମେ ଅନୁରୂପ ସଙ୍କଟର ସାମ୍ନା କରିବେ। ପରେ ଟିଏମ୍‌ସିର ପାଳି ଆସିବ ବୋଲି ପଶ୍ଚିମବଙ୍ଗର ବିଧାନସଭାର ବିରୋଧୀ ଦଳ ନେତା ଶୁଭେନ୍ଦୁ କୁଚବିହାରରେ ଏକ ସଭାକୁ ସମ୍ବୋଧନ ବେଳେ ଦୃଢ଼ୋକ୍ତି ବାଢ଼ିଛନ୍ତି। ଏହାକୁ ନେଇ ଟିଏମ୍‌ସି ସାଧାରଣ ସମ୍ପାଦକ କୁଣାଲ ଘୋଷ କହିଛନ୍ତି, ଭାଜପା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟର ମୁହଁ ଦେଖି ହତାଶ ହୋଇପଡ଼ିଛି। ତେଣୁ ଯେଣତେଣ ପ୍ରକାରେ କ୍ଷମତା ହାତେଇବାକୁ ଉଦ୍ୟମ ଚଳାଇଛି। ଏହା ଶୁଭେନ୍ଦୁଙ୍କ ମନ୍ତବ୍ୟରୁ ବୁଝିହେଉଛି ବୋଲି କୁଣାଲ କହିଛନ୍ତି। ଭାଜପା ହିଁ ମହାରାଷ୍ଟ୍ର ସଙ୍କଟ ସୃଷ୍ଟି କରାଇଛି ବୋଲି ଶୁଭେନ୍ଦୁଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହୋଇଥିବା ଟିଏମ୍‌ସି ଏମ୍‌ପି ଶୁଖେନ୍ଦୁ ଶେଖର ରାୟ କହିଛନ୍ତି।

**ମମତାଙ୍କ ସରକାର ବି ଭାଙ୍ଗିବ: ଶୁଭେନ୍ଦୁ ଅଧିକାରୀ**



# ଉଦ୍ଧବଙ୍କ ଇସ୍ତଫାକୁ ପାୱାର ଅଟକାଇଛନ୍ତି


ଉଦ୍ଧବ ଠାକରେ


ଶରଦ ପାୱାର

ମୁମ୍ବାଇ,୨୭।୬: ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ଇସ୍ତଫା ଦେବାକୁ ଚାହୁଁଛନ୍ତି। କିନ୍ତୁ ମହା ବିକାଶ ଅଘାଡ଼ିର ଚାଣକ୍ୟ ଶରଦ ପାୱାର ତାଙ୍କୁ ଅଟକାଇଦେଇଛନ୍ତି ବୋଲି ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟ ଅନୁସାରେ କ୍ୟାବିନେଟ ମନ୍ତ୍ରୀ ଏକନାଥ ସିନ୍ଦେ ଶିବସେନା ବିଧାୟକମାନଙ୍କୁ ଧରି ବିଦ୍ରୋହୀ ସାଜିବା ପରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ ନେଇ ଉଦ୍ଧବ ବିରକ୍ତି ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ସୋମବାର ଦ୍ୱିପହରେ ଇସ୍ତଫା ଦେବାକୁ ଉଦ୍ୟମ କରିଥିଲେ। ଉଦ୍ଧବ ଅପରାହ୍ନ ୫ଟାରେ ସୋସିଆଲ ମିଡିଆରେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ସମ୍ପର୍କରେ ଘୋଷଣା କରିଥାଆନ୍ତେ। ତେବେ ଏନ୍‌ସିପି ମୁଖ୍ୟ ପାୱାର ଏହି ବିଷୟ ଜାଣିବା ପରେ ତାଙ୍କୁ ଇସ୍ତଫା ନ ଦେବାକୁ ବୁଝାଇଛନ୍ତି। ଗତ ବୁଧବାର ଉଦ୍ଧବ କହିଥିଲେ, ଯଦି ବିଦ୍ରୋହୀ ବିଧାୟକମାନେ ଚାହୁଁଛନ୍ତି ତେବେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ପ୍ରସ୍ତୁତ। ଏପରି କି ଶିବସେନା ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପାଇଁ ମଧ୍ୟ ସେ ପ୍ରସ୍ତୁତ ଥିବା କହିଥିଲେ। କିନ୍ତୁ ଏଥିପାଇଁ ବିଦ୍ରୋହୀମାନଙ୍କୁ ତାଙ୍କ ସାମ୍ନାକୁ ଆସି ଏହି ବିଷୟ କହିବାକୁ ପଡ଼ିବ ବୋଲି ସେ ସର୍ତ୍ତ ବାଢ଼ିଥିଲେ।

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-940 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2703/MKT/OSIC Dt.24.06.2022
The OSIC Ltd., Cuttack invites sealed bids from experienced Manufacturers for supply of Dual Desk-cum-Bench, Teachers table & Chair to Odisha Adarsha Vidyalaya Schools under Boudh district. The detail schedules, terms and conditions of the tender document along with the item specification and quantity of requirement can be downloaded from www.osicltd.in . Any corrigendum/ changes/modifications will appear in OSIC Ltd. website: www.osicltd.in only and all tenders are to refer to above website.
By order of MD
Sd/-Manager(Mktg)
OIPR-14073/11/0035/2223

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-941 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2699/RE/OSIC Dt.24.06.2022
The Managing Director, OSIC Ltd., Cuttack invites tender from experienced bidders/agencies for the work "Empanelment of event management agencies for organizing and managing various events functions and exhibitions". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website www.osicltd.in only.
Sd/-GENERAL MANAGER(O)
OIPR-14073/11/0036/2223

# ପୋପ୍‌ଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ୍ ଉପରେ ପ୍ରଶ୍ନ ଉଠାଇଲା ଭାଜପା

## ଏହା ଦ୍ୱାରା ଯଦି ସକାରାତ୍ମକ ମନୋଭାବ ତିଆରି ହେବ, ଅସୁବିଧା କେଉଁଠି: ବିଜେଡି

ଭୁବନେଶ୍ୱର,୨୭।୬(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦେଶ ଗସ୍ତରେ ଅଛନ୍ତି। ସେ ପ୍ରଥମେ ରୋମ୍ ଯାଇଥିବା ବେଳେ ଗତ ରବିବାର ବିଳମ୍ବିତ ସନ୍ଧ୍ୟାରେ ଦୁବାଇରେ ପହଞ୍ଚିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଇଟାଲୀ ଗସ୍ତ ଓ ପୋପ୍‌ଙ୍କୁ ସାକ୍ଷାତ ଉପରେ ବିରୋଧୀ ଭାଜପା ପ୍ରଶ୍ନ ଉଠାଇଛି।

ବରିଷ୍ଠ ଭାଜପା ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀ କେଉଁ ପଇସା ଖର୍ଚ୍ଚ କରି ଇଟାଲୀ ଗସ୍ତ କରିଛନ୍ତି। ଯଦି ସରକାରୀ ଅର୍ଥରେ ଗସ୍ତ କରିଛନ୍ତି, ତେବେ ସେଠାରେ କ'ଣ କରିବାକୁ ଯାଇଥିଲେ। ଧାଡ଼ିରେ ଠିଆ ହୋଇ ପୁଣି ପୋପ୍‌ଙ୍କୁ କାହିଁକି ଭେଟିଲେ। କେବେହେଲେ ଶଙ୍କରାଚାର୍ଯ୍ୟଙ୍କୁ ତ ଭେଟିନାହାନ୍ତି। ଓଡ଼ିଶାର ଧର୍ମ, ସଂସ୍କୃତି, ପରମ୍ପରାକୁ ଯଦି କୌଣସି ପ୍ରକାରର ବ୍ୟାହତ କରିବାକୁ ନବୀନ ଚାହାନ୍ତି, ତେବେ ପ୍ରବଳ ବିରୋଧ କରାଯିବ ବୋଲି ଜୟନାରାୟଣ କହିଛନ୍ତି।

ବିଜେଡି ବିଧାୟକ ଶଶିଭୂଷଣ ବେହେରା କହିଛନ୍ତି, ସାରା ଦେଶରେ ଖ୍ରୀଷ୍ଟିଆନ୍ ସୋସାଇଟି ଏବଂ ଜନସଂଖ୍ୟା ଦେଶରେ ବହୁ ପରିମାଣର ଅଛନ୍ତି। ସେହିପରି ଖ୍ରୀଷ୍ଟିଆନ୍ ସୋସାଇଟିର ରାଷ୍ଟ୍ରମୁଖ୍ୟଙ୍କଠାରୁ ପୋପ୍‌ଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ତେଣୁ ପୋପ୍‌ଙ୍କୁ ସାକ୍ଷାତ୍ କରିବା ସହ ତାଙ୍କ ମାନସିକ ସମର୍ଥନ ନେବାରେ ଭୁଲ୍ କେଉଁଠାରେ ରହିଲା। ଏହାଦ୍ୱାରା ଓଡ଼ିଶା ପ୍ରତି ଯଦି ଏକ ସକାରାତ୍ମକ ମନୋଭାବ ତିଆରିହୋଇପାରିବ,ତେବେଏହାହେବଉଚିତପଦକ୍ଷେପ।

GOVERNMENT OF ODISHA Email: rd_nuapada@rediffmail.com
**OFFICE OF THE SUPERINTENDING ENGINEER RURAL WORKS DIVISION, NUAPADA**
Bid Identification No. RWNPD - 04 (Online) of 2022 - 23 Date: 22.06.2022
No. O-532
**"e" PROCUREMENT NOTICE**
Bid documents consisting of Work, Estimate Cost, Cost of tender Paper, EMD/Bid Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.
1. Name of the work : Road works in the District of Nuapada as mentioned in DTCN
2. Total No. of works : 07 Nos.
3. Estimated Cost : Rs.5.31 lakhs to 24.42 lakhs
4. Period of Completion : 02 (Two) to 03 (Three) Calendar Months
5. Other Details :

| Availability of tender online for bidding | | Last date & time of seeking tender clarification | Date & time of Opening of tender |
|---|---|---|---|
| From | To | | |
| 04.07.2022 at 10.00 A.M. | 14.07.2022 upto 5.00 P.M. | 13.07.2022 upto 05.00 P.M. | 15.07.2022 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25050/11/0007/2223 Sd./- Executive Engineer, Rural Works Division, Nuapada

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
No. B-309 e-mail: seec_bls@rediffmail.com
**Government of Odisha "e" Procurement Notice**
Bid Identification No. CCEEC-06/2022-23
No. 2835 Dt.21.06.2022
Nature of Work : Building Works
Number of Works : 07 (Seven) Nos. Buildings
Amount put to tender : Rs.309.10 lakh to Rs.317.53 lakh
Class of Contractor : "A" Class/ "Special"
Date & time of availability of bid document in the portal : Dt.28.06.2022 at 10.00 A.M.
Last date/time of receipt of bid in the portal : Dt.12.07.2022 upto 05.00 P.M.
Date of Opening of Bid : Dt.13.07.2022 at 11.00 A.M.
Name & address of the Office Inviting Bid : Chief Construction Engineer, Eastern Circle (R&B), Balasore
The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in". All future corrigendum will be available on ONLINE mode only.
Sd./- R. Rout, Chief Construction Engineer
OIPR-34026/11/0008/2223 Eastern Circle (R&B), Balasore

# ଉତ୍ତରାଧିକାରୀଙ୍କୁ ନେଇ ଚର୍ଚ୍ଚା


ଦେବାଶିଷ


ଦେବପ୍ରିୟ


ସୌମ୍ୟଶଙ୍କର

## ଘସିପୁରା ନିର୍ବାଚନମଣ୍ଡଳୀ

ଆନନ୍ଦପୁର,୨୭।୬(ସ୍ୱ.ପ୍ର.)

ରାଜନୈତିକ ଦୃଷ୍ଟିକୋଣରୁ କେନ୍ଦୁଝର ଜିଲାର ଘସିପୁରା ସ୍ୱର୍ଣ୍ଣକାତର ନିର୍ବାଚନମଣ୍ଡଳୀ ଭାବେ ପରିଚିତ। ଏହି ନିର୍ବାଚନମଣ୍ଡଳୀ ଏବେ ବିଜେଡି ଅକ୍ତିଆରରେ ରହିଛି। ୨୦୦୯ରୁ ଏପର୍ଯ୍ୟନ୍ତ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ବିଜେଡି ବିଧାୟକ ବଦ୍ରି ପାତ୍ର ଲଗାତର ଭାବେ ନିର୍ବାଚନ ଜିତିଆସୁଛନ୍ତି । ସେ ଏଠାରୁ ୪ଥର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଶିକ୍ଷାବିତ୍‌ରୁ ରାଜନୀତିକୁ ଆସିଥିବା ବଦ୍ରି ପ୍ରଥମଥର ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ୧୯୯୦ରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଏହାପରେ ସେ ୨୦୦୯ରୁ ଏହି ନିର୍ବାଚନମଣ୍ଡଳୀରୁ ଲଗାତର ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଆସୁଛନ୍ତି। ବଦ୍ରିଙ୍କ ବିଜୟ ରଥର ମୁଖ୍ୟ ସାରଥି ସାଜିଛନ୍ତି ତାଙ୍କ ଦୁଇପୁଅ ଦେବାଶିଷ ଓ ଦେବପ୍ରିୟ। ଦେବାଶିଷ ଘସିପୁରା ନିର୍ବାଚନମଣ୍ଡଳୀରେ ତୃଣମୂଳସ୍ତରରୁ ବିଜେଡି ସଂଗଠନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଥିବା ବେଳେ ଜଟିଳ ପରିସ୍ଥିତିରେ ଦେବପ୍ରିୟଙ୍କ ରଣନୀତି ଅନେକ ସମୟରେ ସମସ୍ତଙ୍କୁ ଚକିତ କରିଥାଏ। କେବଳ ସାଧାରଣ ନିର୍ବାଚନ ନୁହଁ, ପଞ୍ଚାୟତ ନିର୍ବାଚନରେ ମଧ୍ୟ ବଦ୍ରିଙ୍କ ପରିବାର ବିଜେଡିର ଦବ୍‌ଦବା ବଜାୟ ରଖିବାରେ ସଫଳ ହୋଇଛି। ବୟସ ବଢ଼ିବା ଏବଂ ଶରୀର ଅସୁସ୍ଥ ରହିବା କାରଣରୁ ବିଜେଡିର ଏହି ପୁରୁଖା ନେତା ଆଗାମୀ ଦିନରେ ଆଉ ନିର୍ବାଚନକୁ ଓହ୍ଲାଇ ନ ପାରନ୍ତି ନେଇ ଚର୍ଚ୍ଚା ହେଉଛି। ସେ ଏ ନେଇ କିଛିଦିନ ପୂର୍ବରୁ ଗଣମାଧ୍ୟମକୁ ପରୋକ୍ଷ ସୂଚନା ମଧ୍ୟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୁବକମାନଙ୍କୁ ଆଗକୁ ଛାଡ଼ିବାକୁ ଚାହୁଁଥିବାରୁ ସେ ସେଥିରେ ସହମତ ବୋଲି କହିଛନ୍ତି। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ବଦ୍ରି ଅବସର ଘୋଷଣା କରନ୍ତି ତେବେ ଘସିପୁରା ନିର୍ବାଚନମଣ୍ଡଳୀର ବିଜେଡି ନେତୃତ୍ୱ କାହା ହାତରେ ରହିବ ସେନେଇ ଚର୍ଚ୍ଚା ଆରମ୍ଭ ହେଲାଣି। ବଦ୍ରି ପାତ୍ରଙ୍କ ଦୁଇ ପୁଅ ତଥା ଯୁବନେତା ଦେବାଶିଷ ଓ ଦେବପ୍ରିୟଙ୍କ ମଧ୍ୟରୁ ବିଜେଡି ଜଣଙ୍କୁ ବଦ୍ରିଙ୍କ ଉତ୍ତରାଧିକାରୀ ଭାବେ ବାଛିବ ନା ଅନ୍ୟ କିଛି ବିକଳ୍ପ ଚିନ୍ତା କରିବ ସେନେଇ ଦଳୀୟ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଘସିପୁରା ନିର୍ବାଚନମଣ୍ଡଳୀରେ ଅନ୍ୟ ବିକଳ୍ପ ଭାବେ ଯୁବନେତା ସୌମ୍ୟଶଙ୍କର ଚକ୍ର (ରାଜା)ଙ୍କ ନାମ ମଧ୍ୟ ଆଲୋଚନା ପରିସରକୁ ଆସୁଛି। ନିକଟରେ ଶେଷ ହୋଇଥିବା ପଞ୍ଚାୟତ ନିର୍ବାଚନରେ ସେ ମଧ୍ୟ ନିଜ ସମର୍ଥନରେ କେତେଗୁଡ଼ିଏ ପଞ୍ଚାୟତରେ ପ୍ରାର୍ଥୀ ଦେଇ ପରୋକ୍ଷରେ ବିଜେଡିର ଅନ୍ୟ ଏକ ଦାବିଦାର ଭାବେ ନିଜକୁ ଉପସ୍ଥାପନ କରିବାକୁ ପ୍ରୟାସ କରିଥିଲେ। ଯଦିଓ ତାଙ୍କୁ ସେତେଟା ସଫଳତା ମିଳି ନ ଥିଲା ତଥାପି ବିଜେଡିର ରାଜ୍ୟସ୍ତରୀୟ ନେତାଙ୍କ ପରୋକ୍ଷ ସମର୍ଥନ ତାଙ୍କ ମନୋବଳକୁ ବୃଦ୍ଧି କରୁଥିବା କୁହାଯାଉଛି। ଏଥିପାଇଁ ବିଭିନ୍ନ ସମୟରେ ଦଳୀୟ ଗୋଷ୍ଠୀକନ୍ଦଳ ପରିସ୍ଥିତି ସୃଷ୍ଟି ହେଉଛି। ଗୋଳିଆ ପାଣିରୁ ମାଛ ଧରିବାକୁ ରାଜ୍ୟସ୍ତରୀୟ ନେତୃତ୍ୱ ପ୍ରୟାସ କରୁଥିବା ଆଲୋଚନା ହେଉଛି। ସେ ଯାହା ହେଉନା କାହିଁକି, ୨୦୨୪ ନିର୍ବାଚନ ପାଇଁ ଏବେଠାରୁ ଘସିପୁରା ନିର୍ବାଚନମଣ୍ଡଳୀ ଚଳଚଞ୍ଚଳ ହେଉଥିବା ଲକ୍ଷ୍ୟ କରାଯାଉଛି। ଏଥିରେ ଦଳୀୟ ସଂଗଠନ ମୁଖ୍ୟ ପ୍ରସଙ୍ଗ ହୋଇ ନ ଥିବା ବେଳେ ବିଜେଡିର ଉତ୍ତରାଧିକାରୀ ଭାବେ ଯୁବପିଢ଼ିଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି।

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 10855/IND-II-PH-1040 ତାରିଖ: 23.06.2022

**ବିଜ୍ଞାପନ**

No. CAD-945: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ରୁଙ୍ଗଟା ମାଇନ୍‌ସ ଲିମିଟେଡ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ତହସିଲ ଅନ୍ତର୍ଗତ ବଡ଼ଇନ୍ଦୁପୁର, ସାନୁଆ, ସର୍ଗିଗଡ଼ ଏବଂ ତେହେରେଇ ଗ୍ରାମରେ ୧୩୧.୫୮୦ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ଅବସ୍ଥିତ ଚାନ୍ଦିପୋଷି ଲୌହ ଖଣିଜ ବ୍ଲକର ସମୁଦାୟ ଉତ୍ତୋଳନ କ୍ଷମତା ୧.୦୯୪୫ ଏମଟିପିଏ (୧.୦ ଏମଟିପିଏ ଲୌହ ଖଣିଜ ROM + ୦.୦୯୪୫ ଏମଟିପିଏ ବର୍ଜ୍ୟ) ସହିତ ୨ × ୨୫୦ ଟିପିଏ ମୋବାଇଲ କ୍ରସିଂ ଏବଂ ୩ × ୩୫୦ ଟିପିଏ ମୋବାଇଲ ସ୍କ୍ରିନିଙ୍ଗ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୩।୦୮।୨୦୨୨ରିଖ ଦିବା ୧୦.୦୦ ଘଟିକା ସମୟରେ ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସାନିନ୍ଦପୁର ଗ୍ରାମସ୍ଥିତ ସାନିନ୍ଦପୁର ଛକ ନିକଟ ଖୋଲାପଡ଼ିଆରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ସୁନ୍ଦରଗଡ଼।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ରାଉରକେଲା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାଉରକେଲାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0124/2223 ସ୍ୱା./– ସଦସ୍ୟ ସଚିବ

GOVERNMENT OF ODISHA No. O-543
**"e" PROCUREMENT NOTICE**
**Bid Identification No. Online-AGL-03 of 2022-2023**
1. Name of the work : Road works & Building Work
2. Estimated Cost : Rs.47.99 to Rs.59.12 lakhs
3. Period of Completion : 06 (Six) Calendar Months
4. Date & time of availability of: bid document in the portal From 02.07.2022 to 12.07.2022 upto 5.00 P.M.
5. Last date/time for receipt of: bids in the portal 12.07.2022 upto 5.00 P.M.
6. Name & Address of the OIT: Executive Engineer, Rural Works Division, Angul
Further details can be seen from the Govt. website www.tendersorissa.gov.in.
Sd./- Executive Engineer
OIPR-25096/11/0004/2223 R.W. Division, Angul

**ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ**
**(ଦୀର୍ଘମିଆଦି ଲିଜ ନିମନ୍ତେ ନିଲାମ ଇସ୍ତାହାର)**
ପତ୍ର ସଂଖ୍ୟା: ୧୬୬୦ ତାରିଖ: ୨୩ ଜୁନ ୨୦୨୨
No. F-111: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମାର୍ଶାଘାଇ ତହସିଲର (୦୧) ଏକ ଗୋଟି ସୈରାତ ଉତ୍ସ ଦୀର୍ଘମିଆଦି ଲିଜ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ ମୁତାବକ ପାଞ୍ଚ ବର୍ଷ ନିମନ୍ତେ (୨୦୨୨-୨୩ଠାରୁ ୨୦୨୬-୨୭) ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା: ବିଜ୍ଞାପନ, ସର୍ତ୍ତାବଳୀ ସୈରାତ ଉତ୍ସ ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.kendrapara.nic.inରେ ଉପଲବ୍ଧ କରାଯାଇଛି। ଇଚ୍ଛୁକ ବ୍ୟକ୍ତି ବିଶେଷ ଡାକ ଯୋଗେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିପାରିବେ।
ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ
ଧାର୍ଯ୍ୟ ତାରିଖ ଏବଂ ସମୟ : ପ୍ରଥମ ପର୍ଯ୍ୟାୟ: ତା୧୨।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ: ତା୧୯।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ: ତା୨୬।୦୭।୨୦୨୨ରିଖ ଦିବା ୧୧.୦୦ ଘଟିକା
ସ୍ୱା./– ତହସିଲଦାର, ମାର୍ଶାଘାଇ
OIPR-24243/11/0002/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୮ ଜୁନ ୨୦୨୨



## ସେବାୟତଙ୍କ ପାଇଁ ଖୋଲିଲା ସ୍ୱାବ୍ ଟେଷ୍ଟ ସେଣ୍ଟର

**ପୁରୀ ଅଫିସ:** ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ସୋମବାରଠାରୁ ଲୋକନାଥ ରୋଡସ୍ଥିତ ବାରବାଟୀ କଲ୍ୟାଣ ମଣ୍ଡପ ପରିସରରେ ସ୍ୱାବ୍ ଟେଷ୍ଟ (ଆର୍‌ଟିପିସିଆର୍ ଟେଷ୍ଟ) ସେଣ୍ଟର ଖୋଲା ଯାଇଛି। ପ୍ରତିଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ସେଣ୍ଟର ଖୋଲାରହିବ। ସେବାୟତ, ସେବାୟତ ପରିବାର ଏବଂ ଶ୍ରୀମନ୍ଦିର କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ଯଦି କାହାର ଥଣ୍ଡା, କାଶ କିମ୍ବା ଜ୍ୱର ହେଉଥାଏ ତେବେ ସେମାନେ ଉକ୍ତ କେନ୍ଦ୍ରକୁ ଯାଇ ତାଙ୍କ ସ୍ୱାବ୍ ଟେଷ୍ଟ (ଆର୍‌ଟିପିସିଆର୍ ଟେଷ୍ଟ) କରାଇ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

### ସଂକ୍ଷେପରେ

## ପୂର୍ବତଟ ରେଳପଥ ପକ୍ଷରୁ ରଥଯାତ୍ରା ବିଶେଷ ଟ୍ରେନ

**ଶାଲିମାର (କୋଲକାତା), ଜଗଦଲପୁର, ବିଶାଖାପାଟଣା ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପୁରୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ**

ଭୁବନେଶ୍ୱର,୨୭।୬

ଗତ ଦୁଇ ବର୍ଷ ହେବ ଯାତ୍ରୀଙ୍କ ବିନା ରଥଯାତ୍ରା ଆୟୋଜିତ ହୋଇଥିବାରୁ ଚଳିତବର୍ଷ ରଥଯାତ୍ରାରେ ଲକ୍ଷାଧିକ ଭକ୍ତ ଏକାଠି ହେବାର ସମ୍ଭାବନ ରହିଛି। ଏହାକୁ ନଜରରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ଯୋଜନା କରାଯାଇଛି। ଏପରିକି ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ରେଳ ମନ୍ତ୍ରୀ ରଥଯାତ୍ରା ପାଇଁ ୨୦୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଘୋଷଣା କରିଥିଲେ। ସେହିଭଳି ରଥ ପାଇଁ ଭକ୍ତମାନଙ୍କ ଗମନାଗମନ ଏବଂ ସୁବିଧା ପାଇଁ ରେଲୱେ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଉଥିବା ସୂଚନା ମିଳିଛି। ଏହା ବ୍ୟତୀତ ପୂର୍ବତଟ ରେଳପଥ ପଡ଼ୋଶୀ ରାଜ୍ୟଗୁଡିକର ସ୍ୱତନ୍ତ୍ର ଟ୍ରେନ୍ ବ୍ୟତୀତ ପୁରୀକୁ ଆସୁଥିବା ଏବଂ ପୁରୀଠାରୁ ଛାଡୁଥିବା ଅନେକ ବିଶେଷ ଟ୍ରେନଗୁଡିକରେ ତୀର୍ଥଯାତ୍ରୀମାନଙ୍କୁ ସଂରକ୍ଷିତ କ୍ଲାସ୍ ଯାତ୍ରା ସୁବିଧା କରିବା ପାଇଁ ଆବଶ୍ୟକ ପଦକ୍ଷେପ ମଧ ଗ୍ରହଣ କରିଛି। ୦୨୮୩୭-୩୮ ଶାଲିମାର-ପୁରୀ-ଶାଲିମାର ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ୍ ଶାଲିମାରଠାରୁ ୨୯ ଜୁନ ଅପରାହ୍ନ ୧୨ଘ.୪୫ମି.ରେ ଛାଡି ସେହିଦିନ ରାତି ୧୦ଘ.୩୦ମି.ରେ ପୁରୀରେ ପହଞ୍ଚିବ। ୩୦ ଜୁନ ସକାଳ ୦୫ଘ.୩୦ମି.ରେ ଏହା ପୁରୀ ଛାଡିବ। ଆଉ ଏକ ବିଶେଷ ଟ୍ରେନ ୦୨୮୨୭-୨୮, ଶାଲିମାର-ପୁରୀ-ଶାଲିମାର ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ୨୯ଜୁନ ରାତି ୯ଘ.୪୦ମି.ରେ ଛାଡ଼ି ୩୦ ଜୁନ ସକାଳ ୭ ଘଟିକାରେ ପୁରୀରେ ପହଞ୍ଚିବ। ଏହା ୩୦ ଜୁନ ରାତି ୧୧ଘ.୦୫ମି.ରେ ପୁରୀରୁ ଛାଡିବ। ୦୮୯୦୭-୦୮ ବିଶାଖାପାଟଣା-ପୁରୀ-ବିଶାଖାପାଟଣା ରଥଯାତ୍ରା ସ୍ପେଶାଲ୍ ବିଶାଖାପାଟଣାଠାରୁ ୩୦ ଜୁନ ଅପରାହ୍ନ ୨ଘ.୩୦ମି.ରେ ଛାଡ଼ି ରାତି ୧ଘ.୧୫ମି.ରେ ପୁରୀରେ ପହଞ୍ଚିବ। ଫେରିବା ମାର୍ଗରେ ଏହା ଜୁଲାଇ ପହିଲା ରାତି ୧୧ଘ.୧୫ମି.ରେ ପୁରୀରୁ ଛାଡିବ। ଏହି ଟ୍ରେନ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନକୁ ନ ଯାଇ ଅରୁଗୁଳ-ହରିପୁରଗ୍ରାମ ମାର୍ଗଦେଇ ଯାତାୟାତ କରିବ। ୦୮୯୧୧-୧୨ ଜୁନାଗଡ଼ ରୋଡ଼-ପୁରୀ-ଜୁନାଗଡ଼ ରୋଡ଼ ରଥଯାତ୍ରା ସ୍ପେଶାଲ୍ ଏକ୍ସପ୍ରେସ୍ ଭାୟା ସମ୍ବଲପୁର ଏବଂ ତାଳଚେର ରୋଡ୍ ଜୁନାଗଡ଼ ରୋଡ଼ଠାରୁ ଜୁନ ୩୦ ପୂର୍ବାହ୍ନ ୧୧ ଘଟିକାରେ ଯାତ୍ରା ଆରମ୍ଭ କରିବ। ଫେରିବା ମାର୍ଗରେ ଏହି ଟ୍ରେନ୍ ପୁରୀଠାରୁ ୧ ଜୁଲାଇ ମଧରାତ୍ରି ୧୨ଘ.୧୫ମି.ରେ ଛାଡିବ।

## ଖରା ଯୋଗୁ ଦୌଡ଼ିଲେ ସେବାୟତ

- ନୀତି ନିମନ୍ତେ ଶ୍ରୀନଅରକୁ ଯାଉଥିଲେ
- ପାଣି ସିଞ୍ଚନ ନ ହେବାରୁ ଅସନ୍ତୋଷ

ପୁରୀ ଅଫିସ, ୨୭।୬:

ଶ୍ରୀମନ୍ଦିରରୁ ଶ୍ରୀନଅରକୁ ଖଡ଼ି ପ୍ରସାଦ ବିଜେ ସମୟରେ ସୋମବାର ପ୍ରଶାସନର ଅବହେଳା ଦେଖିବାକୁ ମିଳିଛି। ସେବାୟତମାନେ ନୀତି ପାଇଁ ଖରାରେ ବଡ଼ଦାଣ୍ଡରେ ଯିବାବେଳେ ସେମାନଙ୍କ ପାଦ ତାତି ଯାଇଥିଲା। ଏଥିଯୋଗୁ ସେମାନେ ଦୌଡ଼ିଥିଲେ। ଏ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ମହାପ୍ରଭୁଙ୍କ କାର୍ଯ୍ୟ ନିମନ୍ତେ ଖରା ତାତିରେ ଯେପରି ସେବାୟତଙ୍କ ପାଦ ଫୋଟକା ନ ହେବ ଏବଂ ସୁରୁଖୁରୁରେ କାର୍ଯ୍ୟ ସମ୍ପାଦିତ ହେବ ସେଥିନିମନ୍ତେ ଶ୍ରୀମନ୍ଦିରରୁ ନୀତି ପାଇଁ ସେବାୟତ ବାହାରିବା ସମୟରେ ଅଗ୍ନିଶମ ବାହିନୀ ପକ୍ଷରୁ ଦମକଳ ଦ୍ୱାରା ପାଣି ସିଞ୍ଚନ କରାଯାଇଥାଏ। ଏଥିଯୋଗୁ ରାସ୍ତା ଥଣ୍ଡା ରହିଥାଏ। ମାତ୍ର ସୋମବାର ରାସ୍ତାରେ ପାଣି ସିଞ୍ଚନ ହୋଇ ନ ଥିବାରୁ ତାତିରେ ସେବାୟତମାନେ ଖଡ଼ି ପ୍ରସାଦ ବିଜେ ନୀତି ସମ୍ପାଦନ ନିମନ୍ତେ ଶ୍ରୀମନ୍ଦିରରୁ ଚାଲିଚାଲି ଶ୍ରୀନଅରକୁ ଯାଇଥିଲେ। ଅନେକ ସେବାୟତ ଖରାରେ ଡହଳ ବିକଳ ହୋଇ ଦୌଡ଼ି ଦୌଡ଼ି ରାଜନଅରରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରେ କେତେଜଣ କୁନି ସେବାୟତ ଥିବାରୁ ସେମାନେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ତେଣୁ ସେମାନଙ୍କୁ ରିକ୍ସାରେ ବସାଯାଇଥିଲା। କେତେଜଣ ସେବାୟତଙ୍କ ଗୋଡ଼ରେ ଫୋଟକା ହୋଇଥିବା ଜଣାପଡ଼ିଛି। ସେବାୟତଙ୍କ ସହ ଯାଇଥିବା ଶ୍ରୀମନ୍ଦିର ପୋଲିସର କର୍ମଚାରୀ ମଧ ତାତିରୁ ରକ୍ଷା ପାଇବା ପାଇଁ ଦୌଡୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନର ଏଭଳି ଅବହେଳାକୁ ନେଇ ସେବାୟତମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ‘ସୁରକ୍ଷା ସହ ସେବା ଯୋଗାଇବ ପୋଲିସ’



ସମୀକ୍ଷା ବୈଠକରେ ଡିଜିପି ସୁନୀଲ ବଂଶଲ ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ।

**ରଥଯାତ୍ରା ପାଇଁ ଡିଜିପିଙ୍କ ସମୀକ୍ଷା ବୈଠକ**

- ହାଇ ସିକ୍ୟୁରିଟି ଜୋନ୍‌ରେ ଶ୍ରୀମନ୍ଦିର
- ସମୁଦ୍ରର ୧୨ ନଟିକାଲ ମାଇଲ ପର୍ଯ୍ୟନ୍ତ ପାଟ୍ରୋଲିଂ
- ମୁତୟନ ହେବେ ୧୮୦ ପ୍ଲାଟୁନ୍ ଫୋର୍ସ, ନୌସେନା ସଜାଗ

ପୁରୀ ଅଫିସ,୨୭।୬

ଚଳିତ ବର୍ଷ ରଥଯାତ୍ରାକୁ ଆସୁଥିବା ଶ୍ରଦ୍ଧାଳୁ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ରାଜ୍ୟ ପୋଲିସ ସମସ୍ତ ବ୍ୟବସ୍ଥା କରିଛି। ସୁରକ୍ଷା ସହ ସେବା ଯୋଗାଇବା ପାଇଁ ପୋଲିସ ଯତ୍ନବାନ ରହିଛି ବୋଲି ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ ବଂଶଲ କହିଛନ୍ତି। ରଥଯାତ୍ରା ଲାଗି ସୁରକ୍ଷା ବ୍ୟବସ୍ଥା ଓ ପୋଲିସର ପ୍ରସ୍ତୁତି ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ସୋମବାର ପୁରୀ ପୌର ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ବଂଶଲ ଅଧ୍ୟକ୍ଷତା କରିଥିଲେ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ରଥଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିବେ। ଏହି ପରିପ୍ରେକ୍ଷୀରେ ପୋଲିସ କେବଳ ସୁରକ୍ଷା ଦେବ ନାହିଁ, ସେବା ମଧ୍ୟ ଯୋଗାଇବ ବୋଲି ବଂଶଲ କହିଛନ୍ତି।

ଡିଜିପି କହିଛନ୍ତି, ମହାପ୍ରଭୁଙ୍କ କୃପାରୁ ଚଳିତ ବର୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ହେବାକୁ ଯାଉଛି। ଏଣୁ ବିପୁଳ ଜନସମାଗମ ହେବ। ୫ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ୧୮୦ରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ ଓ ବଛା ବଛା ଅଧିକାରୀମାନଙ୍କୁ ପୁରୀରେ ଦାୟିତ୍ୱ ଦିଆଯାଇଛି। ଶ୍ରୀମନ୍ଦିରକୁ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ସର୍ବଦା ରହିଥାଏ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ଶ୍ରୀମନ୍ଦିର ନିକଟରେ ଯେଉଁ ସୁରକ୍ଷା ବଳୟ ତିଆରି କରାଯିବା ଦରକାର, ତାହା କରାଯିବ। ମେଟାଲ୍ ଡିଟେକ୍ଟର ସହାୟତାରେ ଯାଞ୍ଚ ହେବ। ପୋଲିସର ଏସ୍‌ଓପିକୁ ଲୋକେ ପାଳନ କରିବା ପାଇଁ ଅପିଲ୍ କରୁଛୁ। ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ପୂର୍ବ ଉପକୂଳ ସୁରକ୍ଷା ଉପରେ ପୋଲିସ ଫୋକସ୍ କରୁଛି। ଓଡ଼ିଶା ପୋଲିସ ସୁରକ୍ଷା ସହ ସେବା ଦେବାରେ ବିଶ୍ୱାସ କରେ। ଏହି ଉଦ୍ଦେଶ୍ୟ ନେଇ ଆମେ କାର୍ଯ୍ୟ କରିଆସିଛୁ। ରଥଯାତ୍ରାରେ ମଧ୍ୟ ପୋଲିସର ଏହି ଛବି ପ୍ରତିଫଳିତ ହେବ। ଭକ୍ତମାନେ ପୋଲିସ ସହଯୋଗ ପାଇପାରିବେ। ସ୍ୱତନ୍ତ୍ର ନିୟନ୍ତ୍ରିତ କକ୍ଷ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ କରାଯିବ। ୮୦ ପ୍ଲାଟୁନ୍ ଫୋର୍ସ, ୧୮ ଜଣ ଏସ୍‌ପି ର୍‌ୟାଙ୍କର ଅଧିକାରୀ, ୩୩ ଅତିରିକ୍ତ ଏସ୍‌ପି, ୭୪ ଡିଏସ୍‌ପି, ୧୩୬ ଇନ୍ସପେକ୍ଟର, ୭୨୧ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୦୭ ହାବିଲଦାର, ୬୭୩ କନଷ୍ଟେବଳ, ୨୦୦୮ ଜଣ ହୋମଗାର୍ଡ ନିଯୁକ୍ତ ହେବେ। ରଥଯାତ୍ରା ଲାଗି ନିୟୋଜିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ପୁରୀରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିସାରିଲେଣି ବୋଲି ଡିଜିପି ସୂଚନା ଦେଇଛନ୍ତି। ଆଇଜି ଅମିତାଭ ଠାକୁର କହିଥିଲେ, ପୁରୀ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ପୁରୀ ସହରକୁ ୧୦ଟି ଜୋନ୍ ଓ ୨୯ ସେକ୍ଟରରେ ବିଭକ୍ତ କରାଯାଇଛି। ସେହିଭଳି ଆଇଜି (ମୁଖ୍ୟାଳୟ) ଏସ୍.ଏସ୍. ଦେବଦତ୍ତ ସିଂ କହିଛନ୍ତି, ରଥଟଣାକୁ ଶୃଙ୍ଖଳିତ କରିବା ଓ ଗହଳି ନିୟନ୍ତ୍ରଣ ରକ୍ଷା ଉପରେ ସ୍ୱତନ୍ତ୍ର ଫୋକସ୍ ରହିଛି। ଗହଳି ଅଧିକ ହେଲେ କିଭଳି ରଥଟଣା ଶୃଙ୍ଖଳିତ ହେବ ସେନେଇ ପୋଲିସ ପ୍ଲାନ୍ ପ୍ରସ୍ତୁତ ହୋଇଛି। ପୂର୍ବତଟ ରେଳପଥ ଓ ଉପକୂଳ ସୁରକ୍ଷାର ଅତିରିକ୍ତ ଡିଜିପି ସୁଧାଂଶୁ କୁମାର ଷଡ଼ଙ୍ଗୀ କହିଛନ୍ତି, ୧୧୪୧ ଜଣ କର୍ମଚାରୀ ରଥଯାତ୍ରା ଡ୍ୟୁଟିରେ ନିୟୋଜିତ ହେବେ। ଆର୍‌ପିଏଫ୍ ଏବଂ ରେଲୱେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଗହଳି ଯୋଗୁ ରେଳଷ୍ଟେଶନରେ ଯେଭଳି ଦଳାଚକଟା ଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେନେଇ ବିଶେଷ ଧ୍ୟାନ ଦିଆଯିବ। ପୁରୀ ଉପକୂଳ ସମୁଦ୍ରରେ ୧୨ ନଟିକାଲ ମାଇଲ୍ ପର୍ଯ୍ୟନ୍ତ ପାଟ୍ରୋଲିଂ କରାଯିବ। ବାହ୍ୟଶତ୍ରୁଙ୍କ ଆକ୍ରମଣ ଆଶଙ୍କାକୁ ପ୍ରତିହତ ପାଇଁ ଭାରତୀୟ ନୌସେନାକୁ ମଧ୍ୟ ସଜାଗ ରଖାଯାଇଛି। ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ମନ୍ଦିର ହାଇସିକ୍ୟୁରିଟି ଜୋନ୍‌ରେ ଅବସ୍ଥିତ। କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ବମ୍ ଡିସପୋଜାଲ୍ ସ୍କ୍ୱାଡ୍, ସ୍ପେଶାଲ ଟାକ୍ଟିକାଲ ୟୁନିଟ୍, ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ ବ୍ୟବସ୍ଥା ହୋଇଛି। କୌଣସି ସନ୍ଦେହଜନକ ବସ୍ତୁ କିମ୍ବା ବ୍ୟକ୍ତି ନଜରକୁ ଆସିଲେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ଟିଏଫ୍ ଡିଆଇଜି ଜୟନାରାୟଣ ପଙ୍କଜ, ଡିଆଇଜି ଅନିରୁଦ୍ଧ କୁମାର ସିଂ, ଡିଆଇଜି ଅନୁପ କୁମାର ସାହୁ, କମିଶନରେଟ୍ ପୋଲିସର ଭୁବନେଶ୍ୱର ଏସିପି ଉମାଶଙ୍କର ଦାଶ ଏବଂ ପୁରୀ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ରଥଖଳାରୁ

## ରଥ ତିନି ପାର୍ଶ୍ୱରେ ୨୭ ଶିଖର ଡମ୍ବରୁ ଲାଗିଲା



ରଥରେ ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ ଲଗାଯାଉଛି।

ପୁରୀ ଅଫିସ,୨୭।୬: ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଲାଗି ରଥ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତିନିରଥରେ ଡେରା ଯାଇଥିବା ମେଣ୍ଢି କଢ଼ାଯାଇଛି। ତିନିରଥର ଦଣ୍ଡା ଫ୍ରେମ ତଳେ ତିନି ଭୂଇଁ ଉଠିବା ସମୟରେ ନିର୍ମାଣ କାର୍ଯ୍ୟ ଯୋଗୁ ଅଖ ଉପରେ ଅଧିକ ପ୍ରେସର ନ ପଡ଼ିବା ସକାଶେ ଏହି ମେଣ୍ଢି ଲଗାଯାଇଥିଲା। ସେହିପରି ସୋମବାର ତିନିରଥର ତିନି ପାର୍ଶ୍ୱରେ ୨୭ଟି ଶିଖର ଡମ୍ବରୁ ବା ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ ଫିଟିଂ ପରେ ସେଥିରେ ପାର୍ଶ୍ୱ ଦେବ ଦେବୀଙ୍କୁ ସ୍ଥାପନ କରାଯାଇଛି। ତିନିରଥ ପ୍ରଭାର ରୂପ ଖୋଦେଇ ଅଂଶ ସମେତ କାମ ଚକ, ମୁହାଁଟ, ଘୋଡ଼ା ଓ ସାରଥିରେ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜି ସେବକମାନେ ତିନିରଥର ୨୪ଟି ବତାକନାରେ ୭୨ଟି କଳସ ପଟି ଲାଗି ଶେଷ କରିଛନ୍ତି। ୧୨ଟି ଦୁଆର ବେଢ଼ା ମାପ ପ୍ରକାରେ କନା କଟିଂ ପରେ ସେଥିରେ ଲେସ୍, ଚିକ୍କଣ ସିଲଭର ଜରିରେ ଫୁଲ ଡାଳି ପକା କାମ ଶେଷ ହୋଇଛି। ଏଥିସହ ୧୨ ଚନ୍ଦ୍ରଶାଳୀ, ୧୨ଟି ଅଁଳାଶ୍ରୀ ଓ ପୋଟଳ କନା କାର୍ଯ୍ୟ ସରିଛି। କନକମୁଣ୍ଡି ଲାଗି ଚାନ୍ଦୁଆ, ଉଡ଼ା ଚାନ୍ଦୁଆ, ସାରଥିଙ୍କ ନିମନ୍ତେ ପୋଷାକ ଏବଂ ଲାଗିଲୁଗା ସିଲାଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଝା ମହାରଣାମାନେ ୧୨ଟି କୋଠ ସୁଆଁସିଆ ଛୁରି, ୬ଟି ହାତୁଡ଼ି, ୧ଟି କଟୁରି ସହ ଭୋଇ ସେବକଙ୍କ ଲାଗି କତା ଓ ଚାର କାଟିବା ନିମନ୍ତେ ୩ଟି କଟୁରି ନିର୍ମାଣ କରିଛନ୍ତି।



ପୁରୀ କୁମ୍ଭାରପଡ଼ା ଅଞ୍ଚଳର ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ତିଆରି କରିଥିବା ତିନି ରଥର କ୍ଷୁଦ୍ର ମଡେଲ୍।

## ୪୮୩୦ ଦିଆସିଲି କାଠିରେ ତିନି ରଥ

ପୁରୀ ଅଫିସ, ୨୭।୬

ପୁରୀ କୁମ୍ଭାରପଡ଼ା ଅଞ୍ଚଳର ଶାଶ୍ୱତ ରଞ୍ଜନ ସାହୁ ଦିଆସିଲି କାଠିରେ ତିନି ରଥର କ୍ଷୁଦ୍ର ମଡେଲ୍ ତିଆରି କରିଛନ୍ତି। ଶାଶ୍ୱତ ଏଥିପାଇଁ ୪୮୩୦ ଦିଆସିଲି କାଠି ବ୍ୟବହାର କରିଛନ୍ତି। ପ୍ରଭୁ ବଳଭଦ୍ରଙ୍କ ରଥର ଉଚ୍ଚତା ୧୧.୪ ଇଞ୍ଚ ଓ ଦେବୀ ସୁଭଦ୍ରାଙ୍କ ରଥର ଉଚ୍ଚତା ୧୧ ଇଞ୍ଚ ରହିଛି। ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ଉଚ୍ଚତା ୧୧.୫ ଇଞ୍ଚ ରହିଛି। ତିନୋଟି ରଥର ମୋଟେଇ ୬ ଇଞ୍ଚ। ଏହି ମଡେଲ୍ ପ୍ରସ୍ତୁତ କରିବାକୁ ଶାଶ୍ୱତଙ୍କୁ ପ୍ରାୟ ୧୮ ଦିନ ଲାଗିଛି। ଏହି ରଥରେ ସାରଥି, ଓଲଟ ଶୁଆ, କଳସ, ଚକ, ଘୋଡ଼ା ଏବଂ ଅନ୍ୟାନ୍ୟ କଳାକୃତି ମଧ୍ୟ ଅନ୍ତର୍ଭୁକ୍ତ ରହିଛି, ଯାହାଦ୍ୱାରା ମହାପ୍ରଭୁଙ୍କ ରଥ ଭଳି ପ୍ରତୀୟମାନ ହେଉଛି। ଦୁଇବର୍ଷ ପରେ ଭକ୍ତଙ୍କ ଗହଣରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ଶାଶ୍ୱତ ତାଙ୍କ କଳାକୃତି ମାଧ୍ୟମରେ ଜଗନ୍ନାଥ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ହାଣ୍ଡିକୁଡ଼ୁଆ ଯୋଗାଣ ନେଇ ଆଲୋଚନା

ପୁରୀ ଅଫିସ, ୨୭।୬:

ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରସାଦ ପ୍ରସ୍ତୁତିନିମନ୍ତେ ଆବଶ୍ୟକ ସମସ୍ତ ହାଣ୍ଡିକୁଡ଼ୁଆ ଯୋଗାଣ ନେଇ ସୋମବାର କୁମ୍ଭକାର ନିଯୋଗ ଏବଂ ସୂପକାର ନିଯୋଗ ମଧ୍ୟରେ ଏକ ମିଳିତ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁମ୍ଭକାର ନିଯୋଗ ସମ୍ପାଦକ ମହେନ୍ଦ୍ର ବିଶୋଇ ଅଧ୍ୟକ୍ଷତା କରିଥିବାବେଳେ ସୂପକାର ନିଯୋଗର ଯୁଗ୍ମସମ୍ପାଦକ ସୋମନାଥ ମହାପାତ୍ର, କୋଷାଧ୍ୟକ୍ଷ କ୍ରିଷ୍ଣା ପଣ୍ଡା ଏବଂ ହିସାବ ରକ୍ଷକ ବାବୁଲି ମହାନ୍ତି ଯୋଗଦେଇଥିଲେ। ରଥଯାତ୍ରା ସମୟରେ କୁମ୍ଭାରପଡ଼ା, ଜେନାପୁର, ଟିକରପଡ଼ା ସମେତ ସଦର, ସତ୍ୟବାଦୀ, ବ୍ରହ୍ମଗିରି, ଗୋପ ଓ ଡେଲାଙ୍ଗ ଅଞ୍ଚଳରୁ ଆସୁଥିବା ହାଣ୍ଡିକୁଡ଼ୁଆ ଯେଭଳି ସୁରୁଖୁରୁରେ ପରିବହନ ହୋଇପାରିବ ସେ ଦିଗରେ ଉଭୟ ନିଯୋଗ ଯତ୍ନବାନ ହେବା ନେଇ ଆଲୋଚନା କରାଯାଇଥିଲା। ରଥଯାତ୍ରା ପାଇଁ ଆବଶ୍ୟକ ହେଉଥିବା ପ୍ରାୟ ୧୫ଶହ ବୋଝ ହାଣ୍ଡିକୁଡ଼ୁଆ ପ୍ରସ୍ତୁତିର ତଦାରଖ ଓ ଗଚ୍ଛିତ ରଖାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ କୁମ୍ଭକାର ନିଯୋଗର ସଭାପତି ପୀତାମ୍ବର ବିଶୋଇ, ବିଜୟ କୁମାର ବିଶୋଇ, ଦୋଳଗୋବିନ୍ଦ ବିଶୋଇ ଏବଂ ଅରକ୍ଷିତ ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ



ଖଡ଼ିପ୍ରସାଦ ବିଜେ ନୀତି ପାଇଁ ଶ୍ରୀମନ୍ଦିରରୁ ସେବକମାନେ ଶ୍ରୀନଅର ଅଭିମୁଖେ ବାହାରିଛନ୍ତି।

ପୁରୀ ଅଫିସ, ୨୭।୬

ଆଷାଢ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକ ଲାଗି ନୀତି ସହ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି। ଭୋରରୁ ଭୋଗମଣ୍ଡପ ସମ୍ପନ୍ନ ପରେ ଦତ୍ତ ମହାପାତ୍ର ସେବାୟତଙ୍କ ଘରୁ ଖଡ଼ିପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଏହାକୁ ପତି ମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା। ପରେ ଦତ୍ତମହାପାତ୍ର ସେବକମାନେ ଶ୍ରୀନଅରକୁ ଖଡ଼ି ପ୍ରସାଦ ବିଜେ କରାଇଥିଲେ। ଦଇତାପତି ସେବକମାନେ ରୁପାଥାଳିରେ ମହାପ୍ରଭୁଙ୍କ ଲାଗି ଫୁଲ, ତୁଳସୀ ଚୂଳ ଧରି ଶ୍ରୀନଅରକୁ ଆସିଥିବାବେଳେ ଦତ୍ତମହାପାତ୍ର ସେବକମାନେ ୩ ରୁପା ପିଙ୍ଗଣରେ ଖଡ଼ିପ୍ରସାଦକୁ ଶ୍ରୀନଅରକୁ ବିଜେ କରାଇଥିଲେ। ଏହି ଖଡ଼ିପ୍ରସାଦକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ପରେ ପାଟଶାଣୀ ସେବକ ରାଜଗୁରୁଙ୍କ ହସ୍ତରୁ ଶାଢ଼ି ନେଇ ତଲୁଛ, ଦେଉଳକରଣ, ହେହେରା, ଖୁଣ୍ଟିଆ, ପତିମହାପାତ୍ର ଏବଂ ତିନିବାଡ଼ର ଦଇତାପତି ମାନଙ୍କୁ ବାନ୍ଧିଥିଲେ। ପରେ ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ। ଅନ୍ୟପଟେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକ ଲାଗି ନୀତି ବଢ଼ିଥିଲା।

## ରଥଯାତ୍ରା ପାଇଁ ପଦଯାତ୍ରାରେ ଭୁବନରୁ ଶ୍ରୀକ୍ଷେତ୍ର

ବାଲିଅନ୍ତା,୨୭।୬(ଡି.ଏନ୍.ଏ.)

କଷ୍ଟ କଲେ କୃଷ୍ଣ ମିଳନ୍ତି। ଏହି କଥାକୁ ନେଇ ଆଧ୍ୟାତ୍ମିକ ଭାବେ ଉଦ୍‌ବୁଦ୍ଧ ହୋଇ ୩୮ ଜଣ ପଦଯାତ୍ରୀ ଭୁବନରୁ ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଛନ୍ତି। ଶୁକ୍ରବାରଠାରୁ ଢେଙ୍କାନାଳ ଭୁବନ ବ୍ଲକ ଅଧୀନ ଏକତାଳି ପଞ୍ଚାୟତର ସିଦ୍ଧେଶ୍ୱର ମନ୍ଦିରରୁ ପଦଯାତ୍ରାରେ ବାହାରି ସୋମବାର ବାଲିଅନ୍ତାରେ ପହଞ୍ଚିଥିଲେ। ଭୁବନପୁର ଗ୍ରାମର ମା’ ଉତ୍ତରମୁଖୀଙ୍କ ମନ୍ଦିରରେ କିଛି ସମୟ ବିଶ୍ରାମ ନେଇ ସେଠାରେ ଭଜନ କୀର୍ତ୍ତନ କରିଥିଲେ। ପରେ ଅପରାହ୍ନ ସମୟରେ ବାଲିଅନ୍ତାରୁ ପୁରୁଣା ଜଗନ୍ନାଥ ସଡ଼କ ଦେଇ ଶ୍ରୀକ୍ଷେତ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରୀ ଦଳ ଦୀର୍ଘ ୨୦ ବର୍ଷ ଧରି ପ୍ରତିବର୍ଷ ରଥଯାତ୍ରାରେ ସାମିଲ ହେବା ପାଇଁ ୧୦୦ କିମି ରାସ୍ତା ଖାଲିପାଦରେ ଚାଲି ଚାଲି ଶ୍ରୀକ୍ଷେତ୍ରରେ ପହଞ୍ଚିଥାନ୍ତି। ଏହି ପଦଯାତ୍ରାରେ ୨୦ ବର୍ଷୀୟ ଯୁବକଙ୍କଠାରୁ ଆରମ୍ଭ କରି ୭୦ ବର୍ଷୀୟ ବୃଦ୍ଧ ମଧ୍ୟ ସାମିଲ ହୋଇଛନ୍ତି। ସେମାନଙ୍କ ଏହି ୧୨ ଦିନିଆ ପଦଯାତ୍ରା ପାଇଁ ପଦଯାତ୍ରୀ ଶୁଖିଲା ଖାଦ୍ୟ ଓ ଆସବାବପତ୍ର ସାଙ୍ଗରେ ଧରି ଆସିଥାନ୍ତି। ତେବେ ପଦଯାତ୍ରାରେ ଯୋଗଦେଇଥିବା ଧୀରେନ ଦାଶ (୫୨) କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାରେ ସାମିଲ ହୋଇ ନାମ କୀର୍ତ୍ତନ କରୁଛୁ, କିଛି କଷ୍ଟ ଅନୁଭବ ହେଉନାହିଁ। ସେହିପରି ଚିନ୍ତାମଣି ରାଉତ(୬୮) କୁହନ୍ତି, ପ୍ରଭୁଙ୍କ ଦର୍ଶନ କରି ରଥ ଟାଣିବା ପାଇଁ ଆସିଛୁ, ବହୁତ ଆନନ୍ଦ ଲାଗୁଛି।



ପଦଯାତ୍ରାରେ ସଂକୀର୍ତ୍ତନ କରି ଆସୁଥିବା ଭକ୍ତମାନେ।

## ରଥଯାତ୍ରାରେ ୧୦ ଲକ୍ଷ ମାସ୍କ ବଣ୍ଟାଯିବ

- ସଂକ୍ରମଣ ଲକ୍ଷଣ ଥିଲେ ଘରେ ରହନ୍ତୁ: ସ୍ୱାସ୍ଥ୍ୟମନ୍ତ୍ରୀ
- ଅଂଶୁଘାତ ରୋଗୀଙ୍କ ପାଇଁ ୩୦ ଶୀତତାପ ନିୟନ୍ତ୍ରିତ କକ୍ଷ



ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ଜିଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ।

ପୁରୀ ଅଫିସ,୨୭।୬

ଦୁଇବର୍ଷର ବ୍ୟବଧାନ ପରେ ଚଳିତବର୍ଷ ଭକ୍ତଙ୍କ ଗହଣରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବାକୁ ଯାଉଛି। ତେବେ କରୋନା ସମ୍ପୂର୍ଣ୍ଣ ରୂପେ ନାଶ ହୋଇନାହିଁ। ତେଣୁ ସରକାର ପୁରୀକୁ ଆସୁଥିବା ଯାତ୍ରୀଙ୍କ ପାଇଁ ୧୦ ଲକ୍ଷ ମାସ୍କ ବଣ୍ଟନର ବ୍ୟବସ୍ଥା କରିଛନ୍ତି ବୋଲି ସୋମବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ରଥଯାତ୍ରା ସମୀକ୍ଷା ବୈଠକରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଅଧ୍ୟକ୍ଷତା କରିଥିଲେ। ରଥଯାତ୍ରା ପାଇଁ ପୁରୀ ସହରରେ ୩୦ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର, ୫୮ଟି ଆମ୍ବୁଲାନ୍ସ, ୧୧ଟି ଷ୍ଟ୍ରେଚର, ୭୮୫ ଜଣ ସ୍ୱେଚ୍ଛାସେବୀ, ୧୪୫ ଜଣ ଡାକ୍ତର, ୨୦ ଜଣ ଫୁଡ୍ ସେଫ୍ଟି ଅଫିସର, ୪୦ ଜଣ ଫାର୍ମାସିଷ୍ଟ, ୩୦ ଜଣ ନର୍ସ, ୩୫ ଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ଅତିରିକ୍ତ ଦାୟିତ୍ୱରେ ରଖାଯିବ। ୨୮୭ଟି ସାଧାରଣ ଶଯ୍ୟା, ଅଂଶୁଘାତ ରୋଗୀଙ୍କ ପାଇଁ ୨୬ଟି ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା ହୋଇଛି। ୬ଲକ୍ଷ ଓଆର୍‌ଏସ୍ ପ୍ୟାକେଟ୍ ଗଚ୍ଛିତ ରଖାଯାଇଥିବା ମନ୍ତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ପୁରୀ ରଥଯାତ୍ରା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ବଡ଼ଦାଣ୍ଡ ଓ ସହର ସହ ସଂଶ୍ଳିଷ୍ଟ ଗ୍ରାମାଞ୍ଚଳରେ ଅତିରିକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହେବ। ରକ୍ତଭଣ୍ଡାରରେ ରକ୍ତ ମହଜୁଦ ରହିଛି। ଜରୁରିକାଳୀନ ସ୍ଥିତିରେ ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌ର ସହଯୋଗ ନିଆଯିବ। ସେହିଭଳି ୨୦ଟି ଆଇସିୟୁରେ ଅକ୍ସିଜେନ୍ ସୁବିଧା ରହିବ। ସେବାୟତମାନଙ୍କୁ ବୁଷ୍ଟର ଡୋଜ୍ ଦିଆଯାଉଛି। ଖାଦ୍ୟର ମାନ ଯାଞ୍ଚ ଲାଗି ଫୁଡ୍ ଇନ୍ସପେକ୍ଟରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନଙ୍କର ଜ୍ୱର, କାଶ, ଥଣ୍ଡା ଇତ୍ୟାଦି ଦେଖାଯାଉଛି, ସେମାନେ ଘରେ ରହି ଟିଭିରେ ରଥଯାତ୍ରା ଦେଖନ୍ତୁ। ବଡ଼ଦାଣ୍ଡରେ ଥିବା ବେଳେ ଅସୁସ୍ଥ ମନ କଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚନ୍ତୁ। ରଥଯାତ୍ରା ସମୟରେ ଆଣ୍ଟିଜେନ୍ ଟେଷ୍ଟ ଚାଲୁ ରହିବ। ସମସ୍ତେ କରୋନା ଗାଇଡ୍‌ଲାଇନ୍‌କୁ ମାନିଲେ ସଂକ୍ରମଣର ଆଶଙ୍କା ରହିବ ନାହିଁ। ମହାପ୍ରଭୁଙ୍କ ଆଶୀର୍ବାଦରେ ରଥଯାତ୍ରା ସୁରୁଖୁରୁରେ ଶେଷ ହେବ ବୋଲି ମନ୍ତ୍ରୀ ଦାସ ଆଶା ବ୍ୟକ୍ତ କରିଛନ୍ତି। ବୈଠକରେ ଭାରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଜିଲାପାଳ ସମର୍ଥ ବର୍ମା, ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ଅତିରିକ୍ତ ସଚିବ ଶୁଭାନନ୍ଦ ମହାପାତ୍ର, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ନର୍ସିଂ ନିର୍ଦ୍ଦେଶିକା ସଂଯୁକ୍ତା ସାହୁ ଏବଂ ଓଡ଼ିଶା ରାଜ୍ୟ ଔଷଧ ନିଗମର ଅତିରିକ୍ତ ନିର୍ଦ୍ଦେଶକ ଜ୍ଞାନବ୍ରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।



# ମା' ହେବେ ଆଲିଆ

**ମୁମ୍ବାଇ:** ବଲିଉଡ୍ ବୁଲ୍‌ବୁଲି ନାୟିକା ଆଲିଆ ଭଟ୍ଟ ମା' ହେବାକୁ ଯାଉଛନ୍ତି। ଏ ନେଇ ସୋମବାର ସେ ଇନ୍‌ଷ୍ଟାଗ୍ରାମରେ ଦୁଇଟି ଫଟୋ ଶେୟାର କରିଛନ୍ତି। ଫଟୋରେ ଆଲିଆ ହସ୍ପିଟାଲ ବେଡ୍‌ରେ ଶୋଇଥିବାବେଳେ ତାଙ୍କ ପାଖରେ ସ୍ୱାମୀ ରଣବୀର କପୁର ବସିଥିବାର ଦେଖିବାକୁ ମିଳିଛି। ଏଥିସହ ଅଲ୍‌ଟ୍ରାସାଉଣ୍ଡ ସ୍କ୍ରିନ୍ ମଧ୍ୟ ଫଟୋରେ ଦେଖାଯାଉଛି, ଯାହାକୁ ଆଲିଆ ଏକ ଲଭ୍ ଇମୋଜିରେ କଭର୍ କରିଦେଇଥିବା ଦେଖିବାକୁ ମିଳିଛି। 'ଆୱାର ବେବି.....କମିଙ୍ଗ୍ ସୁନ୍' ଫଟୋ କ୍ୟାପ୍ସନରେ ଲେଖିଛନ୍ତି ଆଲିଆ। ସିଂହ, ସିଂହୀ ଏବଂ ସେମାନଙ୍କ ଛୁଆର ଆଉ ଏକ ଫଟୋ ମଧ୍ୟ ନାୟିକା ଜଣଙ୍କ ଅପ୍‌ଲୋଡ୍ କରିଛନ୍ତି। ଏତେବଡ଼ ଖୁସି ଖବର ଭିତରେ କପୁର, ଭଟ୍ଟ ପରିବାରରେ ଖୁସିର ଲହରି ଖେଳିଯାଇଥିବାବେଳେ ବଲିଉଡ୍‌ର ବହୁ କଳାକାର ଏ ନେଇ ଆଲିଆଙ୍କୁ ଶୁଭକାମନା ଜଣାଇଛନ୍ତି। ଆଲିଆ ମା' ହେବା ନେଇ ବାପା ମହେଶ ଭଟ୍ଟ ଖୁସି ଥିବା କହିଛନ୍ତି। ସେହିପରି ନୀତୁ କପୁର ପୁଅ, ବୋହୂଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବର୍ତ୍ତମାନ ସୁଦ୍ଧା ରଣବୀର ତାଙ୍କ ଶରୀରରେ କୌଣସି ଟାଟୁ ଆଙ୍କି ନ ଥିବାବେଳେ ସେ ତାଙ୍କ ପ୍ରଥମ ସନ୍ତାନର ନାଁର ଟାଟୁ ଜରିଆରେ ଆଙ୍କିବା କଥା କହିଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଏପ୍ରିଲ ୧୪ରେ ବୈଦିକ ରୀତିନୀତିରେ ଆଲିଆ ଓ ରଣବୀର ବାହାହୋଇଥିଲେ। ପରିବାର ଓ କିଛି ଖାସ୍ ବନ୍ଧୁଙ୍କୁ ନେଇ ରଣବୀରଙ୍କ ଘରେ ଏହି ବାହାଘର ଅନୁଷ୍ଠିତ ହୋଇଥିଲା। ଦୀର୍ଘବର୍ଷ ଦୁହେଁ ପରସ୍ପରକୁ ଡେଟ୍ କରିବା ପରେ ବାହାହେବା ପାଇଁ ନିଷ୍ପତ୍ତି ନେଇଥିଲେ। ରଣବୀର ଓ ଆଲିଆଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର' ସେପ୍ଟେମ୍ବର ୮ରେ ରିଲିଜ୍ ହେବାକୁ ଥିବାବେଳେ ବର୍ତ୍ତମାନ ଫିଲ୍ମର ପ୍ରମୋସନ୍ ଜାରି ରହିଛି।

## ଚୋରି କରି ଚିଠିରେ କ୍ଷମା ମାଗିଲେ

**ବେଙ୍ଗାଲୁରୁ:** ବେଙ୍ଗାଲୁରୁ ଲାଲାପେଟ ଅଞ୍ଚଳରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଲାଲାପେଟରେ ଥିବା ଶିବ ମନ୍ଦିର ହୁଣ୍ଡି ଭାଙ୍ଗି ଜଣେ ଦୁର୍ବୃତ୍ତ ଟଙ୍କା ଚୋରି କରିନେଇଥିଲେ। ଜୁନ୍ ୧୪ରେ ଏହି ଚୋରି ହୋଇଥିବାବେଳେ ଗତ ମଙ୍ଗଳବାର ଚୋର ଟଙ୍କା ସାଙ୍ଗକୁ ଏକ ଚିଠି ମନ୍ଦିର ପରିସରରେ ରଖିଦେଇଯାଇଛନ୍ତି। ଚିଠି ଜରିଆରେ ସେ କ୍ଷମା ମାଗିଥିବା ମନ୍ଦିର କର୍ତ୍ତୃପକ୍ଷ କହିଛନ୍ତି। ଚୋର ଜଣକ ହୁଣ୍ଡିରୁ ୧୦ ହଜାର ଟଙ୍କା ନେଇଯାଇଥିଲେ। ଚୋରି ପରେ ତାଙ୍କ ପରିବାର ଲୋକେ ନା ନା ଅସୁବିଧାର ସମ୍ମୁଖୀନ ହେବାରୁ ସେ ଟଙ୍କା ଫେରାଇବାକୁ ବାଧ୍ୟ ହେଲେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି।

# ପୋଲିସକୁ ବୁଲ୍‌ଡୋଜରରେ ଆକ୍ରମଣ

ୱାଶିଂଟନ

ଆମେରିକା ଭରମୋଣ୍ଟରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ପୁଅକୁ ଗିରଫ କରିବା ପାଇଁ ଆସିଥିବା ପୋଲିସକୁ ବୁଲ୍‌ଡୋଜରରେ ଆକ୍ରମଣ କରିଛନ୍ତି ବାପା। ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଚୋରି ମାମଲାରେ ଯୁବକଙ୍କୁ ଗିରଫ କରିବା ପାଇଁ ଦୁଇଟ୍ରୁପ୍ ପୋଲିସ ଭରମୋଣ୍ଟର ହାର୍ଡୱିକ୍‌ରେ ଥିବା ତାଙ୍କ ଘରେ ପହଞ୍ଚିଥିଲେ। ଯୁବକଙ୍କ ବାପା, ମା' ପୋଲିସକୁ ଅଟକାଇବା ପାଇଁ ବହୁ ଚେଷ୍ଟା କରିଥିଲେ। ଶେଷରେ ତାଙ୍କ ବାପା ବୁଲ୍‌ଡୋଜରରେ ପୋଲିସ



ଉପରକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏ ଘଟଣା ସମ୍ପର୍କରେ ସୋସିଆଲ ମିଡିଆରେ ଜାରି ଭିଡିଓରେ ବ୍ୟକ୍ତି ଜଣଙ୍କ ବୁଲ୍‌ଡୋଜରର ବକେଟ ବୁଲାଇ ପୋଲିସମାନଙ୍କୁ ଆଘାତ ଦେବାର ଚେଷ୍ଟା କରୁଥିବା ଦେଖିବାକୁ ମିଳିଛି। ପୋଲିସ ତାଙ୍କୁ ବନ୍ଧୁକ ଦେଖାଇ ଡରାଇବାର ଚେଷ୍ଟା କରିଥିଲେ ସୁଦ୍ଧା ବ୍ୟକ୍ତି ଜଣଙ୍କ ଏଥିରୁ ନିବୃତ୍ତ ହୋଇ ନ ଥିଲେ। ଶେଷରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ପୋଲିସ ଉପରକୁ ଆକ୍ରମଣ ମାମଲାରେ ତାଙ୍କ ବାପାଙ୍କୁ ମଧ୍ୟ ଗିରଫ କରିଛି।

# ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ



**ଡେରାଡୁନ:** ଉତ୍ତରାଖଣ୍ଡ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲରୁ ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ ଠାବ କରିଛି। ଏହି ପ୍ରଜାତିର ନାମ ୟୁଟ୍ରିକୁଲାରିଆ ଫରସେଲାଟା। ୟୁଟ୍ରିକୁଲାରିଆ ଫରସେଲାଟା। ଜାପାନର ୧୦୬ ବର୍ଷ ପୁରୁଣା ଜାପାନ ବଟାନୀ ଜର୍ନାଲରେ ୟୁଟ୍ରିକୁଲାରିଆ ଫରସେଲାଟା ସମ୍ପର୍କରେ ପ୍ରକାଶ ପାଇଥିଲା। କେବଳ ଉତ୍ତରାଖଣ୍ଡ ନୁହେଁ ହିମାଞ୍ଚଳ ପ୍ରଦେଶର ପଶ୍ଚିମାଞ୍ଚଳରେ ଏହି ବିରଳ ପ୍ରଜାତିର ମାଂସାଶୀ ଉଦ୍ଭିଦ ଦେଖାଯାଉଥିବାର ବନ ବିଭାଗ ପକ୍ଷରୁ କୁହାଯାଇଛି। ସାଧାରଣ ଭାବେ ମଶା, ଛୋଟ କୀଟ, ପତଙ୍ଗ ଏବଂ ବେଙ୍ଗଫୁଲା ଖାଇଥାନ୍ତି। କିନ୍ତୁ ଫଟୋସିନ୍ଥେସିସ୍ ଜରିଆରେ ଏହି ଉଦ୍ଭିଦ ଶକ୍ତି ସଞ୍ଚାର କରିଥାଏ, ଯାହା ସୂର୍ଯ୍ୟାଲୋକ ଜରିଆରେ ହୋଇଥାଏ। ରାଜ୍ୟ ପକ୍ଷରୁ ପ୍ରଥମ ଥର ପାଇଁ ଏ ପ୍ରକାର ଅଧ୍ୟୟନ ଆରମ୍ଭ କରାଯାଇଥିବାବେଳେ ଏହା ଜରିଆରେ ଜେନସ୍ ଡ୍ରୋସେରା, ୟୁଟ୍ରିକୁଲାରିଆ ଏବଂ ପିଙ୍ଗୁଇକୁଲା ପ୍ରଜାତିର ୨୦ ପ୍ରକାର ଗଛର ସନ୍ଧାନ କରିଛନ୍ତି ଏହି ସ୍ୱତନ୍ତ୍ର ବିଶେଷଜ୍ଞ ଦଳ।

# ମନ୍ଦିରରେ ସାଣ୍ଡୱିଚ୍, ବର୍ଗର ପ୍ରସାଦ

**ଚେନ୍ନାଇ:** ଚେନ୍ନାଇ ପାଡାପ୍ପାଇରେ ଥିବା ଦୁର୍ଗା ପିଠମ୍‌କୁ ଆସୁଥିବା ଭକ୍ତଙ୍କୁ ଲଡୁ, ନଡ଼ିଆ, ଉଖୁଡ଼ା ପ୍ରସାଦ ବଦଳରେ ବର୍ଗର ଓ ସାଣ୍ଡୱିଚ୍ ଦିଆଯାଉଛି। ମନ୍ଦିରରେ ମିଳୁଥିବା ଏହି ପ୍ରସାଦ ସବୁ ବାହାର ଦୋକାନରୁ ନୁହେଁ ବରଂ ମନ୍ଦିରରେ ହିଁ ତିଆରି କରାଯାଉଛି। ପ୍ରତ୍ୟେକ ମନ୍ଦିରରେ ନଡ଼ିଆ, ଲଡୁ ଆଦି ପ୍ରସାଦ ଦିଆଯାଏ। କିନ୍ତୁ ଅନେକ ସମୟରେ ଏ ପ୍ରକାର ପ୍ରସାଦ ଖାଇ ଭକ୍ତଙ୍କ ଦେହ ଖରାପ ହେଉଥିବାର ଦେଖାଯାଇଛି। ତେବେ ଭକ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ମନ୍ଦିର କର୍ତ୍ତୃପକ୍ଷ ବର୍ଗର ଓ ସାଣ୍ଡୱିଚ୍ ପ୍ରସାଦ ଭାବେ ବାଣ୍ଟୁଛନ୍ତି। ପ୍ରତିଦିନ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ନାମ ଓ ସେମାନଙ୍କ ଜନ୍ମ ତାରିଖ ମନ୍ଦିର ରେଜିଷ୍ଟରରେ ଲେଖାହୋଇ ରଖାଯାଏ।



ମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ନିଜ ଜନ୍ମଦିନରେ ପ୍ରସାଦ ବଦଳରେ କେକ୍ ଧରି ଆସନ୍ତି, ଯାହାକୁ ଭକ୍ତଙ୍କୁ ପ୍ରସାଦ ଭାବେ ବଣ୍ଟାଯାଏ।

**OFFICE OF THE SUPERINTENDING ENGINEER**
**RURAL WORKS DIVISION No-I, KEONJHAR**
**3rd Corrigendum to Bid identification No. Road Online 01 of 2022-23**

**No.O-547:** The availability of tender Online for bidding / last date and time of seeking clarification / date, time and place of opening of tender Bid Identification No. Road Online 01 of 2022-23 the class of contractor for the work Sl. No- 1,6,9,14,16,18 and 22 of Superintending Engineer Rural Works Division No-I, Keonjhar may be read as C&B and the work Sl.No. 11 may read as B&A.

| Procurement Officer | Bid Identification No. | Availability of tender on- Online for bidding as per Tender Notice | | Availability of tender on- Online for bidding as per Corrigendum | | Last date & Time of seeking tender clarification | Date, Time & Place of Opening of Tender |
|---|---|---|---|---|---|---|---|
| | | From | To | From | To | | |
| 1 | 2 | 3 | 4 | 5 | 6 | 7 | 8 |
| Superintending Engineer R.W. Divn. No-I, Keonjhar | Road Online 01/2022-23 | 26.05.2022 at 11.00 AM | 02.06.2022 upto 5.00 PM | 18.06.2022 at 11.00 AM | 30.06.2022 upto 5.00 PM | 29.06.2022 at 4.00 PM | 02.07.2022 at 11.00 A.M Office of the Superintending Engineer R.W. Divn. No-I, Keonjhar |

All other terms and condition remain unchanged.

**Sd./- Superintending Engineer, R.W.Divn.No-I, Keonjhar**
**OIPR-25110/11/0003/2223**

**OFFICE OF THE MUNICIPAL COUNCIL, GUNUPUR**
Letter No.2254 **Corrigendum** Date 24.06.22
**Quotation Call Letter No. : 2219 dated :- 22.06.2022**
**Supply of computer systems, Laptop, printers, UPS and antivirus software to Gunupur Municipality**

**No.C-646:** Due to inadvertent typographical error for Supply of computer systems, Laptop, printers, UPS and antivirus software to Gunupur Municipality following changes have been made to the quotation call notice. Sl. 01 of Desktop Computer (Dell) Submenu-04 1 TB HardDisk (SSD) 7200 RPM should be read as **256GB (SDD) 1 TB (HDD) Hard Disk.** Sl. No. 03 HP LaserJet M1005 MFP Multi function print scan copy printer should be read as HP LaserJet Tank MFP 1005w Printer Multi-function Monochrome Laser Printer. The other specifications, terms and conditions of the quotation remain unchanged.

**Sd./-Executive Officer, Gunupur Municipality**
**OIPR-13104/11/0005/2223**

ଜାତୀୟ/ଅନ୍ତର୍ଜାତୀୟ

# ବିରୋଧୀଙ୍କ ଟୁଇଟ୍ ବ୍ଲକ୍ କରିବାକୁ କହିଥିଲା କେନ୍ଦ୍ର

ନୂଆଦିଲ୍ଲୀ, ୨୭।୬(ପି.ଟି.)

- ଟୁଇଟର ଦସ୍ତାବିଜ୍ ପ୍ରଘଟ
- ଚାଷୀ ଆନ୍ଦୋଳନର ସମର୍ଥକଙ୍କୁ ରୋକିବାକୁ ଉଦ୍ୟମ ହୋଇଥିଲା

୩ କୃଷି ଆଇନକୁ ବିରୋଧ କରି ଗତବର୍ଷ ଚାଲିଥିବା ଚାଷୀ ଆନ୍ଦୋଳନ ସମର୍ଥକଙ୍କ କେତେକ ଟୁଇଟ୍ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ଟୁଇଟରକୁ କହିଥିଲେ। ସେମାନଙ୍କ ମଧ୍ୟରେ ଜନମତ ସୃଷ୍ଟିକାରୀ ଗୋଷ୍ଠୀ ଫ୍ରିଡମ୍ ହାଉସ୍, ଖବରଦାତା, ବିରୋଧୀ ନେତାଙ୍କ ସମେତ ଚାଷୀ ଆନ୍ଦୋଳନର ସମର୍ଥକ ଅନେକ ରହିଥିଲେ। ଏ ବାବଦରେ ଟୁଇଟର ପକ୍ଷରୁ ଲ୍ୟୁମେନ୍ ଡାଟାବେସ୍‌ରେ ରବିବାର ଦାଖଲ କରାଯାଇଥିବା ଦସ୍ତାବିଜ୍‌ରୁ ଜଣାପଡ଼ିଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୨୧ ଜାନୁୟାରୀ ୫ରୁ ଡିସେମ୍ବର ୨୯ ପର୍ଯ୍ୟନ୍ତ ଏହି ଟୁଇଟ୍‌ଗୁଡ଼ିକୁ ବ୍ଲକ୍ କରିବା ପାଇଁ ଟୁଇଟରକୁ ଅନୁରୋଧ କରିଥିଲେ।

କୌଣସି ୱେବ୍ ଲିଙ୍କ୍ ଅଥବା ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ କେଉଁ ସଂସ୍ଥା କିମ୍ବା ସରକାରଙ୍କ ପକ୍ଷରୁ କୁହାଯାଇଥିଲେ ତାହାକୁ ଗୁଗଲ, ଫେସ୍‌ବୁକ୍, ଟୁଇଟର ଭଳି ଅଗ୍ରଣୀ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକ ଲ୍ୟୁମେନ୍ ଡାଟାବେସ୍‌କୁ ତଥ୍ୟ ଦେଇଥାନ୍ତି। ତେବେ ଅନୁରୋଧ ଅନୁସାରେ ସମ୍ପୃକ୍ତ ଆକାଉଣ୍ଟ ଓ ୱେବଲିଙ୍କ୍‌କୁ ବନ୍ଦ କରାଯାଇଛି କି ନାହିଁ ତାହା ଏହି ଡାଟାବେସ୍‌ରେ



ଉପଲବ୍ଧ ନ ଥାଏ। ତଥ୍ୟ ଅନୁସାରେ, ଗଣତନ୍ତ୍ର, ରାଜନୈତିକ ସ୍ୱାଧୀନତା, ମାନବାଧିକାର, ଅଭିବ୍ୟକ୍ତି ସ୍ୱାଧୀନତା, ଇଣ୍ଟରନେଟ୍ ମାଧ୍ୟମରେ ସ୍ୱାଧୀନ ମତ ପ୍ରକାଶ ଆଦି ଉପରେ ଗବେଷଣା ସମେତ ଜନମତ ସଂଗ୍ରହ କରୁଥିବା 'ଫ୍ରିଡମ୍ ହାଉସ୍'ର ଟୁଇଟ୍‌ଗୁଡ଼ିକୁ ବ୍ଲକ୍ କରିବାକୁ କେନ୍ଦ୍ର ସରକାର ଏହି ସାମାଜିକ ଗଣମାଧ୍ୟମ ମଞ୍ଚକୁ ପରାମର୍ଶ ଦେଇଥିଲେ। ଏଥିସହ ୨୦୨୦ରେ ଦେଶରେ ଇଣ୍ଟରନେଟ ସ୍ୱାଧୀନତା ହ୍ରାସ ପାଇଥିବା ନେଇ ଫ୍ରିଡମ୍ ହାଉସ୍ ପକ୍ଷରୁ କରାଯାଇଥିବା କେତେକ ଟୁଇଟ୍‌କୁ ବ୍ଲକ୍ କରିବାକୁ ମଧ୍ୟ କେନ୍ଦ୍ର ସରକାର କହିଥିଲେ। ସେହିପରି ବିରୋଧୀ କଂଗ୍ରେସ ସମେତ ଆମ୍ ଆଦମୀ ପାର୍ଟି(ଏଏପି) ନେତାଙ୍କ କେତେକ ଟୁଇଟ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର ଅନୁରୋଧ କରିଥିଲା। ସେମାନଙ୍କ ମଧ୍ୟରେ ଏଏପି ବିଧାୟକ ଜର୍ନେଲ ସିଂଙ୍କ ଟୁଇଟ୍ ମଧ୍ୟ ରହିଥିଲା। ଏପରି କି କିଷାନ୍ ଏକତା ମୋର୍ଚ୍ଚାର ଟୁଇଟର ଆକାଉଣ୍ଟକୁ ବନ୍ଦ କରିଦେବାକୁ କୁହାଯାଇଥିଲା।

ଏହି ରିପୋର୍ଟ ପ୍ରକାଶ ପାଇବା ପରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ କେନ୍ଦ୍ର ସରକାରଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରାଯାଇଛି। ଚାଷୀ ଆନ୍ଦୋଳନ ସହ ଜଡ଼ିତ କୃଷକ ସଙ୍ଗଠନର ଟୁଇଟର ଆକାଉଣ୍ଟକୁ ବ୍ଲକ୍ କରିବା ପାଇଁ ସରକାରଙ୍କ କାର୍ଯ୍ୟ ନିନ୍ଦନୀୟ ବୋଲି ସୋମବାର ସଂଯୁକ୍ତ କିଷାନ ମୋର୍ଚ୍ଚା ଏକ ବିବୃତିରେ କହିଛି। ସେହିପରି ଜର୍ନାଲିଷ୍ଟ ରାଣା ଆୟୁବ ଏବଂ ସି.ଜେ. ୱେରଲେମ୍ୟାନ୍‌ଙ୍କ ଟୁଇଟ୍‌କୁ ବ୍ଲକ୍ କରାଯିବାକୁ ଖବରଦାତାଙ୍କୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଇଣ୍ଟରନ୍ୟାଶନାଲ ଗ୍ରୁପ୍ କମିଟି (ସିପିଜେ) ନିନ୍ଦା କରିଛି। ଗଣତନ୍ତ୍ରର ସୁରକ୍ଷା ପାଇଁ ସାମ୍ବାଦିକଙ୍କ ସ୍ୱରକୁ ଚପାଯିବା ଉଚିତ ନୁହେଁ। ସୋସିଆଲ ମିଡିଆରେ ଏଭଳି ସେନ୍ସରଶିପ୍ ବନ୍ଦ କରାଯିବା ଜରୁରୀ ବୋଲି ସିପିଜେ ଏସିଆ ପକ୍ଷରୁ ଟୁଇଟ୍ କରାଯାଇଛି।

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
**ଭୁବନେଶ୍ୱର-୭୫୧୦୦୭**
**ନାମଲେଖା ବିଜ୍ଞାପନ**

No.PP-18:- ଭାରତୀୟ ହସ୍ତତନ୍ତ ବୈଷୟିକ ପ୍ରତିଷ୍ଠାନ ବରଗଡ଼ **(Indian Institute of Handloom Technology, Bargarh)** ଦ୍ୱାରା ପରିଚାଳିତ ତିନିବର୍ଷିଆ ହସ୍ତତନ୍ତ ଓ ବୟନଶିଳ୍ପ ଡିପ୍ଲୋମା ପାଠ୍ୟକ୍ରମ ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ନିମିତ୍ତ ଉଦ୍ଦିଷ୍ଟ ୨୨ ଗୋଟି ସ୍ଥାନ ପ୍ରଥମ ବର୍ଷରେ ପ୍ରବେଶ ଏବଂ ୦୨ ଗୋଟି ସ୍ଥାନ ୨ୟ ବର୍ଷରେ ପ୍ରବେଶ (Lateral Entry) ନିମିତ୍ତ ଓଡ଼ିଶାର ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

| କ୍ର. ସଂ. | ପାଠ୍ୟକ୍ରମ ବର୍ଷ | ଖାଲିସ୍ଥାନ | | | | | |
|---|---|---|---|---|---|---|---|
| | | ସାଧାରଣ ବର୍ଗ (General) | ତଫସିଲଭୁକ୍ତ ଜାତି (SC) | ତଫସିଲଭୁକ୍ତ ଜନଜାତି (ST) | ବୁଣାକାର ସମ୍ପ୍ରଦାୟ (WC) | ଆର୍ଥିକ ଦୁର୍ବଳ ଶ୍ରେଣୀ (EWS) | ମୋଟ |
| ୧. | ପ୍ରଥମ ବର୍ଷରେ ପ୍ରବେଶ ନିମନ୍ତେ | ୯ | ୩ | ୪ | ୪* | ୨ | ୨୨ |
| ୨. | ୨ୟ ବର୍ଷରେ ପ୍ରବେଶ ନିମନ୍ତେ (Lateral Entry) | ୨ (ସମସ୍ତ ବର୍ଗ ପାଇଁ ପ୍ରଯୁଜ୍ୟ) | | | | | ୦୨ |

*ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ସର୍ବନିମ୍ନ ଶତକଡ଼ା ୨୦ ଭାଗ ସଂରକ୍ଷଣ ବ୍ୟବସ୍ଥା ରହିଅଛି ।
- ସଂରକ୍ଷିତ ସ୍ଥାନ ପାଇଁ ଉପଯୁକ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ନ ମିଳିଲେ ଉକ୍ତ ଖାଲି ସ୍ଥାନ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ମଧ୍ୟରୁ ପୂରଣ କରାଯିବ ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା:-**
୧. ପ୍ରଥମ ବର୍ଷରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ୧୦ମ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଇଂରାଜୀ ଏକ ବିଷୟ ଥାଇ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।
୨. ୨ୟ ବର୍ଷ (Lateral Entry)ରେ ପ୍ରବେଶ ନିମିତ୍ତ ପ୍ରାର୍ଥୀ/ପ୍ରାର୍ଥିନୀ ଦ୍ୱାଦଶ (+2) ପରୀକ୍ଷା ଗଣିତ, ଭୌତିକ ବିଜ୍ଞାନ, ରସାୟନ ବିଜ୍ଞାନ ବିଷୟ ଥାଇ କିମ୍ବା ଧନ୍ଦାମୂଳକ ପାଠ୍ୟକ୍ରମ (ବୟନ)ରେ ଦ୍ୱାଦଶ (+2) କିମ୍ବା ଦ୍ୱାଦଶ (+2) ସହ I.T.I. (୨ ବର୍ଷିଆ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

**ବୟସ ସୀମା:**
ପ୍ରଥମ ବର୍ଷରେ ପ୍ରବେଶ ପାଇଁ ତା୧୬.୦୭.୨୦୨୨ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୩ ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୫ରୁ ୨୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
ଦ୍ୱିତୀୟ ବର୍ଷ (Lateral Entry)ରେ ପ୍ରବେଶ ପାଇଁ ତା୧୬.୦୭.୨୦୨୨ରିଖ ସୁଦ୍ଧା ସାଧାରଣ ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୫ ବର୍ଷ ମଧ୍ୟରେ ଏବଂ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ବର୍ଗର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ବୟସ ସୀମା ୧୭ରୁ ୨୭ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।
ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ କରିପାରିବେ । ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ର ତା୩୦.୦୭.୨୦୨୨ରିଖ ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ । ଆବେଦନ ଫର୍ମ **www.textiles.odisha.gov.in** ଏବଂ **www.iihtbargarh.org.in**ରେ ଉପଲବ୍ଧ । ଅସମ୍ପୂର୍ଣ୍ଣ ଦରଖାସ୍ତ କୌଣସିମତେ ବିଚାରକୁ ନିଆଯିବ ନାହିଁ ।

**OIPR-31003/11/0001/2223**

**GOVERNMENT OF ODISHA**
**"e"-PROCUREMENT NOTICE**
**WORKS DEPARTMENT**
**No.B-314:** E-mail: ceroads.bbsr@gmail.com
**Bid Identification No. CE-DPI & R-06/2022-23**

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road work as mentioned below:
2. Nature of work : Road work
3. No. of work : 1 No.
4. Tender Paper cost : Rs. 10,000.00
5. Class of Contractor : Super Class
6. Available of bid document in the website : From 10.00 A.M. of 05.07.2022 to 5.30 PM of 25.07.2022
7. Date of opening of Bid : Dt.26.07.2022 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

**Sd./- Chief Engineer (DPI & Roads), Odisha**
**OIPR-34111/11/0008/2223**

**SAMBALPUR MUNICIPAL CORPORATION**
**SAMBALPUR (ODISHA)**
**Email Id: sambalpurm.hud@nic.in, Phone No.: 0663-2411012**
ପତ୍ର ସଂଖ୍ୟା: ୫୯୩୩ ତା: ୨୪।୦୬।୨୦୨୨

**କଲ୍ୟାଣ ମଣ୍ଡପ ନିଲାମ ନୋଟିସ୍**

No. C-639: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସମ୍ବଲପୁର ମହାନଗର ନିଗମ ଅଧୀନସ୍ଥ କଲ୍ୟାଣ ମଣ୍ଡପ ନିମନ୍ତେ ଚଳିତ ବର୍ଷ ୨୦୨୨-୨୦୨୩ ଏକ ବର୍ଷ ପାଇଁ ଆସନ୍ତା ତା୨୪।୦୬।୨୦୨୨ ପୂର୍ବାହ୍ନ ଘ.୧୦.୩୦ମି.ରୁ ତା୦୮।୦୭।୨୦୨୨ ଅପରାହ୍ନ ଘ.୪.୩୦ମି. ସୁଦ୍ଧା ଟେଣ୍ଡର ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରାଯିବ ଓ ତା୧୧।୦୭।୨୦୨୨ଦିନ ପୂର୍ବାହ୍ନ ଘ.୧୧.୩୦ମି. ସମୟରେ ଟେଣ୍ଡରଧାରୀଙ୍କ ଉପସ୍ଥିତିରେ ଖୋଲାଯିବ। ନିଲାମ ନୋଟିସ୍‌ର ସବିଶେଷ ତଥ୍ୟ ୱେବ୍‌ସାଇଟ୍ **(www.smcsambalpurm.nic.in)**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତି ପ୍ରଦତ୍ତ ୱେବ୍‌ସାଇଟ୍ ମାଧ୍ୟମରୁ ଆବେଦନ ଫର୍ମ, ନୋଟିସ୍, ସର୍ତ୍ତ ଓ ନିୟମାବଳୀ ଇତ୍ୟାଦି ହାସଲ କରି ନିଲାମରେ ଭାଗ ନେଇପାରିବେ।
ଟେଣ୍ଡର ପେପର ଉପଲବ୍ଧ ସମୟ: ତା୨୪।୦୬।୨୦୨୨ରିଖଠାରୁ ତା୦୭।୦୭।୨୦୨୨ରିଖ ଅପରାହ୍ନ ଘ.୫.୩୦ମି. ପର୍ଯ୍ୟନ୍ତ।
ଟେଣ୍ଡର ଫର୍ମ ଡାକ/କୋରିୟର/ସ୍ପିଡ୍ ପୋଷ୍ଟ ଯୋଗେ ଦାଖଲ ସମୟ ତା୦୮।୦୭।୨୦୨୨ ଅପରାହ୍ନ ଘ.୪.୩୦ମି. ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବା ସମୟ ତା୧୧।୦୭।୨୦୨୨ରିଖ ପୂର୍ବାହ୍ନ ଘ.୧୧.୩୦ମି.।

ସ୍ୱା./- ଆୟୁକ୍ତ
OIPR-13122/11/0028/2223 ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

# 'ଧମକ ଆଉ କାହାକୁ ଦିଅନ୍ତୁ'

## ସଞ୍ଜୟଙ୍କ ଉପରେ ବର୍ଷିଲେ ଏକନାଥଙ୍କ ପୁଅ

**ମୁମ୍ବାଇ,୨୭।୬:** ମହାରାଷ୍ଟ୍ରରେ ଚାଲିଥିବା ରାଜନୈତିକ ସଙ୍କଟ ମଧ୍ୟରେ ଏବେ ପୁଅମାନଙ୍କୁ ନେଇ ଚର୍ଚ୍ଚା ବଢ଼ିଲାଣି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଉଦ୍ଧବ ଠାକରେଙ୍କ ପୁଅ ଆଦିତ୍ୟ ଠାକରେ ଦଳ ମଙ୍ଗ ସମ୍ଭାଳୁଥିବା ବେଳେ ଏବେ ଏକନାଥ ସିନ୍ଦେଙ୍କ ପୁଅ ଶ୍ରୀକାନ୍ତ ସିନ୍ଦେ ମଧ୍ୟ ଏହି ରାଜନୈତିକ ଯୁଦ୍ଧରେ ସେ ତାଙ୍କ ପିତାଙ୍କୁ ସମର୍ଥନ କରିବାକୁ ବାହାରି ପଡିଛନ୍ତି। ଏହି କ୍ରମରେ ଶ୍ରୀକାନ୍ତ ପ୍ରଥମେ ଶିବସେନା ନେତା ତଥା ରାଜ୍ୟସଭା ଏମପି ସଞ୍ଜୟ ରାଉତଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଏହି ଧମକ ଆଉ କାହାକୁ ଦିଅନ୍ତୁ। ଏଠାରେ ଏହି ଧମକର କୌଣସି ପ୍ରଭାବ ପଡ଼ିବନାହିଁ। ଶିବସେନା ବାଲା ସାହେବ ଠାକରେଙ୍କର। ଆଉ ଆମର ଲଢେଇ ଏବେ କୋର୍ଟରେ ପହଞ୍ଚିଯାଇଛି। ଶିବସେନା ଏକ ହିନ୍ଦୁତ୍ୱବାଦୀ ଦଳ ଏବଂ ଏକନାଥ ସିନ୍ଦେ ସବୁବେଳେ ରାଜ୍ୟର ଭଲ ପାଇଁ କାମ କରିଆସିଛନ୍ତି ବୋଲି ଶ୍ରୀକାନ୍ତ କହିଛନ୍ତି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-940:
**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
**Bid Identification No. Civil/EST-19/2022-23**
**NOTICE INVITING TENDER UNDER NATIONAL COMPETITIVE BIDING THROUGH e-Procurement**

1. Name of the Work : Providing, Laying, Testing & Commissioning of 200 mm (N.B) dia D.I. S/S (K-9) pipe in raw water rising main along the Januganj road from existing 800 mm dia D.I. pipe at Remuna Golei to proposed WTP Fakir Mohan College, Balesore.
2. Value of the Work: Rs. 86.00 Lakhs
3. Period of completion: 05 (Five) Calendar Months
4. Availability of tender online for Bidding:
I. Start Date: 18:00 Hours of dt.28.06.2022.
II. End date: 15:00 Hours of dt.15.07.2022.
III. Opening date: 16.00 Hours of dt.15.07.2022.

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

**Sd./-Chief General Manager (Civil)**
**IDCO, Bhubaneswar**
**OIPR-14003/11/0063/2223**

**OFFICE OF THE CDM & PHO CUM DMD**
**NHM, NUAPADA**
**District Programme Management Unit, NHM**
**NUAPADA, ODISHA, 766105**
E-mail: nhmnuapada@gmail.com Phone: (06678)-225908

**TENDER CALL NOTICE**
**No.2367/DPMU/NHM/2020** **Date 24.06.2022**

**No.E-255:** Sealed tenders are invited from the reputed manufacturer/Authorized suppliers having valid GST Registration certificate for supply of Printing/Flex Printing/Vinyl Printing/Wall Writing/Display Materials etc. to office of the CDM&PHO cum DMD, Nuapada on annual rate contract basis. The sealed quotation should reach at O/o-CDM&PHO, Nuapada in any working day by 20.07.2022 till 5 P.M along with all required documents by speed post/regd post/courier only. The tender will be opened on 21.07.2022 at 11.00 A.M in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from www.nuapada.nic.in . The undersigned reserves the right to accept or reject any or all the quotations without assigning any reason thereof.

**Sd./- CDM & PHO cum DMD, Nuapada**
**OIPR-10055/11/0010/2223**

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL**
**CUTTACK**
**TENDER CALL NOTICE**

**No.E-256:** Sealed tenders are invited by the undersigned from the National/ International manufacturing firms or their authorized distributors/dealers for supply of Laboratory Chemicals/ reagents/ Kits/ Glass Ware/ Plastic ware etc. The last date for submission of tender is within 30 days up to 5.00 P.M. from the date of publication of tender which will be opened on next working day at 12.30P.M. in the office chamber of the Superintendent in presence of tenderers or their authorized representative. The tender paper will be available in the official website www.scbmch. in of the Superintendent, SCB medical College Hospital, Cuttack and also in the account section (User's) during the office hours on payment of Rs.1,000/- (Rupees One thousand) only in cash. The authority is not bound to accept the lowest price basing on quality. The authority reserves the right to accept / cancel / reject any or all the tenders without assigning any reason thereof. The authority is not responsible for any postal delay.

**Sd./- Superintendent**
**SCB Medical College Hospital, Cuttack**
**OIPR-10186/11/0002/2223**

**ସେନ୍‌ସେକ୍ସ ୪୩୩ ପଏଣ୍ଟ ବୃଦ୍ଧି**

**ମୁମ୍ବାଇ:** ଗତ ସପ୍ତାହର ଲଗାତାର ହ୍ରାସ ପରେ ଚଳିତ ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ଭାରତୀୟ ପୁଞ୍ଜି ବଜାରରେ ଲାଭ ଦେଖିବାକୁ ମିଳିଛି। ସେନ୍‌ସେକ୍ସରେ ୪୩୩ (୦.୮୨%) ଏବଂ ନିଫ୍ଟିରେ ୧୩୩ (୦.୮୫%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୩,୧୬୧ ଏବଂ ନିଫ୍ଟି ୧୫,୮୩୨ ଇଣ୍ଡେକ୍ସ ପାଖାପାଖି ବନ୍ଦ ହୋଇଥିଲା। ଦିନର ଟ୍ରେଡିଂ ସେସନରେ ୨୩୧୧ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୦୩୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି। ସୋମବାରର ଟପ୍ ଗେନର୍ସ ତାଲିକାରେ ଏଚ୍‌ସିଏଲ୍ ଟେକ୍, କୋଲ୍ ଇଣ୍ଡିଆ, ଟେକ୍ ମହିନ୍ଦ୍ରା, ଲାର୍ସେନ ଆଣ୍ଡ ଟୁବ୍ରୋ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଆପୋଲୋ ହସ୍ପିଟାଲ୍, ଆଇଚର ମୋଟର୍ସ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ୍, ଏଚ୍‌ଡିଏଫ୍‌ସି ଲାଇଫ୍ ରହିଛନ୍ତି।

## ସଂକ୍ଷେପରେ

### କଟକଣା ସତ୍ତ୍ୱେ ୧୮ ଲକ୍ଷ ଟନ୍ ଗହମ ରପ୍ତାନି

**ନୂଆଦିଲ୍ଲୀ, ୨୭ା୬:** ଘରୋଇ ବଜାରରେ ଗହମ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଏବଂ ଖାଦ୍ୟ ସୁରକ୍ଷା ବଜାୟ ରଖିବା ଲାଗି ଭାରତ ପକ୍ଷରୁ ମେ' ୧୩ରେ ରପ୍ତାନି ଉପରେ କଟକଣା ଲଗାଯାଇଥିଲା। ଏହା ସତ୍ତ୍ୱେ ନିୟମ ଅନୁସାରେ ଆବଶ୍ୟକତା ଥିବା ଦେଶକୁ ଭାରତ ୧୮ ଲକ୍ଷ ଟନ୍ ଗହମ ରପ୍ତାନି କରିଥିବା ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ସୂଚନା ଦେଇଛନ୍ତି। ଏପରିକି ପଡ଼ୋଶୀ ଦେଶ ବାଂଲାଦେଶ ଏବଂ ଆଫଗାନିସ୍ତାନକୁ ସର୍ବାଧିକ ଗହମ ରପ୍ତାନି କରାଯାଇଛି। କଟକଣା ମଧ୍ୟରେ ଆଫଗାନିସ୍ତାନକୁ ୫୦ହଜାର ଟନ୍ ଗହମ ରପ୍ତାନି ପାଇଁ ମଞ୍ଜୁର ମିଳିଥିଲେ ମଧ୍ୟ ୩୩ ହଜାର ଟନ୍ ରପ୍ତାନି ଶେଷ ହୋଇଛି।

### ୫ ବିଲିୟନ ଡଲାର କାରବାର କରିବ ଜେଟ୍ ଏୟାରୱେଜ୍

**ନୂଆଦିଲ୍ଲୀ, ୨୭ା୬:** ଏୟାରବସ୍ ଏସ୍‌ଇକୁ ଜେଟ୍ ଏୟାରକ୍ରାଫ୍ଟ ନିର୍ମାଣ ପାଇଁ ଏୟାରୱେଜ୍ ପକ୍ଷରୁ ୫.୫ ବିଲିୟନ ଡଲାରର ଡିଲ୍ ମିଳିପାରେ। ତେବେ ବର୍ତ୍ତମାନ ସୁଦ୍ଧା ଏ ମାମଲାରେ କୌଣସି ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ଜେଟ୍ ଏୟାରୱେଜ୍ ପକ୍ଷରୁ ଏୟାରବସ୍ ଏସ୍‌ଇ ସହିତ ଏ୩୨୦ନିଓ ଏବଂ ଏ୨୨୦ ପ୍ଲେନ୍ କ୍ରୟକୁ ନେଇ ଆଲୋଚନା ଜାରି ରହିଛି। ଏୟାରବସ୍ ଏସ୍‌ଇ ଛଡ଼ା ଅମ୍ବର ଏସ୍‌ଏ ସହିତ ମଧ କମ୍ପାନୀ ପକ୍ଷରୁ କାରବାର ନେଇ ଆଲୋଚନା ଜାରି ରହିଛି। ତେବେ ଜେଟ୍ ଏୟାରୱେଜ୍ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନା ଅନୁସାରେ, କାରବାର ସମ୍ପର୍କିତ ଡିଲ୍ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୂଚନାଯୋଗ୍ୟ, ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜ୍ ୨୦୧୯ ଏପ୍ରିଲ୍ ପରଠାରୁ ଉଡାଣ ବନ୍ଦ ରଖିଥିଲା। ତେବେ ଜୁନ୍ ୨୦୨୧ରୁ ଏହା ମୁରାରୀଲାଲ୍ ଜଲାନ୍ ଏବଂ କାର୍ଲକ କନ୍‌ସୋର୍ଟିୟମ୍ ଅଧୀନକୁ ଆସିଥିଲା।

# ୟୁପିଆଇରେ ୯.୩୬ ବିଲିୟନ୍ କାରବାର

ନୂଆଦିଲ୍ଲୀ, ୨୭ା୬

**ସର୍ବାଧିକ ବ୍ୟବହୃତ ୟୁପିଆଇ ଆପ୍ସ ମଧ୍ୟରେ ଫୋନ୍‌ପେ, ଗୁଗୁଲ୍ ପେ, ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍ ଆପ୍, ଆମାଜନ୍ ପେ**




ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଜରିଆରେ ବିଭିନ୍ନ ପେମେଣ୍ଟ ମୋଡ୍ ମାଧ୍ୟମରେ ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ତ୍ରୈମାସ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଭାରତ ୯.୩୬ ବିଲିୟନ୍ ଟ୍ରାଞ୍ଜାକ୍ସନରେ ୧୦.୨୫ ଟ୍ରିଲିୟନ୍ ଟଙ୍କା କାରବାର କରିଥିବା ସୋମବାର ପ୍ରକାଶିତ ନୂତନ ରିପୋର୍ଟରୁ ସୂଚନା ମିଳିଛି। ପେମେଣ୍ଟ ଇଣ୍ଡଷ୍ଟ୍ରୀର ବୈଶ୍ୱିକ ଅଗ୍ରଣୀ 'ୱାର୍ଲ୍ଡଲାଇନ୍'ର ତଥ୍ୟ ଅନୁସାରେ, ପିଟୁଏମ୍ (ପର୍ସନ୍ ଟୁ ମର୍ଚ୍ଚାଣ୍ଟ) କାରବାର ଉପଭୋକ୍ତାଙ୍କ ମଧ୍ୟରେ ସମସ୍ତଙ୍କ ପସନ୍ଦର ପେମେଣ୍ଟ ମୋଡ୍ ପାଲଟିଛି। ଏହାର ବଜାରରେ ଅଂଶଗ୍ରହଣ ୬୪% ଥିବା ବେଳେ ମୂଲ୍ୟ ମାମଲାରେ ୫୦% ରହିଛି। ଚଳିତବର୍ଷ ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ୟୁପିଆଇ ୨୬.୨୯ ଟ୍ରିଲିୟନ ଟଙ୍କାର ମୋଟ ୧୪.୫୫ ବିଲିୟନ୍ କାରବାର କରିଛି। ପୂର୍ବ ବର୍ଷ ତୁଳନାରେ ୟୁପିଆଇ କାରବାର ହ୍ରାସ ପ୍ରାୟ ଦୁଇଗୁଣା ବୃଦ୍ଧିପାଇଛି। ଏହାଛଡ଼ା କ୍ୟାଲେଣ୍ଡର୍ ବର୍ଷ ୨୦୨୧ର ସମାନ ଅବଧିଠାରୁ ଏହି ୟୁପିଆଇ କାରବାର ୯୦% ବୃଦ୍ଧି ପାଇଛି। ଚଳିତ ବର୍ଷର ଜାନୁୟାରୀ-ମାର୍ଚ୍ଚ ମଧ୍ୟରେ ଭଲ୍ୟୁମ୍‌ମାନଲାରେ ସବୁଠାରୁ ଅଧିକ ବ୍ୟବହାର ହେଉଥିବା ୟୁପିଆଇ ଆପ୍ ମଧ୍ୟରେ ଫୋନ୍‌ପେ, ଗୁଗୁଲ୍ ପେ, ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ୍ ଆପ୍, ଆମାଜନ୍ ପେ, ଆକ୍ସିସ୍ ବ୍ୟାଙ୍କ୍ ରହିଥିବା ବେଳେ ଟପ୍ ପିଏସ୍‌ପି ୟୁପିଆଇ ପ୍ଲେୟର ମଧ୍ୟରେ ୟେସ୍ ବ୍ୟାଙ୍କ୍, ଆକ୍ସିସ୍ ବ୍ୟାଙ୍କ୍, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଏବଂ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ରହିଛନ୍ତି। ଏହି ଅବଧି ମଧ୍ୟରେ ୟୁପିଆଇ ଆପ୍ସଗୁଡ଼ିକ ମଧ୍ୟରେ ଫୋନ୍ ପେ, ଗୁଗୁଲ୍ ପେ ଏବଂ ପେଟିଏମ୍‌ର କାରବାର ଭଲ୍ୟୁମ୍ ମୋଟ୍ ଭଲ୍ୟୁମ୍‌ର ୯୪.୮% ରହିଥିବା ବେଳେ ମୋଟ୍ ଭାଲ୍ୟୁର ୯୩% ରହିଛି। ଜାନୁୟାରୀ-ମାର୍ଚ୍ଚ ସୁଦ୍ଧା ୟୁପିଆଇ ପିଟିପି (ପିୟର-ଟୁ-ପିୟର) ହାରାହାରି ଟିକସ ଆକାର(ଏଟିଏସ୍) ୨୪୫୫ ଟଙ୍କା ଏବଂ ପିଟୁଏମ୍ କାରବାର ୮୬୦ ଟଙ୍କା ରହିଥିଲା। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୟୁପିଆଇ କ୍ୟୁଆର୍ ସଂଖ୍ୟା ୧୭୨,୭୩ ମିଲିୟନ ଥିବାବେଳେ ପୂର୍ବ ବର୍ଷର ସମାନ ଅବଧି ତୁଳନାରେ ଏହା ୮୭% ବୃଦ୍ଧି ପାଇଛି।

# ପାୱାର ଗ୍ରୀଡ୍ ସିଏମ୍‌ଡି ଶ୍ରେଷ୍ଠ ସିଇଓ




ନୂଆଦିଲ୍ଲୀ, ୨୭ା୬

ପାୱାର ଗ୍ରୀଡ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) କେ. ଶ୍ରୀକାନ୍ତଙ୍କୁ ବିଜ୍‌ନେସ୍ ଟୁଡେ-ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ଶ୍ରେଷ୍ଠ ସିଇଓ (ଶକ୍ତି) ଭାବେ ପୁରସ୍କୃତ କରାଯାଇଛି। ନିକଟରେ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ବିଜ୍‌ନେସ୍ ଟୁଡେ ଏବଂ ପିଡବ୍ଲ୍ୟୁସି ଇଣ୍ଡିଆ ପକ୍ଷରୁ ମିଳିତ ଭାବେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଦେଶର ପ୍ରମୁଖ କମ୍ପାନୀଗୁଡିକୁ ସେମାନଙ୍କ ସିଇଓମାନେ କିଭଳି ଅଭିବୃଦ୍ଧି ଦିଗରେ ଅଗ୍ରସର କରାଉଛନ୍ତି। ଅପରପକ୍ଷରେ ପୁରସ୍କାରପ୍ରାପ୍ତ ବ୍ୟକ୍ତିମାନେ ବିଭିନ୍ନ ବର୍ଗର ଶ୍ରେଷ୍ଠ ପ୍ରତିପାଦନ କରିଥିବା ଉଭୟ ସଂସ୍ଥାର ସର୍ଭେରେ କୁହାଯାଇଛି।

# ନିୟୁ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍ ଉନ୍ମୋଚିତ

କଟକ, ୨୭ା୬




ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନିୟୁ ସ୍ପ୍ଲେଣ୍ଡର ପ୍ଲସ୍ ଏକ୍ସଟେକ୍ ନିକଟରେ ବଜାର ପ୍ରବେଶ କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ତଥା କଟକର ପ୍ରମୁଖ ଅଟୋ ଶୋ'ରୁମ 'ଜେଏମ୍‌ଜି ଅଟୋମୋବାଇଲ' ପରିସରରେ ସୋମବାର ହିରୋର ଉକ୍ତ ମଡେଲ ଉନ୍ମୋଚନ ହୋଇଯାଇଛି। ଉକ୍ତ ଉତ୍ସବରେ ଜେଏମ୍‌ଜି ଅଟୋମୋବାଇଲ୍‌ର ଏମ୍‌ଡି ପ୍ରଦୀପ ଅଗ୍ରୱାଲ୍‌ଙ୍କ ସମେତ ଶୋ'ରୁମର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକ ଉପସ୍ଥିତ ଥିଲେ।

ହିରୋର ଉକ୍ତ ମଡେଲରେ ପୂର୍ଣ୍ଣ ଡିଜିଟାଲ୍ ମିଟର, ରିୟଲ ଟାଇମ୍ ଇଣ୍ଡିକେଟର, ବ୍ଲୁଟୁଥ୍ ସଂଯୋଗ ସହ କଲ୍ ଏବଂ ଏସ୍‌ଏମ୍‌ଏସ୍ ଆଲର୍ଟ ଭଳି ସୁବିଧା ଉପଲବ୍ଧ। ସେହିଭଳି ଏଲ୍‌ଇଡି ହାଇ ଇନ୍‌ଟେନ୍‌ସିଟି ପୋଜିସନ୍ ଲ୍ୟାମ୍ପ, ୟୁଏସ୍‌ବି ମୋବାଇଲ୍ ଚାର୍ଜର, ସାଇଡ୍ ଷ୍ଟାଣ୍ଡ ଇଞ୍ଜିନ୍ କଟ୍ ଅଫ୍ ଭଳି ନୂତନ ଫିଚରମାନ ସଂଯୋଗ ରହିଛି। ଅପରପକ୍ଷରେ ଜେଏମ୍‌ଜି ଅଟୋମୋବାଇଲ୍ସ ହେଉଛି ହିରୋ ଟୁ-ହ୍ୱିଲର ବୃହତ୍ ଡିଲର। ଏହା ବାର୍ଷିକ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଟୁ-ହ୍ୱିଲର ବିକ୍ରି କରୁଛି। ସେହିଭଳି ସ୍ଥାନୀୟ ପ୍ରଫେସରପଡ଼ାଠାରେ ଅବସ୍ଥିତ ଏହାର ବୃହତ୍ ୱାର୍କଶପ୍‌ରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟୁ-ହ୍ୱିଲର ସର୍ଭିସିଂ କରାଯାଇଥାଏ। ଗ୍ରାହକ ସେବାକୁ ପ୍ରାଧାନ୍ୟ ଦେବା ସହ ବିକ୍ରି ପରବର୍ତ୍ତୀ ସେବାକୁ ହିରୋ ମଧ ଗୁରୁତ୍ୱ ଦେଇଥାଏ।

# ଏନ୍‌ଆଇଏନ୍‌ଏଲ୍‌କୁ କିଣିଲେ ରତନ ଟାଟା

ନୂଆଦିଲ୍ଲୀ, ୨୭ା୬

ଘରୋଇକରଣକୁ ବିରୋଧ ସତ୍ତ୍ୱେ ଭାରତ ସରକାର ଏକ ବଡ଼ ସରକାରୀ କମ୍ପାନୀକୁ ବିଶିଷ୍ଟ ବ୍ୟବସାୟୀ ରତନ ଟାଟାଙ୍କୁ ବିକ୍ରି କରିଦେଇଛନ୍ତି। ଓଡ଼ିଶାର ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)କୁ ଟାଟା ଗ୍ରୁପ୍‌ର ଏକ ଫାର୍ମକୁ ହସ୍ତାନ୍ତର କରାଯାଇଛି। ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟା ଚଳିତ ବର୍ଷ ଜୁଲାଇ ମଧ୍ୟଭାଗ ସୁଦ୍ଧା ଶେଷ ହେବ। ଟାଟା ଷ୍ଟିଲ୍‌ର ଏକ ୟୁନିଟ୍ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡ଼କ୍ଟସ୍ (ଟିଏସ୍‌ଏଲ୍‌ପି) ଚଳିତ ବର୍ଷ ଜାନୁୟାରୀରେ ୧୨,୧୦୦ କୋଟି ଟଙ୍କାରେ ଏନ୍‌ଆଇଏନ୍‌ଏଲ୍‌ର ୯୩.୭୧% ଅଂଶଧନ ହାସଲ କରିଥିଲା। କମ୍ପାନୀର ସୂଚନା ଅନୁସାରେ, ସରକାରଙ୍କର ଏହି କମ୍ପାନୀରେ କୌଣସି ଅଂଶଧନ ନ ଥିବାରୁ ବିକ୍ରି ଆୟ ରାଜକୋଷରେ ଜମା ହେବ ନାହିଁ।

# ପୁରସ୍କୃତ ହେଲେ ରଜ ରାଜକୁମାରୀ

ଭୁବନେଶ୍ୱର, ୨୭ା୬

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଗ୍ରୁପର ରିଟେଲ ଚେନ ଟ୍ରେଣ୍ଡ୍‌ସ ପକ୍ଷରୁ 'ଟ୍ରେଣ୍ଡ୍‌ସ ରଜ ରାଜକୁମାରୀ'ର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ନିକଟରେ ପୁରସ୍କୃତ କରାଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ ପକ୍ଷରୁ ଭୁବନେଶ୍ୱର ଜନପଥସ୍ଥିତ ଟ୍ରେଣ୍ଡ୍‌ସ ଏକ୍ସକ୍ଲୁସିଭ ଷ୍ଟୋର ପରିସରରେ ସ୍ୱତନ୍ତ୍ର ଭାବେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବ କୃତୀ ପ୍ରତିଯୋଗୀ ଓ ଅତିଥି ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତିଯୋଗିତାର ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡର୍ ଅଭିନେତା ସମ୍ବିତ ଆଚାର୍ଯ୍ୟ ଓ ଶିବାନୀ ସଙ୍ଗୀତା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଦୀର୍ଘ ୧୬ଦିନ ବ୍ୟାପୀ ଚାଲିଥିବା ଉକ୍ତ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭାଗ ନେଇଥିଲେ। ସେହିଭଳି 'ରଜ ସେଲ୍ଫି ପ୍ରତିଯୋଗିତା'ରେ ଭୁବନେଶ୍ୱରର ଅର୍ପିତା ମହାପାତ୍ର ୧ମ ସ୍ଥାନ ଅଧିକାର କରିଥିବା ବେଳେ ସେମିଳିଗୁଡ଼ାର ସୋନାଲିନି ସ୍ୱାଇଁ ଓ ନବରଙ୍ଗପୁରର ବର୍ଷା ମହାନ୍ତି ଯଥାକ୍ରମେ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିଲେ। ସେହପରି '୧ ମିନିଟର ଶର୍ଟ ଭିଡିଓ କ୍ଲିପ୍' (ରିଲ୍ସ) ପ୍ରତିଯୋଗିତାରେ ପାରାଦୀପର ସାୟନ୍ତୀ ଚାଟାର୍ଜୀ ୧ମ, ଭୁବନେଶ୍ୱରର ନନ୍ଦିନୀ ରାୟ ୨ୟ ଏବଂ ଢେଙ୍କାନାଳର ସିମରନ୍ ୩ୟ ସ୍ଥାନ ଅଧିକାର କରିଥିଲେ। ଉପରୋକ୍ତ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଦର୍ଶକମାନେ ମଧ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ସହ ଆକର୍ଷଣୀୟ ଉପହାର ପାଇଥିଲେ। ପରିଶେଷରେ କିଛି ଦର୍ଶକ ମଧ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା, ସୋମବାର ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ସହ ସ୍ଥାନୀୟ ରାଜଭବନଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି।

# 'ପିକ୍ ଟୁ ପିକ୍-ୱିନିଂ ଓଭର କ୍ୟାନ୍‌ସର'

ଭୁବନେଶ୍ୱର, ୨୭ା୬

ଦେଶର ବିଭିନ୍ନ କୋଣରୁ କର୍କଟ ରୋଗ ଉପରେ ବିଜୟ ହାସଲ କରିଥିବା ୮ ପ୍ରତିଯୋଗୀ (କର୍କଟମୁକ୍ତ ରୋଗୀ)ଙ୍କୁ ନେଇ ଏକ ୫ ଦିନିଆ ପର୍ବତାରୋହଣ ଅଭିଯାନ ସଫଳତାର ସହ ଶେଷ ହୋଇଛି। ଆପୋଲୋ କ୍ୟାନ୍‌ସର ସେଣ୍ଟର (ଏସିସି) ପକ୍ଷରୁ ଆୟୋଜିତ 'ପିକ୍ ଟୁ ପିକ୍-ୱିନିଂ ଓଭର କ୍ୟାନ୍‌ସର' ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନେ ୧୧,୮୩୦ ଫୁଟ ଉଚ୍ଚ ଡେରାଡୁନ୍‌ର ଦିନାରା ବୁଗିଆଲ୍ ପର୍ବତ ଚଢ଼ିବା ଭଳି ଦୁଃସାହସିକ କାର୍ଯ୍ୟରେ ସଫଳତା ହାସଲ କରିଛନ୍ତି। ଉକ୍ତ ଯାତ୍ରାର ସଫଳତା ପ୍ରମାଣିତ କରୁଛି ଯେ, କର୍କଟ ଜୀବନର ଅନ୍ତ ନୁହେଁ। ଯଦି ସଠିକ୍ ବିଶେଷଜ୍ଞଙ୍କଠାରୁ ଚିକିତ୍ସା ଓ ମାର୍ଗଦର୍ଶନ ମିଳେ, ତେବେ କର୍କଟ ଚିକିତ୍ସା ସମ୍ପୂର୍ଣ୍ଣ ହେବା ପରେ ମଧ ଜୀବନ ପ୍ରତି ସକାରାତ୍ମକ ଚିନ୍ତାଧାରା ପୋଷଣ କରିବା ଦ୍ୱାରା ଯେ କୌଣସି କାର୍ଯ୍ୟ କରାଯାଇପାରେ।

ଏ ସମ୍ପର୍କରେ କର୍କଟମୁକ୍ତ ରୋଗୀ ଭୁବନେଶ୍ୱରର ସ୍ୱାଗତିକା ଆଚାର୍ଯ୍ୟ କହିଛନ୍ତି, ଆମେ ସବୁବେଳେ ଅନୁଭବ କରୁ ଯେ ସମସ୍ୟା ଆମଠାରୁ ଢେର ବଡ଼। କିନ୍ତୁ ଯେତେବେଳେ ଆମେ ସାହସ କରୁ, ସେତେବେଳେ ଆମେ ଅନୁଭବ କରୁ ଯେ, ଆମେ ଆମର ସମସ୍ୟାଠାରୁ ଯଥେଷ୍ଟ ବଡ଼। ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ମୁଁ ସର୍ବଦା ଉତ୍ସାହିତ ଏବଂ ଦିନାରୁ ବୁଗିଆଲ୍ ଟ୍ରାକ୍ କରିବା ପରେ, ମୁଁ ଅନୁଭବ କରେ ଯେ କର୍କଟ ଆମ ଜୀବନର ଏକ ଅଂଶ। ସେହିଭଳି ଏସିସିର ବରିଷ୍ଠ ରେଡିଏସନ୍ ଅଙ୍କୋଲୋଜିଷ୍ଟ ଡା. ସଞ୍ଜୀୟ ମିଶ୍ର କହିଛନ୍ତି, ଏହି ଅଭିଯାନ କ୍ୟାନ୍‌ସର ସର୍ଭାଇଭର୍‌ମାନଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇଦେବା। ଏହି ଅଭିଯାନର ସଫଳତା ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି ଯେ, କର୍କଟ ସହ ଲଢ଼ି ସଫଳ ହୋଇଥିବା ରୋଗୀମାନେ ଆମ ଭଳି ବା ଆମଠାରୁ ମାନସିକ ଏବଂ ଶାରୀରିକ ସ୍ତରରେ ଅଧିକ ଦୃଢ଼। ଏହି ଅଭିଯାନକୁ ସଫଳ କରିବା ପାଇଁ ସେମାନଙ୍କ ସହ ସାମିଲ ହୋଇଥିବାରୁ ମୁଁ ଗର୍ବିତ। ମୁଁ ମଧ ଉକ୍ତ ଅଭିଯାନରେ ସେମାନଙ୍କଠାରୁ ଅନେକ କିଛି ଶିକ୍ଷାଲାଭ କରିଛି। ଏହା ଏକ କଷ୍ଟସାଧ ପର୍ବତାରୋହଣ କାର୍ଯ୍ୟ ଥିଲେ ମଧ ସେମାନେ ଏକ ଦଳ ଭାବେ ଏହାକୁ ସଫଳ କରିଛନ୍ତି। ସେହିପରି ଆପୋଲୋ ହସ୍ପିଟାଲର ସିଓଓ ଓ ଡିଏମ୍‌ଏସ୍ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି, କର୍କଟ ସହ ସଂଘର୍ଷ କରିବାଠାରୁ ଆରମ୍ଭ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ପର୍ଯ୍ୟନ୍ତ ଆମର ୮ଜଣ କ୍ୟାନ୍‌ସର ସର୍ଭାଇଭର ସମଗ୍ର ବିଶ୍ୱକୁ ଏହା ଜଣାଇବାରେ ସଫଳ ହୋଇଛନ୍ତି, ଯେଉଁଠି ଇଚ୍ଛାଶକ୍ତି ଅଛି ସେଠାରେ ଉପାୟ ସୁନିଶ୍ଚିତ ଅଛି। ଆପୋଲୋ ହସ୍ପିଟାଲ ସେମାନଙ୍କର ଏହି ଅସାଧାରଣ ଯାତ୍ରାରେ ସହଭାଗୀ ହୋଇଥିବାରୁ ଏବଂ ସମସ୍ତ କର୍କଟ ରୋଗୀଙ୍କୁ ପ୍ରେରଣା ଦେଇଥିବାରୁ ଆମେ ଗର୍ବିତ ବୋଲି ଆଲୋକ ମତବ୍ୟକ୍ତ କରିଛନ୍ତି।

### ଗିଗ୍ କର୍ମଚାରୀଙ୍କ ସଂଖ୍ୟା ୨.୩୫ କୋଟି ଛୁଇଁବ

ନୂଆଦିଲ୍ଲୀ, ୨୭ା୬

ନିର୍ଦ୍ଧାରିତ ଅବଧି ପାଇଁ ସୁନିଶ୍ଚିତ ପ୍ରାପ୍ୟ ଉପରେ କାର୍ଯ୍ୟ କରୁଥିବା ଇଣ୍ଡିପେଣ୍ଡେଣ୍ଟ କଣ୍ଟ୍ରାକ୍ଟର୍ସ, ଅନ୍‌ଲାଇନ ପ୍ଲାଟ୍‌ଫର୍ମ ୱାର୍କର୍ସ, କଣ୍ଟ୍ରାକ୍ଟ ଫାର୍ମ ୱାର୍କର୍ସଙ୍କ ଭଳି 'ଗିଗ୍' କର୍ମଚାରୀଙ୍କ ସଂଖ୍ୟା ଦେଶରେ ୨୦୨୯-୩୦ ସୁଦ୍ଧା ବୃଦ୍ଧି ପାଇ ୨.୩୫ କୋଟିରେ ପହଞ୍ଚିବା ନେଇ ଆଶା କରାଯାଉଛି। ଆର୍ଥିକ ବର୍ଷ ୨୦୨୦-୨୧ରେ ଏହି ସଂଖ୍ୟା ୭୭ ଲକ୍ଷ ରହିଥିଲା। ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଏନ୍‌ଆଇଟିଆଇ) ଆୟୋଗ ଦ୍ୱାରା ସୋମବାର ପ୍ରକାଶିତ ରିପୋର୍ଟରେ ଏହା ଆକଳନ କରାଯାଇଛି। ଏହି ତଥ୍ୟରେ ସାମୟିକ ସମୟ ପାଇଁ କାର୍ଯ୍ୟ କରୁଥିବା ଗିଗ୍ କର୍ମଚାରୀ ଏବଂ ତାଙ୍କ ପରିବାର ପାଇଁ ସାମାଜିକ ସୁରକ୍ଷା ବଢ଼ାଇବା ସକାଶେ ସୁପାରିସ କରାଯାଇଛି। ଭାରତରେ 'ଦ୍ରୁତ ଗତିରେ ବଢୁଥିବା ଗିଗ୍ ଏବଂ ପ୍ଲାଟଫର୍ମ ଅର୍ଥ ବ୍ୟବସ୍ଥା' ଶୀର୍ଷକ ଥିବା ଏନ୍‌ଆଇଟିଆଇ ଆୟୋଗର ରିପୋର୍ଟରେ କୁହାଯାଇଛି।

# ସଫଳତା ପଥରେ ଅଗ୍ରସର ଜିନ୍ଦେଗୀ ଫାଉଣ୍ଡେଶନ

ଭୁବନେଶ୍ୱର, ୨୭ା୬




ଚଳିତ ବର୍ଷ ଜିନ୍ଦେଗୀ ଫାଉଣ୍ଡେଶନର ୧୩ ଛାତ୍ର ବିଭିନ୍ନ ମେଡିକାଲ୍ କଲେଜରେ ଆଡମିଶନ ପାଇଛନ୍ତି ଏବଂ ସେମାନଙ୍କର ଡାକ୍ତର ହେବାର ସ୍ୱପ୍ନ ପୂରଣ ହୋଇଛି। ସେମାନଙ୍କ ମଧ୍ୟରେ ସୁନୀଲ କୁମାର ସାହୁ ନାମକ ଛାତ୍ରଙ୍କ ବାପା ଏକ କମ୍ପାନୀରେ ଛୋଟ ଚାକିରି କରୁଛନ୍ତି। ସେ ନିଟ୍-୨୦୨୧ରେ ଭଲ ପ୍ରଦର୍ଶନ ସହ ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଅଧ୍ୟୟନ କରୁଛନ୍ତି। ସେହିପରି ଚନ୍ଦନଙ୍କ ବାପା ବଢ଼େଇ କାମ କରନ୍ତି, ସୁଭାଷଙ୍କ ବାପା ପଶୁପାଳକ ଏବଂ ମୁର୍ସିଦର ବାପା ରିକ୍ସା ଚାଳକ ଅଟନ୍ତି। ଏପରିକି ସେମାନେ ସମସ୍ତେ ପ୍ରତିଷ୍ଠିତ ଶିକ୍ଷାବିତ୍ ତଥା ସାମାଜିକ କର୍ମୀ ଅଜୟ ବାହାଦୁର ସିଂଙ୍କ ଦ୍ୱାରା ପରିଚାଳିତ ଜିନ୍ଦେଗୀ ଫାଉଣ୍ଡେଶନର ଛାତ୍ର। ସୂଚନାଯୋଗ୍ୟ ୨୦୧୭ରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଫାଉଣ୍ଡେଶନର ୭୦ଜଣ ଛାତ୍ର ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ପ୍ରତିବର୍ଷ ଜିନ୍ଦେଗୀ ଫାଉଣ୍ଡେଶନ୍ ମେଧାବୀ ଓ ଡାକ୍ତର ଆଶାୟୀ ପ୍ରତିଭାଶାଳୀ ଛାତ୍ରମାନଙ୍କୁ ବାଛିଥାଏ, ବିଶେଷକରି ଯେଉଁମାନେ ପ୍ରତିଦିନ ଗଣ୍ଡେ ଖାଇବା ପାଇଁ ସଂଘର୍ଷ କରନ୍ତି, ସେମାନଙ୍କୁ ମାଗଣା ମେଡିକାଲ୍ କୋଚିଂ, ଅଧ୍ୟୟନ ସାମଗ୍ରୀ, ଖାଦ୍ୟ, ଆବାସ ଏବଂ ଅନ୍ୟାନ୍ୟ ସୁବିଧା ଫାଉଣ୍ଡେଶନ ଜରିଆରେ ଯୋଗାଇବା ସହ ନିଟ୍ ପରୀକ୍ଷାରେ ସଫଳ ହେବାରେ ଆବଶ୍ୟକ ସହଯୋଗ ଓ ସହାୟତା ପ୍ରଦାନ କରିଥାଏ। ବର୍ଷକୁ ବର୍ଷ ଜିନ୍ଦେଗୀ ଫାଉଣ୍ଡେଶନର ଛାତ୍ରମାନେ ନିଟ୍ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରି ବିଭିନ୍ନ ଖ୍ୟାତନାମା ମେଡିକାଲ କଲେଜରେ ମଧ ପଢୁଛନ୍ତି। ଜିନ୍ଦେଗୀ ଫାଉଣ୍ଡେଶନ୍‌ର କାର୍ଯ୍ୟ ଏଠାରେ ବନ୍ଦ ହୋଇ ରହିନାହିଁ। ମେଡିକାଲ୍ କଲେଜର ଫିସ ଦେବା ପାଇଁ ସଂଘର୍ଷ କରୁଥିବା ଅଧିକାଂଶ ଛାତ୍ରଙ୍କ ପାଇଁ ଜିନ୍ଦେଗୀ ଫାଉଣ୍ଡେଶନ୍ ବିଭିନ୍ନ ଏନଜିଓ ଓ ଅନ୍ୟ ସଂସ୍ଥା ସହଯୋଗରେ ସେମାନଙ୍କ ପାଇଁ ମଧ ଛାତ୍ର ବୃତ୍ତିର ବ୍ୟବସ୍ଥା କରିଥାଏ। ଚଳିତ ବର୍ଷ ଆମେରିକାର କାଲିଫର୍ନିଆରେ ଅବସ୍ଥିତ ସାଲୋନୀ ହାର୍ଟ ଫାଉଣ୍ଡେଶନ (ଏସ୍‌ଏଚ୍‌ଏଫ୍) ଜିନ୍ଦେଗୀ-ଫାଉଣ୍ଡେଶନର ୪ଜଣ ମେଧାବୀ ଛାତ୍ରଙ୍କୁ ଏମ୍‌ବିବିଏସ ଛାତ୍ର ବୃତ୍ତି ପ୍ରଦାନ କରିଛି। ସୁନୀଲ କୁମାର ସାହୁ, ରାଧାବଲ୍ଲଭ ବେହେରା, ମୁର୍ସିଦି ଖାନ୍ ଏବଂ ଦୟାସାଗର ସ୍ୱାଇଁ ଚଳିତ ବର୍ଷ ପାଇଁ ଏସ୍‌ଏଚ୍‌ଏଫ ଏମବିବିଏସ-୨୨ ସ୍କଲାରଶିପ ପାଇଛନ୍ତି। ଏ ସମ୍ପର୍କରେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ କହିଛନ୍ତି, ଚଳିତ ବର୍ଷ ୧୩ଜଣ ଛାତ୍ର ବିଭିନ୍ନ ଖ୍ୟାତିସମ୍ପନ୍ନ ମେଡିକାଲ କଲେଜର ପଢିବାରେ ସଫଳ ହୋଇଛନ୍ତି। ଆମର ଜଣେ ଛାତ୍ର ଏମ୍ସରେ ଆଡମିଶନ ପାଇଛନ୍ତି, ଯାହା ଆମ ପାଇଁ ଏକ ବଡ଼ ସଫଳତା। ଯେତେବେଳେ ମୁଁ ସେହି ଛାତ୍ରମାନଙ୍କୁ ପ୍ରଥମେ ଭେଟିଥିଲି, ସେତେବେଳେ ମୁଁ ସେମାନଙ୍କର ଭୋକ ଦେଖିଥିଲି କିନ୍ତୁ ସେମାନଙ୍କ ମୁହଁରେ ଡାକ୍ତର ହେବାର ଭୋକ ପେଟ ଭୋକ ଠାରୁ ବେଶିଥିଲା। ଏପରିକି ଆମର ସମସ୍ତ ଛାତ୍ରଙ୍କର ସଂଗ୍ରାମ ଏବଂ ସଫଳତାର କାହାଣୀ ରହିଛି। ଆଜି ସେମାନେ ଯାହା ହାସଲ କରିଛନ୍ତି ସେଥିପାଇଁ ମୁଁ ବାସ୍ତବରେ ଗର୍ବିତ ବୋଲି ସିଂ ମତବ୍ୟକ୍ତ କରିଛନ୍ତି।

ମନେ ପଡ଼ନ୍ତି

ଗାନ୍ଧୀ ମନୀଷ ଦୋଳଗୋବିନ୍ଦଙ୍କ ୯୭ତମ ଜୟନ୍ତୀର ଆର୍ଯ୍ୟଭିତ୍ତ
ତା ୨୮.୦୬.୨୦୨୨ ରିଖ ମଙ୍ଗଳବାର
ପୂର୍ବାହ୍ନ ୮ ଘଟିକା: କୋଳଥିଆସ୍ଥିତ ସ୍ମୃତିବନରେ ବୃକ୍ଷ ପୂଜା
ମଧ୍ୟାହ୍ନ ୧୨ ଘଟିକା: ନହରକଣ୍ଟା ଶିଶୁ ଆଶ୍ରମରେ ଅନ୍ତେବାସୀଙ୍କ ପ୍ରସାଦ ବଣ୍ଟନ
ସନ୍ଧ୍ୟା ୬ ଘଟିକା: ବୃଦ୍ଧ ମନ୍ଦିର ଠାରେ ସ୍ମୃତିସଭା ଓ ଗାନ୍ଧୀ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଶ୍ରୀଯୁକ୍ତ ନନ୍ଦ କୁମାର ମହାପାତ୍ର
ଆପଣମାନଙ୍କ ଉପସ୍ଥିତି କାମନା କରୁଛୁ।
- ନିବେଦକ -
ଡଃ ପ୍ରଫେସର ବୃନ୍ଦଦେବ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଧ୍ୟକ୍ଷ
ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ, ଭୁବନେଶ୍ୱର
ଧ-୮୪୦

ସ୍ମୃତିରେ ...
ଗାନ୍ଧୀ ମନୀଷ ଦୋଳଗୋବିନ୍ଦ
୯୭ତମ ଜୟନ୍ତୀ
ତା: ୨୮.୦୬.୨୦୨୨ (ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି କୃତଜ୍ଞତା ଜଣାଉଛୁ।
ଦେବରାଜ, ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳୀ, ପୃଥ୍ୱୀରାଜ, ସ୍ନିଗ୍ଧା, ପ୍ରଜ୍ଞରାଜ, ସବିତା, ସତ୍ୟଭାମା, ସର୍ବେଶ୍ୱର, ହୈମବତୀ, ଅରିନ୍ଦମ୍, ନିବେଦିତା, ବିଜୟ, ସବିତା, ସଂଜୟ, ଟୁକୁନି
ଧ-୮୪୧

# ଘରେ ଅଛି ଔଷଧ

**ସାରା ଦିନ କାମର ଚାପରେ ଅନେକ ମହିଳାଙ୍କଠାରେ ଗଣ୍ଠି ଯନ୍ତ୍ରଣା ସମସ୍ୟା ଦେଖିବାକୁ ମିଳିଥାଏ। ଏହାକୁ ରୋକିବା ଲାଗି ଅନେକେ ପେନ୍‌କିଲର ସେବନ କରିଥାନ୍ତି। ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଏହାର ଅଧିକ ସେବନ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିପାରେ। ତେଣୁ ଆପଣମାନେ ଚାହିଁଲେ କେତେକ ରୋଷେଇ ସାମଗ୍ରୀକୁ ବ୍ୟବହାରକରି ଗଣ୍ଠିଯନ୍ତ୍ରଣାରୁ ଉପଶମ ପାଇପାରିବେ...**

**ରସୁଣ:** ରସୁଣକୁ ପେଷ୍ଟକରି ମହୁ ମିଶାଇ ପ୍ରତିଦିନ ଖାଇବା ସମୟରେ ଏକ ଚାମଚ ଖାଇଲେ ଗଣ୍ଠିଯନ୍ତ୍ରଣା କମିଥାଏ। ରସୁଣ ପେଷ୍ଟକୁ ତେଲରେ ମିଶାଇ ଗଣ୍ଠି ସ୍ଥାନରେ ମାଲିସ୍ କଲେ ମଧ୍ୟ ଉପଶମ ମିଳିଥାଏ।

**ମେଥି:** ମେଥିକୁ ମଧ୍ୟ ଗଣ୍ଠିଯନ୍ତ୍ରଣା କମାଇବା ଲାଗି ଖାଇପାରିବେ। ପ୍ରତିଦିନ ରାତିରେ ମେଥିକୁ ଭିଜାଇ ରଖି ସକାଳେ ଚୋବାଇ ଖାଇବା ଦ୍ୱାରା ଯନ୍ତ୍ରଣା ଦୂର ହୋଇଥାଏ।

**ପିଆଜ:** ପିଆଜରେ ଅଧିକ ପରିମାଣରେ ସଲ୍‌ଫର୍ ଭରି ରହିଛି, ଯାହାକି ଗଣ୍ଠିରେ ଯନ୍ତ୍ରଣା ସୃଷ୍ଟି କରୁଥିବା ଏଞ୍ଜାଇମ୍‌କୁ ନିୟନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଖାଇବାରେ କଞ୍ଚା ପିଆଜକୁ ସାମିଲ କଲେ ଉପକୃତ ହେବେ।

**ତେଲ:** ଅଣ୍ଟା ଯନ୍ତ୍ରଣା ଲାଗି କଷ୍ଟ ପାଉଥିଲେ ଦେଶୀ ଘିଅରେ ସୁଣ୍ଠି ମିଶାଇ ଖାଇଲେ ଉପକୃତ ହେବେ। ନଡ଼ିଆତେଲ କିମ୍ବା ସୋରିଷତେଲରେ ରସୁଣ ପକାଇ ଗରମ କରି କିମ୍ବା ନଡ଼ିଆତେଲରେ କର୍ପୂର ମିଶାଇ ଗରମକରି ଅଣ୍ଟାରେ ମାଲିସ୍ କଲେ ଯନ୍ତ୍ରଣାରୁ ଉପଶମ ପାଇପାରିବେ।

– ଏକ ଗ୍ଲାସ୍ ଉଷୁମ କ୍ଷୀରରେ ଏକ ଚାମଚ ହଳଦୀଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ପିଇଲେ ବି ଯନ୍ତ୍ରଣା କମିଥାଏ।



# ମନିପ୍ଲାଣ୍ଟରେ ସଜାନ୍ତୁ ଘର

**ବର୍ତ୍ତମାନ ବିଭିନ୍ନ ଇନ୍‌ଡୋର ପ୍ଲାଣ୍ଟରେ ଘର ସଜାଇବାକୁ ଅନେକେ ପସନ୍ଦ କରୁଛନ୍ତି। ଯେଉଁଥିପାଇଁ ମନିପ୍ଲାଣ୍ଟ ପାଲଟିଛି ଅନେକଙ୍କର ପ୍ରଥମ ପସନ୍ଦ। ଯଦି ଆପଣବି ମନିପ୍ଲାଣ୍ଟରେ ସଜାଇ ଘରକୁ ଏକ ଗ୍ରୀନ୍ ଲୁକ୍ ଦେବାକୁ ଚାହୁଁଛନ୍ତି ତେବେ ଜାଣି ରଖନ୍ତୁ ଟିପ୍ସ...**



- ଘରେ କେଉଁଠି ମନିପ୍ଲାଣ୍ଟ ଲଗାଇଲେ ଇଣ୍ଟେରିଅର୍ ଅଧିକ ଆକର୍ଷଣୀୟ ହୋଇ ପାରିବ ତାକୁ ଆଖି ଆଗରେ ରଖି ପଟ୍ କିଣନ୍ତୁ। ଆପଣ ଚାହିଁଲେ ଘରେ ପଡ଼ିଥିବା ଅଦରକାରୀ ଡବାକୁ କାଟି କିମ୍ବା ମଧ୍ୟ ପଟ୍ ତିଆରି କରି ମନି ପ୍ଲାଣ୍ଟରେ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।
- ମନି ପ୍ଲାଣ୍ଟକୁ ଛାତରେ ହୁକ୍ ଲଗାଇ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ଲଗାଇଲେ ଘରର ଲୁକ୍ ଅଧିକ ଆଟ୍ରାକ୍ଟିଭ୍ ଲାଗିବ। ଆଇକ୍ୟାଚି ଲାଗିବା ପାଇଁ କ୍ରିଷ୍ଟାଲ ବଲ୍ ଷ୍ଟାଇଲ୍ ହ୍ୟାଙ୍ଗିଙ୍ଗ୍ ପଟ୍‌ରେ ମନି ପ୍ଲାଣ୍ଟ ଲଗାଇ ଘରକୁ ଡେକୋରେଟ୍ କରିପାରିବେ ।
- ଆକ୍ୱାରିୟମ୍ ହ୍ୟାଙ୍ଗିଙ୍ଗ୍ ଷ୍ଟାଣ୍ଡରେ ବି ମନି ପ୍ଲାଣ୍ଟ ଲଗାଇବାର ଆଇଡିଆ ଆପଣଙ୍କ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଏହା ବ୍ୟତୀତ ଚଢ଼େଇ ବସା, ଟା କ୍ୟାଟିଲ୍ ଷ୍ଟାଇଲ୍‌ର ବିଭିନ୍ନ ପଟ୍‌ରେ ମନିପ୍ଲାଣ୍ଟ ରଖି ଘରକୁ ଆର୍ଟିଷ୍ଟିକ୍ ଟଚ୍ ଦେଇପାରିବେ।

ଖାଦ୍ୟରୁଚି

# କଙ୍କଡ଼ା ନଡ଼ିଆ ରସା

**ଆବଶ୍ୟକ ସାମଗ୍ରୀ:** ୮ଟି ବଡ଼ କଙ୍କଡ଼ା, ୨ଟି କଟା ପିଆଜ, ୧ ଛୋଟ ଚାମଚ ଜିରା, ୧ ଛୋଟ ଚାମଚ ସୋରିଷ, ୧ ଛୋଟ ଚାମଚ ଫୁଟଣ, କିଛି କଞ୍ଚାଲଙ୍କା, ଖଣ୍ଡେ ଅଦା, ୧ଟି ରସୁଣ, ୧ ଛୋଟ ଚାମଚ ହଳଦୀ ଗୁଣ୍ଡ, ୧ ଚାମଚ ଲଙ୍କାଗୁଣ୍ଡ, ୩ଟି କଟା ଟମାଟୋ, ୧ଟି ନଡ଼ିଆ, ୧ ଚାମଚ ଗରମ ମସଲା, ୧ ବିଡ଼ା ଧନିଆ ପତ୍ର, ୩ ବଡ଼ ଚାମଚ ସୋରିଷ ତେଲ ଏବଂ ଆବଶ୍ୟକ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ଭଲ ଭାବରେ ଧୋଇ କାଟି ଦିଅନ୍ତୁ। ସେଥିରେ ଲୁଣ ଓ ହଳଦୀ ପକାଇ ଗୋଳାନ୍ତୁ। ପରେ କଡ଼େଇରେ ତେଲ ଗରମକରି କଙ୍କଡ଼ା ସେଥିରେ ପକାଇ ଭାଜନ୍ତୁ। ଭାଜି ସାରିବା ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। କଡ଼େଇ ବସାଇ ତେଲ ଗରମ କରନ୍ତୁ। ତେଲ ଗରମ ହୋଇସାରିବା ପରେ ସେଥିରେ ଜିରା, ସୋରିଷ ଓ ଫୁଟଣ ପକାନ୍ତୁ। ପରେ ସେଥିରେ ୨–୩ଟି କଞ୍ଚାଲଙ୍କା ଓ କଟା ହୋଇଥିବା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ୍ ପଡ଼ିଯିବା ପରେ ସେଥିରେ ୨ ଚାମଚ ଅଦା ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ଧନିଆ ପାଉଡର ଓ ଟମାଟୋ ପକାଇ ମସଲାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ନଡ଼ିଆ ରସ ପକାଇ ଗୋଳାନ୍ତୁ। ଭାଜି ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଗୋଳାନ୍ତୁ। ସେଥିରେ ଅଳ୍ପ ପାଣି ଦିଅନ୍ତୁ। ପରେ ଗରମ ମସଲା ଓ ଆବଶ୍ୟକ ଅନୁସାରେ ଲୁଣ ପକାଇ କିଛି ସମୟ ପାଇଁ ଢାଙ୍କୁଣୀ ବନ୍ଦ କରିଦିଅନ୍ତୁ। କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ ଧନିଆ ପତ୍ର ପକାନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ନଡ଼ିଆ ରସା।



# ପିଲାଙ୍କ ଫିଟ୍‌ନେସ୍



**ଅନେକ ଅଭିଭାବକଙ୍କୁ ନିଜ ପିଲା ମୋଟା ହେଲେ ଭାରି ଖୁସି ଲାଗେ। ପିଲାଟି କେଡେ ଗୁଲୁଗୁଲିଆ ହୋଇଛି ବୋଲି କେହି କହିଲେ ଆନନ୍ଦର ସୀମା ରହେନି। ଆଉ ଯଦି କେହି ପିଲାର ଓଜନ କମାନ୍ତୁ କୁହନ୍ତି, ତେବେ ରାଗରେ ନିଆଁ ହୋଇଯିବା ସହ ଘରକୁ ଆଣି ପିଲାର ନଜର ଉତାରିବାକୁ ବି ପଛାନ୍ତି ନାହିଁ। ହେଲେ ପିଲା ସୁସ୍ଥ ରହିବା ଲାଗି ଯେ, ମେଦବହୁଳତା ନୁହେଁ ବରଂ ସ୍ଲିମ୍ ଫିଟ୍ ରହିବା ଅଧିକ ଗୁରୁତ୍ୱପୂର୍ଣ୍ଣ– ଏଦିଗରେ ଅଭିଭାବକ ସଚେତନ ହେବା ଆବଶ୍ୟକ....**

**ସନ୍ତୁଳିତ ଖାଦ୍ୟାଭ୍ୟାସ କରାନ୍ତୁ:** ପିଲାଙ୍କୁ ଫିଟ୍ ରଖିବା ଲାଗି ସେମାନଙ୍କୁ ସନ୍ତୁଳିତ ଖାଦ୍ୟାଭ୍ୟାସ କରାନ୍ତୁ। କାରଣ ବର୍ତ୍ତମାନ ଅନେକ ପିଲାଙ୍କଠାରେ ମେଦବହୁଳତା ଦେଖାଦେବାର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କର ଅସନ୍ତୁଳିତ ଖାଦ୍ୟାଭ୍ୟାସ। ସେମାନେ ଘରୋଇ ଖାଦ୍ୟ ବଦଳରେ ମାର୍କେଟ୍‌ରେ ମିଳୁଥିବା ଫାଷ୍ଟଫୁଡ୍, ଫ୍ରୋଜେନ୍ ଫୁଡ୍, ରେଡି ଟୁ ଇଟ୍ ଜାତୀୟ ଖାଦ୍ୟ ପ୍ରତି ଆଗ୍ରହୀ ହେଉଛନ୍ତି। ତା'ଛଡ଼ା ଅନେକ ଅଭିଭାବକ ପିଲା ଖୁସି ହେଉଥିବାରୁ ହେଉ ଅବା ସହଜରେ ଉପଲବ୍ଧ ହେଉଥିବାରୁ ଏଭଳି ଖାଦ୍ୟ ପିଲାଙ୍କୁ ସବୁବେଳେ ଦେଉଛନ୍ତି। ହେଲେ ଏଥିରେ ଥିବା ତେଲ, ମସଲା, ରଙ୍ଗ, ମଇଦା ଇତ୍ୟାଦି ଯୋଗୁ ସେମାନଙ୍କ ଶରୀରରେ ଚର୍ବି ପରିମାଣ ବଢୁଛି। ଫଳରେ ଅଳ୍ପ ବୟସରୁ ମେଦବହୁଳତା ପାଇଁ କେତେକଙ୍କଠାରେ ଡାଇବେଟିସ୍ ଏବଂ ହୃଦ୍‌ରୋଗ ଭଳି ସମସ୍ୟା ସୃଷ୍ଟି କରୁଛି। ତେଣୁ ପିଲାଙ୍କୁ ଏଭଳି ଖାଦ୍ୟ ଯଥା ସମ୍ଭବ କମ୍ ଦିଅନ୍ତୁ।

**ନିୟନ୍ତ୍ରଣରେ ରଖନ୍ତୁ ମିଠା:** ମିଠା ଜାତୀୟ ଖାଦ୍ୟ ବିଶେଷକରି ଚକ୍‌ଲେଟ୍, ଆଇସ୍‌କ୍ରିମ୍, କେକ୍ ଏବଂ ବିଭିନ୍ନ ମିଠା ପିଲାଙ୍କୁ ଖୁବ୍ ଭଲ ଲାଗିଥାଏ। ଏମିତିକି ଜଳଖିଆରେ ସୁଜି, ସିମେଇ ଏବଂ ଗାଜର ହାଲୁଆ ଭଳି ମିଠା ଖାଦ୍ୟ ପିଲା ଖୁସିରେ ଖାଉଥିବାରୁ ଅଧିକାଂଶ ଅଭିଭାବକ ପିଲାଙ୍କୁ ଏଭଳି ଖାଦ୍ୟ ଦେଇଥାନ୍ତି। ହେଲେ ଆପଣ ଜାଣନ୍ତିକି, ପ୍ରତିଦିନ ଏଭଳି ଖାଦ୍ୟ ଖାଇଲେ ଏହା ଧୀରେ ଧୀରେ ପିଲାଙ୍କଠାରେ ମେଦବହୁଳତାର କାରଣ ସାଜିଥାଏ। ବିଶେଷକରି ମୋଟା ବା ଅଧିକ ଓଜନ ଥିବା ପିଲାଙ୍କୁ ଏଭଳି ଖାଦ୍ୟ କମ୍ ଦେବା ଭଲ।

**ଠିକ୍ ରଖନ୍ତୁ ମର୍ନିଂ ରୁଟିନ୍:** ପିଲାଙ୍କୁ ସକାଳୁ ଉଠାଇ ନିତ୍ୟକର୍ମ ଯଥା ସମୟରେ ସାରି ଖାଇବାର ଅଭ୍ୟାସ କରାନ୍ତୁ। କାରଣ ସକାଳେ ଅଧିକ ସମୟ ଶୋଇବା ଏବଂ ଜଳଖିଆ ନ ଖାଇବାର ବଦଭ୍ୟାସ ମଧ୍ୟ ଅନେକ ପିଲାଙ୍କର ରହିଛି। ହେଲେ ସକାଳର ଜଳଖିଆ ମିସ୍ କଲେ ସାରା ଦିନ ଶରୀରକୁ ଏନର୍ଜେଟିକ୍ ଲାଗି ନ ଥାଏ। କେବଳ ଏତିକି ନୁହେଁ , ଏହାଦ୍ୱାରା ଭୋକ ଅଧିକ ହେବା କାରଣରୁ ମଧ୍ୟାହ୍ନଭୋଜନରେ ଆବଶ୍ୟକରୁ ଅଧିକ ଖାଇବା କାରଣରୁ ମଧ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ପାଲଟେ। ତେଣୁ ଫିଟ୍ ରହିବା ଲାଗି ପିଲାଙ୍କୁ ସକାଳ ଜଳଖିଆ ଖାଇବାକୁ ଦିଅନ୍ତୁ।

**ଦେଖାନ୍ତୁନି ଟିଭି, ମୋବାଇଲ:** ଖାଇବା ସମୟରେ ଟିଭି, ମୋବାଇଲ ଆଦି ଦେଖିବା ଅନେକ ପିଲାଙ୍କର ଏକ ନିଶା। ହେଲେ ଏହାଦ୍ୱାରା ଅଜାଣତରେ ଆବଶ୍ୟକରୁ ଖାଇ ହୋଇଯାଏ। କେହି କେହି ଟିଭି ଦେଖିବା ବେଳେ ଚିପ୍ସ, କୁର୍‌କୁରେ ଭଳି ବିଭିନ୍ନ ଚଟ୍‌ପଟା ଖାଦ୍ୟ ମଧ୍ୟ ଖାଇବାକୁ ପସନ୍ଦ କରନ୍ତି। ତେବେ ଏସବୁ ଅଭ୍ୟାସ ଯୋଗୁ ଶରୀରକୁ ଅଧିକ ପରିମାଣରେ କ୍ୟାଲୋରି ଚାଲିଯାଏ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ତେଣୁ ଏଥିପ୍ରତି ଅଭିଭାବକମାନେ ବିଶେଷ ଭାବେ ଧ୍ୟାନଦେବା ଆବଶ୍ୟକ।

**କରାନ୍ତୁ ଯୋଗ, ବ୍ୟାୟାମ:** ଯେହେତୁ ବର୍ତ୍ତମାନ ସମୟରେ ଅଧିକାଂଶ ପିଲାଙ୍କୁ ଆଉଟଡୋର ଖେଳିବାର ସୁଯୋଗ ମିଳୁନି, ତେଣୁ ସେମାନଙ୍କ ଠାରେ ଶାରୀରକ ବ୍ୟାୟାମ ଖୁବ୍ କମ୍ ହେଉଛି। ଫଳ ସ୍ୱରୂପ ମେଦବହୁଳତା ଏବଂ ଅନ୍ୟାନ୍ୟ ସମସ୍ୟା ଉପୁଜୁଛି। ଏସବୁ ଠାରୁ ଦୂରେଇ ରହି ପିଲା ଫିଟ୍ ରହିବା ଲାଗି ତାଙ୍କୁ ପ୍ରତିଦିନ ଯୋଗ, ବ୍ୟାୟାମ ଆଦି କରିବାକୁ ପରାମର୍ଶ ଦିଅନ୍ତୁ।







## କ'ଣ କୁହନ୍ତି ଏମାନେ...

**ହରପ୍ରିୟା ପାତ୍ର( ପୁରୀ)–** ପିଲାଙ୍କ ପାଇଁ ମେଦବହୁଳତା କ୍ଷତିକାରକ ହୋଇଥାଏ। ଓଜନ ବଢ଼ିଯିବା



ଦ୍ୱାରା ସେମାନେ ଅଳ୍ପ ବୟସରୁ ନାନା ପ୍ରକାର ରୋଗର ଶିକାର ହୋଇଥାନ୍ତି। ତେଣୁ ମୁଁ ଝିଅକୁ ତେଲଛଣା ଖାଦ୍ୟ ଖାଇବା ପାଇଁ ମନା କରିଥାଏ। ସ୍କୁଲରେ ଘରୁ ପ୍ୟାକ୍‌କରି ଦେଉଥିବା ଟିଫିନ୍ ଖାଇବାକୁ କୁହେ। କିଛି ବି ବାହାରୁ କିଣି ଖାଇବାକୁ ବାରଣ କରେ। ଏଥିସହ ସନ୍ଧ୍ୟା ସମୟରେ ତାକୁ ଯୋଗ କ୍ଲାସ୍ ନିଏ। ଖେଳ କସରତ ଓ ସୁଷମ ଖାଦ୍ୟ ଖାଇବା ଦ୍ୱାରା ତା'ର ଓଜନ ଏବେ ନିୟନ୍ତ୍ରଣରେ ଅଛି।

**ସନ୍ଧ୍ୟାରାଣୀ ଜେନା( ବାଲେଶ୍ୱର)–** ପିଲାମାନେ ମୋଟା ହୋଇଯିବାର ଟେନ୍‌ସନ ସବୁବେଳେ ରହୁଛି।



ଏଥିପାଇଁ ତାଙ୍କୁ ସକାଳୁ ବ୍ୟାୟାମ କରାଉଛି। ତା'ସହ ସେମାନଙ୍କ ଖାଇବା ପିଇବାକୁ ମଧ୍ୟ ସବୁବେଳେ ଜଗିବାକୁ ପଡୁଛି। କିଛିଦିନ ପୂର୍ବରୁ ପୁଅ ଅଧିକ ମୋଟା ହୋଇଯିବା ଯୋଗୁ ଟିକେ ଚଲାବୁଲା କରିଦେଲେ ଥକି ପଡୁଥିଲା। ଏବେ ସେ ପ୍ରତିଦିଦ ବ୍ୟାୟାମ କରୁଛି। ସେଥିପାଇଁ ସବୁ କାମ କରିବାକୁ ଫୁର୍ତ୍ତି ରହିବା ସହ ଫିଟ୍ ମଧ୍ୟ ରହୁଛି।

# ସ୍କିନ୍‌ଟୋନ୍ ବଢ଼ାଏ ସଜନା ଶାଗ



ସୌନ୍ଦର୍ଯ୍ୟ

**ସଜନା ଶାଗ ଖାଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଆପଣ ଜାଣନ୍ତିକି ସ୍ୱାଦିଷ୍ଟ ଲାଗୁଥିବା ଏହି ସଜନା ଶାଗ ସୌନ୍ଦର୍ଯ୍ୟବୃଦ୍ଧି କରିବାରେ ମଧ୍ୟ ବେଶ୍ ଉପଯୋଗୀ। ଜାଣିରଖନ୍ତୁ ଏହାକୁ ବ୍ୟବହାର କରିବାର ଉପାୟ...**

- ସଜନା ଶାଗ ଗୁଣ୍ଡ ଲଗାଇବା ସହିତ ଖାଇବା ବି ତ୍ୱଚା ପାଇଁ ଲାଭଦାୟକ। ଏଥିରେ କୋଲାଜେନ୍ ପ୍ରୋଟିନ୍ ଭରି ରହିଛି। ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନ୍ ଟାଇଟ୍ ଏବଂ ସୁନ୍ଦର ରହିଥାଏ।
- ସଜନା ଶାଗକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରିଦିଅନ୍ତୁ। ଏକ ଚାମଚ ଏହି ଗୁଣ୍ଡରେ ଅଧା ଚାମଚ ଲେମ୍ବୁରସ, ଏକ ଚାମଚ ଲେଖାଏଁ ମହୁ ଏବଂ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ମୁହଁ ଧୋଇଦିଅନ୍ତୁ। ଏହାଦ୍ୱାରା ତ୍ୱଚାରେ ରିଙ୍କଲ ମାର୍କ ଦେଖାଯାଇ ନ ଥାଏ। ଏହା ତ୍ୱଚାକୁ ସଫା, ଟାଇଟ୍ ରଖିବା ସହ ଏଜିଂ ସମସ୍ୟା ଦୂର କରି ୟଙ୍ଗର ଲୁକ୍ ଦେଇଥାଏ।
- ଓଠ ପାଇଁ ସବୁଠୁ ଭଲ ମଶ୍ଚରାଇଜର ଭାବେ କାମ କରିଥାଏ ସଜନା ତେଲ ; ଯେଉଁଥିଲାଗି ବିଭିନ୍ନ ଲିପ୍‌ବାମ୍ ଏବଂ ଲିପ୍ କେୟାର ପ୍ରଡକ୍ଟଗୁଡ଼ିକରେ ଏହାକୁ ବ୍ୟବହାର କରାଯାଇଥାଏ। ଏହାକୁ ସେନ୍‌ସିଟିଭ୍ ସ୍କିନ୍‌ରେ ଲଗାଇବା ଦ୍ୱାରା ମଧ୍ୟ ତାହା ମଶ୍ଚରାଇଜ୍‌ଡ୍ ରହିଥାଏ।
- ସ୍କିନ୍ ଟୋନ୍ ଡାର୍କ ଥିଲେ ସଜନା ଶାଗ ପେଷ୍ଟକୁ ଲଗାଇପାରିବେ। ଏହା ସ୍ପଟ୍‌ଲେସ୍ କରିବା ସହ ସ୍କିନ୍‌ଟୋନ୍ ବଢାଇ ତ୍ୱଚାକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ।
- ସଜନା ତେଲରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଭରି ରହିଛି ଯାହାକି ବ୍ରଣ ସମସ୍ୟା ଦୂର କରିଥାଏ। ସଜନା ଶାଗକୁ ପେଷ୍ଟକରି ବି ଆପଣ ବ୍ରଣ ହୋଇଥିବା ସ୍ଥାନରେ ଲଗାଇଲେ ଉପକୃତ ହେବେ।



# ଜ୍ୟୋତିକା, କୌସ୍ତୁଭ ଚାମ୍ପିୟନ

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି)**

କଟକ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ସଗେଟ୍ ପରିସରରେ ଫିଡେ ଚେସ୍ ଅଲିମ୍ପିଆଡ୍ ଓଡ଼ିଶା ରାଜ୍ୟ ସ୍କୁଲ ୧୫ ବର୍ଷରୁ କମ୍ (ବାଳିକା ଓ ବାଳକ) ର୍ୟାପିଡ୍ ରେଟେଡ ଚେସ୍ ଚାମ୍ପିୟନଶିପ୍ ସୋମବାର ଶେଷ ହୋଇଛି। କଟକ ଜିଲା ଚେସ୍ ଆସୋସିଏଶନ (ସିଡିସିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ବାଳିକା ବିଭାଗରେ ଜ୍ୟୋତିକା ସାହୁ ଏବଂ ବାଳକରେ କୌସ୍ତୁଭ ଦାଶ ଚାମ୍ପିୟନ ହୋଇଛନ୍ତି। ବାଳିକା ବିଭାଗରେ ଜ୍ୟୋତିକାଙ୍କୁ ବାଦ୍‌ଦେଲେ ପ୍ରତ୍ୟାଶା ଜେନା, ସନ୍ଦିପା ପ୍ରୀୟଦର୍ଶିନୀ ସାହୁ, ଋତୁଶ୍ରୀ ଋତୁପ୍ରଭା ସାହୁ, ଶ୍ରଦ୍ଧା ସ୍ମରଣୀକା ନନ୍ଦ, ସାହାନା ଲେଙ୍କା, ଶୁଭସ୍ମିତା ପ୍ରିୟଦର୍ଶିନୀ, ଜୟଲକ୍ଷ୍ମୀ ସାହୁ, ପ୍ରୀତିଶା ମିତ୍ର ଓ ପଭାନୀ ଦୟନିତା ମାଝି ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ବାଳକରେ ଶ୍ରେୟାସ ଶୁଭମ୍ ପଟ୍ଟନାୟକ, ଆୟୁଷ୍ମାନ ମହାନ୍ତି, ଓମ୍ ଆଦିତ୍ୟ ଖାଡଙ୍ଗା, ଶ୍ରୀୟାଂଶ ଦେ, ସାଇ ସୌରଭ ଦାସ, ଶ୍ରୀହନ ସବତ, ସ୍ଥିତିପ୍ରଜ୍ଞ ସାହୁ, ଆର୍ଯ୍ୟନ ବେହେରା ଓ ବିକାଶ କୁମାର ଲେଙ୍କା ଯଥାକ୍ରମେ ୨ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ପ୍ରତିଯୋଗିତାର ନିୟମ ଅନୁସାରେ ବାଳିକା ଓ ବାଳକ ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳି ଏବଂ ସରକାରୀ ବିଦ୍ୟାଳୟର ଜଣେ ଲେଖାଏ କୃତୀ ପ୍ରତିଯୋଗୀ ଆଗାମୀ ଜୁଲାଇ-ଅଗଷ୍ଟରେ ଚେନ୍ନାଇରେ ହେବାକୁଥିବା ୪୪ତମ ଚେସ୍ ଅଲିମ୍ପିଆଡ୍ ଦେଖିବା ଏବଂ ନାମୀ ଖେଳାଳିଙ୍କ ସହ ମିଶିବାର ସୁଯୋଗ ପାଇଛନ୍ତି। ସେହି କ୍ରମରେ ବାଳିକା ବିଭାଗରେ ଜ୍ୟୋତିକା ଓ ପ୍ରତ୍ୟାଶାଙ୍କ ସହ କଟକ ବକ୍‌ଲେ ଗର୍ଲ୍ସ ହାଇସ୍କୁଲର ୱାଇ. ଗାୟତ୍ରୀ ଏବଂ ବାଳକରେ କୌସ୍ତୁଭ ଓ ଶ୍ରେୟାଂଶଙ୍କ ସହ ପୁରୀ ଜିଲା ସ୍କୁଲର ଶୁଭମ୍ ପରିଡ଼ା ଯୋଗ୍ୟ ବିବେଚିତ ହୋଇଛନ୍ତି। ସିଡିସିଏର ମୁଖ୍ୟ ପୃଷ୍ଠପୋଷକ ଆଶୀର୍ବାଦ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ଅଜୟ କୁମାର ନାୟକ, ସଭାପତି ବିବେକ କୁମାର ଟିବରୱାଲ, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ସର୍ବଭାରତୀୟ ଚେସ୍ ଫେଡେରେଶନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭ ମିଶ୍ର, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପଲ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଶୀର୍ବାଦ ବେହେରା, ଅଭିଜିତ ପଲ୍, ରଞ୍ଜନ ମହାନ୍ତି, ଦେବବ୍ରତ ଭଞ୍ଜ, ସ୍ୱୟମ୍ଭ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଓଡ଼ିଶାର ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ସ୍ୱୟମ୍ଭଙ୍କୁ ସିଡିସିଏର ଆଜୀବନ ସଦସ୍ୟଭାବେ ଗ୍ରହଣ କରାଯାଇଥିଲା।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଫିଡେ ଚେସ୍ ଅଲିମ୍ପିଆଡ୍ ଓଡ଼ିଶା ରାଜ୍ୟ ସ୍କୁଲ୍ ୧୫ ବର୍ଷରୁ କମ୍ ର୍ୟାପିଡ୍ ଚେସ୍**

## କ୍ଲିନ୍ ସୁଇପ୍ ସୁଯୋଗ ହାତଛଡ଼ା କଲା ଭାରତ

**ଡାମ୍ବୁଲା, ୨୭।୬:** ସୋମବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳକୁ ୭ ଉଇକେଟରେ ଶ୍ରୀଲଙ୍କା ହରାଇ ଦେଇଛି। ଟିମ୍ ଇଣ୍ଡିଆ ପକ୍ଷରୁ ଧାର୍ଯ୍ୟ ୧୩୯ ରନ୍‌ର ଚ୍ୟାଲେଞ୍ଜିଂ ସ୍କୋରକୁ ଅଧିନାୟିକା ଚାମିରା ଆଟାପାଟୁଙ୍କ ବିସ୍ଫୋରକ ୮୦ ରନ୍ ସହାୟତାରେ ଶ୍ରୀଲଙ୍କା ୩ ଓଭର ପୂର୍ବରୁ ବିଜୟ ହାସଲ କରିନେଇଥିଲା। ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଭାରତ ଆଗୁଆ କବ୍‌ଜା କରିଥିଲେ ହେଁ କ୍ଲିନ୍ ସୁଇପ୍ କରିପାରି ନାହିଁ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଅଧିନାୟିକା ହରମନପ୍ରୀତ କୌର ଓ ଜେମିମା ରୋଡ୍ରିଗୁଏଜ ମଧ୍ୟରେ ୪ର୍ଥ ଉଇକେଟ ପାଇଁ ୬୪ ରନ୍‌ର ଭାଗୀଦାରି ଯୋଗୁ ଭାରତୀୟ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୧୩୮ ରନ୍ କରିଥିଲା।

**ସଂକ୍ଷିପ୍ତ ସ୍କୋର**

**ଭରତୀୟ ମହିଳା ଦଳ:** ୨୦ ଓଭର ୧୩୮/୫(ହରମନପ୍ରୀତ କୌର- ୩୯*, ରୋଡ୍ରିଗୁଏଜ-୩୩, ସ୍ମୃତି ମନ୍ଧାନା-୨୨,ଓ ରାଣାସିଙ୍ଗେ-୧/୧୩, ଆମା କଞ୍ଚନା-୧/୨୨)।

**ଶ୍ରୀଲଙ୍କା ମହିଳା ଦଳ:** ୧୭ ଓଭର ୧୪୧/୩ (ଚାମିରା ଆଟାପାଟୁ-୮୦*, ନୀଳାକ୍ଷୀ ଡି' ସିଲ୍‌ଭା-୩୦, ରେଣୁକା ସିଂ-୧/୨୭, ରାଧା ଯାଦବ-୧/୪୧)।

## ଓଡ଼ିଶାର ଅମିତ୍, ଆଶିଷ, ଶୀଳାନନ୍ଦ ସାମିଲ

**ନୂଆଦିଲ୍ଲୀ, ୨୭।୬**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପରେ ଭାରତୀୟ ପୁରୁଷ ହକି ଦଳର ଖେଳାଳିମାନେ ସୋମବାର ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟର ଜାତୀୟ କ୍ୟାମ୍ପରେ ଯୋଗଦେଇଛନ୍ତି। କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୧ ଜଣିଆ କୋର୍‌ଗ୍ରୁପ୍ ଖେଳାଳିଙ୍କ ନାମ ତାଲିକା ପ୍ରକାଶ କରାଯାଇଛି। ଏଥିରେ ଓଡ଼ିଶାର ଅମିତ ରୋହିଦାସ, ଆଶିଷ କୁମାର ଟପ୍ପୋ ଓ ଶୀଳାନନ୍ଦ ଲାକ୍ରା ସାମିଲ ଅଛନ୍ତି। ଜୁଲାଇ ୨୩ରେ କ୍ୟାମ୍ପ ଶେଷ ହେବାପରେ ଭାରତୀୟ ଦଳ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଖେଳିବା ପାଇଁ ଇଂଲଣ୍ଡର ବର୍ମିଂହାମ ଯାତ୍ରା କରିବ। ସେଠାରେ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତ ଜୁଲାଇ ୩୧ରେ ଘାନା ବିପକ୍ଷରେ ମ୍ୟାଚ୍ ଖେଳି ଅଭିଯାନ ଆରମ୍ଭ କରିବ। ଗ୍ରୁପ୍ 'ବି'ରେ ସ୍ଥାନ ପାଇଥିବା ଭାରତ ଘାନା ବ୍ୟତୀତ ଆୟୋଜକ ଇଂଲଣ୍ଡ, କାନାଡ଼ା ଓ ୱେଲ୍ସ ସହିତ ମଧ୍ୟ ରାଉଣ୍ଡ ରବିନ୍ ଲିଗ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବ।

ୟୁରୋପରେ ହକି ପ୍ରୋ ଲିଗ୍ ମ୍ୟାଚ୍ ପରେ ଖେଳାଳିଙ୍କୁ ୬ ଦିନ ପାଇଁ ପରିବାର ସହିତ କଟାଇବାକୁ ବ୍ରେକ୍ ଦିଆଯାଇଥିଲା। ଏହି ବ୍ରେକ୍ ଖେଳାଳିଙ୍କୁ ମାନସିକ ଓ ଶାରୀରିକ ଭାବେ ସତେଜ କରିଥିବ ବୋଲି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ ଅନୁଭବ କରୁଛନ୍ତି। ''ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଆମେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିବା ସୁଯୋଗ ପାଇଥିଲୁ। ପ୍ରଦର୍ଶନରେ କିପରି ଆହୁରି ଉନ୍ନତି ଆସିପାରିବ ତା' ଉପରେ ଆମେ ଆଗାମୀ ୩ ସପ୍ତାହ କ୍ୟାମ୍ପରେ ଫୋକସ କରିବୁ। ଆମେ ବର୍ମିଂହାମ୍‌ରେ ଉତ୍ତମ ପ୍ରଦର୍ଶନ ପାଇଁ ଉଦ୍ୟମ କରିବୁ'' ବୋଲି ରିଡ୍ ପ୍ରକାଶ କରିଛନ୍ତି।

**କ୍ୟାମ୍ପ ପାଇଁ ମନୋନୀତ ଖେଳାଳି:** ଶ୍ରୀଜେଶ ପାରାଟ୍ଟୁ ରବିଚନ୍ଦ୍ରନ, ପୱନ, ସୁରେନ୍ଦର କୁମାର, ହରମନପ୍ରୀତ ସିଂ, ବରୁଣ କୁମାର, ଅମିତ ରୋହିଦାସ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ମନପ୍ରୀତ ସିଂ, ହାର୍ଦ୍ଦିକ ସିଂ, ସମସେର ସିଂ, ବିବେକ ସାଗର ପ୍ରସାଦ, ଆକାଶଦୀପ ସିଂ, ନୀଳକାନ୍ତ ଶର୍ମା, ଗୁର୍‌ଜାନ୍ତ ସିଂ, ମନଦୀପ ସିଂ, ଦିଲପ୍ରୀତ ସିଂ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ, ଗୁରସାହିବ ଜିତ ସିଂ, ମନଦୀପ ମୋର, ସଞ୍ଜୟ, ମହମ୍ମଦ ରାହିଲ ମୌସିନ, ସୁମିତ, ମୋଇରାଙ୍ଗ୍‌ଥେମ୍ ରବିଚନ୍ଦ୍ର ସିଂ, ଗୁରିନ୍ଦର ସିଂ, ଜସକରନ ସିଂ, ଆଶିଷ କୁମାର ଟପ୍ପୋ, କ୍ରିଷ୍ଣନ ବାହାଦୁର ପାଠକ ଓ ଶୀଳାନନ୍ଦ ଲାକ୍ରା।



ମୁଖ୍ୟ କୋଚ୍ ଗ୍ରାହାମ ରିଡ୍।

**ଜାତୀୟ କ୍ୟାମ୍ପ୍‌କୁ ଫେରିଲେ ହକି ଖେଳାଳି**

**ୱିମ୍ବଲଡନ ଓପନ ଟେନିସ**

## ଜୋକୋଭିଚ୍, ଜାବିଅର୍ ଦ୍ୱିତୀୟ ରାଉଣ୍ଡରେ

**ଲଣ୍ଡନ, ୨୭।୬:** ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବିଶ୍ୱର ୨ନମ୍ବର ର୍ୟାଙ୍କିଙ୍ଗପ୍ରାପ୍ତ ଓନ୍ସ ଜାବିଅର୍ ମହିଳା ସିଙ୍ଗଲ୍ସ ଏବଂ ଗତଥରର ଚାମ୍ପିୟନ ନୋଭାକ୍ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ବିଜୟ ଲାଭ କରି ପ୍ରତିଯୋଗିତାରେ ସେମାନଙ୍କର ଅଭିଯାନ ଆରମ୍ଭ କରିଛନ୍ତି। ତୃତୀୟ ସିଡ୍ ଜାବିଅର୍ ୬-୧, ୬-୩ ସିଧାସଳଖ ସେଟ୍‌ରେ ସ୍ୱିଡିଶ୍ କ୍ୱାଲିଫାୟର ମୀରଜାମ ଜୋର୍କଲଣ୍ଡଙ୍କୁ ହରାଇ ଦେଇଛନ୍ତି। ଆଣ୍ଠୁରେ ଇଞ୍ଜୁରି ଯୋଗୁ ଜାବିଅର୍ ୱିମ୍ବଲଡନ ପୂର୍ବରୁ ଇଷ୍ଟବୋର୍ନ ଇଣ୍ଟରନ୍ୟାଶନାଲରୁ ଓହରିଯାଇଥିଲେ। କିନ୍ତୁ ମ୍ୟାଚରେ ଆଘାତଜନିତ କୌଣସି ଲକ୍ଷଣ ତାଙ୍କ ନିକଟରେ ଦେଖା ଯାଇ ନ ଥିଲା। ସେ ମ୍ୟାଚକୁ ମାତ୍ର ୫୩ ମିନିଟ୍‌ରେ ଜିତି ନେଇଥିଲେ। ଜାବିଅର୍ ସୋମବାର ତାଙ୍କ କ୍ୟାରିୟର ଶ୍ରେଷ୍ଠ ବିଶ୍ୱର ୨ନମ୍ବର ର୍ୟାଙ୍କିଙ୍ଗ ହାସଲ କରିଥିଲେ। ଗତବର୍ଷ ସେ ୱିମ୍ବଲଡନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିଲେ। ବିଶ୍ୱର ନମ୍ବର ୱାନ ଇଗା ସ୍ୱିଟେକଙ୍କଠାରୁ ହାରିଯିବା ପୂର୍ବରୁ ସେ ଭେନସ ୱିଲିୟମ୍ସ ଓ ଗାର୍ବିନ ମୁଗୁରୁଜାଙ୍କୁ ବିଦା କରିଦେଇଥିଲେ। ଚଳିତମାସ ପ୍ରଥମ ଭାଗରେ ଜର୍ମାନ ଓପନ ଜିତିବା ସହ ଭଲ ଫର୍ମରେ ଥାଇ ଟୁର୍ନାମେଣ୍ଟକୁ ଆସିଛନ୍ତି। ସେଣ୍ଟର କୋର୍ଟ ରୁଫ୍‌ରେ ଏକ ସଂଘର୍ଷପୂର୍ଣ୍ଣ ପ୍ରଥମ ରାଉଣ୍ଡ ମ୍ୟାଚରେ ସର୍ବିୟାର ଜୋକୋଭିଚ୍ ଦକ୍ଷିଣ କୋରିଆର କୋନ୍ ସୁନ୍ ଉ'ଙ୍କୁ ୬-୩, ୩-୬, ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି।

### ଜୋକୋଭିଚ୍‌ଙ୍କ ରେକର୍ଡ

ସୋମବାର ଏହି ବିଜୟ ଦ୍ୱାରା ସମସ୍ତ ଚାରୋଟି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ୮୦ ସିଙ୍ଗଲ୍ସ ମ୍ୟାଚ ଜିତିବାରେ ଜୋକୋଭିଚ୍ ପୁରୁଷ ହେଉ ଅବା ମହିଳା ପ୍ରଥମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ସୋମବାର ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ଜିତିଥିବା ଖେଳାଳିଙ୍କ ମଧ୍ୟରେ ବ୍ରିଟିଶ ନମ୍ବର ୱାନ କାମେରନ ନୋରି, ଆମେରିକାର ଫ୍ରାନ୍‌ସେସ୍ ଟିଆଫୋ, ନରୱେର କାସ୍ପର ରୁଡ୍ ଓ ଫ୍ରାନ୍ସର ବେନଟ ପାଇରେ ରହିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଇସ୍ତୋନିଆର ଆନେଟ କୋଣ୍ଟାଭିଟ୍ ଓ ୟୁକ୍ରେନର ଲେସିଆ ଟିସୁରେଙ୍କୋ ମଧ୍ୟ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି।

## ଖେଳାଳି, ଦର୍ଶକଙ୍କ ଆଗ୍ରହ ବଢୁଛି

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଏବଂ ରାଉରକେଲାରେ ହକି ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ୨୦୨୩ ଜାନୁୟାରୀ ୧୩ରୁ ଆରମ୍ଭ ହେବ। ପ୍ରତିଯୋଗିତା ଆରମ୍ଭ ହେବା ପାଇଁ ଆଉ ୨୦୦ ଦିନ ବାକି ରହିଥିବାବେଳେ ବିଶ୍ୱର ଶ୍ରେଷ୍ଠ ୧୬ ଦଳକୁ ନେଇ ହେବାକୁ ଯାଉଥିବା ଏହି ଟୁର୍ନାମେଣ୍ଟ ଦେଖିବା ପାଇଁ ବିଶ୍ୱବ୍ୟାପୀ ପ୍ରଶଂସକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି।

ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ମନପ୍ରୀତ ସିଂ ଭାରତୀୟ ଦଳର ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଭାରତ ଆଉ ଏକ ବିଶ୍ୱକପ ଖେଳିବାକୁ ଯାଉଥିବାରୁ ଖେଳାଳିମାନେ ଆଗ୍ରହର ସହ ଟୁର୍ନାମେଣ୍ଟକୁ ଅପେକ୍ଷା କରି ରହିଥିବା ସେ ଅନୁଭବ କରୁଛନ୍ତି। ''ଓଡ଼ିଶାରେ ଆଉ ଏକ ବିଶ୍ୱକପ୍ ଖେଳିବା ପାଇଁ ଖେଳାଳିଙ୍କ ମଧ୍ୟରେ ଥିବା ଆଗ୍ରହକୁ ଭାଷାରେ ପ୍ରକାଶ କରି ହେବନାହିଁ। ଏଥର ହକି କ୍ରେଜ୍ ଥିବା ରାଉରକେଲାରେ ମଧ୍ୟ ମ୍ୟାଚ୍ ଖେଳାଯିବାକୁ ଥିବାରୁ ଭିନ୍ନ ଅନୁଭବ ହେବ। ଓଡ଼ିଶାର ସାଥୀ ଖେଳାଳିଙ୍କଠାରୁ ଆମେ ରାଉରକେଲା ଅଞ୍ଚଳର ଲୋକଙ୍କ ମଧ୍ୟରେ ହକି କ୍ରେଜ୍ ସମ୍ପର୍କରେ ଶୁଣିଛୁ। ତାହା ସେଠାରେ ଖେଳିବା ପାଇଁ ଆମର ଇଚ୍ଛାକୁ ଅନେକ ପରିମାଣରେ ବଢ଼ାଇ ଦେଇଛି। ହକିକୁ କ୍ରମାଗତ ଭାବେ ସମର୍ଥନ କରିବା ସହ ଦେଶ ପାଇଁ ଆମେ ଗୌରବ ଆଣିବାରେ ସାହାଯ୍ୟ କରିଥିବାରୁ ଆମେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଚିରକୃତଜ୍ଞ। ତାଙ୍କ ନେତୃତ୍ୱରେ ଆମକୁ ବିଶ୍ୱର ସବୁଠାରୁ ଶ୍ରେଷ୍ଠ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ରାଉରକେଲାରେ ଉପଲବ୍ଧ ନୂଆ ଷ୍ଟାଡିୟମରେ ଖେଳିବାକୁ ଆମେ ଅପେକ୍ଷା କରିଛୁ। ଭାରତରେ ପୁଣିଥରେ ସମ୍ମାନଜନକ ବିଶ୍ୱକପ ଆୟୋଜନ ହେଉଥିବାରୁ ଆମ ପାଇଁ ଟାଇଟଲ ଜିତିବାର ସୁଯୋଗ ସୃଷ୍ଟି ହେବ। ଏହାକୁ ଲକ୍ଷ୍ୟରେ ରଖି ଦଳ ଠିକ୍ ପଥରେ ଅଗ୍ରସର ହେଉଛି'' ବୋଲି ମନପ୍ରୀତ କହିଛନ୍ତି।

କ୍ରମାଗତ ଦ୍ୱିତୀୟଥର ପାଇଁ ଓଡ଼ିଶା ଏହି ମର୍କ୍ୱି ଇଭେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୦୧୮ରେ ଏହା କେବଳ ଭୁବନେଶ୍ୱରରେ ଆୟୋଜନ ହୋଇଥିବାବେଳେ ୨୦୨୩ରେ ଓଡ଼ିଶା ହକିର ହୃଦୟ ଭାବେ ବିବେଚିତ ହେଉଥିବା ରାଉରକେଲାରେ ମଧ୍ୟ ହକି ପ୍ରଶଂସକମାନେ ନିକଟରୁ ଶ୍ରେଷ୍ଠ ଖେଳାଳିଙ୍କ ଆକ୍ସନ ଦେଖିବାର ସୁଯୋଗ ପାଇବେ। ଦେଶର ସର୍ବବୃହତ୍ ହକି ଷ୍ଟାଡିୟମ ଷ୍ଟିଲ୍ ସିଟି ରାଉରକେଲାରେ ନିର୍ମାଣାଧୀନ ରହିଛି। ଏହି ଅଞ୍ଚଳରୁ ଅନେକ ଅନ୍ତର୍ଜାତୀୟ ସ୍ତରର ହକି ଖେଳାଳି ବାହାରିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ ବିଶ୍ୱକପ ଦେଖିବା ପାଇଁ ନାହିଁ ନ ଥିବା ଉତ୍ସାହ ଦେଖାଦେଇଛି।





ଶ୍ରୀନଗରରେ ଅନୁଷ୍ଠିତ ୨୩ତମ ସବ୍‌ଜୁନିୟର ଏବଂ ୫ମ ଆନ୍ତଃ-ରାଜ୍ୟ ଚ୍ୟାଲେଞ୍ଜର ଜାତୀୟ ରୋଇଂ ଚାମ୍ପିୟନଶିପ୍‌ରେ ୩ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ଦଳ।

## ଟେଷ୍ଟ ଦଳରେ ଯୋଗଦେବେ ମୟଙ୍କ

**ନୂଆଦିଲ୍ଲୀ, ୨୭।୬ (ପି.ଟି.)**

ଓପ୍‌ନର ମୟଙ୍କ ଅଗ୍ରୱାଲଙ୍କୁ ଇଂଲଣ୍ଡରେ ଭାରତୀୟ କ୍ରିକେଟ ଦଳ ସହ ଯୋଗଦେବା ଲାଗି କୁହାଯାଇଛି। କୋଭିଡ୍ ଟେଷ୍ଟରେ ପଜିଟିଭ ଯୋଗୁ ଅଧିନାୟକ ରୋହିତ ଶର୍ମାଙ୍କ ଇଂଲଣ୍ଡ ବିପକ୍ଷ ଏଜ୍‌ବାଷ୍ଟନ ଟେଷ୍ଟ ଖେଳିବା ନେଇ ସନ୍ଦେହ ରହିଛି। ଲିସେଷ୍ଟରଶାୟାର ବିପକ୍ଷ ୱାର୍ମଅପ୍ ମ୍ୟାଚର ପ୍ରଥମ ଦିବସରେ ରୋହିତ ଖେଳିଥିଲେ। ମାତ୍ର ତାଙ୍କର ରାପିଡ୍ ଆଣ୍ଟିଜେନ୍ ଟେଷ୍ଟରେ ପଜିଟିଭ ଆସିବାରୁ ସେ ଏବେ ଆଇସୋଲେଶନରେ ଅଛନ୍ତି। ଜୁଲାଇ ୧ରୁ ଆରମ୍ଭ ହେବାକୁଥିବା ଗେମ୍ ପାଇଁ ୧୫ ଜଣିଆ ଦଳ ଘୋଷଣା ବେଳେ ୩୧ ବର୍ଷୀୟ ଅଗ୍ରୱାଲଙ୍କୁ ଏଥିରେ ସ୍ଥାନ ମିଳି ନ ଥିଲା। ମାତ୍ର ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପୂର୍ବରୁ କେ.ଏଲ ରାହୁଲ ଆଘାତପ୍ରାପ୍ତ ହେବା ଏବଂ ପରେ ରୋହିତ କରୋନା ସଂକ୍ରମିତ ହେବା ତାଙ୍କ ପାଇଁ ସୁଯୋଗ ଆଣିଛି। ପୁନଃନିର୍ଦ୍ଧାରିତ ୫ମ ଟେଷ୍ଟ ପାଇଁ ରୋହିତଙ୍କ ସ୍ଥାନ ପୂରଣ କରିବା ଲାଗି ସର୍ବଭାରତୀୟ ସିନିୟର ସିଲେକ୍ସନ କମିଟି ଦଳରେ ମୟଙ୍କ ଅଗ୍ରୱାଲଙ୍କୁ ସାମିଲ କରିଛି। ୟୁକେରେ ବର୍ତ୍ତମାନର କୋଭିଡ୍ ପ୍ରୋଟୋକଲ ଅନୁସାରେ ଯଦି ଆର୍‌ଟି ପିସିଆର ଟେଷ୍ଟ ନେଗେଟିଭ ହୋଇଥାଏ ତେବେ ଦେଶକୁ ଆସିବା ପରେ ଆଉ ତୁରନ୍ତ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡ଼ିବ ନାହିଁ। ଗତବର୍ଷ ଭାରତ ଇଂଲଣ୍ଡ ଟୁର୍ ବେଳେ କୋଭିଡ୍ ଯୋଗୁ ଟେଷ୍ଟ ସିରିଜ ସମ୍ପୂର୍ଣ୍ଣ ହୋଇପାରି ନ ଥିଲା। ସେତେବେଳେ ମଧ୍ୟ ୫ମ ଟେଷ୍ଟ ମ୍ୟାଚ୍ ଖେଳାଯାଇପାରି ନ ଥିଲା। ସିରିଜରେ ଭାରତ ୨-୧ରେ ଅଗ୍ରଣୀ ରହିଥିଲା। ଖେଳାଯିବାକୁ ବାକି ରହିଥିବା ମ୍ୟାଚ୍‌ଟି ଜୁଲାଇ ୧ରୁ ହେବ। ଅଗ୍ରୱାଲ ଏପର୍ଯ୍ୟନ୍ତ ୨୧ ଟେଷ୍ଟ ଖେଳିସାରିଥିବା ବେଳେ ୪୧.୩୩ ଆଭରେଜ୍‌ରେ ୧୪୮୮ ସ୍କୋର କରିଛନ୍ତି। ସେ ତାଙ୍କର ଗତ ୫ ଦିନିଆ ଫର୍ମାଟ ମାର୍ଚ୍ଚ ମାସରେ ଘରୋଇ ମାଟିରେ ଖେଳିଥିଲେ। ୨ ମ୍ୟାଚ୍‌ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ସେ ମାତ୍ର ୫୯ ରନ୍ (୩୩,୪ ଓ ୨୨ରନ୍) କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ତାଙ୍କ ପ୍ରଦର୍ଶନ ଭଲ ରହି ନ ଥିଲା। ସେ ପଞ୍ଜାବ କିଙ୍ଗ୍ସର ନେତୃତ୍ୱ ନେଇ ଖେଳୁଥିବା ବେଳେ ୧୩ଟି ଗେମ୍‌ରେ ୧୯୬ ରନ୍ ସଂଗ୍ରହ କରିଥିଲେ।




## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଆରମ୍ଭ


ଖୋ ଖୋ ମ୍ୟାଚ ଅବସରରେ ଖେଳାଳିମାନେ।

**ଭୁବନେଶ୍ୱର, ୨୭।୬ (କ୍ରୀଡ଼ା ପ୍ରତିନିଧି):** ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ଅନୁମୋଦନକ୍ରମେ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ଖୋ ଖୋ ଚାମ୍ପିୟନଶିପ୍ ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ମୋଟ ୨୭ଟି ବିଶ୍ୱବିଦ୍ୟାଳୟ ଦଳ ଭାଗ ନେଇଛନ୍ତି। ଓଡ଼ିଶାରୁ କିଟ୍, କିସ୍, ଉତ୍କଳ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି ଏବଂ ରମାଦେବୀ ବିଶ୍ୱବିଦ୍ୟାଳୟ ଆଦି ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନ ପୁରସ୍କାରପ୍ରାପ୍ତ ଭାରତୀୟ ଭଲିବଲ ଦଳର କୋଚ୍ ଜି.ଇ. ଶ୍ରୀଧରନ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି।

## ସିରିଜ୍ ମୂଳପୋଛ କଲା ଇଂଲଣ୍ଡ

**ହେଡିଂଲେ,୨୭।୬:** ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌କୁ ଇଂଲଣ୍ଡ ୭ ଉଇକେଟରେ ଜିତିଛି। ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୩୨୯ ରନ୍ କରିଥିବା ବେଳେ ଏକଦା ୫୫ ରନ୍‌ରେ ୬ ଉଇକେଟ ହରାଇ ସାରିଥିବା ଇଂଲଣ୍ଡ ଜନି ବେଆରଷ୍ଟୋଙ୍କ ୧୬୨ ରନ୍‌ର ଇନିଂସ ଯୋଗୁ ୩୬୦ ରନ୍ କରିଥିଲା। ୩୧ ରନ୍ ପଛରେ ଥିବା ନ୍ୟୁଜିଲାଣ୍ଡ ତା'ର ଦ୍ୱିତୀୟ ଇନିଂସରେ ୩୨୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ୨୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ଘରୋଇ ଦଳ ୩ ଉଇକେଟ ହରାଇ ହାସଲ କରି ନେଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଇଂଲଣ୍ଡ ୩-୦ରେ ମୂଳପୋଛ କରି ଜିତିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ମଲ୍‌ରୁ ଚୋରି ଉଦ୍ୟମ, ୨ କର୍ମଚାରୀ ଗିରଫ

ଭୁବନେଶ୍ୱର,୨୭।୬ (ବ୍ୟୁରୋ) ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ରିଲାଏନ୍ସ ମଲ୍‌ରୁ ଚୋରି ଉଦ୍ୟମ କରି ଧରାପଡିଥିବା ୨ଜଣ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଆନନ୍ଦ ବିଶ୍ୱାଳ ଓ ଲିପୁନ କୁମାର ପରିଡ଼ା। ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିବାବେଳେ ଅଭିଯୁକ୍ତଦ୍ୱୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ରାତି ୧୦ଟାରେ ମଲ୍ ବନ୍ଦ ହୋଇଥିଲା। ଏହାର ୨ ଘଣ୍ଟା ପରେ ଅଭିଯୁକ୍ତ କର୍ମଚାରୀ ଦ୍ୱୟ ସଟର ଭାଙ୍ଗି ଭିତରକୁ ପଶିଥିଲେ। ମଲ୍‌ର କଣ୍ଟ୍ରୋଲ ରୁମ୍‌ରେ ଥିବା ଜଣେ କର୍ମଚାରୀ ସିସି କ୍ୟାମେରାରେ ଏହା ଦେଖି ନୟାପଲ୍ଲୀ ଥାନାକୁ ଫୋନ୍ କରିଥିଲେ। ପୋଲିସ ପହଞ୍ଚି ପ୍ରଥମେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଅଭିଯୁକ୍ତଦ୍ୱୟଙ୍କୁ ଆତ୍ମସମର୍ପଣ କରିବାକୁ କରିଥିଲା। କିନ୍ତୁ ପୋଲିସକୁ ଚକ୍‌ମା ଦେଖାଇ ଖସିଯାଉଥିବାବେଳେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା।

### ଗବେଷକ ଗ୍ୟାଲେରୀ ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର,୨୭।୬(ଡି.ଏନ୍.ଏ.): କେଦାରନାଥ ଗବେଷଣା ପ୍ରତିଷ୍ଠାନର ପୂର୍ବତନ ସମ୍ପାଦକ ଡ. ଭଗବାନ ପଣ୍ଡାଙ୍କ ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରତିଷ୍ଠାନ ପକ୍ଷରୁ 'ଗବେଷକ ଗ୍ୟାଲେରୀ' ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡଙ୍ଗୀ ଉଦ୍‌ଘାଟକ, ବିଶିଷ୍ଟ ପ୍ରଶାସକ ଓ ଲେଖକ ଡ. ରବିନାରାୟଣ ସେନାପତି ମୁଖ୍ୟ ଅତିଥି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ପ୍ରଫେସର ଡ. ଗୋପାଳକୃଷ୍ଣ ଦାଶ ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଡ. ଜେନାମଣି ସଞ୍ଜୀବ କୁମାର ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ଗବେଷକ ଗ୍ୟାଲେରୀର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ସୂଚନା ଦେଉଥିବାବେଳେ ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ନିର୍ମଳ କୁମାର ମହାପାତ୍ର, ଭାଗୀରଥି ମହାପାତ୍ର, ଡ.ବିବେକାନନ୍ଦ ପାଣିଗ୍ରାହୀ, ଡ.ବିଜୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ପ୍ରାଧ୍ୟାପକଙ୍କ ବିୟୋଗ

ଭୁବନେଶ୍ୱର,୨୭।୬ (ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ପ୍ରସନ୍ନ କୁମାର ମିଶ୍ର (୭୯)ଙ୍କ ସୋମବାର ଏକ ଘରୋଇ ଡାକ୍ତରଖାନାରେ



ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ବୟସାଧିକ ଜନିତ ଅସୁସ୍ଥତା କାରଣରୁ ସେ ଗତ କିଛି ଦିନ ହେବ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସତ୍ୟଭାମା, ଦୁଇ ପୁଅ ଏବଂ ଝିଅ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ସବ୍ୟସାଚୀ ମିଶ୍ର ମୁଖାଗ୍ନି ଦେଇଥିଲେ।

# ବିପର୍ଯ୍ୟୟ ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସେବା ପ୍ରଶଂସନୀୟ

ଭୁବନେଶ୍ୱର,୨୭।୬ (ବ୍ୟୁରୋ)

ବନ୍ୟା, ବାତ୍ୟା, କରୋନା ଭଳି ବିଭିନ୍ନ ବିପର୍ଯ୍ୟୟ ସମୟରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସ୍ୱାସ୍ଥ୍ୟସେବା ବାସ୍ତବିକ୍ ପ୍ରଶଂସାଯୋଗ୍ୟ। ସେମାନେ ସବୁବେଳେ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ଯୋଗାଇ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ନିଜ ଜୀବନକୁ ଉତ୍ସର୍ଗ କରି ଅନ୍ୟମାନଙ୍କୁ ଜୀବନ ଦେବାରେ ସହାୟ ହୋଇଛନ୍ତି। ଏମାନେ ଭଗବାନଙ୍କ ନିଆରା ସୃଷ୍ଟି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ (ଏଏନ୍‌ଏମ୍)ର ୧୫ଶ ଦ୍ୱି-ବାର୍ଷିକ ସମ୍ମିଳନୀ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ମହାସଂଘର ଉପଦେଷ୍ଟା ସଞ୍ଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଯୋଗଦେଇ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ବିଭିନ୍ନ ଦାବିଗୁଡ଼ିକ ପ୍ରତି ସରକାର ସବୁବେଳେ ସହାନୁଭୂତିଶୀଳ ଅଛନ୍ତି ବୋଲି କହିଥିଲେ।




ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କୁ ସମ୍ମାନିତ କରାଯାଉଛି।

ସମ୍ମାନିତ ଅତିଥି ଭାବେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କରୋନା ସମୟରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିଷ୍ଠାପର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିବେଦନ କରିଥିଲେ। ବିଜୁ ଜନତା ଦଳ ରାଜ୍ୟ ସମ୍ପାଦକ ଶିଶିର ପରିଜା ଉପସ୍ଥିତ ରହି ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଯୋଗେଇ ଦେବା କ୍ଷେତ୍ରରେ ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

ଏହି ଅବସରରେ କରୋନା ମୁକାବିଲା, ସାର୍ବଜନୀନ ଟୀକାକରଣ, ମାତୃ ମୃତ୍ୟୁହାର ତଥା ଶିଶୁ ମୃତ୍ୟୁହାର ରୋକିବାରେ ସଫଳତା ପାଇଁ ରାଜ୍ୟସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଆଇନମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୪ଜଣ ବ୍ୟକ୍ତିଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘର ସାଧାରଣ ସମ୍ପାଦକ ମମତା ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟକର୍ମୀ ମହାସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ ସଂଘ ପକ୍ଷରୁ ବିଭିନ୍ନ ଦାବି ମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସଂଘର ଉପ-ସମ୍ପାଦକ ରୀନା ମିଶ୍ର ଓ ଯୁଗ୍ମ-ସମ୍ପାଦକ ସଂଯୁକ୍ତା ଶତପଥୀ ଧନ୍ୟବାଦ ଦେଇଥିଲେ।

# ନିଖୋଜ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ମିଳିଲା

ଭୁବନେଶ୍ୱର,୨୭।୬ (ବ୍ୟୁରୋ)

ସପ୍ତାହ ତଳେ ନିଖୋଜ ଥିଲେ। ସୋମବାର ଝୁଲନ୍ତା ଅବସ୍ଥାରେ ମିଳିଲା ମୃତଦେହ। ଖଣ୍ଡଗିରି ଥାନା ଅଧୀନ ଏମ୍‌ସ ହସ୍ପିଟାଲ ପଛପଟ ଲୋଟଣୀବର ନିକଟ ଜଙ୍ଗଲରୁ ଉକ୍ତ ମୃତଦେହକୁ ଜବତ କରିଛି ଖଣ୍ଡଗିରି ଥାନା ପୋଲିସ। ସେ ହେଲେ ସ୍ଥାନୀୟ ବାହାଦଲପୁର ଗ୍ରାମର ବନମାଳୀ ସାହୁ (୭୭)। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌ସକୁ ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ହତ୍ୟା କରିବା ପରେ ଟାଙ୍ଗି ଦେଇଛନ୍ତି ତାହାକୁ ନେଇ ପୋଲିସ ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ବନମାଳୀ ସପ୍ତାହେ ତଳେ ସ୍ତ୍ରୀଙ୍କ ସହ ଝଗଡା କରି ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ନ ପାଇବାରୁ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ଯୁବକଙ୍କୁ ଖୋଜୁଥିଲା। ସୋମବାର ସକାଳେ ଲୋଟଣୀବର ନିକଟରେ ଜଣେ ଯୁବକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ଯୁବକମାନେ ଦେଖିବାକୁ ପାଇଥିଲେ। ମୃତଦେହଟି ପଚିସଢ଼ି ଯିବା ସହ ତଳେ ଲାଗି ଯାଇଥିଲା। ଦେହରେ ପୋକ ସାଲୁବାଲୁ ହେବା ସହ ମୁହଁରୁ କିଛି ଚିହ୍ନି ହେଉ ନ ଥିଲା। ଏ ସମ୍ପର୍କରେ ଯୁବକମାନେ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ପରିଚୟ ପାଇଥିଲା।

# ଐତିହାସିକ ସପ୍ତାହ ଆରମ୍ଭ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୭।୬ (ବ୍ୟୁରୋ)

ଆଜାଦୀ କା ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ ଐତିହାସିକ ସପ୍ତାହ ବା ଆଇକୋନିକ ୱିକ୍ ପାଳନ ଆରମ୍ଭ ହୋଇଛି। ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ସୋମବାର କିଟ୍ ପରିସରରେ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ କୁଇଜ ପ୍ରତିଯୋଗିତା 'ଅନ୍ୱେଷା' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରୁ ୪୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ବି. ବି. ନନ୍ଦ ଉଦ୍‌ଘାଟନ କରିଥିଲେ। ଏହି ଐତିହାସିକ ସପ୍ତାହ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯିବ।

# ଆରମ୍ଭ ହେଲା 'ଫ୍ୟୁଜନ- ଦି ହୋମ୍ ଡିଜାଇନର' ପ୍ରଦର୍ଶନୀ



ଭୁବନେଶ୍ୱର,୨୭।୬(ବ୍ୟୁରୋ)

ମାରୱାଡି ମହିଳା ସମିତି, ଭୁବନେଶ୍ୱର ପକ୍ଷରୁ ସୋମବାର 'ଫ୍ୟୁଜନ୍-ଦି ହୋମ୍ ଡିଜାଇନର୍' ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଏବଂ ମଧ ବିଧାୟକ ଅନନ୍ତ ନାରାୟଣ ଜେନା ଉଦ୍‌ଘାଟନ କରି ଏ ପ୍ରକାରର ପ୍ରଦର୍ଶନୀ ରାଜ୍ୟର ଗୃହିଣୀମାନଙ୍କୁ ନିଜର ନିଶା ଓ ପେସାର ସମନ୍ୱୟରେ କିଛି କରି ଦେଖାଇବାକୁ ଯଥେଷ୍ଟ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ୨ଦିନ ଧରି ଏହି ପ୍ରଦର୍ଶନୀ ଚାଲିବ। ପ୍ରଦର୍ଶନୀରେ ବିଭିନ୍ନ ରାଜ୍ୟରୁ ଗୃହିଣୀମାନେ ଆସିଛନ୍ତି। ପ୍ରାୟ ୬୦ଟି ଷ୍ଟଲ୍ ଲଗାଯାଇଛି। ଏଥିରେ ଗୃହିଣୀମାନଙ୍କ ହାତତିଆରି ପୋଷାକପତ୍ର, ବିଭିନ୍ନ ପ୍ରକାରର ଖାଦ୍ୟ ସାମଗ୍ରୀ, ଲଡୁ, ମିଷ୍ଟାନ୍ନ ସାମଗ୍ରୀ, ଶାଢ଼ୀ, କମ୍ବଳ, ଚାଦର, ହାତ ତିଆରି ରାକ୍ଷୀମାନ ପ୍ରଦର୍ଶନ ତଥା ବିକ୍ରି ପାଇଁ ଉପଲବ୍ଧ ହେଉଛି। ସେହିପରି ତାଜା ଖାଦ୍ୟ ସାମଗ୍ରୀର ଷ୍ଟଲ୍ ମଧ୍ୟ ଖୋଲାଯାଇଛି।

ଗୃହିଣୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନୀ ଆୟୋଜିତ ହେଉଥିବା ସମିତି ଅଧ୍ୟକ୍ଷା ନିଲମ୍ ଅଗ୍ରୱାଲ୍ କହିଛନ୍ତି। ନିଜ ହାତର କରାମତିକୁ ଯେମିତି ଅନ୍ୟମାନେ ପ୍ରଦର୍ଶନ କରିପାରିବେ ଓ ସେଥିରୁ ପରିବାର ପାଇଁ କିଛି ରୋଜଗାର କରିପାରିବେ, ସେଥିପାଇଁ ସମିତି ପ୍ରତିବର୍ଷ 'ଶ୍ରାବଣ-ମେଳା' ନାମରେ ପ୍ରଦର୍ଶନୀର ଆୟୋଜନ କରିଥାଏ। କରୋନା ମହାମାରୀ ପାଇଁ ଏହା କିଛିଦିନ ଧରି ସ୍ଥଗିତ ରହିଥିଲା। ଚଳିତବର୍ଷଠାରୁ ଏହା ପୁଣି ନୂଆ ରୂପରେ ଏବଂ ନୂଆ ନାମରେ ଆରମ୍ଭ ହୋଇଛି। ସମିତି ପକ୍ଷରୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର କେତେଜଣ ଗୃହିଣୀଙ୍କୁ ବିନା ଅର୍ଥରେ ଷ୍ଟଲ ଉପଲବ୍ଧ କରାଯାଇଛି। ଯେଉଁଠାରେ ସେମାନେ ସେମାନଙ୍କର ସ୍ୱହସ୍ତ ନିର୍ମିତ ଉତ୍ପାଦନମାନ ପ୍ରଦର୍ଶନ କରିବା ସହିତ ବିକ୍ରିବଟା କରି ୨ ପଇସା ରୋଜଗାର କରୁଛନ୍ତି ବୋଲି ନିଲମ୍ କହିଛନ୍ତି। ସମିତିର ସେକ୍ରେଟାରୀ କୃତ୍ତିକା ମୋଦି, ଟ୍ରେଜରର କବିତା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।




ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ସୋମବାର ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ପାଣିଟାଙ୍କିରେ ଚଢ଼ି ଯୁବକଙ୍କ ଉତ୍ପାତ

ବାରଙ୍ଗ,୨୭।୬ (ଡି.ଏନ୍.ଏ.)

ରବିବାର ରାତିରେ ଜଣେ ଯୁବକ ପାଣିଟାଙ୍କି ଉପରକୁ ଚଢିଯାଇ ଉତ୍ପାତ କରିଥିବା ଦେଖିବାକୁ ମିଳିଥିଲା। କେବଳ ଉତ୍ପାତ ନୁହେଁ, ଆତ୍ମହତ୍ୟା କରିବାକୁ ମଧ୍ୟ ଧମକ ଦେଇଥିଲା। ପରେ ସ୍ଥାନୀୟ ଲୋକମାନେ ବହୁତ ବୁଝାଶୁଝା କରିବାରେ ପ୍ରାୟ ୫୦/୬୦ଫୁଟ ପାଣିଟାଙ୍କି ଉପରୁ ସେ ଓହ୍ଲାଇଥିଲା। ବେଲଗଛିଆ ଗାଁରେ ଥିବା ଏକ ପାଣିଟାଙ୍କି ଉପରେ ରାତିରେ ଏହି ଗାଁର ହେମଲ ଓଝା ଅତ୍ୟାଧିକ ମଦ୍ୟପାନ କରି ଚଢିଯାଇଥିଲା। ଟାଙ୍କି ଉପରକୁ ଚଢିଯାଇ ଗାଳିଗୁଲଜ କରିଥିଲା। ପାଚିଶୁଣି ଗାଁର କେତେଜଣ ଯୁବକ ତାକୁ ଟାଙ୍କି ଉପରୁ ତଳକୁ ଓହ୍ଲାଇବାକୁ କହିଥିଲେ। ହେମଲ ତଳକୁ ଓହ୍ଲାଇବା ବଦଳରେ ଓଲଟି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ପ୍ରାୟ ଦେଢଘଣ୍ଟା କାଳ ଏପରି ଉତ୍ପାତ କରିବା ପରେ ସାଢେ ୧୧ଟାରେ ମଦ୍ୟପ ଯୁବକର ଜଣେ ସହଯୋଗୀ ତାକୁ ବୁଝାଶୁଝା କରିବା ପରେ ତଳକୁ ଓହ୍ଲାଇଥିଲେ। ଅନ୍ୟପଟେ ଏହି ଉଚ୍ଚ ପାଣି ଟାଙ୍କିର ଚତୁଃପାର୍ଶ୍ୱରେ ପାଚେରି କରାଯାଇଥିବାବେଳେ ଫାଟକ ଲାଗି ନ ଥିବାରୁ ସାଧାରଣ ଲୋକମାନେ ନିର୍ବିଘ୍ନରେ ଭିତରେ ପଶି ପାହଚ ଦେଇ ଉପରକୁ ଉଠିଯାଉଛନ୍ତି। ଗ୍ରାମୀଣ ପାନୀୟ ଜଳଯୋଗାଣ ବିଭାଗର ଅଧିକାରୀମାନଙ୍କର ଏହିଭଳି ଦାୟିତ୍ୱହୀନତା କାର୍ଯ୍ୟକୁ ନେଇ ଗ୍ରାମରେ ଏବେ ଅସନ୍ତୋଷ ଦେଖାଦେଇଛି।

### ପୂର୍ବତନ ସରପଞ୍ଚଙ୍କ ସ୍ମୃତିସଭା

ବାଲିଅନ୍ତା,୨୭।୬ (ଡି.ଏନ୍.ଏ.)

ପାହାଳର ପୂର୍ବତନ ସରପଞ୍ଚ ଓ ସାମାଜିକ କର୍ମୀ ସୁରେନ୍ଦ୍ର ରାଉତରାୟଙ୍କ ଏକାଦଶାହ ପାଳନ ଅବସରରେ ଏକ ସ୍ମୃତିସଭା ଜୟପୁର କରଣ ସାହିସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ, କିଶୋର ଜେନା, ପ୍ରଣତି ମିଶ୍ର, ପାଲାକାର ସୁରେନ୍ଦ୍ର ଛୋଟରାୟ, ସାମାଜିକ କର୍ମୀ ବଂଶୀଧର ଭୋଳ, ସ୍ୱାକ୍ଷର ରଞ୍ଜନ ମହାନ୍ତି, ଲକ୍ଷ୍ମୀଧର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସୁରେନ୍ଦ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

# 'କଠିନ ଅଧ୍ୟବସାୟ ସଫଳତା ଆଣେ'



'ମିଟ୍ ଦି ଆଲୁମ୍‌ନି'ରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୭।୬(ବ୍ୟୁରୋ)

**ବାଣୀବିହାରରେ 'ମିଟ୍ ଦି ଆଲୁମ୍‌ନି'**

କଠିନ ଅଧ୍ୟବସାୟ, ସମୟର ସଦୁପଯୋଗ, ଦୃଢ଼ ଆତ୍ମବିଶ୍ୱାସ ଓ ଧୈର୍ଯ୍ୟ ବଳରେ ଛାତ୍ରୀଛାତ୍ରମାନେ ସିଭିଲ ସର୍ଭିସ ପରୀକ୍ଷାରେ ସଫଳତା ହାସଲ କରିପାରିବେ। ଏଥିସହ ଯୋଗାଯୋଗ ଦକ୍ଷତାର ମଧ୍ୟ ଆବଶ୍ୟକତା ରହିଛି ବୋଲି ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି। ସୋମବାର ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘ ଏବଂ ବିଶ୍ୱବିଦ୍ୟାଳୟ ଆଲୁମ୍‌ନି କନେକ୍ଟ ପକ୍ଷରୁ ଆୟୋଜିତ ଦ୍ୱାଦଶ 'ମିଟ୍ ଦି ଆଲୁମ୍‌ନି'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଟ୍ଟନାୟକ ଏହା କହିଛନ୍ତି। ଏଥିସହ ସେ ନିଜ ଦୀର୍ଘ ଚାକିରି ଜୀବନର ସଫଳତା ଓ ବିଫଳତାର କିଛି ଉଦାହରଣ ଦେଇ ସଫଳତାରେ ଉତ୍‌ଫୁଲ୍ଲିତ ହେବା କିମ୍ବା ବିଫଳତାରେ ଭାଙ୍ଗି ନ ଯିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଶିକ୍ଷା ପରିଷଦ ଅଧ୍ୟକ୍ଷ ପ୍ରଫେସର ଡ. ଦୁର୍ଗାଶଙ୍କର ପଟ୍ଟନାୟକ ଛାତ୍ରୀଛାତ୍ରମାନେ ଲକ୍ଷ୍ୟ ହାସଲ କରିବା ପାଇଁ ମନଯୋଗ ପୂର୍ବକ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଆଲୁମ୍‌ନି କନେକ୍ଟ ସଂଯୋଜକ ପ୍ରଫେସର କୁଞ୍ଜବିହାରୀ ପଣ୍ଡା ଅତିଥିଙ୍କ ପରାମର୍ଶକୁ ଛାତ୍ରୀଛାତ୍ର ଅନୁସରଣ କରିବାକୁ କହିଥିଲେ। ପୁରାତନ ଛାତ୍ରସଂଘ ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି ଅତିଥି ପରିଚୟ ଦେଇଥିଲେ। ପୁରାତନ ଛାତ୍ରସଂଘ କାର୍ଯ୍ୟକାରୀ କମିଟି ସଦସ୍ୟ ଡ. ପ୍ରଦୀପ କୁମାର ରଥ ସଞ୍ଚାଳନ କରିଥିବାବେଳେ ଛାତ୍ରସଂଘ କାର୍ଯ୍ୟକାରୀ କମିଟି ସଦସ୍ୟ ରାମ ଶଙ୍କର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

ଜଟଣୀ,୨୭।୬ (ଡି.ଏନ୍.ଏ.)

**ପ୍ରତିବାଦରେ ୫ ଘଣ୍ଟା ରାସ୍ତାରୋକୋ**



ଜଟଣୀ ଥାନା ଅଧୀନ ବଡ଼ତୋଟା ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଥିବା ବାବା ସାହେବ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିର ହାତକୁ କେହି ଦୁର୍ବୃତ୍ତ ଭାଙ୍ଗି ଦେଇଛନ୍ତି। ଏନେଇ ସୋମବାର ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଭୀମ ଆର୍ମି ଏକତା ମିଶନ, ଦଳିତ ଆଦିବାସୀ ମହାସଂଘ ଓ ସ୍ଥାନୀୟ ଦଳିତ ଆଦିବାସୀ ପରିବାର ୪ ଦଫା ଦାବିରେ ଘଟଣାସ୍ଥଳରେ ୫ ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ମୁତାବକ, ବାବା ସାହେବ ଆମ୍ବେଡକର ମିଶନ ଅଫ ଓଡ଼ିଶା ପକ୍ଷରୁ ଗତ ଏପ୍ରିଲ ୧୪ରେ ବଡ଼ତୋଟା ଗ୍ରାମସ୍ଥ ବିଏସ୍‌ଏଫ୍ କ୍ୟାମ୍ପ ସମ୍ମୁଖ ଜଟଣୀ-ଖୋର୍ଦ୍ଧା ମୁଖ୍ୟରାସ୍ତା ପାର୍ଶ୍ୱରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ରବିବାର ରାତିରେ କେହି ଦୁର୍ବୃତ୍ତ ଏହି ପ୍ରତିମୂର୍ତ୍ତିର ହାତକୁ ଭାଙ୍ଗିଦେଇଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ଭୀମ ଆର୍ମି ଏକତା ମିଶନ ସହଯୋଗରେ ସ୍ଥାନୀୟ ଦଳିତ ଆଦିବାସୀ ପରିବାରର ସାଧାରଣ ସମ୍ପାଦକ ସର୍ବେଶ୍ୱର ନାୟକ, ଦଳିତ ଆଦିବାସୀ ମହାସଂଘର ମୋହନ ନାୟକ, କୁନ୍ଦନ ନାୟକ ପ୍ରମୁଖ ୪ ଦଫା ଦାବିରେ ସୋମବାର ଭୋର୍ ୫ଟାରୁ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ଯାନବାହନ ଅଟକି ରହିଥିଲା। ପୁନଃ ନୂତନ ପ୍ରତିମୂର୍ତ୍ତି ସ୍ଥାପନ, ବାରିକେଡ୍ ନିର୍ମାଣ, ଦୁଇଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଗିରଫ ଏବଂ ପ୍ରତିମୂର୍ତ୍ତି ସ୍ଥାପନ ସ୍ଥାନକୁ ସଙ୍ଗଠନ ନାମରେ ନାମିତ କରିବା ପାଇଁ ଦାବି କରିଥିଲେ। ଖବର ପାଇ ଜଟଣୀ ଥାନା ଅଧିକାରୀ ଦୟାନିଧି ନାୟକ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୦ଟାରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜଟଣୀ ଥାନା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

# ନିର୍ଦ୍ଧାରିତ ସମୟରେ ସମସ୍ତ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୭।୬ (ବ୍ୟୁରୋ)

**ଅନ୍ତର୍ବିଭାଗୀୟ ବୈଠକ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ଏକ ଅନ୍ତର୍ବିଭାଗୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ସହରର ଉନ୍ନତୀକରଣରେ ନିୟୋଜିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ସହରର କୌଣସି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ଆଳରେ ଅନ୍ୟ ପ୍ରକଳ୍ପ ଯେପରି ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି କୁଲାଙ୍ଗେ ଗୁରୁତ୍ୱାରୋପ କରିଛନ୍ତି। ବିଏମ୍‌ସି ପକ୍ଷରୁ ହାତକୁ ନିଆଯାଇଥିବା ପ୍ରକଳ୍ପ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସମସ୍ତଙ୍କ ସହଯୋଗରେ ସମାପ୍ତ ହେବ, ସେନେଇ ଆଲୋଚନା ହୋଇଥିଲା। ଏହି କ୍ରମରେ ସମ୍ଭାବ୍ୟ କୃତ୍ରିମ ବନ୍ୟା ଉପରେ କିପରି ରୋକ ଲଗାଯାଇପାରିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା। ଏସ୍‌ପ୍ଲାନାଡେ, ରଥରୋଡ୍, ଶ୍ୟାମପୁରସ୍ଥିତ ଆୟୁର୍ବେଦିକ ହସ୍ପିଟାଲ ସମ୍ମୁଖ, ଶିଶୁ ଭବନଠାରୁ ରାମମନ୍ଦିର ରାସ୍ତାରୁ ଡ୍ରେନ୍ ସମସ୍ୟାକୁ କିପରି ଲାଘବ କରାଯିବ, ସେନେଇ ବିଭାଗ ଧ୍ୟାନ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ପାହାଳଠାରୁ ପାତ୍ରପଡ଼ା ପର୍ଯ୍ୟନ୍ତ ଥିବା ଡ୍ରେନ୍ ସଫେଇ, କସ୍‌ମୋପୋଲିସ୍ଥିତ ଡ୍ରେନ୍-୯ର ପ୍ରକ୍ରିୟାକରଣ ନେଇ ଏନ୍‌ଏଚ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ତେବେ ଜଳ ସମ୍ପଦ ବିଭାଗର ପ୍ରାଚୀ ଡିଭିଜନ୍ ପକ୍ଷରୁ ଦୟା ୱେଷ୍ଟ କେନାଲ, ପୁରୀ ମୁଖ୍ୟ କେନାଲର ପରିଷ୍କରଣ ସମ୍ପର୍କରେ ବିବରଣୀ ଦିଆଯାଇଥିଲା। ୪ ନଂ. ୱାର୍ଡ଼ ଅନ୍ତର୍ଗତ ଗଙ୍ଗୁଆ ଏବଂ ପ୍ରାଚୀଧାରା ସହ ସମ୍ପୃକ୍ତ ଉଚ୍ଛେଦ ପ୍ରକ୍ରିୟାର ମଧ୍ୟ ବିବରଣୀ ରଖାଯାଇଥିଲା। ସେହିପରି ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଏବଂ ଚନ୍ଦକା ଶିଳ୍ପାଞ୍ଚଳ ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ଇଡ୍‌କୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଗୌରୀନଗରସ୍ଥିତ ଡ୍ରେନ୍ ୭ନଂ.ରୁ ହ୍ୟୁମ୍ ପାଇପ୍ କଲ୍‌ଭର୍ଟ ବାହାର କରାଯିବା ନେଇ କାର୍ଯ୍ୟର ବିବରଣୀ ରଖିବା ପାଇଁ ୱାଟ୍‌କୋ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପମ୍ପ ଷ୍ଟେଶନ୍, ଯମୁନା ଜଳାଶୟସ୍ଥ ଡ୍ରେନ୍ ୧ନଂ.ରୁ ସ୍ୱେରେଜ୍ ଚାମ୍ବର ପ୍ରତ୍ୟାହୃତ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଦମକଳ, ଟ୍ରାଫିକ୍, ଜଙ୍ଗଲ ଓ ବିଦ୍ୟୁତ୍ ବିଭାଗର ସହଯୋଗ କାମନା କରାଯାଇଥିଲା।

**ଶୃଙ୍ଖଳିତ ରଥଯାତ୍ରା ପାଇଁ ବିଏମ୍‌ସିର ଗୁରୁତ୍ୱ**

ରଥଯାତ୍ରାକୁ ଶୃଙ୍ଖଳାର ସହ ପାଳନ ପାଇଁ ବିଏମ୍‌ସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଭୁବନେଶ୍ୱରରେ ପ୍ରାୟ ୪୩ଟି ମନ୍ଦିର ଏବଂ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ରଥଯାତ୍ରା ଆୟୋଜିତ ହୋଇଥାଏ। ତେଣୁ ଏହି ସମୟରେ ଯେପରି କୌଣସି ସମସ୍ୟା ନ ଉପୁଜେ, ସେ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପାନୀୟ ଜଳ, ବିଦ୍ୟୁତ୍, ପରିମଳ ଏବଂ ଅନାବନା ଗଛ କାଟିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯାତ୍ରା ସମୟରେ ଏଗୁଡ଼ିକ ଯେପରି ଲୋକଙ୍କୁ ଅସୁବିଧାରେ ନ ପକାଏ, ସେ ନେଇ ସମସ୍ତ ଅଧିକାରୀ ଏବଂ କର୍ପୋରେଟରମାନେ ସେମାନଙ୍କ ପରାମର୍ଶ ଦେବାକୁ କୁହାଯାଇଛି। ଏଥିସହ ସହରର ୩ଟି ଜୋନ୍‌ରେ ଏନେଇ ଆଲୋଚନା କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଅନ୍ୟ ଅଧିକାରୀ, କର୍ପୋରେଟର ମହାମାୟା ସ୍ୱାଇଁ, ଅମରେଶ ଜେନା, ମିହିର ରାଉତ, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।